

ଅନନ୍ୟାଙ୍କ ଏଣ୍ଟ୍ରି

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-341 ♦BHUBANESWAR ♦MONDAY ♦9 JUNE 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୨ ♦ସଂଖ୍ୟା-୩୪୧ ♦ଭୁବନେଶ୍ୱର ♦ସୋମବାର ♦୯ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ଇଦ୍‌ରେ ଦୁଇଟି ଛେଳିର ମୂଲ୍ୟ ୫୧ ଲକ୍ଷ ଟଙ୍କା

■ **ଲକ୍ଷ୍ନୌ, ୮।୬ (ଏଜେନ୍ସି):** ଇଦ୍ ଉଲ ଜୁହା ପର୍ବରେ ଛେଳିଙ୍କ ମୂଲ୍ୟ ଆଶାତୀତ ବୃଦ୍ଧି ପାଇଛି। ସ୍ଥାନୀୟ ବକ୍ରା ମଣ୍ଡିରେ ଦୁଇଟି ଛେଳି ରେକର୍ଡ ୫୧ ଲକ୍ଷ ଟଙ୍କାରେ ବିକ୍ରି ହୋଇଛନ୍ତି। ଏହି ଦୁଇଟି ଛେଳିର ଶରୀରରେ ଆରବିକ୍ ଭାଷାରେ 'ଆଲ୍‌ହା' ସଦୃଶ ଜନ୍ମଚିହ୍ନ ରହିଛି। ଫଳରେ ଦୁଇଟି ଛେଳିର ଦାମ୍ ଆକାଶ ଛୁଆଁ ହୋଇଛି। ୧୮ ମାସର ବାରବରୀ ଛେଳି ସଲମାନର ଓଜନ ୬୫ କେଜି ରହିଛି ଏବଂ ତାର ଡାହାଣ କାନରେ ଏହି ଜନ୍ମ ଚିହ୍ନ ରହିଛି। ସେହିପରି ଘନି ନାମକ ରାଜସ୍ଥାନୀ ଛେଳି ଶରୀରେ ମଧ୍ୟ ସମାନ ଚିହ୍ନ ରହିଛି। ସ୍ଥାନୀୟ କୃଷକ ମୁସ୍ତାକ ଅହମ୍ମଦ ହେଉଛନ୍ତି ଏହି ଦୁଇଟି ଛେଳିର ମାଲିକ ଏଥର ସର୍ବାଧିକ ମୂଲ୍ୟରେ ଦୁଇଟି ଛେଳି ବିକ୍ରି ହୋଇଛନ୍ତି। ଏହି ଦୁଇଟି ଛେଳିଙ୍କୁ ନେଇ ଲକ୍ଷ୍ନୌରେ ବେଶ୍ ଚର୍ଚ୍ଚା ହେଉଛି।



## ୯୦ ବର୍ଷରେ ଅଭିନୟ କରିବେ ଅମୀରଙ୍କ ମା'

■ **ମୁମ୍ବାଇ,୮।୬ (ଏଜେନ୍ସି):** ବଲିଉଡ୍ ସୁପରଷ୍ଟାର ଅମୀର ଖାନ୍‌ଙ୍କ ମା ଜିନତ ହୁସେନ ୯୦ ବର୍ଷରେ ବଲିଉଡ୍‌ରେ ପଦାର୍ପଣ କରିବାକୁ ଯାଉଛନ୍ତି। ସେ ଅମୀରଙ୍କ ମହତ୍ୱାକାଂକ୍ଷୀ ସିନେମା 'ସିତାରେ ଜମିନପର'ରେ ଅଭିନୟ କରିଛନ୍ତି। ଆସନ୍ତା ୨୦ ତାରିଖରେ ଏହି ପ୍ରତୀକ୍ଷିତ ସନେମା ମୁକ୍ତିଲାଭ କରିବ। ଅମୀର ଏହି ସିନେମାର ପ୍ରମୋସନରେ ବ୍ୟସ୍ତ ରହିଛନ୍ତି। ଜିନତ ଥରେ ଏହି ସିନେମାର ସେଟ୍‌କୁ ଯିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ସେତେବେଳେ 'ହାପି ୱେଡିଂ' ଗୀତ ସୁଟିଂ ହେଉଥିଲା। ଏହି ଗୀତରେ ଜିନତଙ୍କୁ ସାମିଲ କରିବାକୁ ନିର୍ଦ୍ଦେଶକ ଆରଏସ୍ ପ୍ରସନ୍ନା ଆମୀରଙ୍କୁ ଅନୁରୋଧ କରିଥିଲେ। ସେ ଏଥିରେ ରାଜି ହୋଇଥିଲେ। ଫଳରେ ଅମୀରଙ୍କ ମା'ଙ୍କୁ ଡେବ୍ୟୁ କରିବାର ସୁଯୋଗ ମଳିଥିଲା।



# ଋଣ ଯନ୍ତାରେ ଭାରତ

## ବର୍ଷ ଶେଷ ବେଳକୁ ଋଣ ଛୁଇଁବ ୨୦୦ ଲକ୍ଷ କୋଟି



### ବୈଦେଶିକ ଋଣ ପରିମାଣ ୭୧୮ ବିଲିଅନ୍ ଡଲାର ଟପିଲା

### ୮୧.୫୯ ପ୍ରତିଶତରେ ପହଞ୍ଚିଲା ଋଣ-ଜିଡିପି ଅନୁପାତ

### ରାଜ୍ୟର ଆର୍ଥିକ ସ୍ଥିତି ବିଗାଡ଼ିଲାଣି ମାଗଣା ବଣ୍ଟନ ବ୍ୟବସ୍ଥା

■ **ନୂଆଦିଲ୍ଲୀ, ୮।୬ (ଏଜେନ୍ସି):** ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଦେଶର ମୋଟ ଋଣ ପରିମାଣ ୧୮୧.୭୪ ଲକ୍ଷ କୋଟିରେ ପହଞ୍ଚିଛି। ଚଳିତ ଆର୍ଥିକ ବର୍ଷ ଶେଷକୁ ଏହା ପ୍ରାୟ ୨ଶହ ୧୯୬.୭୯ ଲକ୍ଷ କୋଟି ଅତିକ୍ରମ କରିବ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଆକଳନ କରିଛି। ମାତ୍ର ସାମ୍ପ୍ରତିକ ସ୍ଥିତିକୁ ଦେଖିଲେ ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ଦେଶର ସାମଗ୍ରିକ ଋଣ ପରିମାଣ ୨୦୦.୧୬ ଲକ୍ଷ କୋଟି ଅତିକ୍ରମ କରିବ ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ଏହି ସମୟରେ ଦେଶର ବୈଦେଶିକ ଋଣ ପରିମାଣ ୧୦.୭% ବୃଦ୍ଧି ପାଇ ୭୧୭.୯ ବିଲିଅନ ଆମେରିକୀୟ ଡଲାର ଅତିକ୍ରମ କରିଛି। ତେବେ ଦେଶର ଜିଡିପି ଓ ଋଣର ଅନୁପାତ ଅତ୍ୟନ୍ତ ସ୍ୱର୍ଶକାତର ସ୍ଥିତିରେ ପହଞ୍ଚିଛି। ଋଣ ଓ ଜିଡିପି ଅନୁପାତ ୮୧ ପ୍ରତିଶତ ଅତିକ୍ରମ କରି ୮୧.୫୯%ରେ ପହଞ୍ଚିଛି। ୧୯୮୦ ମସିହାରେ ଭାରତର ଋଣ ଓ ଜିଡିପି ଅନୁପାତ ୬୦.୮୭% ରହିଥିଲା।

ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁସାରେ, ଭାରତର ବୈଦେଶିକ ଋଣ ପରିମାଣ ୬୪୮.୭ ବିଲିଅନ ଆମେରିକୀୟ ଡଲାର ଥିଲା; ମାତ୍ର ୨୦୨୪ ଡିସେମ୍ବରରେ ଏହା୧୦.୭% ବୃଦ୍ଧି ପାଇ ୭୧୭.୯ ବିଲିୟନ ଆମେରିକୀୟଡଲାରରେ ପହଞ୍ଚିଛି। ଭାରତୀୟ ଟଙ୍କା ତୁଳନାରେ ଡଲାର ମୂଲ୍ୟ ବୃଦ୍ଧି ଯୋଗୁଁ ବାହ୍ୟଋଣ ପରିମାଣ ବୃଦ୍ଧି ପାଇଥିବା ଅର୍ଥ ମନ୍ତ୍ରଣାଳୟ ପ୍ରକାଶ କରିଛି। ଭାରତର ବାହ୍ୟ ଋଣର ସିଂହଭାଗ ଆମେରିକୀୟ ଡଲାର ଦ୍ୱାରା ପ୍ରଭାବିତ ହୋଇଛି ଓ ମୋଟ ଋଣର ୫୪.୮% ଆମେରିକୀୟ ଡଲାରରେ ଗ୍ରହଣ କରାଯାଇଛି। ଏହାବ୍ୟତୀତ ଜାପାନୀ ୟେନ୍, ଏସ୍‌ଡିଆର୍ ଓ ୟୁରୋ ମଧ୍ୟ ଭାରତର ଋଣ କ୍ଷେତ୍ରକୁ ପ୍ରଭାବିତ କରିଛି। ଅନ୍ୟପକ୍ଷରେ ଭାରତ ସରକାରଙ୍କ ଆଭ୍ୟନ୍ତରୀଣ ଋଣ ଆହରଣ ମଧ୍ୟ ଉଲ୍ଲେଖନୀୟ ବୃଦ୍ଧି ପାଇଛି। ଏହି ରିପୋର୍ଟ ଅନୁସାରେ ଭାରତ ସରକାରଙ୍କ ମୋଟ ବାହ୍ୟ ଋଣରେ ଅଣ-ଆର୍ଥିକ କର୍ପୋରେସନଗୁଡ଼ିକର ବକେୟା ଋଣର ଅଂଶ ୩୬.୫ % ରହିଛି। ସେହିପରି ଜମା ଗ୍ରହଣକାରୀ କର୍ପୋରେସନ (କେନ୍ଦ୍ରୀୟ ବ୍ୟାଙ୍କ ବ୍ୟତୀତ) (୨୭.୮ %), କେନ୍ଦ୍ର ସରକାର (୨୨.୧%) ଏବଂ ଅନ୍ୟାନ୍ୟ ଆର୍ଥିକ କର୍ପୋରେସନ (୮.୭ %) ରହିଛି।

ସମ୍ପ୍ରତି ଦେଶର ଆର୍ଥିକ ସ୍ଥିତିକୁ ନେଇ ଅର୍ଥନୈତିକ ବିଶାରଦମାନେ ଚିନ୍ତାବ୍ୟକ୍ତ କରିଥିବା ସମୟରେ ବିଭିନ୍ନ ରାଜ୍ୟଗୁଡ଼ିକର ମାଗଣା ବଣ୍ଟନ ବ୍ୟବସ୍ଥା ପରିସ୍ଥିତିକୁ ଆହୁରି ବିକଟ କରିବ ବୋଲି ଆକଳନ କରିଛନ୍ତି। ନିର୍ବାଚନ ସମୟରେ ▶ପୃଷ୍ଠା-୭

## ମଇତି ନେତାଙ୍କ ଗିରଫଦାରୀ ବିରୋଧରେ ତେଜିଲା ହିଂସା

# ମଣିପୁର ପୁଣି ଅଶାନ୍ତ



### ପୁଲିସ ସହ ସଂଘର୍ଷ ପରେ କର୍ଫ୍ୟୁ, ଇଣ୍ଟରନେଟ ବନ୍ଦ

### ଆଜିଠାରୁ ୧୦ ଦିନିଆ ବନ୍ଦ ପାଳନ

■ **ଇମ୍ଫାଲ, ୮।୬ (ଏଜେନ୍ସି):** ପୁଣି ଅଶାନ୍ତ ମଣିପୁର। ମଇତି ସଂଗଠନର ଜଣେ ନେତାଙ୍କୁ ଗିରଫ କରାଯାଇଥିବାରୁ ଏହାର ବିରୋଧ କରି ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଛି। ଅନେକ ସ୍ଥାନରେ କର୍ଫ୍ୟୁ ଜାରି କରାଯିବା ସହିତ ଇଣ୍ଟରନେଟ୍ ସେବାକୁ ବନ୍ଦ କରିଦିଆଯାଇଛି। ରାଜ୍ୟପାଳ ପରିସ୍ଥିତିର ସମୀକ୍ଷା କରିବା ସହିତ ଉତ୍ତେଜନାପ୍ରବଣ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ଅରମବାଇ ଟେଙ୍ଗୋ ନାମକ ମଇତି ସଂଗଠନର ନେତା କନନ ସିଂହଙ୍କୁ ଗତକାଲି ସିବିଆଇ ଗିରଫ କରିବା ପରେ ମଣିପୁରରେ ସାନି ଉତ୍ତେଜନା ପ୍ରକାଶ ପାଇଛି। ୨୦୨୩ ମଣିପୁର ହିଂସା ବେଳେ ସେ ଅନେକ ଅପରାଧିକ କାର୍ଯ୍ୟକଳାପରେ ସଂପୃକ୍ତ ଥିବାରୁ ସିବିଆଇ ତାଙ୍କୁ ଗିରଫ କରିଛି। ଇମ୍ଫାଲରେ ଗିରଫ କରିବା ପରେ ତାଙ୍କୁ ଗୌହାଟି ନିଆଯାଇଛି। ଆଜି ତାଙ୍କୁ କୋର୍ଟରେ ହାଜର କରାଯିବ। ଏହାକୁ ବିରୋଧ କରିବା ସହିତ ତାଙ୍କୁ ତୁରନ୍ତ ମୁକ୍ତ କରିବା ଲାଗି ବିଭିନ୍ନ ମଇତି ସଂଗଠନ ପକ୍ଷରୁ ରାଜଧାନୀ ସମେତ ଅନେକ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାସ୍ତା ଅବରୋଧ ସହିତ ସେମାନେ ପୁଲିସ ଉପରେ ଆକ୍ରମଣ କରିବାକୁ ଉଦ୍ୟମ କରିଛନ୍ତି। ସେମାନଙ୍କୁ ଘଉଡ଼ାଇବା ଲାଗି ପୁଲିସ ବିମାନବନ୍ଦର ଓ ରାଜଭବନ ପାଖରେ ଲାଠିମାଡ଼ କରିଛି। ଏଥିରେ କେତେ ଲୋକ ଆହତ ହୋଇଛନ୍ତି, ତାହା ଜଣାପଡ଼ିନାହିଁ। ତେବେ ଏବେ ବି ହିଂସାତ୍ମକ ବିକ୍ଷୋଭ ଜାରି ରହିଛି। ସୁରକ୍ଷା ବାହିନୀ ରାଜଭବନ ଓ ବିମାନବନ୍ଦରକୁ ଘେରି ରହିଛନ୍ତି। ରାଜଧାନୀ ଇମ୍ଫାଲ ସମେତ ୫ଟି ଜିଲ୍ଲାରେ ନିଷେଧାଜ୍ଞା ଜାରି କରାଯାଇଛି। ବିଷ୍ଣୁପୁର ଜିଲ୍ଲାରେ କର୍ଫ୍ୟୁ ଜାରି କରାଯିବା ସହିତ ସମସ୍ତ ୫ଟି ଜିଲ୍ଲାରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରି ଦିଆଯାଇଛି। ସାମାଜିକ ଗଣମାଧ୍ୟମ ଜରିଆରେ ହିଂସାକୁ ଉସୁକାଇବା ଲାଗି ଉଦ୍ୟମ କରାଯାଉଥିବାରୁ ରାଜ୍ୟ ସରକାର ଏଭଳି ▶ପୃଷ୍ଠା-୭

## ବଡ଼ଦାଣ୍ଡରେ ଆମିଷ, ମଦ ମନା



■ **ପୁରୀ, ୮।୬ (ସମିସ):** ମଦ ଓ ଆମିଷମୁକ୍ତ ହେବ ବଡ଼ଦାଣ୍ଡ। ଶ୍ରୀକ୍ଷେତ୍ର ପୁରୀକୁ ତୀର୍ଥାଟନ(ତୀର୍ଥ ଓ ପର୍ଯ୍ୟଟନ) ସହର ଭାବେ ଗଢ଼ିତୋଳିବାର ଉଦ୍ୟମ ସ୍ୱରୂପ ଏଭଳି ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି ରାଜ୍ୟ ସରକାର। ଏହି କ୍ରମରେ ଶ୍ରୀମନ୍ଦିରର ୨ କିଲୋମିଟର ପରିଧି ସହ ସମ୍ପୂର୍ଣ୍ଣ ବଡ଼ଦାଣ୍ଡରେ ମଦ ଓ ଆମିଷ ବିକ୍ରି ଉପରେ କଟକଣା ଲଗାଯିବ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ସେହିପରି ଶ୍ରୀକ୍ଷେତ୍ର ଧାମକୁ ୟୁନିଫର୍ମ ଲୁକ୍ ଦେବାର ପ୍ରୟାସ ବି ଆରମ୍ଭ ହୋଇଛି। ଅର୍ଥାତ୍ ସବୁ କୋଠାବାଡ଼ିର ଗୋଟିଏ ରଙ୍ଗ, ଗୋଟିଏ ଉଚ୍ଚତା, ଏକାଭଳି ନିର୍ମାଣ ଶୈଳୀ ରହିବ। ଫଳରେ ଭକ୍ତମାନେ ପୁରୀକୁ ଆସିଲେ, ଏକ ଭିନ୍ନ ଅନୁଭବ ପାଇବେ ବୋଲି ମନ୍ତ୍ରୀ କହିଛନ୍ତି। ଶ୍ରୀକ୍ଷେତ୍ରକୁ ଆଧ୍ୟାତ୍ମିକ ପର୍ଯ୍ୟଟନ କ୍ଷେତ୍ର ଭାବେ ବିକଶିତ କରିବାକୁ ଏ ଉଦ୍ୟମ କେବେଠୁ ଏବଂ କିଭଳି ଫଳପ୍ରଦ ଢଙ୍ଗରେ କାର୍ଯ୍ୟକାରୀ ହେଉଛି, ଏବେ ତା'ଉପରେ ନଜର।

## ଗୁଣିଆ ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା କରି ପୋଡ଼ିଦେଲେ



### ୮ ଅଟକ; ଗିରଫ ଭୟରେ ଗାଁ ପୁରୁଷଶୂନ୍ୟ

■ **ମୋହନା, ୮।୬ (ସମିସ):** ଗୁଣିଆ ସନ୍ଦେହରେ ଜଣେ ବୃଦ୍ଧଙ୍କୁ ହତ୍ୟା କରି ପୋଡ଼ିଦେଲେ। ଗଜପତି ଜିଲ୍ଲା ମୋହନା ଥାନା କୁଇହୁରୁ ଗାଁରେ ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, କାମ୍ବି ମଳିକ (୬୦)। ଗତ ମଙ୍ଗଳବାର ଘଟିଥିବା ଏହି ହତ୍ୟାକାଣ୍ଡ ଆଜି ପଦାକୁ ଆସିବା ପରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି କାମ୍ବିଙ୍କ ହାଡ଼, ପାଉଁଶ ଜବତ କରିଛି। ଏହି ଘଟଣାରେ ପୁଲିସ୍ ଗ୍ରାମର ୮ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସେମାନଙ୍କ ମଧ୍ୟରେ ୬ଜଣ ମହିଳା ଥିବା ବେଳେ ୨ଜଣ ପୁରୁଷ ରହିଛନ୍ତି। ଅପରପକ୍ଷେ ଗିରଫଦାରୀ ଭୟରେ ପୂରା ଗାଁ ପୁରୁଷଶୂନ୍ୟ ହୋଇଯାଇଥିବା ଜଣାଯାଇଛି।

ସୂଚନାନୁଯାୟୀ, କାମ୍ବି ଗାଁରେ ଝଡ଼ାଫୁଙ୍କା କରିବା ସହ ଚେରମୂଳି ଔଷଧ ଦେଉଥିଲେ। କିନ୍ତୁ, ସେ ଗୁଣି କରୁଥିବା ଗାଁର କିଛି ଲୋକ ଅଭିଯୋଗ କରିଆସୁଥିଲେ। ଗତ ମଙ୍ଗଳବାର ରାତିରେ କାମ୍ବିଙ୍କ ଘରେ କେହି ନଥିବା ବେଳେ କିଛି ଗ୍ରାମବାସୀ ତାଙ୍କୁ ହତ୍ୟା ▶ପୃଷ୍ଠା-୭

### ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ; ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା

## ସ୍ନାନ ପୂର୍ଣ୍ଣିମା ଯାଏଁ ଗୁଳୁଗୁଳି

■ **ଭୁବନେଶ୍ୱର, ୮।୬ (ସମିସ):** ରାଜ୍ୟରେ ଅସହ୍ୟ ଗରମ ଓ ଗୁଳୁଗୁଳି ଜାରି ରହିଛି। ତାପମାତ୍ରା ବୃଦ୍ଧି ସହ ବାୟୁମଣ୍ଡଳରେ ରହୁଥିବା ଆର୍ଦ୍ରତା ପରିମାଣ ଏପରି ସ୍ଥିତି ସୃଷ୍ଟି କରିଛି। ପ୍ରାୟ ସପ୍ତାହେ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବ। ଏମିତି କି ଆସନ୍ତା ୧୦ ତାରିଖ ଆଡ଼କୁ କିଛି କିଛି ସ୍ଥାନରେ ତାପମାତ୍ରା ୪୨ ଡିଗ୍ରୀ ଅତିକ୍ରମ କରିବ। ଫଳରେ ସ୍ନାନ ପୂର୍ଣ୍ଣିମା ଯାଏଁ ଉପକୂଳ ଓଡ଼ିଶାରେ ଭୀଷଣ ତାତି ଓ ଗୁଳୁଗୁଳି ଅନୁଭୂତ ହେବ। ଯଦିଓ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି, ମାତ୍ର ଏହାର ସିଧାସଳଖ ପ୍ରଭାବ ଓଡ଼ିଶା ଉପରେ ରହିବ ନାହିଁ। ଏହି ଘୂର୍ଣ୍ଣିବଳୟଟି ତାମିଲ୍‌ନାଡୁମୁହାଁ ହୋଇପାରେ। ତେଣୁ ଏହାଦ୍ୱାରା ସାରା ଓଡ଼ିଶା ନୁହେଁ; କେବଳ ଦକ୍ଷିଣ ଓଡ଼ିଶାର ଅଳ୍ପ କିଛି ଜିଲ୍ଲାରେ ବର୍ଷା ହୋଇପାରେ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆଗାମୀ ତିନି ଦିନ ପାଇଁ ତାପମାତ୍ରାରେ ଆହୁରି ବୃଦ୍ଧି ଘଟିବ। ବିଶେଷକରି ଆଭ୍ୟନ୍ତରୀଣ ଓଡ଼ିଶାରେ ତାତି ଓ ଉପକୂଳରେ ଗୁଳୁଗୁଳି ବଢ଼ିବ। ଆଗାମୀ ତିନି ଦିନ ଧରି ତାପମାତ୍ରା ୨ରୁ ୩ ଡିଗ୍ରି ପର୍ଯ୍ୟନ୍ତ ବୃଦ୍ଧି ଘଟିବା ଯୋଗୁଁ କିଛି ▶ପୃଷ୍ଠା-୭

### ଆର୍‌ଆଇ, ଅମିନ ନିଯୁକ୍ତି ପ୍ରସଙ୍ଗ

## ଦେଢ଼ବର୍ଷ ହେଲା ଅପେକ୍ଷାରେ ଆଶାୟୀ

### ଗୋଟିଏ ସିଫ୍ଟରେ ଅଫ୍‌ଲାଇନ୍ ପରୀକ୍ଷା କରିବାକୁ ଦାବି

### ତ୍ୱରିତ ପଦକ୍ଷେପ ନନେଲେ ବିଧାନସଭା ଘେରଉ ଚେତାବନୀ

■ **ଭୁବନେଶ୍ୱର, ୮।୬ (ସମିସ):** ବହୁଚର୍ଚ୍ଚିତ ଆର୍‌ଆଇ, ଏଆର୍‌ଆଇ ଓ ଲାଇଭଷ୍ଟକ୍ ଇନ୍ସପେକ୍ଟର (ଏଲ୍‌ଆଇ) ପ୍ରିଲିମିନାରୀ ପରୀକ୍ଷାରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ପାସ୍ କରିଦେବା ପରେ ମୁଖ୍ୟ ଲିଖିତ ପରୀକ୍ଷା କେବେ ଏବଂ କେଉଁ ମାଧ୍ୟମରେ ହେବ, ସେନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ପ୍ରିଲିମିନାରୀ ପରୀକ୍ଷା ଅନ୍‌ଲାଇନ୍‌ରେ ହୋଇଥିବା ବେଳେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଥିଲା। ଫଳରେ ମୁଖ୍ୟ ଲିଖିତ ପରୀକ୍ଷା ଅନ୍‌ଲାଇନ୍ ନା ଅଫଲାଇନ୍‌ରେ ହେବ, ସେନେଇ ଆଶାୟୀଙ୍କ ମଧ୍ୟରେ କଳ୍ପନାଜଳ୍ପନା ଲାଗି ରହିଛି। ଅପରପକ୍ଷେ, ପରିଚାଳନା କରୁଥିବା ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ମଧ୍ୟ ଏନେଇ କୌଣସି ସ୍ପଷ୍ଟ ସୂଚନା ଦେଉନାହିଁ। ଫଳରେ ଦେଢ଼ବର୍ଷ ଧରି ପ୍ରସ୍ତୁତି କରୁଥିବା ଆଶାୟୀଙ୍କ ମଧ୍ୟର ଅସନ୍ତୋଷ ଘନୀଭୂତ ହେବାରେ ଲାଗିଛି।

୨୦୨୩ ଡିସେମ୍ବରରେ ଆର୍‌ଆଇ, ଏଆର୍‌ଆଇ, ଅମିନ ଓ ଏଲ୍‌ଆଇ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପ୍ରାୟ ୨୮ଶହ ପଦ ପାଇଁ ପାଖାପାଖି ୪ଲକ୍ଷ ଆଶାୟୀ ଆବେଦନ କରିଥିଲେ। ଏହାର ୯ ମାସ ପରେ ଅର୍ଥାତ୍ ୨୦୨୪ ସେପ୍ଟେମ୍ବରରେ ପରୀକ୍ଷା ହୋଇଥିଲା। ଅନଲାଇନ୍‌ରେ ପ୍ରିଲିମିନାରୀ ପରୀକ୍ଷା ଅବ୍ୟବସ୍ଥିତ ଭାବେ ବିଭିନ୍ନ ସାଇବର୍ କାଫେ ଓ କମ୍ପ୍ୟୁଟର୍ ସେଣ୍ଟର୍‌ରେ ହୋଇଥିଲା। ପରୀକ୍ଷା ମଝିରେ ସର୍ଭର ଡାଉନ୍ ହେବା ଓ କିଛି ସ୍ଥାନରେ ପରୀକ୍ଷା ସରିବା ପରେ ସମାନ ପ୍ରଶ୍ନପତ୍ରରେ ଅନ୍ୟ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଆରମ୍ଭ ହେବା ନେଇ ଆଶାୟୀମାନେ ବ୍ୟାପକ ଆନ୍ଦୋଳନ କରିଥିଲେ। ପରୀକ୍ଷକମାନେ ବିନା ପରିଚୟପତ୍ରରେ ପରୀକ୍ଷା କେନ୍ଦ୍ରରେ ରହିବା ଏବଂ ପରୀକ୍ଷା କେନ୍ଦ୍ରରୁ ନକଲି ମାଲିକ ଗିରଫ ହେବା ଘଟଣାକୁ ଅଧିକ ସମ୍ବେଦନଶୀଳ କରିଥିଲା। କମ୍ପ୍ୟୁଟର୍‌ରେ ସ୍ୱତଃପ୍ରବୃତ୍ତ ଭାବେ ମାଉସ୍ ଚାଲିବାରୁ ସିଷ୍ଟମ୍ ହ୍ୟାକ୍ କରି ଚାକିରି ବିକ୍ରି କରିବାକୁ ଯୋଜନା ହୋଇଥିବା ଅଭିଯୋଗ କରି ▶ପୃଷ୍ଠା-୭

# ରାଜ୍ୟରେ ଦିନକୁ ୧୫ ଦୁଷ୍କର୍ମ

### ୧୦ ମାସରେ ସାଢେ ୪ହଜାର ମାମଲା ରୁଜୁ

### ଘରୁ ଗୋଡ଼ କାଢ଼ିବାକୁ ଡରିଲେଣି ମହିଳା



■ **ଭୁବନେଶ୍ୱର, ୮।୬ (ସମିସ):** ରାଜ୍ୟରେ ଏବେ ମହିଳା ସମ୍ପୂର୍ଣ୍ଣ ଅସୁରକ୍ଷିତ। ରାତି କ'ଣ, ଦିନରେ ବି ଘରୁ ବାହାରିବାକୁ ଡରିଲେଣି। ଗତ ୧୦ ମାସରେ ରାଜ୍ୟର ବିଭିନ୍ନ ଥାନାରେ ସାଢ଼େ ଚାରି ହଜାର ଦୁଷ୍କର୍ମ ମାମଲା ରୁଜୁ ହେଲାଣି। ହିସାବ କଲେ ହାରାହାରି ଦିନକୁ ୧୫ଜଣ ଦୁଷ୍କର୍ମର ଶିକାର ହେଉଛନ୍ତି। ବିଶେଷକରି ଗଞ୍ଜାମ, ଖୋର୍ଦ୍ଧା, କନ୍ଧମାଳ, ବଲାଙ୍ଗିର, ମୟୂରଭଞ୍ଜ ଆଦି ଜିଲ୍ଲାରେ ଅଧିକ ଦୁଷ୍କର୍ମ ଘଟିଥିବା ଅଭିଯୋଗ ହୋଇଛି। କିଛି ମାମଲାରେ ଅଭିଯୁକ୍ତ ଗିରଫ ହୋଇଥିଲେ ହେଁ ଅଧିକାଂଶ ମାମଲାରେ ଅଭିଯୁକ୍ତମାନେ ଏବେ ବି ବାହାରେ ବୁଲୁଛନ୍ତି। ପୁଲିସର କାର୍ଯ୍ୟାନୁଷ୍ଠାନ ଓ ଦଣ୍ଡବିଧାନରେ ବିଳମ୍ବ ଯୋଗୁଁ ଅଭିଯୁକ୍ତମାନେ ଖସିଯିବାକୁ ସକ୍ଷମ ହେଉଛନ୍ତି।

ଗତ ୭୨ ଘଣ୍ଟା ଭିତରେ ନାବାଳିକାଙ୍କୁ ଗଣଦୁଷ୍କର୍ମ, ହତ୍ୟା ଓ ଅପହରଣ ଖବର ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଛି। ଦୁଇ ଦିନ ତଳେ ବ୍ରହ୍ମପୁରରେ ଦୁଇ ଜଣ ନାବାଳିକାଙ୍କୁ ଗଣଦୁଷ୍କର୍ମ ମାମଲା ରାଜ୍ୟକୁ ସ୍ତବ୍ଧ କରି ଦେଇଛି। ଗୋଳନ୍ଥରା ଥାନା ଅଞ୍ଚଳର ଦୁଇ ନାବାଳିକାଙ୍କୁ ୪ଜଣ ଗଣଦୁଷ୍କର୍ମ କରିବା ପରି ଜଘନ୍ୟ ଘଟଣା ଘଟିଛି। ଅନୁରୂପ ଭାବରେ ବରଗଡ଼ ସଦର ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଛି। ମାମୁଘରକୁ ଯାଇ ନିଖୋଜ ଥିବା ନାବାଳିକାକୁ ଜଣେ ଯୁବକ ଗୁରୁତର ଅବସ୍ଥାରେ ସୋହେଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସମ୍ବଲପୁରରେ ଜଣେ ପୁଲିସ କର୍ମଚାରୀ ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିବା ନେଇ ସାଂଘାତିକ ଅଭିଯୋଗ ହୋଇଛି। ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ କନେଷ୍ଟବଲଙ୍କୁ ଗିରଫ କରିଛି ସମ୍ବଲପୁର ପୁଲିସ। ଭଦ୍ରକ ଜିଲ୍ଲା ପୀରହାଟ ଥାନା ଅଞ୍ଚଳ କାନିସାହି ଓ ହରିପୁର ଗାଁରୁ ଦୁଇ ଜଣ ନାବାଳିକାଙ୍କୁ ଅପହରଣ ଘଟଣାରେ ପୁଲିସ ହାତବାନ୍ଧି ବସିଥିବା ଅଭିଯୋଗ ହୋଇଛି। ଏପରିକି ଅପହରଣକାରୀଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ କରି ସମ୍ପୃକ୍ତ ନାବାଳିକାଙ୍କ ପରିବାର ଥାନା ଆଗରେ ଆତ୍ମହତ୍ୟା କରିବାକୁ ଚେତାବନୀ ଦେଇଛନ୍ତି। ସେହିପରି ଆଜି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଦୁଇ ସମ୍ପର୍କୀୟ ଭାଇ ▶ପୃଷ୍ଠା-୭

## ଭିଜିଲାନ୍ସ ଜାଲରେ ଧର୍ମଗଡ଼ ଉପଜିଲ୍ଲାପାଳ


### ୧୦ ଲକ୍ଷ ଲାଞ୍ଚ ନେବା ବେଳେ ଧରା ପଡ଼ିଲେ

### ଘରୁ ବାହାରିଲାଣି ୪୭ ଲକ୍ଷ ଟଙ୍କା





■ **ଭୁବନେଶ୍ୱର/ଧର୍ମଗଡ଼, ୮।୬ (ସମିସ):** ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମା(ଆଇଏଏସ୍)। ସେ ସରକାରୀ କ୍ୱାର୍ଟର୍ସରେ ସ୍ଥାନୀୟ ଜଣେ କ୍ରସର୍ ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ନେବା ସମୟରେ ଧରାପଡ଼ିଛନ୍ତି। ବ୍ୟବସାୟୀଙ୍କୁ ୨୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିବା ବେଳେ ଆଜି ସନ୍ଧ୍ୟାରେ ୧୦ଲକ୍ଷ ପ୍ରଥମ କିସ୍ତିରେ ନେଉଥିଲେ। ହେଲେ ଏନେଇ ଭିଜିଲାନ୍ସ ଖବର ପାଇ ସକାଳୁ ତାଙ୍କୁ ଟ୍ରାକ୍ କରୁଥିଲା। ସନ୍ଧ୍ୟାରେ ଉପଜିଲ୍ଲାପାଳ ସରକାରୀ ଗାଡ଼ିରେ କ୍ୱାର୍ଟର୍ସକୁ ଯାଇଥିଲେ। ତାଙ୍କ ଗାଡ଼ି ଯିବାର କିଛି ସମୟ ପରେ ଭିଜିଲାନ୍ସ ଗାଡ଼ି ପଶିଥିଲା। ଏହା ପରେପରେ ତାଙ୍କ ଘର ଡ୍ର' ଯାଞ୍ଚ କରିବା ପରେ କେମିକାଲ ବୋଳା ୧୦ ଲକ୍ଷ ଟଙ୍କା ମିଳିବା ପରେ ତାଙ୍କୁ ଭିଜିଲାନ୍ସ ନିଜ ହେପାଜତକୁ ନେଇ ପଚରାଉଚରା କରିଥିଲେ। ହେଲେ ସେ ତା'ର ଉତ୍ତର ରଖିପାରିନଥିଲେ। ଏହାପରେ ତାଙ୍କ ଘର ଯାଞ୍ଚ କରିବା ପରେ ସେଠାରୁ ୪୭ ଲକ୍ଷ ▶ପୃଷ୍ଠା-୭







ସକାଳ
THE SAKALA
www.sakalaepaper.com

# ଲସ୍ ଏଞ୍ଜେଲ୍ସରେ ହିଂସକ ପ୍ରଦର୍ଶନ



**ଅବୈଧ ପ୍ରବାସୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନକୁ ବିରୋଧ**

ଲସ୍ ଏଞ୍ଜେଲ୍ସ,୮ ।୬(ଏଜେନ୍ସି): ଅବୈଧ ପ୍ରବାସୀ ତଥା ଅନୁପ୍ରବେଶକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଆମେରିକାରେ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ଆମେରିକାର କାଲିଫର୍ଣ୍ଣିଆ ପ୍ରଦେଶର ଲସ୍ ଏଞ୍ଜେଲ୍ସଠାରେ ଦୁଇଦିନ ଧରି ଚାଲିଥିବା ଏହି ପ୍ରଦର୍ଶନରେ ବିକ୍ଷୋଭକାରୀମାନେ ହିଂସକ ହୋଇଛନ୍ତି। ଭାରତୀୟ ସମୟ ଅନୁସାରେ ବିକ୍ଷୋଭକାରୀମା ।।ନେରବିବାରସକାଳେପୁଲିସ ଉପରକୁ ପଥର ଓ ବାଣ ଫୋପାଡିଥିଲେ। ସେମାନେ ନିରାପତ୍ତାରକ୍ଷୀ ଓ ଇମିଗ୍ରେସନ ଆଣ୍ଡ କଷ୍ଟମ ଏନଫୋର୍ସମେଣ୍ଟ (ଆଇସିଇ) ଉପରେ ମଧ୍ୟ ଆକ୍ରମଣ କରିବା ସହ ଲୁହବୁହା ଗ୍ୟାସ ଓ ପେଟ୍ରୋଲବମ୍ ଫୋପାଡିଥିଲେ। ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୦୦୦ ନ୍ୟାସନାଲ ଗାର୍ଡଙ୍କୁ ସେଠାକୁ ପଠାଇଛନ୍ତି। ଏଠାରେ ଗତ ୬-୭ ଦିନ ହେବ ସରକାର ଅନୁପ୍ରବେଶକାରୀଙ୍କ ବିରୋଧ।।ରେ ଅଭିଯାନ ଚଳାଇଥିଲେ। ଏବେ ଏହାକୁ ପ୍ରବଳମାତ୍ରାରେ ବିରୋଧ କରାଯାଉଛି। ପ୍ରତିଦିନ ପାଖାପାଖି ୧୬୦୦ ଅନୁପ୍ରବେଶକାରୀଙ୍କୁ ଧରାଯାଉଛି।

ହିଂସାକୁ ନିୟନ୍ତ୍ରଣ କରିବାରେ ନ୍ୟାସନାଲ ଗାର୍ଡ ସକ୍ଷମ ହୋଇଛନ୍ତି ଓ ଟ୍ରମ୍ପ ଏମାନଙ୍କୁ ପ୍ରଶଂସା କରିଛନ୍ତି। ଏହି ଘଟଣାକୁ ନିୟନ୍ତ୍ରଣ କରିବାରେ ଯଦି ରାଜ୍ୟ ସରକାର ବିଫଳ ହୁଅନ୍ତି, ତେବେ କେନ୍ଦ୍ର ସରକାର ସ୍ଥିତି ହାତକୁ ନେବେ ବୋଲି ଟ୍ରମ୍ପ ଚେତାବନୀ ଶୁଣାଇଛନ୍ତି।

# ମସ୍କଙ୍କୁ ଧମକ ଦେଲେ ଟ୍ରମ୍ପ

## ବିରୋଧୀଙ୍କୁ ସମର୍ଥନ କଲେ ପରିଣାମ ଭୟଙ୍କର ହେବ

ୱାସିଂଟନ, ୮।୬: ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଶିଳ୍ପପତି ଏଲନ ମସ୍କଙ୍କୁ ନେଇ ଆମେରିକା ରାଜନୀତିରେ ହଟଚମଟ ଜାରି ରହିଥିବା ବେଳେ ରାଷ୍ଟ୍ରପତି ଟ୍ରମ୍ପ ଆଜି ମସ୍କଙ୍କୁ ଧମକ ଦେଇଛନ୍ତି। କହିଛନ୍ତି ଯେ ଆସନ୍ତା ନିର୍ବାଚନରେ ବିରୋଧୀ ଦଳ ଡେମୋକ୍ରାଟ ପାର୍ଟିକୁ ମସ୍କ ଆର୍ଥିକ ସହାୟତା ଦେଲେ ଶିଳ୍ପପତିଙ୍କୁ ଭୟଙ୍କର ପରିଣତିର ସାମନା କରିବାକୁ ପଡ଼ିବ। ତେବେ ଏହି ଭୟଙ୍କର ପରିଣତି କଣ ହେବ, ତାହା ସେ ସ୍ପଷ୍ଟ କରି ନାହାନ୍ତି। ଟ୍ରମ୍ପଙ୍କୁ ବିରୋଧ କରି ଆମେରିକା ପାର୍ଟି ନାମରେ ନୂଆ ପାର୍ଟି ଗଠନ କରିବା ଲାଗି ମସ୍କ ସୂଚନା ଦେବାପରେ ତାଙ୍କ ଉପରେ କ୍ଷୁବ୍ଧ ହୋଇ ଟ୍ରମ୍ପ ଏଭଳି ଧମକ ଦେଇଥିବା କୁହାଯାଉଛି।



ଆମେରିକା ସଂସଦରେ ବଜେଟ ବିଲ୍ ଅନୁମୋଦନକୁ ନେଇ ଟ୍ରମ୍ପ ଓ ମସ୍କଙ୍କ ମଧ୍ୟରେ ବିବାଦ ତୀବ୍ର ହୋଇଛି। ଏହି ବିଲ୍ ସପକ୍ଷରେ ଟ୍ରମ୍ପ ଦୃଢ଼ ଯୁକ୍ତି ଦର୍ଶାଇଥିବା ବେଳେ ଏହାର ଘୋର ବିରୋଧ କରୁଛନ୍ତି ମସ୍କ। ଏହି କାରଣରୁ ଟ୍ରମ୍ପଙ୍କ ଠାରୁ ଦୂରେଇ ଯାଇଛନ୍ତି ମସ୍କ। କେବଳ ଦୂରେଇ ନାହାନ୍ତି, ସେ ଟ୍ରମ୍ପଙ୍କ ବିରୋଧରେ ବିଷୋଦଗାର କରିବାରେ ମଧ୍ୟ ଲାଗିପଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ବୁଝାମଣା ଲାଗି ଉଦ୍ୟମ ଚାଲିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସଫଳତା ମିଳିନାହିଁ। ଏଭଳି ପରିସ୍ଥିତି ମଧ୍ୟରେ ଏକ ସାକ୍ଷାତକାର ଦେଇ ରାଷ୍ଟ୍ରପତି ଟମ୍ପ କହିଛନ୍ତି ଯେ ମସ୍କଙ୍କ ସହିତ ବୁଝାମଣା ପାଇଁ ସେ ଆଦୌ ଆଗ୍ରହୀ ନୁହନ୍ତି। ମସ୍କଙ୍କ ସହିତ ଆଉ ସଂପର୍କ ରଖିବାକୁ ସେ ଚାହାନ୍ତି ନାହିଁ। ତାଙ୍କ ସହ କଥା ହେବାକୁ ମଧ୍ୟ ଇଚ୍ଛା ନାହିଁ। ସେ କହିଲେ, 'ରାଷ୍ଟ୍ରପତି ନିର୍ବାଚନରେ ମୁଁ ବିପୁଳ ଭୋଟରେ ବିଜୟୀ ହୋଇଛି। ମୁଁ ମସ୍କଙ୍କୁ ଅନେକ ସୁବିଧା ସୁଯୋଗ ଦେଇଛି। ପ୍ରଶାସନରେ ତାଙ୍କୁ ସାମିଲ କରିଥିଲି। ମୋର ପ୍ରଥମ ଶାସନ କାଳରେ ମୁଁ ମସ୍କଙ୍କ ଜୀବନ ରକ୍ଷା କରିଛି। ତାଙ୍କ ସହିତ କଥା ହେବାକୁ ଆଉ ମୋର ଆଗ୍ରହ ନାହିଁ।'

୨୦୨୬ରେ ହେବାକୁ ଥିବା ମଧ୍ୟବର୍ତ୍ତିକାଳୀନ ନିର୍ବାଚନରେ ମସ୍କ ବିରୋଧୀ ଡେମୋକ୍ରାଟିକ ପାର୍ଟିର ପ୍ରାର୍ଥୀଙ୍କୁ ଆର୍ଥିକ ସହାୟତା ଦେଇପାରନ୍ତି ବୋଲି ସୂଚନା ମିଳୁଥିବା ବେଳେ ଏହାକୁ ବିରୋଧ କରିଛନ୍ତି ଟ୍ରମ୍ପ। ବିରୋଧୀଙ୍କୁ ମସ୍କ ଏଭଳି ସହାୟତା କଲେ ତାଙ୍କ ପାଇଁ ଭଲ ହେବ ନାହିଁ ଏବଂ ତାଙ୍କୁ ଭୟଙ୍କର ପରିଣତିର ସାମନା କରିବାକୁ ପଡ଼ିବ ବୋଲି ଟ୍ରମ୍ପ ଧମକ ଦେଇଛନ୍ତି। ତେବେ ଏହି ଭୟଙ୍କର ପରିଣତି କଣ ବୋଲି ପ୍ରଶ୍ନ ହେବାରୁ ଏସଂପର୍କରେ ସୂଚନା ଦେବାକୁ ସେ ମନା କରିଦେଇଛନ୍ତି। କୁହାଯାଉଛି ଯେ ଆମେରିକା ପ୍ରଶାସନ ସହିତ ମସ୍କଙ୍କ ମାଲିକାନାରେ ଥିବା କଂପାନୀମାନଙ୍କର ବ୍ୟାବସାୟିକ ବୁଝାମଣା ରହିଛି। ଏହିସବୁ ବୁଝାମଣାକୁ ବାତିଲ କରିବା ଲାଗି ଟ୍ରମ୍ପ ପୂର୍ବରୁ ଧମକ ଦେଇସାରିଛନ୍ତି।

ଗତ ସପ୍ତାହ ଏହି ଦୁଇ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ସଂପର୍କ ତିକ୍ତ ହୋଇଥିଲା। ମସ୍କଙ୍କ ସହିତ ସରକାରଙ୍କ ବ୍ୟାବସାୟିକ ବୁଝାମଣା ବାତିଲ କରିବାକୁ ଟ୍ରମ୍ପ ଧମକ ଦେବା ସହିତ ମସ୍କଙ୍କୁ ପାଗଳ ବୋଲି କହିଥିଲେ। ଅନ୍ୟପକ୍ଷରେ ମସ୍କ କହିଥିଲେ ଯେ ତାଙ୍କର ସହାୟତା ବିନା ଟ୍ରମ୍ପ ନିର୍ବାଚନ ଜିତିବା ଅସମ୍ଭବ ଥିଲା। ତାଙ୍କ ସାହାଯ୍ୟ ପାଇ ଟ୍ରମ୍ପ ଜିତିଲେ, କିନ୍ତୁ କୃତଜ୍ଞ ହେଉନାହାନ୍ତି। ସେ ରାଷ୍ଟ୍ରପତି ହେବାକୁ ଅଯୋଗ୍ୟ, ତେଣୁ ତାଙ୍କୁ ରାଷ୍ଟ୍ରପତି ପଦରୁ ହଟାଇବାକୁ ସେ ଦାବି କରିଥିଲେ। ତାଙ୍କ ବିରୋଧରେ ମହାଭିଯୋଗ ଆଣି ଉପରାଷ୍ଟ୍ରପତି ଭାନ୍ସଙ୍କୁ ରାଷ୍ଟ୍ରପତି କରାଯାଉ ବୋଲି କହିଥିଲେ ମସ୍କ। ସୂଚନାଯୋଗ୍ୟ ଯେ ଗତ ନିର୍ବାଚନରେ ଟ୍ରମ୍ପଙ୍କ ସପକ୍ଷରେ ଖୋଲାଖୋଲି ପ୍ରଚାର କରିଥିଲେ ମସ୍କ। ଏହାସହିତ ଟ୍ରମ୍ପ ଏବଂ ତାଙ୍କ ରିପବ୍ଲିକାନ ପାର୍ଟିର ପ୍ରାର୍ଥୀମାନଙ୍କୁ ଜିତାଇବା ଲାଗି ମସ୍କ ବିପୁଳ ଅର୍ଥ ବ୍ୟୟ କରିଥିଲେ।

# ଦୁବାଇରେ ସ୍କୁବା ଡାଇଭିଂ ବେଳେ ଭାରତୀୟ ଇଞ୍ଜିନିୟରଙ୍କ ମୃତ୍ୟୁ

ଦୁବାଇ, ୮।୬(ଏଜେନ୍ସି): ଦୁବାଇର ଜୁମେରାହ ବିଚ୍ ରେ ସ୍କୁବା ଡାଇଭିଂ ତାଲିମ ସମୟରେ ଜଣେ ୨୯ ବର୍ଷୀୟ ପ୍ରବାସୀ ଭାରତୀୟ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ଯୁବକ ଜଣକ କେରଳର ଆଇଜାକ୍ ପଲ୍ ଓଲାକେଙ୍ଗିଲ୍ ବୋଲି ଜଣାପଡ଼ିଛି। ଦୁବାଇରେ ଇଞ୍ଜିନିୟର ଥିବା ଓଲାକେଙ୍ଗିଲ୍ ଇଦ୍ ଅଲ୍ ଆଧା ଅବସରରେ ତାଙ୍କ ପରିବାର ସହିତ ଛୁଟି ବିତାଇବାକୁ ଯାଇଥିଲେ। ତାଙ୍କ ସମ୍ପର୍କୀୟଙ୍କ ଅନୁଯାୟୀ, ଜୁମେରାହ ବିଚ୍ ରେ ସ୍କୁବା ଡାଇଭିଂ ପ୍ରାରମ୍ଭିକ ତାଲିମ ନେବା ସମୟରେ ଆଇଜାକ୍‌ଙ୍କୁ ପାଣି ଭିତରେ ନିଶ୍ୱାସ ନେବାରେ କଷ୍ଟ ହୋଇଥିଲା। ହୃଦ୍‌ଘାତ ହେବାରୁ ସେ ସଂଘର୍ଷ କରିବା ଆରମ୍ଭ



କରିଥିଲେ ଏବଂ ଦଳରୁ ଦୂରେଇ ଯାଇଥିଲେ। ତାଙ୍କ ପତ୍ନୀ ରେଶମା ଏବଂ ସାନ ଭାଇ ଇଭିନ୍ ମଧ୍ୟ ତାଲିମରେ ଅଂଶଗ୍ରହଣ କରୁଥିଲେ। ଏହି ଘଟଣା ପରେ ତୁରନ୍ତ ଆଇଜାକ୍‌ଙ୍କୁ ପାଣିରୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କ ମୃତ୍ୟୁ ଘଟିଥିଲା। ଡାକ୍ତରଖାନାରେ ତାଙ୍କ ସାନ ଭାଇ ଇଭିନ୍ ମଧ୍ୟ ଅସୁସ୍ଥ ହୋଇପଡ଼ିଥିଲେ। ସେ ଏବେ ବିପଦମୁକ୍ତ ଥିବା ଜଣାପଡ଼ିଛି। ପୁଲିସ ଘଟଣାରେ ତଦନ୍ତ ଆରମ୍ଭ କରିବା ସହ ତାଲିମ ବେଳେ ବ୍ୟବହୃତ ଉପକରଣ ଜବତ କରିଛି। ଆଇଜାକ୍‌ଙ୍କ ମୃତଦେହକୁ ଭାରତ ଫେରାଇ ଆଣିବା ପାଇଁ ପରିବାର ସହ ସମନ୍ୱୟ ରଖାଯାଇଛି।

# ନାବାଳିକାକୁ ଗଣଦୁଷ୍କର୍ମ, ୧୦ ଗିରଫ

ରାଞ୍ଚି,୮ ।୬(ଏଜେନ୍ସି): ଝାଡ଼ଖଣ୍ଡର ଗୋଡ୍ଡା ଜିଲ୍ଲାରେ ଜଣେ ଆଦିବାସୀ ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିବା ଅଭିଯୋଗରେ ୧୦ ଜଣ ଯୁବକଙ୍କୁ ଗିରଫ କରିଛି ପୁଲିସ। ନାବାଳିକା ଏକ ବିବାହ ଉତ୍ସବକୁ ଯାଇଥିବା ବେଳେ ତାକୁ ଅପହରଣ କରିନେଇ ଏହି ୧୦ ଜଣ ଗଣଦୁଷ୍କର୍ମ କରିଥିଲେ। ପରିବାର ପକ୍ଷରୁ ଥାନାରେ ଏତଲା ଦେବାପରେ ସେମାନଙ୍କୁ ଗିରଫ କରାଯାଇଛି। ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ଯେ ମାମଲାର ରଫାଦଫା ପାଇଁ ପଞ୍ଚାୟତ ପକ୍ଷରୁ ଉଦ୍ୟମ କରାଯାଇଥିଲା।

# ବିହାର ବିଧାନସଭା ନିର୍ବାଚନ ଲଢ଼ିବେ ଚିରାଗ ପାଶୱାନ୍



ନୂଆଦିଲ୍ଲୀ,୮ ।୬(ଏଜେନ୍ସି): କେନ୍ଦ୍ରମନ୍ତ୍ରୀ ତଥା ଲୋକ ଜନଶକ୍ତି ପାର୍ଟି ମୁଖ୍ୟ ଚିରାଗ ପାଶୱାନ ଏଥର ବିହାର ବିଧାନସଭା ନିର୍ବାଚନରେ ଅବତୀର୍ଣ୍ଣ ହେବେ। ଆସନ୍ତା ଅକ୍ଟୋବର ଓ ନେଭେମ୍ବର ମାସରେ ବିହାରରେ ନିର୍ବାଚନ ହେବାର କାର୍ଯ୍ୟକ୍ରମ ରହିଛି। ଭୋଜପୁର ଜିଲ୍ଲାର ଆରାଠାରେ ଏକ ଜନସଭାକୁ ସମ୍ବୋଧିତ କରୁଥିବା ବେଳେ ଚିରାଗ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରିଛନ୍ତି। ବିହାରରେ ନୁହଁ ବିହାର ଓ ତା'ର ଲୋକଙ୍କ ପାଇଁ ନିର୍ବାଚନ ଲଢ଼ିବି ବୋଲି ସେ କହିଛନ୍ତି। ବାପା ରାମବିଳାଶ ପାଶୱାନଙ୍କ ସ୍ୱପ୍ନକୁ ସାକାର କରିବାକୁ ପ୍ରୟାସ କରିବି। ବିହାରରେ ପରିବର୍ତ୍ତନ ଆଣିବାକୁ ପ୍ରଥମେ ବିହାର ଓ ବିହାରୀ ଭାବେ କାର୍ଯ୍ୟ କରିବି। ନିର୍ବାଚନରେ ଏନ୍‌ଡିଏକୁ ଜିତାଇବା ମୋର ମୂଳ ଲକ୍ଷ୍ୟ। ତେବେ ସେ କେଉଁଠାରୁ ନିର୍ବାଚନ ଲଢିବେ ତାହା ଲୋକଙ୍କ ଉପରେ ନିର୍ଭର କରେ ବୋଲି ସେ କହିଛନ୍ତି। ଲୋକସଭାରେ ଏଲ୍‌ଜେପିର ୫ଜଣ ସାଂସଦ ରହିଛନ୍ତି। ଚିରାଗ ଏବେ ହାଜିପୁରରେ ସାଂସଦ ରହିଛନ୍ତି।

# ତହସିଲଦାରଙ୍କ ଉପରକୁ ରାଗରେ ଫୁଲତୋଡ଼ା ଫୋପାଡ଼ିଲେ ଆନ୍ଧ୍ର ମନ୍ତ୍ରୀ

ହାଇଦରାବାଦ୍,୮ ।୬(ଏଜେନ୍ସି): ଆନ୍ଧ୍ରପ୍ରଦେଶ ପଛୁଆବର୍ଗ ବିଭାଗ ମନ୍ତ୍ରୀ ସବିତା ଏସ୍‌ଙ୍କ ଏକ ଅସ୍ୱାଭିକ ଆଚରଣକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି। ସେ ରାଗରେ ଜଣେ ଜିଲ୍ଲା ତହସିଲଦାରଙ୍କ ଉପରେ ଫୁଲତୋଡା ଫୋପାଡିଛନ୍ତି। ଏହା ୩ଦିନ ପୂର୍ବର ଘଟଣା। ତେବେ ଏହାର ଭିଡିଓ ରବିବାର ଭାଇରାଲ ହୋଇଛି। ମନ୍ତ୍ରୀ ସବିତା ଏକ ପେନ୍‌ସନ ବିତରଣ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଏହି ଘଟଣା ଘଟିଥିଲା। ସବିତା ଜିଲ୍ଲା ତହସିଲଦାର ପ୍ରଭାବତୀଙ୍କୁ କେତେ ସଂଖ୍ୟାରେ ମାଗଣା ଗ୍ୟାସ ସିଲିଣ୍ଡର ବଣ୍ଟାଯାଇଛି ବୋଲି ପ୍ରଶ୍ନ କରିଥିଲେ। ତେବେ ସଠିକ୍ ଉତ୍ତର ନ ମିଳିବା ଫଳରେ ସେ ରାଗିଯାଇ ଦିଆଯାଥିବା ଏକ ଫୁଲତୋଡ଼ାକୁ ଅଧିକାରୀଙ୍କ ଉପରେକୁ ଫୋପାଡି ଥିଲେ। ସେହି ଫୁଲତୋଡାକୁ ପ୍ରଭାବତୀ ହିଁ ସବିତାଙ୍କୁ ଦେଇଥିଲେ। ତେବେ ଏହି ଘଟଣାରେ ମନ୍ତ୍ରୀ କିମ୍ବା ଜିଲ୍ଲା ପ୍ରଶାସନ ତରଫରୁ ଆନୁଷ୍ଠାନିକ ଭାବେ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ।

# ୬ ହଜାର ଟପିଲା କୋଭିଡ୍, ୨୪ ୨୪ ଘଣ୍ଟାରେ ଆଉ ୬ ମୃତ

ନୂଆଦିଲ୍ଲୀ,୮ ।୬(ଏଜେନ୍ସି): ଦେଶରେ କୋଭିଡ ସଂକ୍ରମଣ ଜାରି ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ଆଉ ୩୭୪ ରୋଗୀ ଚିହ୍ନଟ ହୋଇଥିବା ବେଳେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୬ ହଜାର ଅତିକ୍ରମ କରି ୬୧୩୩ରେ ପହଞ୍ଚିଛି। କେରଳରେ ସର୍ବାଧିକ ଆକ୍ରାନ୍ତ ସଂଖ୍ୟା ଥିବା ବେ ।।ଳେ ଏହା ପଛକୁ ରହିଛି ଗୁଜରାଟ, ପଶ୍ଚିମ ବଙ୍ଗ ଓ ଦିଲ୍ଲୀ। ସେହିଭଳି ଗତ ୨୪ ଘଣ୍ଟା ମଧ୍ୟରେ ଆଉ ୬ ଜଣ କୋଭିଡ୍ ରୋଗୀ ପ୍ରାଣ ହରାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଉଛି। ଫଳରେ ମୃତ୍ୟୁସଂଖ୍ୟା ୬୫କୁ ବୃଦ୍ଧି ପାଇଛି। ଆଜି କେବଳ କେରଳରେ ତିନି ଜଣ ରୋଗୀ ପ୍ରାଣ ହରାଇଛନ୍ତି। ଇତିମଧ୍ୟରେ କେନ୍ଦ୍ର ସରକାର ସମସ୍ତ ରାଜ୍ୟ ସରକାରଙ୍କୁ କୋଭିଡ୍ ରୋଗୀଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ ସିଲିଣ୍ଡର ମହଜୁଦ ରଖିବାକୁ ପରାମର୍ଶ ଦେଇଛନ୍ତି।

# କାନାଡ଼ାରେ ସାମ୍ବାଦିକଙ୍କୁ ଖଲିସ୍ତାନୀ ସମର୍ଥକଙ୍କ ଆକ୍ରମଣ



ମଣ୍ଟ୍ରିଲ୍,୮ ।୬(ଏଜେନ୍ସି): କାନାଡାରେ ରବିବାର ଖଲିସ୍ତାନୀ ସମର୍ଥକମାନେ ମୋଚା ବେଜିରଗାନ ନାମକ ଜଣେ ସମ୍ବାଦିକଙ୍କୁ ଆକ୍ରମଣ କରିଛନ୍ତି। ଭାଙ୍କୋଭରରେ ଏକ ରାଲିରେ ରିପୋର୍ଟିଂ କରୁଥିବାବେଳେ କେତେଜଣ ଦୁର୍ବୃତ ତାଙ୍କୁ ଶାରିରୀକ ଭାବେ ଆକ୍ରମଣ କରିବା ସହ ବିଭିନ୍ନ ଧମକ ଚମକ ଦେଇଥିଲେ। ଖଲିସ୍ତାନ ବିକ୍ଷୋଭ ସମ୍ପର୍କିତ କେତେକ ଖବର ପରିବେଷଣ ତଥା ନିଜର ଏଡିଟୋରିଆଲ ଲେଖା ପାଇଁ ତାଙ୍କୁ ଆକ୍ରମଣ କରାଯାଇଛି ବୋଲି ବେଜିରଗାନ କହିଛନ୍ତି। ଏହି ଆକ୍ରମଣକାରୀଙ୍କ ମଧ୍ୟରୁ ଜଣେ ଗତ ଏକବର୍ଷ ହେବ ତାଙ୍କର ପିଛା କରୁଥିଲା। ମୋ ସହ ମାଡ଼ପିଟ୍ କରିବା ସହ ସେମାନେ ଫୋନ୍ ଛଡାଇ ନେଇଥିଲେଓ ଏହି ସବୁ ଘଟଣା ପୁଲିସ୍ ସମ୍ମୁଖରେ ଘଟିଥିଲା ବୋଲି ସେ କହିଛନ୍ତି। ଆକ୍ରମଣ କରିଥିବା ବ୍ୟକ୍ତି କାନାଡାର ନୁହଁ ସେ ୟୁନାଇଟେଡ କିଙ୍ଗଡମ (ୟୁକେ)ର ନାଗରିକ।

# ଜେଲରୁ ବାହାରିବେ ଇମ୍ରାନ ଖାଁ!

ଇସଲାମାବାଦ୍, ୮।୬ (ଏଜେନ୍ସି): ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପାକିସ୍ତାନ ତେହରିକ ଇନସାଫ (ପିଟିଆଇ) ପାର୍ଟିର ମୁଖ୍ୟ ଇମ୍ରାନ ଖାଁ ଆସନ୍ତା ୧୧ ତାରିଖରେ ଜେଲରୁ ମୁକ୍ତ ହେ।।ବେ। ଏହା କହିଛନ୍ତି ତାଙ୍କ ଦଳର ଜଣେ ବରିଷ୍ଠ ନେତା ଗୋହର ଅଲ୍ଲୀ ଖାଁ। ସେ କହିଛନ୍ତି ଯେ ୨୦ କୋଟି ପାଉଣ୍ଡ ଅଲକାଦିର ଟ୍ରଷ୍ଟ ଦୁର୍ନୀତି ମାମଲାରେ ଇମ୍ରାନ ଓ ତାଙ୍କ ପତ୍ନୀଙ୍କ ଉପରେ ଦଣ୍ଡାଦେଶକୁ ସସ୍ପେଣ୍ଡ କରିବା ଲାଗି ଇସଲାମାବାଦ ହାଇକୋର୍ଟରେ ପିଟିସନ ଦାଖଲ ହୋଇଛି। ଆସନ୍ତା ୧୧ ତାରିଖେରେ ଏହା ଉପରେ ଆଦେଶ ଶୁଣାଇବେ କୋର୍ଟ। ଏଥିରେ ଇମ୍ରାନଙ୍କୁ ନିଶ୍ଚିତ ରୂପେ ମୁକ୍ତି ମିଳିବ ବୋଲି ସେ କହିଛନ୍ତି। ଏଦୃଷ୍ଟିରୁ ଜୁନ ୧୧ ତାରିଖ ତାଙ୍କ ପାର୍ଟି ଓ ଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିନ ହେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ବିଭିନ୍ନ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୭୨ ବର୍ଷୀୟ ଇମ୍ରାନ ଖାଁ ୨୦୨୩ ଅଗଷ୍ଟରୁ ଜେଲରେ ରହିଛନ୍ତି। ଇମ୍ରାନ ୨୦୧୮ ରୁ ୨୦୨୨ ପର୍ଯ୍ୟନ୍ତ ପାକିସ୍ତାନର ପ୍ରଧାନମନ୍ତ୍ରୀ ଥିଲେ।

# ଡ୍ରୋନ୍ ଫାଇବର୍‌ରୁ ବସା ବାନ୍ଧୁଛନ୍ତି ପକ୍ଷୀ

କିଭ୍,୮ ।୬(ଏଜେନ୍ସି): ରୁଷିଆ- ୟୁକ୍ରେନ୍ ଯୁଦ୍ଧରେ ଏକ ସକରାତ୍ମକ ଖବର ଆସି ପହଞ୍ଚିଛି। ଡ୍ରୋନ ମାଡ୍ କରି ଦୁଇ ଦେଶ ପରସ୍ପରର ସହରଗୁଡିକରେ ଧ୍ୱଂସର ତାଣ୍ଡବଲୀଳା ସୃଷ୍ଟି କରି ଏକାଧିକ ଘର ଓ ଆପାର୍ଟମେଣ୍ଟ ଭାଙ୍ଗୁଛନ୍ତି। କିନ୍ତୁ ଏହି ବ୍ୟବହୃତ ଡ୍ରୋନର ଅପଟିକ୍ ଫାଇବର କେବଲରୁ ଆଉ ଜଣକ ଘର ତିଆରି ହେଉଛି। ସେଠାକାର ପକ୍ଷୀମାନେ ବ୍ୟବହୃତ ଡ୍ରୋନର ଫାଇବରକୁ ଏକାଠି କରି ନିଜର ବସା ତିଆରି କରୁଛନ୍ତି। ଆଶ୍ଚର୍ଯ୍ୟ ହେଲେ ଏହା ସତ। ପୂର୍ବ ୟୁକ୍ରେନର ଡୋନେସ୍କ ସହରର ତୋରେସ୍କରେରେ ଏଭଳି ପକ୍ଷୀଙ୍କ ବସା ଦେଖିବାକୁ ମିଳିଛି। ଦ୍ୱାଦଶ ଅଜୋଭ ବ୍ରିଗେଡ ପକ୍ଷୀମାନଙ୍କର ଏହି ବସା ଠାବ କରିଛି। ଲୋକମାନଙ୍କ ପରେ ପକ୍ଷୀମାନେ ହିଁ ଏହି ବ୍ୟବହୃତ ଡ୍ରୋନର ଅବଶିଷ୍ଟାଂଶକୁ ବ୍ୟବହାର କରିବାରେ ସବୁଠାରୁ ଆଗରେ ରହିଛନ୍ତି। ପକ୍ଷୀମାନଙ୍କର ଏହି ବସା ଇଣ୍ଟରନେଟ୍‌ରେ ବେଶ୍ ଭାଇରାଲ ହୋଇଛି।



# ନିର୍ବାଚନ ସଭାରେ କଲମ୍ବିଆ ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ଗୁଳିମାଡ଼

ବୋଗୋଟା,୮ ।୬(ଏଜେନ୍ସି): ଲାଟିନ ଆମେରିକୀୟ ଦେଶ କଲମ୍ବିଆର ରାଷ୍ଟ୍ରପତି ପ୍ରାର୍ଥୀ ମୁଗୁଏଲ ଉରିବେଙ୍କୁ ଗୁଳିମାଡ ହୋଇଛି। ନିର୍ବାଚନ ପ୍ରଚାର ସମୟରେ ଏହି ଅଭାବନୀୟ ଘଟଣା ଘଟିଥିଲା। ଜଣେ ୧୫ ବର୍ଷୀୟ ନାବାଳକ ତାଙ୍କୁ ଉପରେ ଆକ୍ରମଣ କରିଛି। ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି। ତାଙ୍କ ପ୍ରଥମ ପର୍ଯ୍ୟାୟ ଅସ୍ତ୍ରୋପଚାର କରାଯାଇଛି। ତେବେ ତାଙ୍କ ସ୍ଥିତି ବେଶ୍ ଗମ୍ଭୀର ରହିଛି। ସ୍ଥାନୀୟ ଗଣାମଧ୍ୟମ ଅନୁଯାୟୀ ତାଙ୍କୁ ୩ଟି ଗୁଳି ମାଡ ହୋଇଛି। ଗୋଟିଏ ଗୁଳି ତାଙ୍କ ମୁଣ୍ଡରେ ବାଜିଛି। ସେ ରାଜଧାନୀ ବୋଗୋଟାରେ ଏକ ନିର୍ବଚନୀ ସଭାରେ ଜନସାଧରଣଙ୍କୁ ସମ୍ବୋଧିତ କରିଥିବା ସମୟରେ ଏହି ଘଟଣା ଘଟିଛି।




୨୦୨୬ରେ କଲମ୍ବିଆରେ ରାଷ୍ଟ୍ରପତି ନିର୍ବାଚନ ଆୟୋଜନ ହେବ। ସେ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ୩୯ ବର୍ଷୀୟ ଉରିବେ ବିପକ୍ଷ ସେଣ୍ଟ୍ରେ ଡେମୋକ୍ରାଟିକ୍ କନଜରଭେଟିଭ ପାର୍ଟିର ପ୍ରାର୍ଥୀ ଭାବେ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି। ଭାଷଣ ଦେଉଥିବା ସମୟରେ ନାବାଳକ ଜଣକ ପ୍ରଥମେ ତାଙ୍କ ପିଠିକୁ ଗୁଳି ମାରିଥିଲେ। ହତ୍ୟା ଉଦ୍ୟମ ଅଭିଯୋଗରେ ନାବାଳକକୁ ଗିରଫ୍ କରାଯାଇଛି। ଉରିବେ ହେଉଛନ୍ତି ଜଣାଶୁଣା ମହିଳା ସମ୍ବାଦିକା ଡାଏନା ତୁରବେଙ୍କ ପୁଅ।

# ୧୨୪ ବର୍ଷର ରେକର୍ଡ ଭାଙ୍ଗିଲା ମେ' ମାସ

ନୂଆଦିଲ୍ଲୀ, ୮।୬: ନିର୍ଦ୍ଧାରିତ ସମୟ ପୂର୍ବରୁ ମୌସୁମୀର ଆଗମନ ଯୋଗୁଁ ମେ' ମାସରେ ପ୍ରବଳ ବର୍ଷା ହୋଇଛି। ଏତେ ବର୍ଷା ହୋଇଛି ଯେ ଏହା ୧୨୪ ବର୍ଷର ରେକର୍ଡ ଭାଙ୍ଗିଛି। ସାରା ଦେଶରେ ହାରାହାରି ୧୨୭.୭ ମିଲିମିଟର ବର୍ଷା ହୋଇଛି। ୧୯୦୧ ପରେ ପ୍ରଥମ ଥର ଲାଗି ୨୦୨୫ ମେ ମାସରେ ରେକର୍ଡ ଭଙ୍ଗା ବର୍ଷା ହୋଇଛି। ବିଶେଷ କରି ଦକ୍ଷିଣ ଓ ଉତ୍ତର ଭାରତରେ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି କରିଥିଲା।

ଭାରତୀୟ ପାଣିପାଗ ବିଭାଗ ଆଇଏମ୍‌ଡି ପକ୍ଷରୁ 'ଏକ୍ସ' ଜରିଆରେ ଏହି ସୂଚନା ଦିଆଯାଇଛି। ଏଥିରେ କୁହାଯାଇଛି ଆଗୁଆ ମୌସୁମୀ ଆଗମନ ଯୋଗୁଁ ମେ' ମାସରେ ସାରା ଭାରତରେ ହାରାହାରି ୧୨୬.୭ ମିଲିମିଟର ବର୍ଷା ହୋଇଥିବା ବେଳେ କେନ୍ଦ୍ରୀୟ ଭାରତ ଅଞ୍ଚଳରେ ୧୦୦.୯ ମିଲିମିଟର ବର୍ଷା ହୋଇଛି, ଯାହାକି ୧୯୦୧ ପରେ ସର୍ବାଧିକ। ସାଧାରଣତଃ ଏହି ମାସରେ ହାରାହାରି ୬୧.୭ ମିଲିମିଟର ବର୍ଷା ହେଉଥିବା ବେଳେ ଏଥର ଏହାଠାରୁ ୧୦୬ ପ୍ରତିଶତ ଅଧିକ ବର୍ଷା ହୋଇଛି। ଦକ୍ଷିଣ ପେନିନସୁଆଲାରେ ୧୯୯.୭ ମିଲିମିଟର ବର୍ଷ ହୋଇଥିବା ବେଳେ ଏହା ହେଉଛି ୧୯୦୧ ପରେ ଦ୍ୱିତୀୟ ସର୍ବାଧିକ ବର୍ଷା। ୧୯୯୦ରେ ଏହି ଅଞ୍ଚଳରେ ୨୦୧.୪ ମିମି ବର୍ଷା ହୋଇଥିଲା। ଉତ୍ତର-ପୂର୍ବାଞ୍ଚଳରେ ୨୪୨.୮ ମିମି ବର୍ଷା ହୋଇଛି ଏବଂ ୨୦୦୧ ପରେ ପ୍ରଥମ ଥର ଲାଗି ଏତେ ପରିମାଣର ବର୍ଷା ହୋଇଛି। ଆଇଏମ୍‌ଡି ତଥ୍ୟ ଅନୁଯାୟୀ ମେ'ରେ ୫ଟି ସବଡିଭିଜନରେ ଅତ୍ୟଧିକ ବର୍ଷା ହୋଇଥିବା ବେଳେ ୬ଟି ଡିଭିଜନରେ ସ୍ୱାଭାବିକ ବୃଷ୍ଟିପାତ ହୋଇଛି। ଗତ ମାସ (ମେ')ରେ ଯେଉଁ ରାଜ୍ୟରେ ସର୍ବାଧିକ ବର୍ଷା (୧୫.୬ରୁ ୨୦୪.୪ ଏମ୍‌ଏମ୍) ହୋଇଛି, ସେଗୁଡ଼ିକ ହେଲା ଆସାମ, ମେଘାଳୟ, ପଶ୍ଚିମ ବଙ୍ଗ, ସିକିମ, ମିଜୋରାମ, ତାମିଲନାଡୁ, ମଧ୍ୟ ମହାରାଷ୍ଟ୍ର ଏବଂ ଦକ୍ଷିଣ ଆଭ୍ୟନ୍ତରୀଣ କର୍ଣ୍ଣାଟକ। ଏହା ତଳକୁ ଓଡ଼ିଶା ସମେତ ଛତିଶଗଡ଼, ପୂର୍ବ ମଧ୍ୟ ପ୍ରଦେଶ, ପୂର୍ବ ଉତ୍ତର ପ୍ରଦେଶ, ଗୁଜରାଟ, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ ଓ ଉତ୍ତରାଖଣ୍ଡ। ଏହି ଅଞ୍ଚଳରେ ୬୪.୫ରୁ ୧୧୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।



- ସାରା ଭାରତରେ ପ୍ରବଳ ବର୍ଷା
- ଗୋଟିଏ ମାସରେ ରେକର୍ଡ ୧୨୬.୭ ମିମି ବୃଷ୍ଟିପାତ

# ଆସାମରେ ବନ୍ୟା: ୩.୩୭ ଲକ୍ଷ ଲୋକ ପ୍ରଭାବିତ

ଗୌହାଟି, ୮।୬(ଏଜେନ୍ସି): ଆସାମରେ ବନ୍ୟା ପରିସ୍ଥିତି ଧୀରେ ଧୀରେ ସୁଧୁରୁଛି। କିନ୍ତୁ ବହୁ ସଂଖ୍ୟକ ଲୋକ ଏବେ ମଧ୍ୟ ପ୍ରଭାବିତ ଅଛନ୍ତି। ରବିବାର ସୁଦ୍ଧା ୧୨ଟି ଜିଲ୍ଲାର ୩.୩୭ ଲକ୍ଷରୁ ଅଧିକ ବାସିନ୍ଦା ପ୍ରବଳ ବନ୍ୟାରେ ପ୍ରଭାବିତ ହେଇଛନ୍ତି। ଶ୍ରୀଭୂମି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ଜିଲ୍ଲା ଭାବରେ ଉଭା ହୋଇଛି। ଯେଉଁଠାରେ ୧.୯୩ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ହାଇଲାକାଣ୍ଡି ଏବଂ କଛାର ଜିଲ୍ଲା ମଧ୍ୟ ସ୍ଥିତି ସଂଗୀନ ରହିଛି। ରାଜ୍ୟରେ ମୃତ୍ୟୁ ସଂଖ୍ୟା ୨୩ରେ ପହଞ୍ଚିଛି। ମାଟି ଧସିବା ଯୋଗୁଁ ୬ ଜଣଙ୍କ ମୃତ୍ୟୁ ହୋଇଛି। ବ୍ରହ୍ମପୁତ୍ର ସମେତ ପ୍ରମୁଖ ନଦୀଗୁଡ଼ିକରେ ବନ୍ୟାଜଳ ହ୍ରାସ ପାଇବାରେ ଲାଗିଛି। ତେବେ ଧୁବ୍ରିରେ ବ୍ରହ୍ମପୁତ୍ର ଏବଂ ଶ୍ରୀଭୂମିରେ କୁଶିୟାରା ନଦୀଜଳ ବିପଦସ୍ତର ଉପରେ ପ୍ରବାହିତ ହେଉଛି। ରିଲିଫ୍ ପ୍ରୟାସ ଜାରି ରହିଛି। ୩୬,୦୦୦ ରୁ ଅଧିକ ବିସ୍ଥାପିତଙ୍କୁ ବର୍ତ୍ତମାନ ୧୩୩ ଟି ରିଲିଫ୍ ଶିବିରରେ ରଖାଯାଇଛି।

# ୭ ଜିଲ୍ଲାକୁ ବ୍ୟାପିଲାଣି କରୋନା

ଭୁବନେଶ୍ୱର, ୮ ।୬(ସମିସ): ରାଜ୍ୟରେ ଆଉ ୭ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ଓଡ଼ିଶାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୫କୁ ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରୁ ୧୨ଜଣ ସୁସ୍ଥ ହୋଇସାରିଥିବାବେଳେ ୩୩ ଜଣ ସକ୍ରିୟ ଆକ୍ରାନ୍ତ ଅଛନ୍ତି। ଇତିମଧ୍ୟରେ ଖୋର୍ଦ୍ଧା, କଟକ, ପୁରୀ, ବାଲେଶ୍ୱର, ଜଗତସିଂହପୁର, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାକୁ କରୋନା ସଂକ୍ରମଣ ବ୍ୟାପିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ସମସ୍ତ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ତେଣୁ ଏଥିପାଇଁ ଭୟଭୀତ ହେବାର କୌଣସି କାରଣ ନାହିଁ। ତେବେ ଏଥିପ୍ରତି ସମସ୍ତେ ସତର୍କ ରହିବାକୁ ସେ ପରାମର୍ଶ ଦେଇଛନ୍ତି।



■ ରାଜ୍ୟରେ ଚିହ୍ନଟ ହେଲେ ଆଉ ୭ ଆକ୍ରାନ୍ତ
■ ସତର୍କ ରହିବାକୁ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ

ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ଏବେ ସୁଦ୍ଧା କଟକ ଜିଲ୍ଲାରେ ୨୨ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ଏମାନଙ୍କ ମଧ୍ୟରୁ ୫ ଜଣ ହସ୍ପିଟାଲରେ ଥିବାବେଳେ ୧୭ ଜଣ ଗୃହ ସଂଗରୋଧରେ ରହି ଚିକିତ୍ସିତ ହେଉଛନ୍ତି। ମାର୍ଗଦର୍ଶିକା ଆସିବା ପୂର୍ବରୁ କ୍ୟାପିଟାଲ୍ ହସ୍ପିଟାଲରେ ଜରୁରୀକାଳୀନ ମକଡ୍ରିଲ୍ କରାଯାଇଥିବା ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। ଅକ୍ସିଜେନ ଯାଞ୍ଚ ସମେତ ଆଇସୋଲେସନ ୱାର୍ଡ ପ୍ରସ୍ତୁତ ରଖାଯାଇଛି। ଏହାସହ ଆବଶ୍ୟକସ୍ଥଳେ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି ହୋଇଥିବା ରୋଗୀଙ୍କ କୋଭିଡ ପରୀକ୍ଷା କରାଯାଉଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏହି ପ୍ରଜାତି ୨୦୨୩ ଅଗଷ୍ଟରେ ଚିହ୍ନଟ ହୋଇଥିଲା। ଏହା ଓମିକ୍ରନ୍‌ର ଏକ ଉପପ୍ରଜାତି। ଏହି ପ୍ରଜାତି ବିଶେଷ ଘାତକ ନୁହେଁ। ଏଥିରେ ମଧ୍ୟମଧରଣର ଜ୍ୱର, କାଶ ଓ ଥଣ୍ଡା ହୋଇଥାଏ। ତେବେ ବୟସ୍କ ଓ ଏକାଧିକ ଜଟିଳ ରୋଗ ଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ଘାତକ ହୋଇପାରେ। ତେଣୁ ଏହି ବର୍ଗର ଲୋକମାନେ କୋଭିଡ୍ ନିର୍ଦ୍ଦେଶାବଳୀକୁ ପାଳନ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

ଅନ୍ୟପଟରେ ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ବର୍ତ୍ତମାନ ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୬ ହଜାର ମୁହାଁ ହୋଇଛି। ସକ୍ରିୟ ସଂକ୍ରମଣ ମାମଲା ୫ ହଜାର ୭୫୫ରେ ପହଞ୍ଚିଛି। କେରଳରେ ସର୍ବାଧିକ ୧୮୦୬ଟି ମାମଲା ଚିହ୍ନଟ ହୋଇଥିବାବେଳେ ଗୁଜରାଟରେ ୭୧୭, ଦିଲ୍ଲୀରେ ୬୬୫ ଏବଂ ମହାରାଷ୍ଟ୍ରରେ ସକ୍ରିୟ ମାମଲା ୫୭୭ ରହିଛି। ସେହିପରି କର୍ଣ୍ଣାଟକ ଓ ଉତ୍ତରପ୍ରଦେଶରେ ଯଥାକ୍ରମେ ୪୪୪ ଏବଂ ୨୮୮ ମାମଲା ଚିହ୍ନଟ ହୋଇଥିବାବେଳେ ତାମିଲନାଡୁରେ ୨୦୮ଟି ମାମଲା ଚିହ୍ନଟ କରିଛି ସ୍ୱାସ୍ଥ୍ୟ ବିଭାଗ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହାର ମୁକାବିଲା ଲାଗି ରାଜ୍ୟମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଓ ଯଥେଷ୍ଟ ପରିମାଣର ଅକ୍ସିଜେନ୍ ସିଲିଣ୍ଡର ଗଚ୍ଛିତ ରଖିବାକୁ ମାର୍ଗଦର୍ଶିକା ଜାରି କରିଛନ୍ତି। ହାତ ସାନିଟାଇଜ କରିବା, କାଶ କିମ୍ବା ଛିଙ୍କ ହେଲେ ରୁମାଲ ବା ମାସ୍କ ବ୍ୟବହାର କରିବା, ଶରୀର ଅସୁସ୍ଥ ଥିଲେ ଭିଡ଼ଠୁ ଦୂରେଇ ରହିବାକୁ ପରାମର୍ଶ ଦେଇଛି ମନ୍ତ୍ରାଳୟ। ସେହିପରି ଶ୍ୱାସଜନିତ ସମସ୍ୟା କିମ୍ବା ଅସୁସ୍ଥ ଅନୁଭବ କଲେ ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନେବାକୁ ପରାମର୍ଶ ଦିଆଯାଇଛି। ଅଯଥା ଗୁଜବକୁ ବିଶ୍ୱାସ ନକରିବାକୁ ମନ୍ତ୍ରଣାଳୟ କହିଛି। ସେପଟେ ସମସ୍ତ ରାଜ୍ୟକୁ ଆବଶ୍ୟକ ପରିମାଣର ଅକ୍ସିଜେନ ମହଜୁଦ ରଖିବା ସହ ମେଡିକାଲ ଶଯ୍ୟା, ଭେଣ୍ଟିଲେଟର୍, ଆବଶ୍ୟକ ପରିମାଣର ଔଷଧ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି।

## ବର୍ଷ ପୂର୍ତ୍ତି ପୂର୍ବରୁ ଶିଳ୍ପୋଦ୍ୟୋଗୀଙ୍କୁ ଭେଟିଲେ ମୋହନ

# ଶିଳ୍ପ ଅନୁକୂଳ ବାତାବରଣ ପାଇଁ ୪ ନୀତି



ଭୁବନେଶ୍ୱର,୮।୬(ସମିସ): ରାଜ୍ୟ ସରକାରଙ୍କ ପ୍ରଥମ ବର୍ଷ ପୂର୍ତ୍ତି ପୂର୍ବରୁ ଶିଳ୍ପପତି ଓ ଉଦ୍ୟୋଗୀମାନଙ୍କୁ ଭେଟି ପରବର୍ତ୍ତୀ ବର୍ଷ ପାଇଁ କାର୍ଯ୍ୟ ଯୋଜନା ସମ୍ପର୍କରେ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରବିବାର ଲୋକସେବା ଭବନର କନଭେନସନ ସେଣ୍ଟରଠାରେଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଶିଳ୍ପ ଅନୁକୂଳ ବାତାବରଣର ଉପଯୋଗରେ ବ୍ୟାପକ ନିବେଶ ଏବଂ ଶିଳ୍ପ ଭିତ୍ତିଭୂମିର ବିକାଶ ଉପରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ବର୍ଷେ ଭିତରେ ରାଜ୍ୟରେ ୨୦୬ ଶିଳ୍ପକୁ ଅନୁମୋଦନ ଦିଆଯାଇଛି। ଉତ୍କର୍ଷ ଓଡିଶାରେ ୧୩ ଲକ୍ଷ କୋଟି ଟଙ୍କାର ଏମଓୟୁ ହୋଇଛି। ଖୋର୍ଦ୍ଧାରେ ୬ ହଜାର କୋଟିର ପ୍ରକଳ୍ପ ଆରମ୍ଭ ହୋଇଛି। କଳିଙ୍ଗ ନଗରରେ ୧୪ଟି କମ୍ପାନୀ ପାଇଁ ଶିଳାନ୍ୟାସ ହୋଇଛି। ଗଞ୍ଜାମ ଛତ୍ରପୁରଠାରେ ୧୨ଟି କମ୍ପାନୀ ସହ ଏମଓୟୁ ହୋଇଛି। ଉତ୍କର୍ଷ ଓଡିଶାର ୪ ମାସରେ ୪ଟି ସ୍ଥାନରେ ୫୬ ଶିଳ୍ପ ପ୍ରକଳ୍ପ ଆରମ୍ଭ ହୋଇଛି। ୧.୭୮ ଲକ୍ଷ କୋଟିର ପୁଞ୍ଜିନିବେଶ ସହ ୧ ଲକ୍ଷ ୧୦ ହଜାର ନିଯୁକ୍ତି ସୃଷ୍ଟି ସୃଷ୍ଟି ହେବାର ଆଶା ରହିଛି। ୨୦୩୬ ସମୃଦ୍ଧ ଓଡିଶା ପାଇଁ ଭିତ୍ତି ସ୍ଥାପନ ହୋଇଛି। ଆଗକୁ ଓଡ଼ିଶା ୫୦୦ ବିଲିୟନ ଡଲାରର ଅର୍ଥନୀତି ହେବ ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଏହି ଅବସରରେ ଶିଳ୍ପ କର୍ତ୍ତୃପକ୍ଷ ଏବଂ ଉଦ୍ୟୋଗୀମାନଙ୍କୁ ଓଡ଼ିଶାକୁ ଏକ ଶିଳ୍ପ ଶକ୍ତି ହବ୍ ଭାବେ ଜାରି ରହିଥିବା ଯାତ୍ରାରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତି ଅନେକ ସଫଳତା ଦେଇଛି। ଫଳତଃ ଏହି କାର୍ଯ୍ୟକ୍ରମରେ ୧୫୦ରୁ ଅଧିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇପାରିଛି। ଏଥିପାଇଁ ୧୬.୭ ଲକ୍ଷ କୋଟି ଟଙ୍କାର ନିବେଶ ସୁଯୋଗ ସୃଷ୍ଟି ହୋଇଛି। ଏହାଦ୍ୱାରା ୧୨.୯ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଥିବା ବେଳେ କେବଳ ଗତ ବର୍ଷ ମଧ୍ୟରେ ୨୦୬ ଟି ବୃହତ ପ୍ରକଳ୍ପକୁ ମଞ୍ଜୁର ମିଳିଛି। ଏହି କାର୍ଯ୍ୟଦ୍ୱାରା ରାଜ୍ୟରେ ୪.୫ ଲକ୍ଷ କୋଟିରୁ ଅଧିକ ମୋଟ ନିବେଶ ମୂଲ୍ୟ ସହ ୨.୯ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି।

ଆଗାମୀ ବର୍ଷ ରାଜ୍ୟ ସରକାର ଚାରୋଟି ପ୍ରମୁଖ କ୍ଷେତ୍ର ଉପରେ ପ୍ରାଥମିକତା ଦେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ନୂତନ ନୀତି ଆଣି ନୂଆ ଓ ପ୍ରମୁଖ ଶିଳ୍ପ ପାଇଁ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପ୍ରଦାନ କରାଯିବ। ଦ୍ୱିତୀୟତଃ ଭବିଷ୍ୟତର ଚାହିଦା ପୂରଣ କରିବା ପାଇଁ ଭୂମିବ୍ୟାଙ୍କ ଏବଂ ଶିଳ୍ପ ଭିତ୍ତିଭୂମିକୁ ବିସ୍ତାର କରାଯିବ। ତୃତୀୟତଃ ରାଜ୍ୟର ସିଙ୍ଗଲ୍‌ୱିଣ୍ଡୋ ବ୍ୟବସ୍ଥାକୁ ସଂଶୋଧିତ କରାଯାଇ ଏକ ଆଧୁନିକ, ସମନ୍ୱିତ ପ୍ରକଳ୍ପ ଟ୍ରାକିଂ ପ୍ଲାଟଫର୍ମ କରାଯିବ। ଚତୁର୍ଥରେ କଡ଼ାକଡ଼ି ନିୟମ ଓ ପ୍ରକ୍ରିୟାକୁ ସରଳ କରିବା ପାଇଁ କାର୍ଯ୍ୟ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପଦକ୍ଷେପଗୁଡ଼ିକ ଦ୍ରୁତ ଅନୁମୋଦନ, ସୁଗମ ସମନ୍ୱୟ ଏବଂ ନିର୍ଦ୍ଧାରିତ ସମୟକୁ ସୁନିଶ୍ଚିତ କରିବ। ଆଗାମୀ ଚାରି ବର୍ଷ ସମୃଦ୍ଧ ଓଡ଼ିଶା ୨୦୩୬ ପାଇଁ ମୂଳଦୁଆ ପକାଇବ। ଆଇଓସିଏଲ୍, ଜେଏସ୍‌ଡବ୍ଲ୍ୟୁ, ଜେଏସ୍‌ପିଏଲ୍, ଟାଟା ଷ୍ଟିଲ୍, ଏଏମ୍‌ଏନ୍‌ଏସ୍, ବେଦାନ୍ତ, ହିଣ୍ଡାଲ୍‌କୋ ଏବଂ ଆଦାନୀ ଭଳି ଅଂଶୀଦାରମାନଙ୍କ ଦୃଢ଼ ସହଯୋଗ ସହିତ ଖଣି, ଧାତୁ ଏବଂ ସବୁଜ ରାସାୟନିକ କ୍ଷେତ୍ରରେ ରାଜ୍ୟରେ ନେତୃତ୍ୱକୁ ବିକାଶ କରିବୁ। ପାରାଦୀପ-ଧାମରା-ଗୋପାଳପୁର ଷ୍ଟ୍ରେଚ୍‌ରେ ନୂତନ ଟର୍ମିନାଲ, ଜେଟି ଏବଂ କଣ୍ଟେନର ପରିଚାଳନା କ୍ଷମତା ମାଧ୍ୟମରେ ବନ୍ଦର-ଆଧାରିତ ଶିଳ୍ପାୟନକୁ ମଧ୍ୟ ସୁଦୃଢ଼ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଏମଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉନ୍ନୟନ କମିଶନର ଅନୁ ଗର୍ଗ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ କୁମାର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ନନ୍ଦନକାନନ ପାଇଁ ଖୁସି ଖବର

# ପୁଣି ମା' ହେଲା ମୌସୁମୀ

ବାରଙ୍ଗ/ ନନ୍ଦନକାନନ, ୮ ।୬ (ସମିସ): ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପାଇଁ ଖୁସି ଖବର ଆଣି ଦେଇଛି ବାଘୁଣୀ ମୌସୁମୀ। ଏକାଥରକେ ଦୁଇଟି ଛୁଆ ଜନ୍ମ ଦେଇ ଦ୍ୱିତୀୟଥର ମା' ହେବାର ସୌଭାଗ୍ୟ ଅର୍ଜନ କରିଛି। ଏହି ଖବର ପଦାକୁ ଆସିବା ପରେ ବନ୍ୟପ୍ରାଣୀପ୍ରେମୀ ଓ କର୍ମଚାରୀମହଲରେ ଆନନ୍ଦର ଲହରୀ ଖେଳି ଯାଇଛି।

ସୂଚନା ଅନୁଯାୟୀ, ପ୍ରାଣୀଉଦ୍ୟାନରେ ଶନିବାର ରାତିରେ ଦୁଇଟି ପର୍ଯ୍ୟାୟରେ ୨ଟି ଶାବକକୁ ଜନ୍ମ ଦେଇଛି ଧଳା ବାଘୁଣୀ ମୌସୁମୀ। ପ୍ରଥମ ଶାବକଟି ରାତି ୯ଟା ୧୫ ଏବଂ ଦ୍ୱିତୀୟ ଶାବକଟି ରାତି ୧୧ଟା ୩ ସମୟରେ ଏନକ୍ଲୋଜର ୨୮-ବି' ରେ ଜନ୍ମ ହୋଇଛି। ଜନ୍ମିତ ଛୁଆ ମଧ୍ୟରୁ ଗୋଟିଏ ଛୁଆ ସାଧାରଣ ରଙ୍ଗର ଏବଂ ଅନ୍ୟଟି ଧଳାରଙ୍ଗର। ମା' ସହ ଥିବାରୁ ଜନ୍ମିତ ଛୁଆମାନଙ୍କ ଲିଙ୍ଗ ନିରୂପଣ ହୋଇପାରିନାହିଁ। ମା' ଛୁଆମାନଙ୍କର ଯତ୍ନ ନେଉଥିବାରୁ ଶାବକଦ୍ୱୟ ସୁସ୍ଥ ଅଛନ୍ତି। ପ୍ରକାଶ ଥାଉକି, ୨୦୨୫ ଫେବୃଆରୀ ୨୭ ଏବଂ ୨୮ ତାରିଖରେ ମୌସୁମୀ ଏବଂ ସାଧାରଣ ରଙ୍ଗର ବାଘ



ରାଜେଶର ସଫଳ ମିଳନ ପରେ ମୌସୁମୀ ଦ୍ୱିତୀୟଥର ପାଇଁ ମା' ହେବାର ସୌଭାଗ୍ୟ ଅର୍ଜନ କରିଥିଲା। ଉଭୟ ପିତାମାତା ନନ୍ଦନକାନନରେ ଜନ୍ମଗ୍ରହଣ କରିଥିଲେ। ୨୦୧୬ ଅଗଷ୍ଟ ୫ରେ ମନୀଷ ଏବଂ ସ୍ନେହାର ମିଳନରୁ ମୌସୁମୀ ଏବଂ ୨୦୧୮ ସେପ୍ଟେମ୍ବର ୨୨ରେ ରୋଶନ ଏବଂ ବିଜୟା ଔରସରୁ ରାଜେଶ ଜନ୍ମଗ୍ରହଣ କରିଥିଲା।

### ଦୁଇ ଶାବକ ଜନ୍ମ

ଏହି ଦୁଇ ଶାବକଙ୍କ ଜନ୍ମ ପରେ ନନ୍ଦନକାନନର ବାଘସଂଖ୍ୟା ବୃଦ୍ଧି ପାଇ ୨୯ରେ ପହଞ୍ଚିଛି। ସେଥିମଧ୍ୟରେ ୧୭ଟି ପୁରୁଷ, ୧୦ଟି ମାଈ ଏବଂ ୨ଟି ଲିଙ୍ଗଚିହ୍ନଟ ହୋଇନଥିବା ଶାବକ ଥିବା ଜଣାପଡ଼ିଛି। ପ୍ରଜାତି ଦୃଷ୍ଟିରୁ ୧୯ଟି ସାଧାରଣ ରଙ୍ଗର ବାଘ, ୬ଟି ଧଳା ବାଘ ଏବଂ ୪ଟି ମେଲାନିଷ୍ଟିକ୍ ବାଘ ଅଛନ୍ତି।

# ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

ଦେବଗଡ଼/ରିଆମାଳ, ୮ ।୬ (ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ କୁଣ୍ଢେଇଗୋଳା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଆଉଁଳି ଗ୍ରାମର ଜଣେ ମହିଳା ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ସେ ହେଲେ, କଳାବତୀ ପ୍ରଧାନ (୫୫)। ରବିବାର ଅପରାହ୍ଣରେ ସେ କାଜୁ ତୋଳିବାକୁ ଯାଇଥିବା ବେଳେ ଗୋଟିଏ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ିଦେବା ସହ ପାଦରେ ଦଳି ଦେଇଥିଲା। ଖବର ପାଇ ସ୍ଥାନୀୟ ଲୋକଙ୍କ ସହ ଫରେଷ୍ଟର୍ ମନ୍ମଥ ବେହେରା ଓ ବନ କର୍ମଚାରୀ ଏବଂ କୁଣ୍ଢେଇଗୋଳା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରିଥିଲେ। ବନ ବିଭାଗ ମୃତ ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ କରିବା ପାଇଁ ଚାହୁଁଥିବା ବେଳେ ଗ୍ରାମବାସୀ ଏଥିରେ ରାଜି ହୋଇନଥିଲେ। ପରିବାରକୁ କ୍ଷତିପୂରଣ ସହ ପୁଅକୁ ଚାକିରି ଦିଆଯିବା ନେଇ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ବ୍ୟବଚ୍ଛେଦ ପାଇଁ ଶବ ଛଡ଼ାଯିବ ନାହିଁ ବୋଲି କଳାବତୀଙ୍କ ସ୍ୱାମୀ କୈଳାସ ପ୍ରଧାନ ଓ ଗ୍ରାମବାସୀ ଅଡ଼ି ବସିଛନ୍ତି। ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ହେଲା, ବାରମ୍ବାର ଉକ୍ତ ଅଞ୍ଚଳରେ ହାତୀ ଆକ୍ରମଣରେ ସ୍ଥାନୀୟ ଲୋକ ପ୍ରାଣ ହରାଉଥିବା ବେଳେ ବନବିଭାଗ କୌଣସି ଠୋସ୍ ପଦକ୍ଷେପ ନେଉନାହିଁ।

# ଶ୍ରୀମନ୍ଦିର ଓ ଗୁଣ୍ଡିଚା ମନ୍ଦିର ଚତୁଃପାର୍ଶ୍ୱରେ ନିର୍ମାଣ ପାଇଁ ହେବ ସ୍ୱତନ୍ତ୍ର ନିୟମ

ପୁରୀ, ୮।୬ (ସମିସ): ଶ୍ରୀମନ୍ଦିର ଓ ଶ୍ରୀଗୁଣ୍ଡିଚା ମନ୍ଦିର ଚତୁଃପାର୍ଶ୍ୱରେ ଅବସ୍ଥିତ ତଥା ଭବିଷ୍ୟତରେ ନିର୍ମିତ ହେବାକୁ ଥିବା କୋଠାବାଡ଼ି ପାଇଁ ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣ କରାଯିବ। ଏଥିଲାଗି ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ରାଜ୍ୟ ନଗର ଉନ୍ନୟନ ବିଭାଗକୁ ପତ୍ର ଲେଖିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ଲେଖିଥିବା ପତ୍ରରେ ମୁଖ୍ୟ ପ୍ରଶାସକ ଦର୍ଶାଇଛନ୍ତି ଯେ ଶ୍ରୀମନ୍ଦିର ଏବଂ ଶ୍ରୀଗୁଣ୍ଡିଚା ମନ୍ଦିର ସୁରକ୍ଷା ତଥା

**ନଗର ଉନ୍ନୟନ ବିଭାଗକୁ ପତ୍ର ଲେଖିଲେ ମୁଖ୍ୟ ପ୍ରଶାସକ**

ଏହାର ସାଂସ୍କୃତିକ ଐତିହ୍ୟକୁ ଦୃଷ୍ଟିରେ ରଖି ଏହି କୋଠାବାଡ଼ିଗୁଡ଼ିକର ଉଚ୍ଚତା ଧାର୍ଯ୍ୟ ହେବା ସହ ସମ୍ମୁଖ ଭାଗ କଳିଙ୍ଗ ସ୍ଥାପତ୍ୟ ଢାଞ୍ଚାରେ କରାଯିବା ନେଇ ଏକ ନୀତି ପ୍ରସ୍ତୁତି ହେବା ଜରୁରୀ। ସେହିପରି କୋଠାବାଡ଼ିଗୁଡ଼ିକ ବ୍ୟବହାର କରୁଥିବା ନାମଫଳକ ଏବଂ ବିଜ୍ଞାପନ ଉପରେ ମଧ୍ୟ ଆବଶ୍ୟକ କଟକଣା ପାଇଁ ଏଥିରେ ବ୍ୟବସ୍ଥା କରାଯାଇପାରେ ବୋଲି ସେ ଜଣାଇଛନ୍ତି। ଏତଦ୍‌ବ୍ୟତୀତ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ବାତାବରଣକୁ ବଜାୟ ରଖିବା ପାଇଁ ସୌନ୍ଦର୍ଯ୍ୟକରଣ ତଥା ଖାଲି ସ୍ଥାନ ବ୍ୟବହାର ନେଇ ମଧ୍ୟ ସେହି ନୀତିରେ ବିଚାର କରିବାକୁ ମୁଖ୍ୟ ପ୍ରଶାସକ ଅନୁରୋଧ କରିଛନ୍ତି। ପୂର୍ବରୁ ଗତ ମାସ ୨୬ ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟିର ଉଚ୍ଚସ୍ତରୀୟ ପ୍ରଶାସନିକ କମିଟି ବୈଠକରେ ଏନେଇ ଆଲୋଚନା ହେବା ସହ ସ୍ୱତନ୍ତ୍ର ନୀତି ପ୍ରଣୟନ ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।

# ଆଜି ଦଇତା ପ୍ରବେଶ

ପୁରୀ, ୮।୬(ସମିସ): ଆସନ୍ତା ୧୧ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ସ୍ନାନମଣ୍ଡପରେ ୧୦୮ ଗରା ଜଳରେ ସ୍ନାନ କରିବା ପରେ ଆରମ୍ଭ ହେବ ମହାପ୍ରଭୁଙ୍କ ଅଣସର ନୀତି। ଏହି ଗୁପ୍ତନୀତିକୁ ସମ୍ପାଦନ କରିବେ ଶ୍ରୀଅଙ୍ଗ ଲାଗି ସେବକ ଦଇତାପତି। ସୋମବାର ଦଇତାପତିମାନେ ଶ୍ରୀମନ୍ଦିର ପ୍ରବେଶ କରିବେ। ରାତ୍ର ବଡ଼ସିଂହାର ସରି ଶ୍ରୀମୁଖ ଖଣ୍ଟୁଆ ପଡ଼ିବା ପରେ ଦଇତାପତିମାନେ ଶ୍ରୀଅଙ୍ଗ ସୁରକ୍ଷା ଲାଗି ବାହୁଟ କଣ୍ଟ କରିବେ। ଶ୍ରୀସୁଦର୍ଶନଙ୍କୁ ବଡ଼ବାଡ଼ କୋଣ ଖଟୁଲି ଉପରେ ବିଜେ କରାଇବେ। ଏହାପରେ କୋଠ ସୁଆସିଆଁମାନେ ରତ୍ନସିଂହାସନ ନିକଟକୁ ଯାଇ ମହାପ୍ରଭୁଙ୍କ ପହଣ୍ଡି ପାଇଁ ଚାରବାଡ଼ ବାନ୍ଧିବେ। ୧୦ ତାରିଖରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ଲାଗି ଦଇତାପତିମାନେ ସେନାପଟା ଲାଗି କରିବେ।

■ ଦାଦନ ଯନ୍ତ୍ରଣା...

# କୋଏମ୍ବାଟୁରରୁ ଫେରିପାରିଲାନି ପୁଅର ଶବ

ମନମୁଣ୍ଡା, ୮ ।୬(ସମିସ): ବୌଦ୍ଧ ବ୍ଲକ୍ କସୁରବନ୍ଧ ପଞ୍ଚାୟତ ମଶିଣାପଡ଼ା ଗ୍ରାମରୁ ପୁଣି ଜଣେ ଦାଦନ ଶ୍ରମିକଙ୍କ ଯନ୍ତ୍ରଣାର କଥା ପଦାକୁ ଆସିଛି। ପରିବାର ପ୍ରତିପୋଷଣ ପାଇଁ ସୁଦୂର ତାମିଲନାଡୁ କୋଏମ୍ବାଟୁରକୁ ଯାଇଥିବା ଗାଁର ରାଜେଶ ମଲ୍ଲିକ ଓରଫ୍ ଲିଲୁ (୨୭)ଙ୍କ ସେଠାରେ ମୃତ୍ୟୁ ଘଟିଛି। ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ବାପଛେଉଣ୍ଡ ଏହି ଯୁବକଜଣଙ୍କ ବିଧବା ମା' ଓ ୩ ଭାଇଙ୍କ ପୋଷଣ ପାଇଁ ଅଧିକ ଅର୍ଥ ରୋଜଗାର



ସକାଶେ ତାମିଲନାଡୁ ଯାଇଥିଲା। ସେଠାରେ ସେ ଏକ କମ୍ପାନୀରେ କାମ କରୁଥିଲେ। ଜଣ୍ଡିସ୍‌ରେ ଆକ୍ରାନ୍ତ ହେତୁ ସେଠାକାର ଏକ ଡାକ୍ତରଖାନାରେ ତାଙ୍କର ଚିକିତ୍ସା ଚାଲିଥିଲା। କିନ୍ତୁ, ଦୁର୍ଭାଗ୍ୟକୁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଏହି ଦୁଃଖଦ ଖବର ପାଇ ତାଙ୍କ ମା' ତପ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ସାନ ଭାଇ ଆରିଆନ ମା'ଙ୍କୁ ଘରେ ଜଗିଛି। ଅନ୍ୟ ୨ଭାଇ ରାକେଶ ଏବଂ ମୁକେଶ ଘରକୁ ଶବ ଫେରାଇ ଆଣିବାକୁ କୋଏମ୍ବାଟୁର ଯାଇଥିଲେ। ଭାଷାଗତ ଅସୁବିଧା ଓ ବଡ଼ ସହରରେ ଗାଉଁଲି ୨ଭାଇ ଠିକଣା ପାଇବାରେ ଅସୁବିଧା ଆଶଙ୍କାରେ ମଶିଣାପଡ଼ାର ଜଣେ ତାମିଲ ଯୁବକ ବାସୁଦେବ ସେଟିଆର ସେମାନଙ୍କ ସହ ସେଠାକୁ ଯାଇଥିଲେ। ହେଲେ, ଶବ ଆଣିବାକୁ ୮୦ ହଜାର ଟଙ୍କା ଗାଡ଼ି ଭଡ଼ା ଲାଗିବ ବୋଲି ସେଠିକାର ଗାଡ଼ି ମାଲିକ କହିବାରୁ ୨ଭାଇ ଅସହାୟ ହୋଇପଡ଼ିଥିଲେ। ଶେଷରେ ବାସୁଦେବଙ୍କ ସହଯୋଗରେ ୨ ଭାଇ ସେଠାରେ ଭାଇର ଅନ୍ତିମ ସଂସ୍କାର କରି ଘରକୁ ଫେରିଛନ୍ତି।

## ବର୍ଷିଲା କିଷାନ କଂଗ୍ରେସ

# ଚାଷୀଙ୍କୁ ହତାଦର କରୁଛି ବିଜେପି ସରକାର



ଭୁବନେଶ୍ୱର,୮।୬(ସମିସ): ଚାଷୀଙ୍କଠାରୁ ବ୍ୟବସ୍ଥିତ ଢଙ୍ଗରେ ଧାନ କ୍ରୟ କରି ସେମାନଙ୍କୁ ନିର୍ଦ୍ଧାରିତ ସମୟରେ ଉଚିତ୍ ମୂଲ୍ୟ ପ୍ରଦାନ କରିବେ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସରକାରଙ୍କ ଏହି ପ୍ରତିଶ୍ରୁତି ସଂପୂର୍ଣ୍ଣ ପ୍ରତାରଣାରେ ପରିଣତ ହୋଇଛି। ୧୫ହଜାର କ୍ୱିଣ୍ଟାଲ ଧାନ ବିକିଥିବା ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍‌ର ୩୪୪ ଚାଷୀ ପାଖାପାଖି ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନ ପାଇବା ଏହାର ନିଛକ ଉଦାହରଣ ବୋଲି କହିଛି କିଷାନ କଂଗ୍ରେସ।

ଏକ ପ୍ରେସ୍‌ବାର୍ତ୍ତାରେ କିଷାନ କଂଗ୍ରେସ କହିଛି ଯେ ଦୀର୍ଘ ୪ମାସ ଧରି ବାରମ୍ବାର ଜିଲ୍ଲା ପ୍ରଶାସନ ନିକଟରେ ବକେୟା ଟଙ୍କା ଦାବି କରି ନିରାଶ ହେବା ପରେ ସମ୍ପୃକ୍ତ ଚାଷୀମାନେ ଏବେ ଭୁବନେଶ୍ୱରରେ ଅହୋରାତ୍ର ଧାରଣାରେ ବସିଛନ୍ତି। କିନ୍ତୁ ୩ ଦିନ ହେଲା ଚାଷୀମାନେ ଧାରଣାରେ ବସିଥିଲେ ମଧ୍ୟ ସରକାର ଏଥିପ୍ରତି କୌଣସି ଦୃଷ୍ଟି ଦେଉନାହାନ୍ତି। ଏହି ପରିପ୍ରେକ୍ଷୀରେ ଆଜି ରାଜ୍ୟ କିଷାନ କଂଗ୍ରେସର ଅଧ୍ୟକ୍ଷ ଅମିୟ ପଟ୍ଟନାୟକ ଧାରଣାରତ ଚାଷୀଙ୍କୁ ସାକ୍ଷାତ କରିବା ସହ କଂଗ୍ରେସ ଦଳର ସମର୍ଥନ ଜଣାଇଛନ୍ତି। ଏହାସହ ସେ କହିଛନ୍ତି ଯେ ଚାଷୀମାନଙ୍କୁ ହତାଦର କରି ବିଜେପି ସରକାର ପ୍ରଥମ ବର୍ଷ ପୂର୍ତ୍ତି ପୂରଣ ଅବସରରେ ମିଛ ଛବିର

■ ଧାନ ବିକା ଟଙ୍କାକୁ ଚାହିଁ ବସିଛନ୍ତି ରାଇଘରର ୩୪୪ ଚାଷୀ
■ ଧାରଣାରତ ଚାଷୀଙ୍କୁ ସମର୍ଥନ ଜଣାଇଲା କିଷାନ କଂଗ୍ରେସ

ସଫଳତା ବଖାଣିବାରେ ବ୍ୟସ୍ତ ରହିଛି। ଏହା ଚାଷୀଙ୍କ ପ୍ରତି ଉପହାସ। ସରକାର ଓ ପ୍ରଶାସନ ଚାଷୀମାନଙ୍କ ପ୍ରତି ଯେପରି ଅବହେଳା କରିଛନ୍ତି, ଏହାକୁ କୌଣସି ପ୍ରକାରେ ବରଦାସ୍ତ କରାଯିବ ନାହିଁ। କାଳବିଳମ୍ବ ନକରି ସରକାର ଧାରଣରତ ଚାଷୀମାନଙ୍କ ନିକଟକୁ ଆସି ସେମାନଙ୍କର ସମସ୍ୟା ସମାଧାନ କରିବା ସହିତ ୪ କୋଟିରୁ ଊର୍ଦ୍ଧ୍ୱ ବକେୟା ଟଙ୍କା ତୁରନ୍ତ ପ୍ରଦାନ କରିବାକୁ କିଷାନ କଂଗ୍ରେସ ପକ୍ଷରୁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି।

# ଯୁବ କଂଗ୍ରେସ କର୍ମୀ-ପୁଲିସ ଧସ୍ତାଧସ୍ତି

ଭୁବନେଶ୍ୱର,୮।୬(ସମିସ): ପୁରୀ ସାଂସଦ ସମ୍ବିତ ପାତ୍ରଙ୍କୁ ବିରୋଧ କରିବା ଅଭିଯାନକୁ ତୀବ୍ର କରିଛି ରାଜ୍ୟ ଯୁବ କଂଗ୍ରେସ। କଳିଙ୍ଗନଗରସ୍ଥିତ ତାଙ୍କ ବାସଭବନ ଆଗରେ ରବିବାର ଅଭିନବ ପ୍ରତିବାଦ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ଯୁବ କଂଗ୍ରେସ କର୍ମୀ। ସାଂସଦ ଶ୍ରୀ ପାତ୍ରଙ୍କୁ ପାଗଳ ହସ୍ପିଟାଲ ନେବା ପାଇଁ ଆମ୍ବୁଲାନ୍ସ ଓ ଷ୍ଟ୍ରେଚର ନେଇ ପହଞ୍ଚିଥିଲେ ଯୁବ କଂଗ୍ରେସ କର୍ମୀ। ନିକଟରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମ୍ପର୍କରେ ଡଃ ପାତ୍ର ଦେଇଥିବା ଟିପ୍ପଣୀକୁ ବିରୋଧ କରି ଯୁବ କଂଗ୍ରେସ ତାଙ୍କୁ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି କହିବା ସହ ତାଙ୍କୁ ପାଗଳଙ୍କ ଚିକିତ୍ସା ପାଇଁ ଥିବା ଡାକ୍ତରଖାନାରେ ଭର୍ତ୍ତି କରାଯିବା ଉଚିତ ବୋଲି କହିଛି। ଏଥିପାଇଁ ବିକ୍ଷୋଭସ୍ଥଳକୁ ଏକ ଆମ୍ବୁଲାନ୍ସ ଅଣାଯାଇଥିଲା। ସମ୍ବିତ ପାତ୍ରଙ୍କ ଫଟୋ ଥାଇ ଫ୍ଲେକ୍ସ ପରିଧାନ କରିଥିବା ଜଣେ ବ୍ୟକ୍ତିଙ୍କୁ ଷ୍ଟ୍ରେଚର୍ ଯୋଗେ ଆମ୍ବୁଲାନ୍ସ ଯାଏଁ ଅଣାଯାଇଥିଲା। ସେଠାରେ ପୁଲିସ ସହ ଯୁବ କଂଗ୍ରେସ କର୍ମୀଙ୍କର ଧସ୍ତାଧସ୍ତି ହୋଇଥିଲା ଏବଂ ପରିଶେଷରେ ପୁଲିସ ଯୁବ କଂଗ୍ରେସ କର୍ମୀମାନଙ୍କୁ ଘଟଣାସ୍ଥଳରୁ ଭ୍ୟାନ୍ ଯୋଗେ ଉଠାଇ ନେଇଥିଲା।

■ ସମ୍ବିତ ପାତ୍ରଙ୍କୁ ପାଗଳ ହସ୍ପିଟାଲ ନେବାକୁ ଆମ୍ବୁଲାନ୍ସ ଧରି ପହଞ୍ଚିଲେ କର୍ମୀ
■ ବିକ୍ଷୋଭସ୍ଥଳରୁ ଭ୍ୟାନ୍‌ରେ ଯୁବ କଂଗ୍ରେସ କର୍ମୀଙ୍କୁ ଉଠାଇନେଲା ପୁଲିସ



ସୂଚନା ଥାଉ କି, ରବିବାର ସକାଳେ ଯୁବ କଂଗ୍ରେସ କର୍ମୀମାନେ ଏକ ବିଶାଳ ର୍‌ୟାଲିରେ ସମ୍ବିତ ପାତ୍ରଙ୍କ ଘର ପର୍ଯ୍ୟନ୍ତ ଯାଇ ସେଠାରେ ପ୍ରାୟ ଦୁଇଘଣ୍ଟା କାଳ ତାଙ୍କ ବାସଭବନକୁ ଘେରଉ କରି ରଖିଥିଲେ। ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଛନ୍ତି ଯେ ସାଂସଦ ସମ୍ବିତ ପାତ୍ର ନିଜର ପଦମର୍ଯ୍ୟାଦା ରଖୁନାହାନ୍ତି। ତାଙ୍କ ନିୟନ୍ତ୍ରଣରେ ତାଙ୍କ ଜିଭ ନାହିଁ। ସେ ଚର୍ଚ୍ଚାରେ ରହିବାପାଇଁ ଯାହାପରେ ତାହା କହିଚାଲିଛନ୍ତି। ରାହୁଲ ଗାନ୍ଧୀଙ୍କ ଦେଶଭକ୍ତି, ସାଧୁତା ଏବଂ ରାଷ୍ଟ୍ରପ୍ରତି ତାଙ୍କର ସମର୍ପଣଭାବକୁ ଭାରତବାସୀ ଜାଣନ୍ତି। ଚୀନ୍ ଓ ପାକିସ୍ତାନରୁ ଅର୍ଥ ଆଣି ରାହୁଲ ଗାନ୍ଧୀ ଭାରତରେ ଅସ୍ଥିରତା ସୃଷ୍ଟି କରୁଛନ୍ତି ବୋଲି ସମ୍ବିତ ପାତ୍ର ଯେଉଁ ଆକ୍ଷେପ କରିଛନ୍ତି, ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେ ପୂର୍ବରୁ ତାଙ୍କ ବକ୍ତବ୍ୟରେ ଜଗତର ନାଥ ଜଗନ୍ନାଥ ମୋଦୀଙ୍କ ଭକ୍ତ ବୋଲି କହି ବିଶ୍ୱବାସୀଙ୍କ ନିକଟରେ ନିନ୍ଦିତ ହୋଇଛନ୍ତି। ତେଣୁ ମିଥ୍ୟା କଥା କହି ଜନସାଧାରଣଙ୍କୁ ବିଭ୍ରାନ୍ତ କରୁଥିବା ସମ୍ବିତ ପାତ୍ରଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଯୁବ କଂଗ୍ରେସ ଦାବି କରୁଥିବା ସେ କହିଛନ୍ତି।

କାର୍ଯ୍ୟକ୍ରମରେ ଭୁବନେଶ୍ୱର ଲୋକସଭା କଂଗ୍ରେସ ପ୍ରାର୍ଥୀ ସୟଦ ୟାସିର୍ ନୱାଜ କହିଥିଲେ ଯେ ସମ୍ବିତ ପାତ୍ରଙ୍କ ବକ୍ତବ୍ୟ ପାଗଳର ପ୍ରଳାପ। ସମାଜ ଭିତରେ ଏଭଳି ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିକୁ ଖୋଲା ଛଡ଼ାଯିବା ଉଚିତ ନୁହେଁ। ତେଣୁ ତାଙ୍କର ମାନସିକ ଚିକିତ୍ସା ଆବଶ୍ୟକ। ଗଣତାନ୍ତ୍ରିକ ବ୍ୟବସ୍ଥା ଭିତରେ ଲୋକସଭାର ବିରୋଧୀ ଦଳ ନେତାଙ୍କ ପ୍ରତି ତାଙ୍କର ସମ୍ମାନ ନାହିଁ। ସଂସଦ ଭିତରେ ଏଭଳି ଜଣେ ପାଗଳ ବ୍ୟକ୍ତିଙ୍କୁ ପ୍ରବେଶ କରାଇବା ମଧ୍ୟ ଉଚିତ ନୁହେଁ ବୋଲି ସେ କହିଛନ୍ତି। ସମ୍ବିତ ପାତ୍ର କ୍ଷମା ନ ମାଗିଲେ ସାରା ଓଡ଼ିଶାରେ ସେ ଯେଉଁଠାକୁ ଗସ୍ତ କରିବେ ତାଙ୍କୁ ସେଠାରେ ଜବାବ ଦିଆଯିବ ବୋଲି ସେ କହିଛନ୍ତି।

## ଶ୍ରୀମନ୍ଦିରରେ ଅଘଟଣ

# ଗରମ ଡାଲି ପଡ଼ି ୭ ଭକ୍ତ ଆହତ

ପୁରୀ, ୮।୬(ସମିସ): ଶ୍ରୀମନ୍ଦିରରେ ଘଟିଛି ଅଘଟଣ। ଗରମ ଡାଲି ପଡ଼ି ୭ଜଣ ଭକ୍ତ ଆହତ ହୋଇଛନ୍ତି। ସମସ୍ତ ଭକ୍ତ ନୟାଗଡ଼ ବାସିନ୍ଦା ବୋଲି ଜଣାପଡ଼ିଛି। ସେମାନଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଛି। ସୂଚନାନୁସାରେ, ଚଳିତବର୍ଷ ଦେବସ୍ନାନ ପୂର୍ଣ୍ଣିମା ପୂର୍ବରୁ ଆଜି ଥିଲା ଶେଷ ରବିବାର। ତେଣୁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଭୋଗ ମଣ୍ଡପ ଉଠିବା ପରେ ବୋଝିଆ ଗରମ ଡାଲି ନେଇ ଯାଉଥିଲେ। ଅସାବଧାନତା ହେଉ କିମ୍ବା ଅନ୍ୟ କୌଣସି କାରଣ ପାଇଁ ଭକ୍ତମାନଙ୍କ ଉପରେ ଗରମ ଡାଲି ପଡ଼ି ଯାଇଥିଲା। ଏଥିରେ ୭ ଭକ୍ତ ଆହତ ହୋଇଥିଲେ। ତୁରନ୍ତ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସୂଚନାଥାଉ କି, ବିଭିନ୍ନ ସମୟରେ ଭୋଗ ବୁହାଉଥିବାବେଳେ ବୋଝିଆଙ୍କ ଗୋଡ଼ ଖସିଯାଏ। ସେମାନେ ପଡ଼ିଯିବା ସହ ମହାପ୍ରସାଦ କୁଡୁଆ ଭାଙ୍ଗି ଭକ୍ତ ଏବଂ ବୋଝିଆ ଆହତ ହୋଇଥା'ନ୍ତି।

# ଜଣଙ୍କ ଜୀବନ ନେଲେ ମାଓବାଦୀ

ମାଲକାନଗିରି,୮ ।୬(ସମିସ): ମାଲକାନଗିରି ଛତିଶଗଡ଼ ସୀମାନ୍ତ ବିଜାପୁର ଜିଲ୍ଲାରେ ପୁଣି ମାଓ ହିଂସା ଦେଖିବାକୁ ମିଳିଛି। ଦିନ ବେଳେ ଜଣେ ଗ୍ରାମବାସୀଙ୍କୁ ଅତି ନିର୍ମମ ଭାବେ ଗଳା କାଟି ହତ୍ୟା କରିଛନ୍ତି ଲାଲ୍ ବାହିନୀ। ମାଓ ନେତା ହିଡମାଙ୍କ ନିଜ ଗାଁ ପୂବର୍ତ୍ତୀରେ ଏହି ହିଂସାକାଣ୍ଡ ଘଟିଛି। ୧୦ରୁ ୧୫ଜଣ ସଶସ୍ତ୍ର ନକ୍ସଲ ଗାଁକୁ ଆସି ଏହି ହତ୍ୟାକାଣ୍ଡ କରିଛନ୍ତି। ଗାଁରେ ଏକ ସିଆରପିଏଫ କ୍ୟାମ୍ପ ରହିଥିବା ବେଳେ କ୍ୟାମ୍ପଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ଏପରି ହିଂସା କାଣ୍ଡ



ଘଟାଇଛନ୍ତି ମାଓବାଦୀ। ମାଓନେତା ହିଡ଼ମାଙ୍କ ୧୫ବର୍ଷ ତଳର ଫଟୋ ସମସ୍ତଙ୍କ ପାଖରେ ଥିଲା। ହେଲେ ବର୍ତ୍ତମାନର ଏକ ତାଜା ଫଟୋ ଭାଇରାଲ ହେବା ପରେ ମାଓବାଦୀମାନେ ରାଗି ଯାଇଥିବା ସହ ତାଙ୍କ ଗ୍ରାମରେ ଭୟ ସୃଷ୍ଟି କରିବା ପାଇଁ ଏପରି କାଣ୍ଡ ଭିଆଇଥିବା କୁହାଯାଉଛି।

ସକାଳ
THE SAKALA



www.sakalaepaper.com

# ପବିତ୍ର ମୋହନ ମେଡିକାଲ କଲେଜ ଖୋଲିବାରେ ତ୍ରୁଟି କେଉଁଠି !

ତାଳଚେରସଦର, ୮ ।୬(ସମିସ)



ତାଳଚେରରେ ମାତ୍ରାଧିକ ଖଣି ଓ କାରଖାନା ଗଢ଼ି ଉଠିଥିବାରୁ ଏଠିକାର ପ୍ରଦୂଷଣ ଦିଲ୍ଲୀକୁ ମଧ୍ୟ ପଛରେ ପକାଇ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନରେ ରହୁଛି। ଅନ୍ୟପଟେ ଦେଶ ଏବଂ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ତାଳଚେରର ପ୍ରମୁଖ ଅବଦାନ ରହି ଆସିଛି। କିନ୍ତୁ ସେହି ଅନୁପାତରେ ତାଳଚେରବାସୀ ବିଭିନ୍ନ କ୍ଷେତ୍ରରେ ଅବହେଳିତ ହେଉଛନ୍ତି। ବିଜେଡି ସରକାର ସମୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୧ଟି ମେଡିକାଲ କଲେଜ ଖୋଲିଥିବା ବେଳେ ଗତ ଏକବର୍ଷ ମଧ୍ୟରେ ବିଜେପି ସରକାର ଆଉ ୮ ମେଡିକାଲ କଲେଜ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ୧୫ଶହ କୋଟି ଟଙ୍କା ସିଆର, ଡିଏମଏଫ୍ ବିନିଯୋଗ କରିସାରିବା ପରେ ତାଳଚେର ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଏପର୍ଯ୍ୟନ୍ତ କାହିଁକି ଖୋଲାଯାଇ ପାରି ନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମେଡିକାଲ କଲେଜରେ ଭିତ୍ତିଭୂମି ଅଭାବ କହି ଏମଏସସିଏସ୍ ହସ୍ପିଟାଲକୁ ଜିଲ୍ଲା ଚିକିତ୍ସାଳୟକୁ ଟିଚିଂ ହସ୍ପିଟାଲରେ ଘୋଷଣା କରି ଶହେରୁ ଉର୍ଦ୍ଧ୍ୱ ଡାକ୍ତର ପ୍ରଫେସର ମେ ପହିଲାରୁ ସେଠାରେ ସେବା ଯୋଗାଇ ଦେଲେଣି। ଏହି କାରଣରୁ ନୈତିକତା ଦୃଷ୍ଟିରୁ ତାଳଚେରର ଆଗଧାଡ଼ିର ନେତାମାନେ ବର୍ତ୍ତମାନ ଏହି ମେଡିକାଲ କଲେଜ ଖୋଲିବାରେ କେଉଁଠି ତ୍ରୁଟି ରହିଲା ବୋଲି ସ୍ପଷ୍ଟୀକରଣ ଦେବାର ଆବଶ୍ୟକତା ରହିଛି। ସୂଚନାଯୋଗ୍ୟ, ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଓ ହସ୍ପିଟାଲ ପାଇଁ ଏମସିଏଲ ପକ୍ଷରୁ ପ୍ରାୟ ୧୫ଶହ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏଠାରେ ସୁନ୍ଦର ଅଟ୍ଟାଳିକା ନିର୍ମାଣ ସହି ଶଯ୍ୟା ଓ ସରଞ୍ଜାମ ଆଦି ଯୋଗାଇ ଦିଆଯାଇଛି। ହେଲେ ଏହି କୋଠା ଏବେ ଭୂତକୋଠିରେ ପରିଣତ ହେବାକୁ ବସିଥିବା ବେଳେ କାହିଁକି ଖୋଲାଯାଉ ନାହିଁ ତାକୁ ନେଇ ବିଭିନ୍ନ କଳ୍ପନା ଜଳ୍ପନା ବୃଦ୍ଧି ପାଇଛି। ଏଠିକାର ଟାଣୁଆ ନେତାମାନେ ନିଜକୁ ତାଳଚେର ମାଟିର ପୁଅ କହୁଥିବା ବେଳେ ପ୍ରାୟ ୫ବର୍ଷ ହେବ ମେଡିକାଲ କଲେଜ ଖୋଲିବା ନେଇ ତାଙ୍କର କେତେ ଆନ୍ତରିକତା ଓ ପାରିବାପଣିଆ ରହିଛି ତାହା ସ୍ପଷ୍ଟ ବାରି ହୋଇପଡୁଛି।

■ ପଛକୁ ଗଡ଼ିଲା ଟ୍ରେଲର

## ଅଟୋ ଷ୍ଟାଣ୍ଡରେ ୩ ଗାଡ଼ିକୁ ଧକ୍କାଦେଲା

ଅନୁଗୋଳ, ୮ ।୬(ସମିସ): ଅନୁଗୋଳ ସହର ଦେଇ ଭାରୀଯାନ ଚଳାଚଳ ଉପରେ କଟକଣା ଜାରି ହୋଇଥିଲେ ବି ସହର ମଧ୍ୟରେ ଭାରୀଯାନ ଯୋଗୁଁ ଅନେକ ଦୁର୍ଘଟଣା ଘଟୁଛି। ରବିବାର ପୂର୍ବାହ୍ନରେ ସହରର କାଲଟାକ୍ସ ଛକ ନିକଟରେ ଏକ ଲୁହା ରଡ୍ ବୋଝେଇ ଟ୍ରେଲର ରାସ୍ତା ପାର୍ଶ୍ୱରେ ଥିବା ଟ୍ରଲି ଅଟୋ ଷ୍ଟାଣ୍ଡରେ ପଶିଯାଇ ଏକ ଟାଟା ମ୍ୟାଜିକ ଓ ମହିନ୍ଦ୍ରା ପିକଅପ ସମେତ ୩ ଗାଡ଼ିକୁ ଧକ୍କା ଦେଇଥିଲା। ମହିନ୍ଦ୍ରା ପିକଅପ ଗାଡ଼ିରେ ଚାଳକ ଭିତରେ ବସିଥିଲେ। ସେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତେବେ ପରେ ଜଣାପଡ଼ିଲା ଯେ ଟ୍ରେଲର ଚାଳକ ହ୍ୟାଣ୍ଡ ବ୍ରେକ ଦେଇ ଓହ୍ଲାଇବା ପରେ ବ୍ରେକ ଫେଲ ହୋଇଯାଇଥିଲା। ଫଳରେ ଗାଡ଼ି ଗଡ଼ାଣିଆ ସ୍ଥାନରେ ପଛକୁ ଗଡ଼ିଥିଲା। ଅନୁଗୋଳ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମହିନ୍ଦ୍ରା ପିକଅପରେ ଫସି ରହିଥିବା ଚାଳକଙ୍କୁ ଉଦ୍ଧାର କରିବା ସହ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଥାନାକୁ ନେଇଛି।

## ବାଇକ ସହ ୨ ଛୁରୀ ଜବତ; ଶିକାରୀ ଚମ୍ପଟ

କଣିହାଁ, ୮ ।୬(ସମିସ): କଣିହାଁ ବନାଞ୍ଚଳ ଅନ୍ତର୍ଗତ କଣିହାଁ-୨ ରେଙ୍ଗାଳି ଫରେଷ୍ଟ ବିଟ୍‌ରେ ପାଟ୍ରୋଲିଂ ବେଳେ ଶନିବାର ବିଳମ୍ବିତ ରାତିରେ ବନ ବିଭାଗ କର୍ମଚାରୀଙ୍କୁ ଦେଖି ଶିକାରୀ ଚମ୍ପଟ ମାରିଥିଲେ। ବନ ବିଭାଗ ଗୋଟିଏ ବାଇକ୍ ସହ ଦୁଇଟି ଛୁରୀ ଜବତ କରିଛି। ସୂଚନା ଅନୁଯାୟୀ, ଶନିବାର ରାତି ସାଢ଼େ ୧୨ଟାରେ ହନୁମାନପୁର ପଞ୍ଚାୟତ ଅନ୍ଧାରି ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ସ୍ଥାନୀୟ ବିଟ ବନପାଳ ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ବନବିଭାଗ ପକ୍ଷରୁ ପାଟ୍ରୋଲିଂ ଚାଲିଥିଲା। ତେବେ ଶିକାରୀ ବନ କର୍ମଚାରୀଙ୍କୁ ଦେଖି ଘଟଣାସ୍ଥଳରେ ବାଇକ ସହିତ ଦୁଇଟି ଛୁରୀ ଛାଡ଼ି ଚମ୍ପଟ ମାରିଥିଲେ। ଏ ନେଇ ରବିବାର କଣିହାଁ ରେଞ୍ଜ ଅଧିକାରୀ ନୀଳାଦ୍ରିନାଥ ସାହୁ କଣିହାଁ ଥାନାରେ ଅଭିଯୋଗ କରିଛନ୍ତି। ଏଥିସହ ଜବତ ବାଇକ ଓ ଛୁରୀକୁ ପୁଲିସକୁ ହସ୍ତାନ୍ତର କରାଯାଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବନ୍ୟଜନ୍ତୁ ଶିକାର ପାଇଁ ଶିକାରୀମାନେ ଚୋରା ବନ୍ଧୁକ ସହ ବିଭିନ୍ନ ମାରଣାସ୍ତ୍ର ବ୍ୟବହାର କରୁଛନ୍ତି। ବନ୍ୟଜନ୍ତୁ ସୁରକ୍ଷା ପାଇଁ ଉଭୟ ପୁଲିସ ଓ ବନବିଭାଗ ମିଳିତ ଚଢ଼ଉ କରିବା ସହ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ପରିବେଶବିତି ମତ ଦେଇଛନ୍ତି।



## ଅଦ୍ୱୈତ ମାର୍ଗ ନୋ ପାର୍କିଂ ଜୋନ୍ ଘୋଷିତ

ଅନୁଗୋଳ, ୮ ।୬(ସମିସ): ଅନୁଗୋଳର ଅଦ୍ୱୈତ ମାର୍ଗ ତଥା ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖ ରାସ୍ତାକୁ ନୋ ପାର୍କିଂ ଜୋନ ଘୋଷଣା କରିଛି ଆଞ୍ଚଳିକ ପରିବହନ ବିଭାଗ। ପୂର୍ବରୁ ଏହି ରାସ୍ତାରେ ଟ୍ରକ୍, ମିନିଟ୍ରକ, ଅଟୋଠାରୁ ଆରମ୍ଭ କରି ଟ୍ରଲିରିକ୍ସା ମନଇଚ୍ଛା ପାର୍କିଂ କରାଯାଉଥିଲା। ଫଳରେ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ଏ ନେଇ ଅଭିଯୋଗ ହେବାପରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ପାର୍କିଂ ଉପରେ ରୋକ୍ ଲଗାଯାଇଛି। ଏହି ଅଞ୍ଚଳରେ ବେଆଇନ ପାର୍କିଂ କଲେ ଚାଲାଣ କଟିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଏହି ରାସ୍ତାର ଉଭୟ ପାର୍ଶ୍ୱ ପାଚେରିରେ ପଟ୍ଟଚିତ୍ର ଆଙ୍କି ସଜାଇଛି ଅନୁଗୋଳ ପୌରପାଳିକା।

## ଘରୁ ନାଗସାପ ଉଦ୍ଧାର



ବଇଣ୍ଡା, ୮ ।୬(ସମିସ): କିଶୋରନଗର ବ୍ଲକ ହଣ୍ଡପା ଥାନା ବଣିନାଳି ଗ୍ରାମର ଅକ୍ଷୟ ପ୍ରଧାନଙ୍କ ଘରୁ ରବିବାର ଏକ ନାଗସାପ ଉଦ୍ଧାର କରାଯାଇଛି। ସାପକୁ ଦେଖି ଅକ୍ଷୟ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ। ସିଦ୍ଧେଶ୍ୱର ଅକ୍ଷୟଙ୍କ ଘରେ ପହଞ୍ଚି ସୁରକ୍ଷିତ ଅବସ୍ଥାରେ ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଥିଲେ।

## ଭାତ ହାଣ୍ଡିରେ ପଡ଼ି ଶିଶୁ ଗୁରୁତର

ବଇଣ୍ଡା, ୮ ।୬(ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଘୋଡ଼ାବାନ୍ଧୁଣି ଗ୍ରାମରେ ଶନିବାର ସୁନୀଲ ଭୋଇଙ୍କ ୫ ବର୍ଷର ପୁଅ ସୋମରାଜ ଭୋଇ ଭାତ ହାଣ୍ଡିରେ ପଡ଼ି ଗୁରୁତର ଆହତ ହୋଇଛନ୍ତି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ତାଙ୍କ ଶରୀର ୫୦ ପ୍ରତିଶତ ପୋଡ଼ିଯାଇଛି। ସୋମରାଜଙ୍କ ମା' ଚୁଲିରୁ ଭାତହାଣ୍ଡି ତଳକୁ ଆଣୁଥିବା ବେଳେ ସୋମରାଜ ସେଥିରେ ପଡ଼ିଯାଇଥିଲେ।

## ବାଇକ, ପିକଅପ୍ ଭ୍ୟାନ ଜବତ; ୨ ଗିରଫ

ବଇଣ୍ଡା, ୮ ।୬(ସମିସ): ହଣ୍ଡପା ଓ ଠାକୁରଗଡ଼ ଥାନା ପୁଲିସ ଶନିବାର ରାତିରେ ବିଭିନ୍ନ ସ୍ଥାନରେ ଗାଡ଼ିମଟର ଯାଞ୍ଚ କରିଛି। ହଣ୍ଡପା ପୁଲିସ କମରେଇ ଅଞ୍ଚଳରେ ଗାଡ଼ି ଯାଞ୍ଚ କରୁଥିବା ସମୟରେ ମଦ୍ୟପାନ କରି ପିକଅପ ଭ୍ୟାନ ଚଳାଉଥିବା ଅଭିଯୋଗରେ ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ପଳାଶୁଣି ଗ୍ରାମର ରମା ସିଂକୁଙ୍କୁ ଗିରଫ କରିଛି। ରମା ମଦ୍ୟପାନ କରି ଦ୍ରୁତଗତିରେ ଗାଡ଼ି ଚଳାଉଥିବା ବେଳେ ପୁଲିସ ଯାଞ୍ଚ କରି ତାଙ୍କୁ ଗିରଫ କରିଛି। ତାଙ୍କ ଗାଡ଼ି ଜବତ କରାଯାଇଛି। ଏ ନେଇ ହଣ୍ଡପା ଥାନାରେ ଏକ ମାମଲା ରୁଜୁ ହୋଇଛି। ସେହିପରି ଠାକୁରଗଡ଼ ପୁଲିସ ଠାକୁରଗଡ଼ ଅଞ୍ଚଳରେ ଗାଡ଼ି ଯାଞ୍ଚ କରୁଥିବା ସମୟରେ ମଦ୍ୟପାନ କରି ବାଇକ ଚଳାଉଥିବା ଅଭିଯୋଗରେ କୋରାବ ଗ୍ରାମର ଦୋଳଗୋବିନ୍ଦ ନାୟକଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ବାଇକ ଜବତ କରାଯାଇଛି। ଏ ନେଇ ଠାକୁରଗଡ଼ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଠେଙ୍ଗାରେ ପିଟି ହତ୍ୟା ଘଟଣାରେ ଜଣେ ଗିରଫ

ପାଲଲହଡ଼ା, ୮ ।୬(ସମିସ): ଗୁରୁବାର ରାତିରେ ପାଲଲହଡ଼ା ଥାନା ବନ୍ଧାଭୂଇଁ ପଞ୍ଚାୟତ ଭୀମକାଣ୍ଡ ଗାଁର ନକୁଳ ପ୍ରଧାନ (୫୫)ଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା ଘଟଣାରେ ରବିବାର ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସେହି ଗାଁର କାହ୍ନା ପ୍ରଧାନ। ଏହି ଘଟଣାରେ ସମ୍ପୃକ୍ତ କାହ୍ନାଙ୍କ ଭାଇ ଜିତୁ ପ୍ରଧାନ ଏବେ ବି ଫେରାର ଅଛନ୍ତି। ଖୁବଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ ଏବଂ ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ ସୂଚନା ଦେଇଛନ୍ତି। ଗୁରୁବାର ରାତିରେ ନକୁଳଙ୍କ ସହ କାହ୍ନା ଓ ଜିତୁଙ୍କ ଝଗଡ଼ା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଦୁଇଭାଇ ନକୁଳଙ୍କୁ ଏକ ଠେଙ୍ଗାରେ ପିଟି ପିଟି ହତ୍ୟା କରି ଫେରାର ହୋଇଯାଇଥିଲେ। ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।



■ ପର୍ଯ୍ୟଟକଙ୍କୁ ଅପହରଣ ପରେ ମାଡ଼ମାରି ସୁନାଗହଣା ଲୁଟ୍ ଘଟଣା

## ୬ ଗିରଫ; ବୋଲେରୋ, କାର, ବାଇକ, ଲୁହା ପାଇପ୍ ଜବତ

ଅନୁଗୋଳ, ୮ ।୬(ସମିସ): ମେ ୨୯ ତାରିଖ ରାତି ପ୍ରାୟ ସାଢ଼େ ୧୦ଟାରେ ଅନୁଗୋଳ ମୃଷାପାପୁଲି ନିକଟରେ କେନ୍ଦ୍ରାପଡ଼ାରୁ ସମ୍ବଲପୁର ଆଡ଼କୁ ଯାଉଥିବା ଏକ ପର୍ଯ୍ୟଟକ ଦଳକୁ କିଛି ଦୁର୍ବୃତ୍ତ ଅଟକାଇ ନିର୍ଘାତ ମାଡ଼ ମାରିବା ସହ ଲୁଟପାଟ କରିବା ଘଟଣାରେ ସଦର ଥାନା ପୁଲିସକୁ ସଫଳତା ମିଳିଛି। ରବିବାର ପୁଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜରାସିଂହାର ପ୍ରଦୀପ ବେହେରା, ପ୍ରଦୀପ ସ୍ୱାଇଁ, ପିଣ୍ଟୁ ସାହୁ, ସୁସୁଡ଼ାର ବିଶ୍ୱଜିତ୍ ମହାପାତ୍ର, ପରଙ୍ଗର ମାନସ ରଞ୍ଜନ ପାତ୍ର ଓ ଜିତେନ୍ଦ୍ର ସେନାପତି। ଏମାନଙ୍କଠାରୁ ଗୋଟିଏ ବୋଲେରୋ ଗାଡ଼ି, ଗୋଟିଏ ଆକ୍ଟିଭା ସ୍କୁଟି, ଇଣ୍ଡିଗୋ କାର, ପଲ୍ସର ବାଇକ୍, ଦୁଇଟି ଲୁହାଛଡ଼, ଗୋଟିଏ ଠେଙ୍ଗା, ୭ଟି ମୋବାଇଲ ଏବଂ ୭ ହଜାର ଟଙ୍କା ଜବତ କରାଯାଇଛି।

ପୁଲିସ ସୂଚନା ମୁତାବକ, ମେ ୨୯ ରାତିରେ କେନ୍ଦ୍ରାପଡ଼ା ଅଞ୍ଚଳର ସୁବୁନ କୁମାର ନାୟକ ନିଜ ବନ୍ଧୁଙ୍କ ସହ ସମ୍ବଲପୁର ଆଡ଼କୁ ଯାଉଥିବା ବେଳେ ମୃଷାପାପୁଲି ନିକଟରେ ୧୦ରୁ ୧୨ ଜଣ ଦୁର୍ବୃତ୍ତ ଛଡ଼, ଠେଙ୍ଗାବାଡ଼ି ତଥା ଅନ୍ୟାନ୍ୟ ମାରଣାସ୍ତ୍ର ଧରି ସେମାନଙ୍କୁ ଅଟକାଇଥିଲେ। ଡ୍ରାଇଭର ଓ ଅନ୍ୟମାନଙ୍କୁ ନିସ୍ତୁକ ମାଡ଼ ମାରିବା ସହ ଏକ ନିଛାଟିଆ ସ୍ଥାନକୁ ନେଇ ସେଠାରେ ପୁଣି ମାଡ଼ମାରି ଲକ୍ଷେ ଟଙ୍କା ମାଗିଥିଲେ। ଦୁର୍ବୃତ୍ତମାନେ ପର୍ଯ୍ୟଟକଙ୍କ ପାଖରେ ଥିବା ଟଙ୍କା, ସୁନା ଅଳଙ୍କାର ସମେତ ମୋବାଇଲ ଛଡ଼ାଇ ନେଇଥିଲେ। ଏହି ସମୟରେ ପୁଲିସର ପାଟ୍ରୋଲିଂ ଗାଡ଼ି ଦେଖି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ପରଦିନ ସକାଳେ ସୁବୁନ୍ ଥାନାରେ ଅଭିଯୋଗ କରିବା ପରେ ଏସପିଙ୍କ ନିର୍ଦ୍ଦେଶରେ ପୁଲିସ ଛାନ୍‌ଭିନ ଆରମ୍ଭ କରିଥିଲା। ବ୍ୟବସାୟିକ ଶତ୍ରୁତାରୁ ଏହି ଘଟଣା ଘଟିଥିବା ପୁଲିସ ଅନୁସନ୍ଧାନରୁ ଜାଣିପାରିଥିଲା।

■ ଗୋଟିଏ ଦିନରେ ଦୁଇଭାଇଙ୍କ ମୃତ୍ୟୁ ଘଟଣା

## ପରିବାରକୁ ଭେଟି ସମବେଦନା ଜଣାଇଲେ ସାଂସଦ



ଅନୁଗୋଳ, ୮ ।୬(ସମିସ): ଅନୁଗୋଳ ତୁରଙ୍ଗ ଦୁର୍ଗାବିହାରସ୍ଥିତ ଅନ୍ନପୂର୍ଣ୍ଣା ସାହୁଙ୍କ ଘରେ କିଛିଦିନ ପୂର୍ବେ ଗୋଟିଏ ଦିନରେ ଦୁଇଭାଇ ଅଭିରାମ ସାହୁ ଓ ମହଗା ସାହୁଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ଅନ୍ନପୂର୍ଣ୍ଣାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ସାଂସଦଙ୍କ ସହ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ପ୍ରାକ୍ତନ ଜିଲ୍ଲା କୋଷାଧ୍ୟକ୍ଷ ରୁଚିର ନନ୍ଦ, ବିକଳ ସାହୁ, ତୁରଙ୍ଗ ସରପଞ୍ଚ ସମରେନ୍ଦ୍ର ଦେହୁରୀ, ତୋଫାନ ଦାସ, ମୁନା ସାହୁ, ପାଣ୍ଡୁ ନାୟକ ପ୍ରମୁଖ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ସେହିପରି ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତିଙ୍କ ମାଉସୀ ନୂଆଁହତା ଗ୍ରାମର ନିରାଶ ସାମଲଙ୍କ ଦ୍ୱାଦଶାହରେ ସାଂସଦ ପାଣି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିସହ ବିଜେପି କାର୍ଯ୍ୟକର୍ତ୍ତା ବୀର ବାରିକଙ୍କ ମା' କାମିନୀ ବାରିକଙ୍କ ଏକାଦଶାହରେ ସାଂସଦ ଯୋଗଦେଇଥିଲେ।

## ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ



ବଇଣ୍ଡା, ୮ ।୬(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପଞ୍ଚାୟତ ହତାଶିମିଳି ଗ୍ରାମରେ ବିକଶିତ କୃଷି ସଂକଳ୍ପ ଅଭିଯାନ ସଚେତନତା କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ତଥା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଠାକୁରଗଡ଼ ସରପଞ୍ଚ ଚାରୁଲତା ମିଶ୍ର ମୁଖ୍ୟଅତିଥି, ଆତ୍ମାର ପୂର୍ବତନ ଅଧ୍ୟକ୍ଷ ମହେଶ୍ୱର ଦେହୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବୈଜ୍ଞାନିକ ଡ. ଦେବାଶିଷ ମିଶ୍ରଙ୍କ ସମେତ କୃଷି ଅଧିକାରୀ, ମତ୍ସ୍ୟ ଅଧିକାରୀ, ଉଦ୍ୟାନ ଅଧିକାରୀ ପ୍ରମୁଖ ଯୋଗଦେଇ ବୈଜ୍ଞାନିକ ପଦ୍ଧତିରେ କୃଷି ଉପରେ ଲୋକଙ୍କୁ ବୁଝାଇଥିଲେ। ବ୍ଲକ କୃଷି ଅଧିକାରୀ ଜଗନ୍ନାଥ ବାରିକ ମଞ୍ଚ ପରିଚାଳନା କରିଥିଲେ। ପଞ୍ଚାୟତର ପ୍ରାୟ ୨୫୦ କୃଷକ ଏବଂ କୃଷିଜୀବୀ ଯୋଗଦେଇଥିଲେ। କୃଷି ଗ୍ରାମସେବକ ସୁନୀଲ କୁମାର ପ୍ରଧାନ, ଏଟିଏମ ଡିଲେଶ୍ୱର ପରିଡ଼ା ଓ ହତାଶିମିଳି ଗ୍ରାମ ସମ୍ପାଦକ ପ୍ରବୀଣ ବିଶ୍ୱାଳ ସହଯୋଗ କରିଥିଲେ।

## ୧୯୮୨ ମ୍ୟାଟ୍ରିକ ବ୍ୟାଚର ବନ୍ଧୁ ମିଳନ




କିଶୋରନଗର, ୮ ।୬(ସମିସ): ବିଲେଇନାଳି ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ୧୯୮୨ ବ୍ୟାଚର ବନ୍ଧୁ ମିଳନ ବିଶ୍ୱ ଯୁବକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଛି। ପୂର୍ବତନ ପ୍ରଧାନଶିକ୍ଷକ ରବିନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶିକ୍ଷକ ଯଜ୍ଞେଶ୍ୱର ପ୍ରଧାନ, ବାନାମ୍ବର ପ୍ରଧାନ, ରତ୍ନାକର ସାହୁ, ଗୁଣ୍ଡିଚା ପ୍ରଧାନ ଓ ଭବାନୀ ଶଙ୍କର ମିଶ୍ର ଯୋଗଦେଇ ଶିକ୍ଷା, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସମ୍ପର୍କ ଓ ତତ୍କାଳୀନ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଦୀର୍ଘ ୪୩ ବର୍ଷ ପରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଭେଟଘାଟ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା। ବିଦ୍ୟାଳୟର ପୂର୍ବତନ ଛାତ୍ରୀ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୌରୀ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ରବୀନ୍ଦ୍ର ବିଶ୍ୱାଳ, ସୁରଥ ନାୟକ, ଅନନ୍ତ ଚରଣ ସାହୁ, ଦୟାନିଧି ମାଝୀ, ଅହଲ୍ୟା ପ୍ରଧାନ, ଗୀତାଞ୍ଜଳି ମାଝୀ, ପବିତ୍ର ପ୍ରଧାନ, ଚୈତନ୍ୟ ସାହୁ, ଶିବରାମ ବେହେରା, ପୀତାମ୍ବର ସାହୁ, ଘନଶ୍ୟାମ ବିଶ୍ୱାଳ, ବିଜୟ ପ୍ରଧାନ, ଯଶୋବନ୍ତ ସାହୁ, ଗିରୀଶ ପ୍ରଧାନ, ଅଧିକାରୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଓ ପୂର୍ବତନ ସମିତି ସଭ୍ୟ ବିଜୟ କୁମାର ସାହୁ ଯୋଗଦେଇଥିଲେ। ଦୟାନିଧି ମାଝୀ ସ୍ୱାଗତ ଭାଷଣ ଓ ଗୌରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

■ ଅନ୍ତ୍ୟୋଦୟ ଗୃହ ଯୋଜନା

## ହିତାଧିକାରୀଙ୍କ ଘର ସ୍ଥିତି ଅନୁଧ୍ୟାନ କଲେ ବିଡିଓ

କିଶୋରନଗର, ୮ ।୬(ସମିସ): କିଶୋରନଗର ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ବିଡିଓ ସୁବ୍ରତ କୁମାର ବେହେରା ବିଭିନ୍ନ ପଞ୍ଚାୟତକୁ ଯାଇ ହିତାଧିକାରୀଙ୍କ ଘର ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଡିଓଙ୍କ ପରିଦର୍ଶନ ସମୟରେ ସମ୍ପୃକ୍ତ ପଞ୍ଚାୟତର ପିଇଓମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଡିଓ ବେହେରା ଜୀବିକା ମିଶନ ଦ୍ୱାରା ମହିଳା ଗୋଷ୍ଠୀଙ୍କ ଦ୍ୱାରା ଚଳିଥିବା ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ।



## ବଡ଼ହୁଲା ଗ୍ରାମ ଚଷା ସମାଜ ପୁଞ୍ଜି ବୈଠକ



ବଇଣ୍ଡା, ୮ ।୬(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଧୁଣ୍ଡି ଆମ୍ବତୋଟାରେ ୧୫ ଗ୍ରାମକୁ ନେଇ ଚଷା ସମାଜ ବୈଠକ ଅନୁଷ୍ଠିତ ହେଇଛି। ଗ୍ରାମ ପୁଞ୍ଜି ପକ୍ଷରୁ ସବୁ ବର୍ଷ ପରି ଏ ବର୍ଷ ମଧ୍ୟ ସବୁ ଚଷା ଭାଇମାନଙ୍କୁ ନେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କୃଷି ଅଧିକାରୀ ପ୍ରେମାନନ୍ଦ ନାୟକ ଯୋଗଦେଇ ସରକାରଙ୍କ ପକ୍ଷରୁ କୃଷକଙ୍କ ପାଇଁ ଥିବା ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ପଞ୍ଚାୟତରେ ୪ଟି ହାଇସ୍କୁଲର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁଞ୍ଜି ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ରାମଦେଓ ଉଚ୍ଚ ବିଦ୍ୟାଳୟର ଦିବ୍ୟରଞ୍ଜନ ମହାଲିକ ୫୨୭ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟର ଶୁଭ୍ରାସିନୀ ପ୍ରଧାନ ୫୧୫ ରଖି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମା' ମାହେଶ୍ୱରୀ ଉଚ୍ଚ ବିଦ୍ୟାଳୟର ପ୍ରଭାତି ସାହୁ ୪୦୪ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ସଭାପତି ଦୈତାରୀ ସାହୁ, ସମ୍ପାଦକ ବେଣୁଧର ଦେହୁରୀ, ଉପସଭାପତି ଲକ୍ଷ୍ମଣ ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଶ୍ନ କୁମାର ପ୍ରଧାନ, ପ୍ରଗଣା ସଭ୍ୟ ସୁରେଶ ପ୍ରଧାନ, ସହ ସମ୍ପାଦକ ନନ୍ଦକିଶୋର ସାହୁ, ଧୁଣ୍ଡି ସମାଜ ସଭାପତି ଋଷିନାଥ ପ୍ରଧାନ, ପୂର୍ବତନ ପୁଞ୍ଜି ସଭାପତି ବୃଷଭ ପ୍ରଧାନଙ୍କ ସମେତ ୧୫ ଗ୍ରାମର ସଭାପତି ତଥା ସମ୍ପାଦକ ଓ ସଦସ୍ୟ ଉପସ୍ଥିତ ଥିଲେ।

## ସାରସ୍ୱତ ସାଧକଙ୍କ ସ୍ମୃତିରେ ରକ୍ତଦାନ ଶିବିର

ଅନୁଗୋଳ, ୮ ।୬(ସମିସ)



ଅନୁଗୋଳ ନାଲକୋନଗରସ୍ଥିତ ସରେଗାମା ଭବନରେ ସାରସ୍ୱତ ସାଧକ ସ୍ୱର୍ଗତ ନିତ୍ୟାନନ୍ଦ ନାୟକଙ୍କ ସ୍ମୃତିରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ସେବା ଓ ସାଂସ୍କୃତିକ ଅନୁଷ୍ଠାନ ସାରେଗାମା, ସ୍ୱେଚ୍ଛାସେବୀ ସଂଗଠନ ସ୍ପନ୍ଦନ, ଆମ ଓଡ଼ିଶା ଓ ଜିଲ୍ଲା ରେଡ୍‌କ୍ରସ ସଂସ୍ଥା ମିଳିତ ସହଯୋଗରେ ଶିବିର ହୋଇଥିଲା। ମୁଖ୍ୟଅତିଥି ଭାବେ ନାଲକୋ ନିର୍ବାହୀ ନିର୍ଦ୍ଦେଶକ ନରେଲା ସୁବ୍ରମଣ୍ୟମ, ସମ୍ମାନିତ ଅତିଥି ଭାବେ ଜିଜିଏମ (ସିପିପି) ତଥା ସାରେଗାମାର ମୁଖ୍ୟ ପରାମର୍ଶଦାତା ସତ୍ୟବାଦୀ ମିଶ୍ର, ଅନ୍ୟତମ ଅତିଥି ଭାବେ ଜିଜିଏମ (ମାନବ ସମ୍ବଳ) ତଥା ସାରେଗାମାର ସଭାପତି ଶୁଭେନ୍ଦୁ କୁମାର ନାୟକ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ନିତ୍ୟାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ନାଲକୋ କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ, ସିଆଇଏସଏଫ ଯବାନ, ଘରୋଇ ସିକ୍ୟୁରିଟି ସଂସ୍ଥା କେଏସଏସଏର କର୍ମଚାରୀ ତଥା ପାରିପାର୍ଶ୍ୱିକ ଅଞ୍ଚଳବାସୀ ରକ୍ତଦାନ କରିଥିଲେ। ଜିଲ୍ଲା ରେଡ୍‌କ୍ରସ ରକ୍ତଭଣ୍ଡାର ଡାକ୍ତର ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। କିଶୋର କୁମାର ବେହେରା, ଅତିଥି ରଞ୍ଜନ ସ୍ୱାଇଁ, ଅଜୟ ମହାରଣା, ପ୍ରଦୀପ୍ତ ସାହୁ, ରମେଶ ସାହୁ, ଶ୍ରୀନିବାସ ସାହୁ, ରଶ୍ମିତା ଜେନା, ଦେବୀପ୍ରସାଦ ମହାପାତ୍ର, ନଳିନୀକାନ୍ତ ପଣ୍ଡା, ଅବିନାଶ ପ୍ରଧାନ, ପ୍ରଶାନ୍ତ କୁମାର ସାହୁ, ଚନ୍ଦନ କିଶୋର ଦଳେଇ, ମାଧବ ସେଠୀ, ବିଭୁ ପ୍ରସାଦ ଶତପଥୀ, ଦୁଷ୍ମନ୍ତ ନାଥ, ସୁଜିତ କୁମାର ବେହେରା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ନିତ୍ୟାନନ୍ଦ ଅନେକ କାଳଜୟୀ ପୁସ୍ତକ ରଚନା କରିଯାଇଛନ୍ତି। ଗତ ମାସ ୨୨ ତାରିଖ ତାଙ୍କ ଦେହାନ୍ତ ହୋଇଥିଲା। ତାଙ୍କ ଏକାଦଶାହରେ ସ୍ୱରଚିତ ପୁସ୍ତକ 'ଉତ୍କଳ ବୀରାଙ୍ଗନା' ବିଶିଷ୍ଟ ସାହିତ୍ୟିକଙ୍କ ଗହଣରେ ରାଉରକେଲାରେ ଉନ୍ମୋଚିତ ହୋଇଥିଲା।

## ପଟ୍ଟାମୁଣ୍ଡାଇରେ ଇଦ୍-ଉଲ୍-ଜୁହା ପାଳିତ

ପଟ୍ଟାମୁଣ୍ଡାଇ,୮।୬(ସମିସ): ଇସଲାମ ଧର୍ମର ଅନ୍ୟତମ ପବିତ୍ର ପର୍ବ ଇଦ୍-ଉଲ-ଜୁହା ପଟ୍ଟାମୁଣ୍ଡାଇରେ ପାଳିତ ହୋଇଯାଇଛି। ଇଦ୍ ଉପଲକ୍ଷେ ଇଦଘାଠାରେ ମୌଲାନା ଇସ୍ରାଫିଲ ଆମଜାଦୀ, ମୌଲାନା ସଲାଉଦ୍ଦିନ ଖାଁ ସମୂହ ନମାଜ ପାଠ କରାଇଥିଲେ। ଏହି ନମାଜ ସଭାରେ ୧୫୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ନମାଜ ଶେଷରେ ନିଜ ଦେଶ ଭାରତ ପାଇଁ ପ୍ରାର୍ଥନା କରାଯାଇ ଦେଶ ସୁରକ୍ଷା ଓ ଭାଇଚାରା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ପର୍ବକୁ ଗ୍ରାମ ମୁରବୀ ଶେଖ ମୋଇଉଦ୍ଦିନ, ଶେଖ ଅବଦୁଲ ବାରି, ଶେଖ ସାରାତୁଲ୍ଲା, ଇସ୍‌ମାଇଲ ଅଲ୍ଲୀ, ଶେଖ ଆମରୁଲ, ମୁସ୍ତର ଅଲ୍ଲୀ, ଶେଖ ଜାକିର ହୁସେନ, ସେକ ମହିରୁଲା, ମିର୍ଜ ଇବ୍ରାର ବେଗ, ତାରିକ ମହମ୍ମଦ, ମହମ୍ମଦ ଫିର୍ଦୋଷ, ଶେଖ ବାଦଶାହ, ଶେଖ ଜୁମା ପ୍ରମୁଖ ପ୍ରମୁଖ ପରିଚାଳନା କରିଥିଲେ।



## ଅବହେଳିତ ହାବଳଗଣ୍ଡ ହରିଜନ ବସ୍ତି

# ରାସ୍ତା ଶୋଚନୀୟ, ହୋଇନି ପାନୀୟଜଳ ବ୍ୟବସ୍ଥା

ରାଜକନିକା,୮।୬(ସମିସ)

ଦେଶ ସ୍ୱାଧୀନତାର ଦୀର୍ଘ ୭୬ ବର୍ଷ ପରେ ବି ପାରିନୂଆପଡ଼ା ହାବଳଗଣ୍ଡ ପଞ୍ଚାୟତର ୧୦ ନମ୍ବର ୱାର୍ଡସ୍ଥ ହରିଜନ ସାହି ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଉକ୍ତ ସାହିକୁ ଭଲ ରାସ୍ତା ନ ଥିବାବେଳେ ପାନୀୟଜଳ ସୁବିଧା ନାହିଁ। ଫଳରେ ୧୦ନଂ ୱାର୍ଡବାସୀ ଏବେ ତ୍ରାହି ତ୍ରାହି ଡାକୁଛନ୍ତି। ସେମାନଙ୍କ କଥା କାହା କାନରେ ପଡୁନାହିଁ। ଦିନକୁ ଦିନ ଅସନ୍ତୋଷ ବଢ଼ିଚାଲିଛି। ଏହି ୱାର୍ଡ ପ୍ରତି ଅବହେଳା କରାଯାଉଥିବା ଅଜୟ ମଲିକ, ଭଞ୍ଜକିଶୋର ମଲିକ, ରମେଶ ମଲିକ, ଜଗବନ୍ଧୁ ମଲିକ, କୈଳାସ ମଲିକ, ମରୁତ ମଲିକ, ଶିବ ମଲିକ, ଗଣେଶ ମଲିକ, ଶରତ ମଲିକ, ଜଗନ ମଲିକ ପ୍ରମୁଖ ଅଭିଯୋଗ କରିଛନ୍ତି। ଆମ ୱାର୍ଡ ପ୍ରତି ଦୃଷ୍ଟି ଦିଆଯିବାକୁ ଦାବି କରିଛନ୍ତି। ସୂଚନା ମୁତାବକ, ହାବଳଗଣ୍ଡ ହରିଜନ ବସ୍ତି ରାସ୍ତା ଶୋଚନୀୟ ହୋଇପଡ଼ିଛି। ବୟସ୍କ ଲୋକ ହୁଅନ୍ତୁ ବା ମହିଳା ଏହି ରାସ୍ତାରେ ଯିବାକୁ ଭୟ କରୁଛନ୍ତି। ବର୍ଷାଦିନେ ଲୋକମାନେ ଏକପ୍ରକାର ଗୃହବନ୍ଦୀ ଜୀବନ ବିତାଉଛନ୍ତି। ପିଇବା ପାଣି ସମସ୍ୟା ଏଠାରେ ଉତ୍କଟ। ଏଠାରେ ୬୦ଟି ପରିବାର ବସବାସ କରୁଥିବାବେଳେ ଲୋକ ସଂଖ୍ୟା ୪୦୦ରୁ ଅଧିକ। ବହୁଦିନ ପୂର୍ବେ ଏକମାତ୍ର ନଳକୂପ ନିର୍ମାଣ ହୋଇଯାଇଥିଲେ ବି ତାହା ବିଭିନ୍ନ ସମୟରେ ଖରାପ ହେବା କାରଣରୁ ଲୋକେ ସମସ୍ୟା ଭୋଗ କରୁଛନ୍ତି। ପ୍ରତି ଗାଁ ଗଣ୍ଡା ଓ ସାହିବସ୍ତିକୁ ଆଲୋକୀକରଣ କରାଯାଇ ଲାଇଟ୍ ପୋଷ୍ଟ ଲଗାଯାଉଥିବାବେଳେ ଏହି ହରିଜନ ବସ୍ତି ସେଥିରୁ ବଞ୍ଚିତ ରହିଛି। ଆବଶ୍ୟକତା ନ ଥାଇ ବି ଅନ୍ୟ ସ୍ଥାନରେ ଉଜ୍ଜ୍ୱଳ ଲାଇଟ୍ ବ୍ୟବସ୍ଥା ହୋଇଛି। ଏହି ସାହିର ଅବସ୍ଥା ସ୍ୱଚକ୍ଷୁରେ ନ ଦେଖିଲେ, କେହି ଉପଲବ୍ଧି କରିପାରିବ ନାହିଁ। ଦଳିତ ପରିବାର ହୋଇଥିବାରୁ ସେମାନଙ୍କ ପ୍ରତି ପ୍ରଶାସନ ଅବହେଳା କରୁଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ଏଭଳି ଏକ ଗାଁ ପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।



## ୧୫ନଂ ଜୋନ୍ ବିଜେପିର କୃତଜ୍ଞତା ସଭା

# 'ମୋହନଙ୍କ ଯୋଗୁଁ ଅଳପୁଆ ସେତୁ ନିର୍ମାଣ ସମ୍ଭବ ହୋଇଛି'



ପଟ୍ଟାମୁଣ୍ଡାଇ, ୮।୬(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଯୋଗୁଁ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ସମେତ ୧୫ନଂ ଜୋନ ଧୋୟାଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ଅଳପୁଆ ସେତୁ ୧୬୮ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଯାଉଛି ବୋଲି ୧୫ନଂ ଜୋନ୍ ବିଜେପି ମଣ୍ଡଳ ପକ୍ଷରୁ ଅଳପୁଆ ବ୍ରାହ୍ମଣୀ ନଦୀଘାଟ ନିକଟରେ ଆୟୋଜିତ କୃତଜ୍ଞତା ସଭାରେ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ବିଜେପି ବିଧାୟିକା ପ୍ରାର୍ଥୀ ଗୀତାଞ୍ଜଳି ସେଠୀ ପ୍ରକାଶ କରିଛନ୍ତି। ୧୫ନଂ ଜୋନ ବିଜେପି ସଭାପତି ଆଶୋଶିଷ ରାଉତଙ୍କ ପୌରୋହିତ୍ୟ ଓ ବରିଷ୍ଠ ବିଜେପି ନେତା ଦିଲ୍ଲୀପ ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ସଭାରେ ବିଜେପି ନେତ୍ରୀ ଶ୍ରୀମତୀ ସେଠୀ କହିଲେ, ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଯୋଗୁଁ ସମଗ୍ର ଓଡିଶା ଓ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀରେ ବିକାଶର ପରିଭାଷା ବଦଳି ଯାଇଛି। ମୁଖ୍ୟମନ୍ତ୍ରୀ ଧୋୟାଞ୍ଚଳବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ଅଳପୁଆ ସେତୁ ପାଇଁ ୧୬୮ କୋଟି ଟଙ୍କା ମଞ୍ଜୁର କରିବା ସହିତ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରି କେନ୍ଦ୍ରାପଡ଼ା ଜିଲ୍ଲା ସହିତ ଯାଜପୁର ଜିଲ୍ଲାକୁ ସଂଯୋଗ କରିବା ପାଇଁ ବଳିଷ୍ଠ ପଦକ୍ଷେପ ନେଇଛନ୍ତି ଓ ଏହି ସେତୁ ନିର୍ମାଣ ସଂପୂର୍ଣ୍ଣ ହେଲେ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାବାସୀ ଉତ୍ତମ ଗମନାଗମନ ସୁବିଧା ପାଇବା ସହିତ ଉଭୟ ଜିଲ୍ଲାର ବିକାଶ ତ୍ୱରାନ୍ୱିତ ହେବ ବୋଲି ବିଜେପି ନେତ୍ରୀ ଶ୍ରୀମତୀ ସେଠୀ ପ୍ରକାଶ କରିବା ସହିତ ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ପୂର୍ବତନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ସଭାରେ ପୂର୍ବତନ ମଣ୍ଡଳ ବିଜେପି ସଭାପତି ନଳିନୀକାନ୍ତ ବିଶ୍ୱାଳ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନାରଦ ବିଶ୍ୱାଳ, ବିଜେପି ଯୁବନେତା ଶଶୀକାନ୍ତ ସ୍ୱାଇଁ, ଶକ୍ତିରଞ୍ଜନ ବିଶ୍ୱାଳ, ନାରୀନେତ୍ରୀ ସନ୍ଧ୍ୟାରାଣୀ ମଲିକ, ଦୟାନିଧି ବଳ, ମନମୋହନ ପାତ୍ର, ଦୀପକ ଭଦ୍ର, ବ୍ରଜବିହାରୀ ଧଳ, ସମୀର ଦାସ, ବିଚିତ୍ରାନନ୍ଦ ପ୍ରଧାନ, କିଶୋର ରାଉତ ପ୍ରମୁଖ ଯୋଗ ଦେଇଥିଲେ।

### ଡିସେମ୍ବରରେ ଅଳପୁଆ ସେତୁର ସ୍ଥାନ ନିରୂପଣ ହୋଇସାରିଛି: ବିଜେଡି

ପଟ୍ଟାମୁଣ୍ଡାଇ, ୮।୬(ସମିସ): ଗତ ଡିସେମ୍ବର ମାସ ୨୧ ତାରିଖରେ ପଟ୍ଟାମୁଣ୍ଡାଇ ବ୍ଲକ୍ ଅର୍ନ୍ତଗତ ଅଳପୁଆ ସେତୁ ନିର୍ମାଣ ସ୍ଥାନ ନିରୂପଣ ହୋଇସାରିଛି। ଏଥିରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଓ ବିଭାଗୀୟ ମୁଖ୍ୟଯନ୍ତ୍ରୀ ଦୁର୍ଗାଚରଣ ବେହେରା ଯୋଗଦେଇଥିଲେ। ତେବେ ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ ୧୫ ନମ୍ବର ଜୋନ ମଣ୍ଡଳସ୍ତରୀୟ ପଥପ୍ରାନ୍ତ ସଭାରେ ଶନିବାର ଯେଉଁ ବକ୍ତବ୍ୟ ରଖିଛନ୍ତି, ତାହା ସଂପୂର୍ଣ୍ଣ ଅମୂଳକ ଓ ଭିତ୍ତିହୀନ ବୋଲି କେନ୍ଦ୍ରାପଡା ବ୍ଲକ ବିଜେଡ଼ି ସଭାପତି ଆଲୋକ ସାହୁ କହିଛନ୍ତି। ଶ୍ରୀ ବେହେରା ବିଧାୟକ ଭାବେ ନିର୍ବାଚିତ ହେବା ପରେ ତାଙ୍କର ପ୍ରଥମ ପଦକ୍ଷେପ ଥିଲା ଅଳପୁଆ ସେତୁ ନିର୍ମାଣ। ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ ସେହି ସମୟରେ କେଉଁଠି ଥିଲେ ବୋଲି ବିଜେଡି ସଭାପତି ଶ୍ରୀ ସାହୁ ପ୍ରଶ୍ନ କରିଛନ୍ତି। ସେତୁ ସ୍ଥାନ ନିରୂପଣ ସମୟରେ ବିଧାୟକଙ୍କ ସହିତ ଧୋୟା ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି କୈଳାସ ଦାସ, ଚନ୍ଦନ ସାହୁ, ଉମାକାନ୍ତ ରାଉତ, ଟୁକୁନା ସାହୁ, ଉମାକାନ୍ତ ବିହାରୀ, ଡୋରା ଧଳ, ସମିତିସଭ୍ୟ ରାମକୃଷ୍ଣ ସେଠୀ, ସରପଞ୍ଚ ପ୍ରତିନିଧି ମିଟୁଆ ବେହେରା, ହଗନ ନାୟକ, ରବୀନ୍ଦ୍ର ପରିଡ଼ା, ଗଗନ ମହାଳିକ, ନିମାଇଁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏପରି ସ୍ଥଳେ ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ ମିଛ ବାହାବା ନେବାକୁ ପଥପ୍ରାନ୍ତ ସଭା କରି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ବିଜେଡି ସଭାପତି ଶ୍ରୀ ସାହୁ ଏକ ପ୍ରେସ ବିବୃତିରେ କହିଛନ୍ତି।

## ତୃତୀୟ ଦିବସରେ ଥାନା ଆଗରେ ଅନଶନ



ରାଜନଗର,୮।୬(ସମିସ): ରାଜନଗରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଓ ରାଜନଗର ଥାନାକୁ ଦଲାଲଙ୍କ ଚରାଭୂଇଁ କରାଯାଇଥିବା ପ୍ରତିବାଦରେ ବିଜେଡି ପକ୍ଷରୁ ଥାନା ଆଗରେ ଚାଲିଥିବା ଅନଶନ ତୃତୀୟ ଦିନରେ ପହଞ୍ଚିଛି। ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ସହିତ ସରପଞ୍ଚ, ସମିତିସଭ୍ୟ ଓ ବିଜୁ ଜନତା ଦଳର କର୍ମକର୍ତ୍ତା ରାଜନଗର ଥାନା ଆଗରେ ୬ ତାରିଖ ୧୦ଟାରୁ ଅନଶନରେ ବସି ରହିଛନ୍ତି। ଦାବି ପୂରଣ ହେବ ଓ ରାଜନଗରରେ ଆଇନଶୃଙ୍ଖଳା ଫେରିବା ଯାଏଁ ଶାନ୍ତିପୂର୍ଣ୍ଣ ଭାବେ ଅନଶନରେ ବସି ରହିବାକୁ ନେତା ଓ କର୍ମୀଙ୍କ ଜିଦ୍ ପୁଲିସର ନିଦ ହଜାଇ ଦେଇଛି। ଗତକାଲି ପ୍ରଚଣ୍ଡ ରୌଦ୍ରତାପ ଓ ଗୁଳୁଗୁଳି ଯୋଗୁଁ ଅସୁସ୍ଥ ହୋଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ବ୍ଲକ୍ ବିଜେଡି ସଭାପତି ନିରଞ୍ଜନ ରାଉତ, ଗୁପ୍ତି ସମିତି ସଭ୍ୟା ମିନତୀ ସାହୁ, ସମବାୟବିତ୍ ଦିଲ୍ଲୀପ ପାତ୍ର, ବନ୍ଧପଡ଼ା ସରପଞ୍ଚଙ୍କ ପ୍ରତିନିଧି ମନୋରଞ୍ଜନ ପାତ୍ର, ବ୍ରାହ୍ମଣସାହି ସରପଞ୍ଚଙ୍କ ପ୍ରତିନିଧି ପ୍ରମୋଦ ପ୍ରଧାନ ପ୍ରମୁଖ ଆଜି ପୁଣି ଅନଶନରେ ବସିଛନ୍ତି। ଗତକାଲି ସନ୍ଧ୍ୟାରେ ଅତିରିକ୍ତ ଏସପି ଦେବାଶିଷ ଧଳ, ଏସଡିପିଓ କ୍ଷମାସାଗର ପଣ୍ଡା, ଆଇଆଇସି ନରେଶ ସାହୁଙ୍କ ଅନଶନକାରୀଙ୍କ ପ୍ରତିନିଧି ଦଳ ସହ ଆଲୋଚନା ବିଫଳ ହେବା ପରେ ଅନଶନ ଜାରି ରହିଛି। ପୁଲିସ ଅନଶନକାରୀଙ୍କ ଦାବି ପ୍ରତି କୌଣସି ପଦକ୍ଷେପ ନେଇ ନ ଥିବାରୁ ଅନଶନକାରୀଙ୍କ ଅନଶନ ଆଜି ତୃତୀୟ ଦିନରେ ଜାରି ଜରିଛି। ରାଜନଗର ଥାନା ଆଗରେ ୪୦ରୁ ଊର୍ଦ୍ଧ୍ୱ ଲୋକ ପ୍ରତିନିଧିଙ୍କ ସହିତ ବିଜେଡି କର୍ମୀ ଅନଶନରେ ୩ ଦିନ ଧରି ବସିଥିବବେଳେ କେନ୍ଦ୍ରାପଡ଼ା ଏସପି ଘଟଣାସ୍ଥଳକୁ ନ ଆସିବା ଅନଶନକାରୀ ଓ ବିଜେଡି କର୍ମୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

## ମଣ୍ଡପଡ଼ାରେ ଶ୍ରୀମଦ ଭାଗବତ ପାରାୟଣ



ପଟ୍ଟାମୁଣ୍ଡାଇ,୮।୬(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ମଣ୍ଡପଡ଼ା ଗ୍ରାମରେ ସପ୍ତାହ ବ୍ୟାପି ଭାଗବତ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ଭଜନ ସନ୍ଧ୍ୟା, ପାଲା ଆଦି ବିବିଧ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ୪ ତାରିଖରେ ଶ୍ରୀଶ୍ରୀ ଠାକୁରଙ୍କ ଶୁଭ ଗମନ, ଶୁଭାଧିବାସ, ୫ ତାରିଖରେ ଶ୍ରୀଗୁରୁ ଓ ବାସୁଦେବ ପୂଜା ପୂଜକ ଅଶୋକ କରଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ଏଥିରେ ବିଭୂତି ଭୂଷଣ ସାମଲ ଓ ସସ୍ମିତା ସାମଲ କର୍ତ୍ତା ଭାବେ ସମସ୍ତ ନୀତି ସମ୍ପନ୍ନ କରିଥିଲେ। ବରାହ ଚରଣ ପଣ୍ଡା ଭାଗବତ ପାଠ କରିଥିଲେ ଓ କରମଳା ଶାନ୍ତିଧାମର ସନ୍ଥ ସଦାନନ୍ଦ ଦାସ, ହରେକୃଷ୍ଣ ଦାସ, ଭୀମସେନ ଦାସ, ବନବିହାରୀ ଦାସ, ଦିବ୍ୟ ଚୈତନ୍ୟ ଦାସ ଭାଗବତ କଥାମୃତ ଭଜନ, ନାମ ସଂକୀର୍ତ୍ତନ ଓ ଦିବ୍ୟ ପ୍ରବଚନ ପ୍ରଦାନ କରିଥିଲେ। କଟକ ମହାବୀର ଭଜନ ସନ୍ଧ୍ୟା କଳାକାର ଭଜନ ପରିବେଷଣ କରିଥିଲେ। ଆଗାମୀ ୯, ୧୦ ତାରିଖରେ ବ୍ରହ୍ମଗିରି ଅଞ୍ଚଳର ପାଲା ଗାୟିକା ସୁଲୋଚନା ପଣ୍ଡା ଓ କରମଳା ସାଧୁ ସତ୍ୟ ପ୍ରଜ୍ଞାନନ୍ଦ ପାଲା ଓ ଭାବ ରସାତ୍ମକ ଦିବ୍ୟ ପ୍ରବଚନ ପ୍ରଦାନ କାର୍ଯ୍ୟକ୍ରମ ରହିଛି।୧୧ ତାରିଖରେ ହରିହାଟ ଓ ନାମ ସଂକୀର୍ତ୍ତନ ସହ ସପ୍ତାହ ବ୍ୟାପି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଉଦଯାପିତ ହେବ। ଏଥିରେ ନୂଆଦିଲ୍ଲୀ ଅଭିରାମ ସାଂସ୍କୃତିକ ପରିଷଦ ସଭାପତି ଆଡ଼ଭୋକେଟ ବିଜୟ ସାମଲ, ସମାଜସେବୀ ବରାହ ଚରଣ ସାମଲ, ଅନ୍ତର୍ଯ୍ୟାମୀ ସାହୁ, ନୂଆଦିଲ୍ଲୀ ଓଡିଶା ସମାଜ ପ୍ରମୁଖ କର୍ମକର୍ତ୍ତା ଜୟରାମ ସାମଲ, ସିବିଆଇ ଡିଏସପି ସଞ୍ଜୟ ସାମଲ, ସତ୍ୟବ୍ରତ ସାମଲ, ଉମାକାନ୍ତ ପ୍ରଧାନ, ଅବିନାଶ ପ୍ରଧାନ, ସରପଞ୍ଚ ରଂଜିତା ସାହୁ, ବାସୁଦେବ ପଣ୍ଡା, ପୂର୍ବତନ ସମିତି ସଭ୍ୟ ଶ୍ରୀକାନ୍ତ ବେହେରା ପ୍ରମୁଖ ଯୋଗଦେବେ। କାର୍ଯ୍ୟକ୍ରମକୁ ଅକ୍ଷୟ ରାୟ, ବାବୁଲି ପ୍ରଧାନ, ସମାଜ ପ୍ରଧାନ ଓ ଶଶୀକାନ୍ତ ସାମଲ ପରିଚାଳନା କରୁଛନ୍ତି।

## କେନ୍ଦ୍ରାପଡ଼ା ଗୋଖା ମହାସଂଘର ବୈଠକ



ରାଜନଗର,୮।୬(ସମିସ): ରାଜନଗରସ୍ଥ ରେଣୁକା ହୋଟେଲ ପରିସରରେ କେନ୍ଦ୍ରାପଡ଼ା ଜିଲ୍ଲା ଗୋଖା ମହାସଂଘର ବୈଠକ ଓ କର୍ମକର୍ତ୍ତା ଶପଥ ଗ୍ରହଣ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ବସନ୍ତ କୁମାର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗୋଖା ମହାସଂଘର ସଭାପତି ରାମଚନ୍ଦ୍ର ମଲ୍ଲିକ, ବିଶିଷ୍ଟ ସମାଜସେବୀ ମାମିନା ମଲ୍ଲିକ, ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ପ୍ରଫୁଲ ସେଠୀ ନିରଞ୍ଜନ ସେଠୀ, ରାଜ୍ୟ ଉପଦେଷ୍ଟା ନାରାୟଣ ସେଠୀ, ବାଉରୀ ବନ୍ଧୁ ସେଠୀ, ଉପସଭାପତି ହଳଧର ସେଠୀ, ରାଜ୍ୟ ସାଧାରଣ ସମ୍ପାଦକ ଧରଣୀଧର ସେଠୀ, ବାଲେଶ୍ୱର ଜିଲ୍ଲା ସମ୍ପାଦକ ବିଶ୍ୱକେସନ ବେହେରା, ଭଦ୍ରକ ଜିଲ୍ଲା ଉପଦେଷ୍ଟା ହରିହର ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା କର୍ମକର୍ତ୍ତା ଚୟନ ସହିତ ଶପଥ ପାଠ କରାଯାଇଥିଲା। ଜିଲ୍ଲା ସଭାପତି ଭାବେ ବସନ୍ତ କୁମାର ସେଠୀ, ଉପସଭାପତି ଭାବେ ସଞ୍ଜୟ କୁମାର ସେଠୀ, ସମ୍ପାଦକ ଭାବେ ଅକ୍ଷୟ କୁମାର ଦାସ, ସହସମ୍ପାଦକ ଭାବେ ଗଣେଶ୍ୱର ସେଠୀ, କୋଷାଧ୍ୟକ୍ଷ ଭାବେ ମହେନ୍ଦ୍ର କୁମାର ସେଠୀ ଓ ଉପଦେଷ୍ଟା ଭାବେ ହଳଧର ସେଠୀ, ନିରଞ୍ଜନ ସେଠୀ, ଆଇନଜୀବୀ ପ୍ରଦୀପ କୁମାର ଦାସଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା।

## • ଆମ୍ବ ଗଛ କୋରଡ଼ରେ ରହୁଛି ନାଗ

# ପିଉଛି କ୍ଷୀର, ପୂଜାର୍ଚ୍ଚନା କଲେ ପରିବାର ଲୋକ

ମହାକାଳପଡ଼ା, ୮।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ପେଟଛିଲା ପଞ୍ଚାୟତ ଅନ୍ତର୍ଗତ ପଲ୍ଲୀଗଡ଼ ଗ୍ରାମର ରଞ୍ଜନ ସ୍ୱାଇଁଙ୍କ ବାଡ଼ିରେ ଥିବା ଏକ ଆମ୍ବ ଗଛ କୋରଡ଼ରେ ୧୫ ଦିନ ଧରି ଏକ ନାଗ ସାପ ରହୁଥିବା ଦେଖିବାକୁ ମିଳିଛି। ଶନିବାର ବିଳମ୍ବିତ ରାତିରେ ରଞ୍ଜନଙ୍କ ଗୋରୁ ଗୁହାଳ ଭିତରେ ସାପଟି ବୁଲାବୁଲି କରୁଥିବାବେଳେ କାହାର କିଛି କ୍ଷତି କରି ନ ଥିବା ପରିବାର ଲୋକ କହିଛନ୍ତି। ପ୍ରଥମେ ସାପକୁ ପରିବାର ଲୋକ ନାଗ ଦେବତା ଭାବି ପୂଜାର୍ଚ୍ଚନା କରିଥିଲେ। ପୂଜା ପରେ ସାପଟି ଆମ୍ବ ଗଛ କୋରଡ଼ ପାଖରେ ଥିବା ଏକ ଉଇ ହୁଙ୍କା ପାଖକୁ ଚାଲିଯାଇଥିଲା। ସାପଟି ଦିନ ବେଳା ଉଇ ହୁଙ୍କା ପାଖରେ ରହୁଥିବାବେଳେ ରାତିରେ ଆମ୍ବ ଗଛ କୋରଡ଼ରେ ରହୁଥିବା ପରିବାର ପକ୍ଷରୁ କୁହାଯାଇଛି। ନାଗ ସାପକୁ ଦେଖିବାକୁ ଗାଁ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପରିବାର ଲୋକ ନାଗ ସାପକୁ ନାଗ ଦେବତା ଭାବି କ୍ଷୀର ଦେଉଛନ୍ତି। ସାପଟି କ୍ଷୀରପିଇ ଉଇ ହୁଙ୍କା ପାଖରେ ରହୁଥିବା ଦେଖିବାକୁ ମିଳିଛି।

## ଲଛମନଜୀଉଙ୍କ ଯଜ୍ଞ ନିମନ୍ତେ ଆସିଲା ଆଜ୍ଞାମାଳ

ଡେରାବିଶ, ୮।୬(ସମିସ): କୁଶିଆପାଳ ପଞ୍ଚାୟତସ୍ଥ ପ୍ରଭୁ ଲଛମନଜୀଉଙ୍କ ନିକଟରେ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ଆଜି ଆଜ୍ଞାମାଳ ଆସି ପହଞ୍ଚିଛି। ଆଜି ବିଶିଷ୍ଟ ସମାଜସେବୀ ପ୍ରାଧ୍ୟାପକ ଅଜୟ ରାଉତ, କୁଶିଆପାଳ ସରପଞ୍ଚ ଦୟାନିଧି ଦାସଙ୍କ ସମେତ ବହୁ ଭକ୍ତ କେନ୍ଦ୍ରାପଡ଼ାସ୍ଥ ଶ୍ରୀବଳଦେବଜୀଉଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା ପୂର୍ବକ ଆଜ୍ଞାମାଳ ଆଣିଥିଲେ। ଏହି ଆଜ୍ଞାମାଳକୁ ଭକ୍ତଙ୍କ ଦ୍ୱାରା ସଂକୀର୍ତ୍ତନ କରାଯାଇ ପ୍ରଭୁ ଲଛମନଜୀଉଙ୍କ ମନ୍ଦିରରେ ପହଞ୍ଚାଇଥିଲେ। ଆସନ୍ତାକାଲି ମହାଯଜ୍ଞ ନିମନ୍ତେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବ।



## ଦଧିବାମନଜୀଉଙ୍କ ମନ୍ଦିର କାମରେ ନିମ୍ନମାନର ଇଟା ବ୍ୟବହାର ଅଭିଯୋଗ

# ଖବର ପ୍ରସାରଣ ପରେ ଇଟା ଲୁଚାଇବାକୁ ଠିକାଦାରଙ୍କ ଉଦ୍ୟମ

ଡେରାବିଶ, ୮।୬(ସମିସ)

ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ମନ୍ଦିରର ଉନ୍ନତିକରଣ କାମରେ ନିମ୍ନମାନର ଇଟା ବ୍ୟବହାର ହେଉଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ଠିକାଦାର ଓ ଯନ୍ତ୍ରୀ ଏ ସମ୍ବନ୍ଧରେ କର୍ଣ୍ଣପାତ ନ କରି କାର୍ଯ୍ୟ କରିଆସୁଥିଲେ। ଏ ସମ୍ପର୍କରେ ଦୈନିକ ଖବରକାଗଜ 'ସକାଳ'ରେ ସଚିତ୍ର ଖବର ପ୍ରକାଶ ପାଇବା ପରେ ଠିକାଦାର ନିମ୍ନମାନର ଇଟାକୁ ଲୁଚାଇବାକୁ ତତ୍ପର ହୋଇଉଠିଛନ୍ତି । ଆଜି ସକାଳୁ ଲୋକ ଲଗାଇ ଠିକାଦାର ପୂର୍ବରୁ ଇତସ୍ତତ ଭାବେ ପଡ଼ିଥିବା ଇଟାକୁ ବାଛି ଭଲ ଭଲ ଇଟାକୁ ଥାକ କରିବା ସହିତ ସମସ୍ତ ଭଙ୍ଗା ଓ ଗୁଣ୍ଡ ଇଟାକୁ ସେଠାରୁ ସଫା କରିଦେଇଛନ୍ତି। ତେବେ ଯେତେ ଲୁଚିଲେ ମଧ୍ୟ ଗୋଡ଼ ଦିଶୁଛି ନ୍ୟାୟରେ ଥାକ ହୋଇଥିବା ଇଟା ଯେ ବର୍ଷାରେ ଧୋଇ ହୋଇଯାଇଛି ତାହା ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଠିକାଦାର ଜଣକ ଇଟା ଫ୍ୟାକ୍ଟ୍ରିରୁ ସଙ୍ଗେ ସଙ୍ଗେ ନିର୍ମିତ ହୋଇଥିବା ନିମ୍ନମାନର ସିମେଣ୍ଟ ଇଟାକୁ ଆଣି ତୁରନ୍ତ ଲୋକ ଲଗାଇ ନିର୍ମାଣ କାର୍ଯ୍ୟ କରିଥା'ନ୍ତି। କୌଣସି କାରଣରୁ ଆସିଥିବା ଇଟା କାର୍ଯ୍ୟରେ ଲାଗି ନ ପାରି ଗଦା ହୋଇରହିଥିଲା। ଏହି ଇଟା ଲଘୁଚାପ ବର୍ଷାରେ ଧୋଇ ହୋଇ ହୋଇଯିବାରୁ ଏହା ନିମ୍ନମାନର ଇଟା, ତାହା ଧରାପଡ଼ିଯାଇଥିଲା। ଦଧିବାମନଜୀଉ ଡେରାବିଶର ଆରାଧ୍ୟ ହୋଇଥିବାବେଳେ ଏଠାରେ ୧୨ ମାସରେ ତେର ଯାତ୍ରା ଓ ପର୍ବପର୍ବାଣୀ ପାଳନ ହୋଇଥାଏ। ବର୍ଷସାରା ହଜାର ହଜାର ଜନସାଧାରଣ ଶ୍ରୀଜୀଉଙ୍କ ଦର୍ଶନ କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥା'ନ୍ତି। ଠିକାଦାର ଜଣକ ଏଭଳି ଇଟାରେ ଯଦି ଭକ୍ତ ନିବାସ ଓ ଅନ୍ୟାନ୍ୟ ଗୃହ କାର୍ଯ୍ୟ ନିର୍ମାଣ କରିଥାଏ, ତାହାର ସ୍ଥାୟିତ୍ୱ ନେଇ ଭକ୍ତ ମହଲରେ ସନ୍ଦେହ ଉପୁଜିଲାଣି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଠିକାଦାର ବୋଧହୁଏ ଫ୍ୟାକ୍ଟ୍ରିରୁ ଇଟାକୁ ନିର୍ମାଣ କରି ଏହକୁ ସଠିକ ଭାବରେ କ୍ୟୁରିଙ୍ଗ ନକରି କାମ କରିବା ପାଇଁ ନେଇଆସିଛି। ଯଦ୍ୱାରା ଏଭଳି ଅବସ୍ଥା ହୋଇଛି ବୋଲି କହିଥିଲେ।





# ସମ୍ପାଦକୀୟ



ଜ୍ଞାନ-ବିଜ୍ଞାନ ରାଷ୍ଟ୍ରଶକ୍ତିର ସର୍ବୋତ୍ତମ ଗଣତାନ୍ତ୍ରିକ ଉତ୍ସ।
ଆଲ୍ଭିନ୍ ଟଫ୍ଲର

ସକାଳ THE SAKALA

## ନଗଦ ବନ୍ୟା

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ସଦ୍ୟତମ ମୁଦ୍ରାନୀତି ସମୀକ୍ଷା କମିଟି ବୈଠକରେ ରିପୋ ରେଟ୍(ଯେଉଁ ସୁଧ ହାରରେ ଆରବିଆଇଠାରୁ ବାଣିଜ୍ୟିକ ବ୍ୟାଙ୍କମାନେ ଋଣ ନିଅନ୍ତି) ୦.୫୦% ହ୍ରାସ କରିଛି। ଏହାକୁ ମିଶାଇ ଗତ ଫେବୃଆରୀ ମାସରୁ ଏ ପର୍ଯ୍ୟନ୍ତ କ୍ରମାଗତ ତିନିଥରରେ ରିପୋ ରେଟ୍ ୧ ପ୍ରତିଶତ ହ୍ରାସ ଘଟି ୫.୫% ହୋଇଛି। ଏଥିସହିତ ଆରବିଆଇରେ ବାଣିଜ୍ୟିକ ବ୍ୟାଙ୍କମାନଙ୍କର ସୁଧ ରହିତ ଜମା ବା ନଗଦ ଜମା ଅନୁପାତ(ସିଆରଆର)ରେ ୧% ହ୍ରାସ ପାଇଛି, ଯାହା ଚଳିତ ଆର୍ଥିକ ବର୍ଷରେ ଚାରିଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବ। ରିପୋ ହାର ଓ ସିଆରଆର ହ୍ରାସ ପରେ ବ୍ୟାଙ୍କମାନଙ୍କ ହାତକୁ ଅଧିକ ନଗଦ ଆସିବ ଏବଂ ସେମାନେ ହାତ ଖୋଲା ଋଣ କାରବାର କରିପାରିବେ। ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ କହିବା ଅନୁଯାୟୀ, ମୁଦ୍ରାସ୍ଫୀତିରେ ଉଲ୍ଲେଖନୀୟ ହ୍ରାସ ଘଟିଥିବାରୁ ଅଭିବୃଦ୍ଧି ତ୍ୱରାନ୍ୱିତ କରିବା ପାଇଁ ଆରବିଆଇର ଏହି ପଦକ୍ଷେପ ଅପରିହାର୍ଯ୍ୟ ଥିଲା। ଯଦି ମୁଦ୍ରାସ୍ଫୀତି ପୋଷଣୀୟ ସୀମା ମଧ୍ୟରେ ରହେ ତେବେ ଆସନ୍ତା ମୁଦ୍ରାନୀତି ସମୀକ୍ଷା ବେଳେ ରିପୋ ରେଟ୍ ଆହୁରି ହ୍ରାସ ପାଇବାର ସମ୍ଭାବନା ରହିଛି ବୋଲି ସେ ସୂଚନା ଦେଇଛନ୍ତି।

ସାଧାରଣତଃ ମୁଦ୍ରାନୀତି ସମୀକ୍ଷାରେ ସୁଧ ହାର ହ୍ରାସ/ବୃଦ୍ଧି ନିଷ୍ପତ୍ତି ମୁଖ୍ୟତଃ ଦୁଇଟି ପ୍ରସଙ୍ଗ ଆଧାରିତ - ମୁଦ୍ରାସ୍ଫୀତି ଓ ଅଭିବୃଦ୍ଧି। ଯଦି ମୁଦ୍ରାସ୍ଫୀତି ଆରବିଆଇ ଦ୍ୱାରା ଧାର୍ଯ୍ୟ ବା ସହନଶୀଳ ସୀମାଠାରୁ ଊର୍ଦ୍ଧ୍ୱମୁଖୀ ହୁଏ ତେବେ ସୁଧ ହାରରେ ବୃଦ୍ଧି କରାଯାଏ। ଫଳରେ ବ୍ୟାଙ୍କ ଋଣ ମହଙ୍ଗା ହୁଏ ଏବଂ ଲୋକମାନଙ୍କ ହାତକୁ ଟଙ୍କା ପ୍ରବାହ ଧୀମା ହୋଇ କ୍ରୟଶକ୍ତି ହ୍ରାସ ପାଏ। ବଜାରରେ ଯୋଗାଣ ସ୍ଥିର ରହି ଚାହିଦା ହ୍ରାସ ପାଇଲେ ଦରଦାମ ଆପେ ଆପେ ହ୍ରାସ ପାଇ ମୁଦ୍ରାସ୍ଫୀତି ନିମ୍ନମୁଖୀ ହୁଏ। ସେହିପରି ଯେତେବେଳେ ଅଭିବୃଦ୍ଧି ହାର ନୈରାଶ୍ୟଜନକ ହୁଏ ପୁଞ୍ଜି ନିବେଶକୁ ଅଧିକ ପ୍ରୋତ୍ସାହିତ କରି ଅର୍ଥନୀତିକୁ ଗତିଶୀଳ କରିବା ପାଇଁ ସୁଧ ହାରରେ ହ୍ରାସ କରାଯାଏ। ଲୋକମାନଙ୍କ ହାତକୁ ବ୍ୟାଙ୍କର କୋହଳ ଋଣ ଜରିଆରେ ଅଧିକ ଅର୍ଥ ଆସିଲେ ସେମାନଙ୍କ କ୍ରୟଶକ୍ତି ବଢ଼ିବା ଦ୍ୱାରା ବଜାର ଚାହିଦା ତ୍ୱରାନ୍ୱିତ ହୁଏ। ଚାହିଦା ଅନୁଯାୟୀ ଉତ୍ପାଦନ ବୃଦ୍ଧି ପାଏ ଏବଂ ଅର୍ଥନୀତି ଚଳଚଞ୍ଚଳ ହୁଏ। ବର୍ତ୍ତମାନ ଆମ ଦେଶର ଅର୍ଥନୈତିକ ସ୍ଥିତି ଦ୍ୱିତୀୟ ପ୍ରକାରର। ପାଇକାରୀ ମୁଦ୍ରାସ୍ଫୀତି ଗତ ଏପ୍ରିଲ୍ ମାସରେ ଗତ ବର୍ଷ ତୁଳନାରେ ୩.୨%କୁ ହ୍ରାସ ପାଇଥିବା ବେଳେ ଅର୍ଥନୈତିକ ଅଭିବୃଦ୍ଧି ବା ଜିଡିପି ଅଭିବୃଦ୍ଧି ହାର ୬.୫%(୨୦୨୪-୨୫ ଆର୍ଥିକ ବର୍ଷର ଶେଷ ତ୍ରୈମାସିକ)କୁ ହ୍ରାସ ପାଇଛି, ଯାହା କୋଭିଡ୍ ମହାମାରୀ ପରବର୍ତ୍ତୀ ସମୟରେ ସବୁଠାରୁ କମ୍। ତେଣୁ ସ୍ୱାଭାବିକ ଭାବେ ସାମ୍ପ୍ରତିକ ଅର୍ଥନୀତି ଶିଳ୍ପ ବା ଉତ୍ପାଦନ କ୍ଷେତ୍ରରେ ଅଧିକ ନିବେଶ ଆଶା କରୁଛି। ମୁଦ୍ରାସ୍ଫୀତି ସହନଶୀଳ ଥିବାରୁ ଅଭିବୃଦ୍ଧିର ଇଞ୍ଜିନ୍‌କୁ ଗତିଶୀଳ କରିବା ପାଇଁ ସୁଧ ହାର ଓ ନଗଦ ଜମା ଅନୁପାତ ହ୍ରାସ କରିବାଠାରୁ ବଳି ଆରବିଆଇ ପାଖରେ ଅଧିକ ଭଲ ସୁଯୋଗ ଆଉ ଆସି ନପାରେ। ତେଣୁ ଅର୍ଥନୀତିର ଏହି ମୌଳିକ ତତ୍ତ୍ୱ ଆରବିଆଇ ମୁଦ୍ରାନୀତି କମିଟିର ସଦସ୍ୟଙ୍କ ନିଷ୍ପତ୍ତିରେ ଯଥାର୍ଥରେ ପ୍ରତିଫଳିତ ହୋଇଛି।

ଅର୍ଥନୀତି କିନ୍ତୁ ସବୁବେଳେ ଉପରୋକ୍ତ ଧରାବନ୍ଧା ପ୍ରକ୍ରିୟା ବା ଦେଶର ନୀତି ନିର୍ଦ୍ଧାରକଙ୍କୁ ସୁହାଇବା ଭଳି ଚାଲେ ନାହିଁ। ବେଳେ ବେଳେ ମୁଦ୍ରାସ୍ଫୀତି ବଢ଼ି ଚାଲିଥିବା ବେଳେ ଅଭିବୃଦ୍ଧି ହାର ନିମ୍ନମୁଖୀ ହୁଏ। ଏଭଳି ପରିସ୍ଥିତିରେ ମୁଦ୍ରାନୀତି ନିର୍ଦ୍ଧାରକମାନେ ଦୋଛକିରେ ପଡ଼ିଯାଆନ୍ତି। କ୍ରମବର୍ଦ୍ଧିଷ୍ଣୁ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ଯଦି ସୁଧ ହାର ବୃଦ୍ଧି କରାଯାଏ ତେବେ ଜିଡିପି ଅଭିବୃଦ୍ଧି ହାର ଆହୁରି ହ୍ରାସ ପାଏ। ଅପରପକ୍ଷରେ ଜିଡିପି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ସୁଧ ହାର କୋହଳ କଲେ ମୁଦ୍ରାସ୍ଫୀତି ଆହୁରି ଊର୍ଦ୍ଧ୍ୱଗାମୀ ହୁଏ। ଏଭଳି ପରିସ୍ଥିତିରେ ମୁଦ୍ରାନୀତି ନିର୍ଦ୍ଧାରକମାନେ ସବୁବେଳେ ମୁଦ୍ରାସ୍ଫୀତି ନିୟନ୍ତ୍ରଣକୁ ପ୍ରାଥମିକତା ଦେଇ ସୁଧ ହାରକୁ ଉଚ୍ଚା କିମ୍ବା ଅପରିବର୍ତ୍ତିତ ରଖନ୍ତି। ଏହାଦ୍ୱାରା କିନ୍ତୁ ଜିଡିପି ସ୍ୱଳ୍ପମିଆଦୀ କ୍ଷତି ସହିବାକୁ ବାଧ୍ୟ। ଆରବିଆଇର ପୂର୍ବତନ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ଅମଳରେ ଏଭଳି ପରିସ୍ଥିତି ରହିଥିବାରୁ ରିପୋ ହାର ଅପରିବର୍ତ୍ତିତ ରହିଥିଲା। ସୌଭାଗ୍ୟବଶତଃ ସଞ୍ଜୟ ମାଲହୋତ୍ରାଙ୍କ ଅମଳରେ ମୁଦ୍ରାସ୍ଫୀତି ହାର ହ୍ରାସ ପାଇ ସୁଧ ହାର ହ୍ରାସ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇଛି।

ଏ ତ ଗଲା ଅର୍ଥନୀତିର ତତ୍ତ୍ୱ ଓ ମୌଳିକ ନୀତି ଆଧାରିତ ନିଷ୍କର୍ଷ। ଏବେ ବାସ୍ତବତାକୁ ଆସିବା। ମୁଦ୍ରାନୀତି ଏବେ ଆରବିଆଇର ସହନଶୀଳ ସ୍ଥିତି(୪%ରୁ କମ୍)ରେ ରହିଛି ଏବଂ ଆଗକୁ ମଧ୍ୟ ଏହା ସେତେ ବଢ଼ିବାର ଆଶଙ୍କା ଖୁବ୍ କମ୍ ବୋଲି ଆରବିଆଇ ମୁଦ୍ରାନୀତି ସମୀକ୍ଷା ବୈଠକରେ ଆକଳନ କରାଯାଇଛି। କିନ୍ତୁ ବଜାରର ବାସ୍ତବ ସ୍ଥିତି କ'ଣ ତାହା ଆମେ ସମସ୍ତେ ଊଣାଅଧିକେ ଅଙ୍ଗେ ନିଭାଉଛେ। ଡାଲି, ଚାଉଳ, ତେଲ, ମସଲା ସମେତ ଅନ୍ୟାନ୍ୟ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ଗତକାଲି ଯାହା ଥିଲା ଆଜି ତାହା ରହୁନାହିଁ। ପ୍ରତିଦିନ ବା ପ୍ରତି ସପ୍ତାହରେ ଦରଦାମ କିଛି ନା କିଛି ବଢ଼ି ଚାଲିଛି। କେବଳ ପଚନଶୀଳ ସାମଗ୍ରୀ ଓ ପନିପରିବାରେ ଚାହିଦା-ଯୋଗାଣ ଭିତ୍ତିରେ ଦରଦାମ କମ୍-ବେଶୀ ହେଉଛି। ବଜାର ସହିତ ପ୍ରତ୍ୟକ୍ଷ ବା ଦୈନନ୍ଦିତ ସମ୍ପର୍କ ଥିବା ସମାଜର ସବୁବର୍ଗର ଲୋକେ ଏପ୍ରକାର ବଜାର ସ୍ଥିତି ବିଷୟରେ ଅବଗତ ଅଛନ୍ତି। ତେଣୁ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ମୁଦ୍ରାସ୍ଫୀତି ହ୍ରାସ ପାଇଲା କେଉଁଠି ଏବଂ କମିବାର ସମ୍ଭାବନା କେତେ ଭରସାଯୋଗ୍ୟ?

ବାସ୍ତବରେ ଜନସାଧାରଣଙ୍କ ଆଗରେ ଯେଉଁ ମୁଦ୍ରାସ୍ଫୀତି ବା ମୂଲ୍ୟସୂଚୀ ପରିସଂଖ୍ୟାନ ପ୍ରକାଶିତ ହେଉଛି ତାହା ପୂର୍ବ ମାସ ବା ପୂର୍ବ ତ୍ରୈମାସିକ ବା ପୂର୍ବ ବର୍ଷ ତୁଳନାରେ ଦରଦାମ କେତେ ବଢ଼ିଛି ବା କମିଛି ତାହାର ହିସାବ। ପୂର୍ବ ଦଶନ୍ଧି ଶେଷ ପର୍ଯ୍ୟନ୍ତ ମୁଦ୍ରାସ୍ଫୀତି ନିର୍ଦ୍ଧାରଣ ପାଇଁ ଏକ ବେସ୍ ଇୟର ବା ଆଧାର ବର୍ଷ ନିର୍ଦ୍ଧାରଣ କରାଯାଉଥିଲା, ଯାହାଫଳରେ ଦରଦାମର ବାସ୍ତବ ତାରତମ୍ୟ ମୁଦ୍ରାସ୍ଫୀତିରେ ପ୍ରତିଫଳିତ ହେଉଥିଲା। ଏବେ କିନ୍ତୁ ଏହି ସୂତ୍ର ସଂଶୋଧିତ ହୋଇସାରିଥିବାରୁ ବିଚରା ଖାଉଟି ବର୍ତ୍ତମାନର କୁହୁଡ଼ି ଭିତରେ ହଜିଯାଇ ଅତୀତକୁ ପରଖିବାର ବାଟ ପାଉନାହିଁ।

ଅର୍ଥନୀତିରେ ଆମ ସୀମିତ ଜ୍ଞାନର ପରିଧି ମଧ୍ୟରେ ଆରବିଆଇର ବିଜ୍ଞ ଗଭର୍ଣ୍ଣର ଓ ଅର୍ଥନୀତିଜ୍ଞଙ୍କ ବିଚାରବନ୍ତ ଦୂରଦର୍ଶୀ ନୀତି ଓ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇବାର ଧୃଷ୍ଟତା ଆମେ କରୁନାହୁଁ। କିନ୍ତୁ ସଦ୍ୟତମ ମୁଦ୍ରାନୀତି ସହିତ ଜଡ଼ିତ ସଂଶୟ ଯୋଗୁଁ ଏ କଥା କହିବାକୁ ବିବଶ ହେଉଛୁ ଯେ ଯଦି ସରକାରୀ ପରିସଂଖ୍ୟାନ ଆଧାରିତ ମୁଦ୍ରାସ୍ଫୀତି ଅଙ୍କରେ ପ୍ରଭାବିତ ହୋଇ ଆରବିଆଇ ଗଭର୍ଣ୍ଣର ଦେଶରେ ନଗଦ ବନ୍ୟାର ସୁଯୋଗ ସୃଷ୍ଟି କରିଥା'ନ୍ତି ତେବେ ତାହା 'ଜଳବହୁଳେ ସୃଷ୍ଟି ନାଶ' ପରି ବଜାରରେ ଆଶା ଓ ଲକ୍ଷ୍ୟ ବିପରୀତ ସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି। ଆମେ ପୁଣି ଆଶା କରୁ ଯେ ଆରବିଆଇର ବିଜ୍ଞ ବିଶାରଦମାନଙ୍କ ନଗଦ ବନ୍ୟା ସର୍ଜନା ନିଷ୍ପତ୍ତି ବଜାର-ଅର୍ଥନୀତି ଅନୁକୂଳ ହେଉ, ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇ ନିଯୁକ୍ତି ବଜାରର ମାନ୍ଦାବସ୍ଥା ଦୂର ହେଉ।

## ରକ୍ଷଣଶୀଳତାର ଏରୁଣ୍ଡିବନ୍ଧ

**ଡକ୍ଟର ଅବଶ ପରିଡ଼ା**

ପରକୀୟା ପ୍ରୀତି(ଏକ୍ସଟ୍ରା ମାରିଟାଲ୍ ଆଫେୟାର) ହେଉଛି ରକ୍ଷଣଶୀଳ ଭାରତୀୟଙ୍କ ପାଇଁ ଏକ ସାର୍ବଜନୀନ ନିଷିଦ୍ଧ ପ୍ରସଙ୍ଗ। ସଙ୍କୋଚ ଓ ସଂରକ୍ଷଣର ଚାରିକାନ୍ଥ ଭିତରେ ସନ୍ତୁଳି ହେଉଥିବା ଏହି ପ୍ରସଙ୍ଗକୁ ଆମେ ଅନେକ ସମୟରେ ବ୍ୟକ୍ତିଗତ ମାମଲା କିମ୍ବା ଚରିତ୍ରଗତ ସମସ୍ୟା କହି ହାଲକାରେ ଏଡ଼ାଇ ଦେଉ। କିନ୍ତୁ ସତ କଥା ହେଉଛି, ସାମାଜିକ ପରିହାର ସତ୍ତ୍ୱେ ବ୍ୟଭିଚାର ସହିତ ଜଡ଼ିତ ଅପରାଧ ଓ ହତ୍ୟା ଏବେ ଏକ ନିୟମିତ ଘଟଣା ହୋଇଗଲାଣି। ନ୍ୟାସନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ (ଏନସିଆରବି)ର ତଥ୍ୟ ଅନୁଯାୟୀ ପ୍ରତିବର୍ଷ ଭାରତରେ ଘଟୁଥିବା ସମୁଦାୟ ହତ୍ୟାକାଣ୍ଡର ୧୦ ପ୍ରତିଶତ ଏବଂ ଜାତୀୟ ସ୍ତରରେ ପ୍ରତିବର୍ଷ ରେକର୍ଡ ହେଉଥିବା ୧୧୦୦ ରୁ ଅଧିକ ଆତ୍ମହତ୍ୟାର ପ୍ରମୁଖ କାରଣ ହେଉଛି ପରକୀୟା ପ୍ରୀତି। ସେହିପରି ଅନ୍ୟ ଏକ ସରକାରୀ ରିପୋର୍ଟ ଅନୁଯାୟୀ ଭାରତର ବଡ଼ ସହର ଓ ମେଟ୍ରୋମାନଙ୍କରେ ଘଟୁଥିବା ହତ୍ୟାକାଣ୍ଡର ଏହା ହେଉଛି ତୃତୀୟ ବୃହତ୍ତମ ଉଦ୍ଦେଶ୍ୟ। ଏସବୁବ୍ୟତୀତ ଘରୋଇ ହିଂସା ଓ ନିର୍ଯାତନା, ବିବାହ ବିଚ୍ଛେଦ, ଅପହରଣ ଓ ଅର୍ଥ ଆତ୍ମସାତ ଭଳି ସମସ୍ୟା ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ ଥିବାରୁ ମାଡ୍ରାସ ହାଇକୋର୍ଟ ପରକୀୟା ପ୍ରୀତିକୁ ଏକ 'ଭୟଙ୍କର ସାମାଜିକ ରାକ୍ଷସ' ଭାବେ ଆଖ୍ୟା ଦେଇଥିଲେ।

ଭାରତୀୟ ସମାଜ ବ୍ୟବସ୍ଥାରେ କୌଣସି ସମ୍ପର୍କର ପ୍ରଭାବ କେବଳ ଦମ୍ପତିଙ୍କ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ପରିବାର, ଏପରିକି ସାମାଜିକ ସ୍ତର ପର୍ଯ୍ୟନ୍ତ ପରିବ୍ୟାପ୍ତ। 'ଇନଷ୍ଟିଚ୍ୟୁଟ୍ ଫର୍ ଫ୍ୟାମିଲି ଷ୍ଟଡିଜ୍' ଦ୍ୱାରା ଏକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ କୌଣସି ବ୍ୟକ୍ତିଙ୍କ ବ୍ୟଭିଚାର କାର୍ଯ୍ୟକଳାପ ଯେତେବେଳେ ପ୍ରଘଟ ହୁଏ, ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କ ପରିବାର ପାଇଁ ଲଜ୍ଜା, ଅସ୍ୱସ୍ତିକର, ଅପମାନ ଓ ସାମାଜିକ ତିରସ୍କାର ପରି ପରିସ୍ଥିତି ସୃଷ୍ଟି କରେ। ଏମିତି ଅନେକ ଉଦାହରଣ ରହିଛି ଯେଉଁଠି ଅଭିନେତା, ଖେଳାଳି ଓ ବ୍ୟବସାୟୀମାନଙ୍କ ପରକୀୟା ପ୍ରୀତି ପ୍ରଘଟ ହେବା କାରଣରୁ ଉପହସିତ ଓ ଅପମାନିତ ହୋଇଛନ୍ତି। କିନ୍ତୁ ବିଡ଼ମ୍ବନା ଯେ ପୁରୁଷକୈନ୍ଦ୍ରିକ ଭାରତୀୟ ସମାଜରେ ବ୍ୟଭିଚାରକୁ ଏକ ଲିଙ୍ଗଭିତ୍ତିକ ଦୃଷ୍ଟିକୋଣରେ ମୂଲ୍ୟାଙ୍କନ କରାଯାଏ। ପୁରୁଷମାନଙ୍କ ତୁଳନାରେ ଏହି ସବୁ ମାମଲାରେ ସମ୍ପୃକ୍ତ ମହିଳାମାନେ କଠୋର ସାମାଜିକ ପ୍ରତିକ୍ରିୟା ଓ ପ୍ରତିବାଦର ସମ୍ମୁଖୀନ ହୋଇଥା'ନ୍ତି।

ଭାରତୀୟ ନ୍ୟାୟ ସଂହିତାରେ ବ୍ୟଭିଚାରକୁ ଆଇନଗତ ଅପରାଧ ଭାବେ ସ୍ୱୀକାର କରାଯାଏ ନାହିଁ। ୨୦୧୮ ମସିହାରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଜୋସେଫ୍ ଶାଇନ୍ ବନାମ କେନ୍ଦ୍ର ସରକାର ମାମଲାରେ ପରକୀୟା ପ୍ରୀତିକୁ ଅପରାଧମୁକ୍ତ କରିଥିଲେ। ଯଦିଓ ନ୍ୟାୟାଳୟ ଅନୁଯାୟୀ ବ୍ୟଭିଚାର ଆଉ ଅପରାଧ ନୁହେଁ ଏବଂ ଏଥିରେ ସମ୍ପୃକ୍ତ ପକ୍ଷଙ୍କୁ ଦୋଷୀ ସାବ୍ୟସ୍ତ କରିବା ଅସାମ୍ବିଧାନିକ, ତଥାପି ନାଗରିକ ଆଇନ ଅନୁଯାୟୀ ଏହା ଛାଡ଼ପତ୍ର ପାଇଁ ଏକ ବୈଧ ଆଧାର। ଭାରତରେ ବ୍ୟଭିଚାର ଓ ବିବାହ ବହିର୍ଭୂତ ସମ୍ପର୍କ ଏବେ ଛାଡ଼ପତ୍ର ପାଇଁ ଏକ ଉତ୍ସ ପାଲଟିଯାଇଛି ବୋଲି ବୈବାହିକ ୱେବସାଇଟ୍ 'ଶାଦି ଡଟ୍ କମ୍'ର ସର୍ବେକ୍ଷଣରୁ ଜଣାପଡ଼ିଛି। ଏହି ସର୍ବେକ୍ଷଣ ତଥ୍ୟାନୁଯାୟୀ ଭାରତରେ ୨୦%ରୁ ୪୦% ଆଇନଗତ ବିବାହ ବିଚ୍ଛେଦ କେବଳ ପରକୀୟା ପ୍ରୀତି ବା ବ୍ୟଭିଚାର ଯୋଗୁଁ ହେଉଛି।

ଭାରତୀୟ ସଂସ୍କୃତି ବ୍ୟଭିଚାରକୁ ଏକ ନିଷିଦ୍ଧ ଅଭ୍ୟାସ ବୋଲି ବିବେଚନା କରୁଥିବା ବେଳେ ଆଧୁନିକ ଗଣମାଧ୍ୟମ, ବିଶେଷକରି ସିନେମା, ଓଟିଟି ଓ ଟିଭି ଧାରାବାହିକ ଏହି ମାନବ ସମ୍ପର୍କର ଜଟିଳତାକୁ ଅଧିକ ସୂକ୍ଷ୍ମ ଭାବରେ ଚିତ୍ରଣ କରୁଛି। ମୁଖ୍ୟ କଥା ହେଉଛି, ଏହାକୁ ନୈତିକ ବିଫଳତା ଭାବରେ ନୁହେଁ, ବରଂ ବିବାହରେ ବିଚ୍ଛିନ୍ନତା, ଏକାକୀତ୍ୱ ଓ ଅସନ୍ତୋଷ ଭଳି ଆଧୁନିକ ଆହ୍ୱାନର ଏକ ସମାଧାନ ସୂତ୍ର ଭାବରେ ଚିତ୍ରଣ କରାଯାଉଛି। ଏହାବ୍ୟତୀତ ସାମ୍ପ୍ରତିକ ଡିଜିଟାଲ ଯୁଗରେ ପରକୀୟା ପ୍ରୀତିକୁ ଟିଣ୍ଡର, ସୁଗାରବୁକ୍, ୱିଚାଟ୍ ଓ ଟେଲିଗ୍ରାମ ଭଳି ଅନେକ ଅନଲାଇନ୍ ଡେଟିଂ ଆପ୍ ସହ ସାମାଜିକ ଗଣମାଧ୍ୟମ ପ୍ରୋତ୍ସାହିତ କରୁଛି ବୋଲି ଅଭିଯୋଗ ମଧ୍ୟ ହୁଏ। କୋଭିଡ ମହାମାରୀ ପରଠାରୁ ଭାରତରେ 'ଡେଟିଂ ଆପ୍' ବ୍ୟବହାରକାରୀଙ୍କ ସଂଖ୍ୟା ପ୍ରାୟ ଶହେଗୁଣରୁ ଅଧିକ ବୃଦ୍ଧି ପାଇଛି। ଡିଜିଟାଲ ପଣ୍ଡିତଙ୍କ ମତରେ 'ଡେଟିଂ ଆପ୍' ମୁଖ୍ୟତଃ ସେହି ଲୋକମାନେ ବ୍ୟବହାର କରନ୍ତି, ଯେଉଁମାନେ ନିଜର ବୈବାହିକ ସମ୍ପର୍କରେ ଅସନ୍ତୁଷ୍ଟ ଅଛନ୍ତି କିମ୍ବା ଯେଉଁମାନେ ଦାମ୍ପତ୍ୟ ଜୀବନ ବାହାରେ କୌଣସି ପ୍ରକାରର ଉତ୍ସାହ ଖୋଜୁଛନ୍ତି। ଗତବର୍ଷ ଲୋକପ୍ରିୟ ଫରାସୀ ଆପ୍ 'ଗ୍ଲିଡେନ୍ ପୋର୍ଟାଲ' ଦ୍ୱାରା ପରକୀୟା ପ୍ରୀତି ଆଧାରିତ ଏକ ଗବେଷଣାରେ ଭାଗ ନେଇଥିବା ୪୬ ପ୍ରତିଶତଙ୍କ ମତରେ ବିବାହ ବହିର୍ଭୂତ ଆକର୍ଷଣ ହେଉଛି ଏକପ୍ରକାରର ଶାଶ୍ୱତ ପ୍ରେମ(ପ୍ଲାଟୋନିକ ଇଣ୍ଟରଆକ୍ସନ୍)। ୩୬ ପ୍ରତିଶତଙ୍କ ମତରେ ସାମାଜିକ ଗଣମାଧ୍ୟମରେ ବଢୁଥିବା ଭର୍ଚୁଆଲ୍ ଆକର୍ଷଣ ହିଁ ପରକୀୟା ପ୍ରୀତି ପାଇଁ ଦାୟୀ। ସର୍ବେକ୍ଷଣରେ ବିସ୍ତୃତ ଭାବରେ କୁହାଯାଇଛି ଯେ ଡେଟିଙ୍ଗ ଆପ୍‌ର ଉପଭୋକ୍ତାମାନେ ଦିନକୁ ହାରାହାରି ୯୦ ମିନିଟ ଚାଟ୍ କରନ୍ତି ଏବଂ ଅପରାହ୍ନ ୧୨ଟାରୁ ଅପରାହ୍ନ ୩ଟା ଏବଂ ରାତି ୧୦ଟାରୁ ମଧ୍ୟରାତ୍ରି ଅଧିକ ସକ୍ରିୟରୁହନ୍ତି। ଅନ୍ୟ ଏକ ମହଲର ଦାବି ଅନୁଯାୟୀ ଆଧୁନିକ ଯୁଗରେ ବ୍ୟଭିଚାର ପାଇଁ 'ଡେଟିଂ ଆପ୍' କିମ୍ବା ସାମାଜିକ ଗଣମାଧ୍ୟମ ଦାୟୀ ନୁହେଁ। ସାମାଜିକ ଗଣମାଧ୍ୟମ କେବଳ ବ୍ୟକ୍ତିଗତ ସ୍ୱାଧୀନତାକୁ ସ୍ୱୀକାର କରିବାର ଏକ ଉପକରଣ। ଏହାକୁ ବ୍ୟକ୍ତିଗତ ପସନ୍ଦ ବା ଅଭ୍ୟାସରେ ବ୍ୟବହାର କରିବା ଆମ ଉପରେ ନିର୍ଭର କରେ।

କ୍ରମବର୍ଦ୍ଧିଷ୍ଣୁ ଜଗତୀକରଣ, ସହରୀକରଣ ଏବଂ ପାଶ୍ଚାତ୍ୟ ମୂଲ୍ୟବୋଧ ଯୋଗୁଁ କିଛି ନିର୍ଦ୍ଦିଷ୍ଟ ବର୍ଗରେ ବିବାହ ଓ ବିଶ୍ୱସ୍ତତା ପ୍ରତି ଥିବା ଆଭିମୁଖ୍ୟ ଧୀରେ ଧୀରେ ବଦଳିବାରେ ଲାଗିଛି। ବ୍ୟକ୍ତିବାଦ ଓ ବ୍ୟକ୍ତିଗତ-ପରିପୂର୍ଣ୍ଣତାକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ସହରାଞ୍ଚଳରେ ବ୍ୟଭିଚାରର ମାତ୍ରା ଗ୍ରାମାଞ୍ଚଳଠାରୁ ଅଧିକ। ବେଙ୍ଗାଲୁରୁ, ମୁମ୍ବାଇ ଓ କୋଲକାତା ଭଳି ମହାନଗରୀର ଅତ୍ୟାଧୁନିକ ଜୀବନଶୈଳୀ ଦ୍ୱାରା ପରକୀୟା ପ୍ରୀତି ଜନିତ ମାମଲା ଅଧିକ ଦେଖିବାକୁ ମିଳୁଛି। ମନୋବିଜ୍ଞାନୀଙ୍କ ମତରେ ପରକୀୟା ପ୍ରୀତି ପାଇଁ ଜୀବନସାଥୀ ସହିତ ଥିବା ସମ୍ପର୍କ ବିଶେଷ ଭାବରେ ଦାୟୀ ନୁହେଁ, ବରଂ ଏହାକୁ ବୈଧତା ଦେବା ପାଇଁ ସେମାନଙ୍କର ନିଜସ୍ୱ ଆବଶ୍ୟକତା ସହିତ ଏହା ସମ୍ବନ୍ଧିତ। ଏହା ସାଧାରଣତଃ ସମାଧାନ ହୋଇପାରୁନଥିବା ବ୍ୟକ୍ତିବିଶେଷର ବୃହତ ମାନସିକ କିମ୍ବା ଭାବନାତ୍ମକ ସମସ୍ୟାର ପ୍ରତ୍ୟକ୍ଷ ପରିପ୍ରକାଶ ବୋଲି ଅନେକ ପରିବାର ପରାମର୍ଶଦାତା ମତପୋଷଣ କରନ୍ତି। ଭାରତର ବଡ଼ ସହରମାନଙ୍କରେ ୨୦ ଲକ୍ଷରୁ ଅଧିକ ଉପଭୋକ୍ତା ଥିବା ଏକ ପରକୀୟା ପ୍ରୀତି ଡେଟିଙ୍ଗ ପୋର୍ଟାଲ ଦାବି କରିଛି ଯେ ଏହାର ସଦସ୍ୟଙ୍କ ପାଇଁ ଶାରୀରିକ ସମ୍ପର୍କ ପ୍ରାଥମିକତା ନୁହେଁ। ଏହାର ୯୦% ସଦସ୍ୟ ବୈବାହିକ ଜୀବନରେ ବିରକ୍ତିବୋଧ, ନିଃସଙ୍ଗତା ନିବାରଣ ଓ ଭାବନାତ୍ମକ ସୁଖ ପାଇବା ପାଇଁ ଏଥିରେ ଯୋଗ ଦେଇଛନ୍ତି।

ବ୍ୟଭିଚାରର ବ୍ୟାପକତାର ସାମାଜିକ ଦୃଷ୍ଟିକୋଣକୁ ଆମେରିକୀୟ ସମାଜବିଜ୍ଞାନୀ ସି ରାଇଟ୍ ମିଲ୍ସଙ୍କ ତତ୍ତ୍ୱ 'ଦି ସୋସିଓଲୋଜିକାଲ ଇମାଜିନେସନ୍' ଦ୍ୱାରା ବିଶ୍ଳେଷଣ କରାଯାଇପାରେ। ଏହି ତତ୍ତ୍ୱର ମୂଳପିଣ୍ଡ ଉଲ୍ଲେଖ କରେ ଯେ ସାମାଜିକ ବାସ୍ତବତା ହେଉଛି ଉଭୟ ବ୍ୟକ୍ତିଗତ ଅନୁଭୂତି ଏବଂ ବୃହତ ସାମାଜିକ ପ୍ରସଙ୍ଗର ଏକ ସମ୍ମିଶ୍ରଣ। ଉଦାହରଣ ସ୍ୱରୂପ, ସାମାଜିକ ପ୍ରସଙ୍ଗ, ଯଥା ହ୍ରାସ ପାଉଥିବା ପରିବାରର ଭୂମିକା, ଆଧୁନିକ କର୍ମ ସଂସ୍କୃତି, ଆଧୁନିକ ଜୀବନଶୈଳୀର ପ୍ରଭାବ ଓ ବ୍ୟକ୍ତିଗତ ସନ୍ତୋଷକୁ ପ୍ରାଥମିକତା ସହିତ ଯେତେବେଳେ ଅବିଶ୍ୱାସ, ବିକୃତ ମାନସିକତା, ଯୌନ ଅସନ୍ତୁଷ୍ଟି ଭଳି ବ୍ୟକ୍ତିଗତ କାରଣ ଯୋଡ଼ି ହୋଇଯାଏ ସେତେବେଳେ ପରକୀୟା ପ୍ରୀତି ଭଳି ଆଚରଣର ସମ୍ଭାବନା ଅଧିକ ହୋଇଯାଏ।

ପରକୀୟା ପ୍ରୀତି ଏକ ବ୍ୟକ୍ତିଗତ ମାନସିକ ସମସ୍ୟା ହୋଇଥିବାରୁ ଅନେକ ସମୟରେ ଦାମ୍ପତ୍ୟ ଜୀବନରେ ସନ୍ତୁଳନ ପାଇଁ ମନସ୍ତାତ୍ତ୍ୱିକ ପରାମର୍ଶର ଆବଶ୍ୟକତା ପଡ଼େ। 'କ୍ଷମା କରିବା' ହେଉଛି ଏହି ଚିକିତ୍ସାର ମୂଳଦୁଆ। ଜୀବନରେ ବିଶ୍ୱାସର ଅର୍ଥ ଓ ଅବିଶ୍ୱାସର ପ୍ରଭାବ ଏବଂ ସବୁ ଭୁଲି ଆଗକୁ ବଢ଼ିବା ଭଳି ପରାମର୍ଶ ଏହି ଚିକିତ୍ସାଗତ ହସ୍ତକ୍ଷେପ ପର୍ଯ୍ୟାୟରେ ଜଡ଼ିତ।

ଭାରତର ସମସ୍ତ ପ୍ରମୁଖ ଧର୍ମରେ ବ୍ୟଭିଚାରକୁ ଉଭୟ ନୈତିକ ଏବଂ ଧାର୍ମିକ ସଂହିତାର ଉଲ୍ଲଂଘନ ଭାବେ ବିବେଚନା କରାଯାଏ। କାରଣ ଏପର୍ଯ୍ୟନ୍ତ ଭାରତୀୟ ସଂସ୍କୃତି ରକ୍ଷଣଶୀଳତାର ସେହି ନିଷିଦ୍ଧ ଏରୁଣ୍ଡିବନ୍ଧ ଡେଇଁବାକୁ ଉଦାର ଅନୁମତି ଦେଇନାହିଁ। ସେଥିପାଇଁ ଅଧିକାଂଶ ଭାରତୀୟ ଏହି ଆଚରଣକୁ ଏକ ନକାରାତ୍ମକ କାର୍ଯ୍ୟ ଏବଂ ଅନୈତିକ ବୋଲି ମତ ପୋଷଣ ମଧ୍ୟ କରନ୍ତି। ସବୁଠାରୁ ଚିନ୍ତାର କାରଣ ହେଉଛି କ୍ରମବର୍ଦ୍ଧିଷ୍ଣୁ ବ୍ୟଭିଚାର ଯୋଗୁଁ ଭାରତରେ ଏକକ-ବିବାହର ବିଚାରଧାରା ଏବେ ବିପଦରେ। ବିଡ଼ମ୍ବନା ଯେ ଏହାର ନିରାକରଣ ପାଇଁ କୌଣସି ଆନୁଷ୍ଠାନିକ ଢାଞ୍ଚା ନାହିଁ। ତେଣୁ କେବଳ ବ୍ୟକ୍ତିଗତ ଜୀବନରେ ବିଶ୍ୱାସ, ସଦାଚାର ଓ ନୈତିକତା ହିଁ ପରକୀୟା ପ୍ରୀତି ଭଳି ସାମାଜିକ ବିଚ୍ୟୁତିର ସମାଧାନ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ସୁଦର୍ଶନ ଚକ୍ର, ଆଇରନ ଡୋମ ଓ ଗୋଲ୍‌ଡେନ୍ ଡୋମ

**ଇଂ ମାୟାଧର ସ୍ୱାଇଁ**

ସୁଦର୍ଶନ ଚକ୍ର ବା ଏସ୍ -୪୦୦, ଆଇରନ ଡୋମ ଓ ଗୋଲଡେନ ଡୋମ ହେଉଛି ଆଧୁନିକ ଯୁଦ୍ଧ ପ୍ରଣାଳୀର ଏକ ଏକ ପ୍ରମୁଖ ଅଂଶ। ଆଧୁନିକ ଯୁଦ୍ଧରେ ପଦାତିକ ବାହିନୀର ଭୂମିକା ଗୌଣ ହେଇଛି ଏବଂ ନିର୍ଣ୍ଣାୟକ ଭୂମିକା ନେଉଛି ବିମାନ ବାହିନୀ। କିଛିବର୍ଷ ପୂର୍ବରୁ ଯୁଦ୍ଧବିମାନରେ ପାଇଲଟ ଯାଇ ଶତ୍ରୁ ଦେଶ ଉପରେ ବୋମା ନିକ୍ଷେପ କରୁଥିଲା। ଏଥିରେ ପାଇଲଟର ଜୀବନ ସଙ୍କଟାପନ୍ନ ହେଉଥିଲା। କିନ୍ତୁ ଆଜିକାଲିର ଯୁଦ୍ଧରେ ପାଇଲଟବିହୀନ ଯାନ ଏହିସବୁ କାର୍ଯ୍ୟ କରୁଛି। ଏହାକୁ 'ଡ୍ରୋନ' କୁହାଯାଏ। ପୁନଶ୍ଚ ଆଜିକାଲି ବିକଶିତ ହୋଇଥିବା ଦୂରଗାମୀ କ୍ଷେପଣାସ୍ତ୍ରଗୁଡ଼ିକୁ ନିଜ ଦେଶ ଭିତରେ ରହି କିମ୍ବା ସ୍ଥଳଭାଗରୁ, ବିମାନରୁ ଓ ଜଳଭାଗରୁ ଶତ୍ରୁ ଦେଶର ଲକ୍ଷ୍ୟ ସ୍ଥଳରେ ନିକ୍ଷେପ କରାଯାଇ ପାରୁଛି। ଯୁଦ୍ଧ ସମୟରେ ମୁଖ୍ୟତଃ କ୍ଷେପଣାସ୍ତ୍ର ଓ ଡ୍ରୋନ ଆକ୍ରମଣରୁ ରକ୍ଷା କରିବା ହେଉଛି ପ୍ରତ୍ୟେକ ଦେଶର ପ୍ରାଥମିକତା। ଏଥିପାଇଁ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀର ବିକାଶ କରାଯାଇଛି। ଉପରେ ବର୍ଣ୍ଣିତ ତିନି ଯୁଦ୍ଧାସ୍ତ୍ର ହେଉଛି ଏହି ଶ୍ରେଣୀର।

ଭାରତର ମୁଖ୍ୟ କ୍ଷେପଣାସ୍ତ୍ର ବିରୋଧୀ ଯନ୍ତ୍ର ହେଉଛି ଏସ୍ ୪୦୦। ଏହା ରୁଷିଆରୁ ଭାରତ ଆଣିଛି ଏବଂ ଏହାର ନାମ ରଖିଛି 'ସୁଦର୍ଶନ ଚକ୍ର'। ମହାଭାରତରେ ଶ୍ରୀକୃଷ୍ଣଙ୍କ ସୁଦର୍ଶନ ଚକ୍ର ଯେପରି ଅତି ଶକ୍ତିଶାଳୀ ଥିଲା, ଏସ୍ ୪୦୦ ମଧ୍ୟ ସେହିଭଳି 'ଅପରେସନ୍ ସିନ୍ଦୂର'ରେ ନିଜର ପରାକ୍ରମ ଦେଖାଇଛି। ଏସ୍ ୪୦୦ରେ ଶକ୍ତିଶାଳୀ ରେଡାର ଖଞ୍ଜା ଯାଇଛି, ଯାହା ପ୍ରାୟ ୬୦୦ କି.ମି. ଦୂରରେ ଉଡୁଥିବା ଯେ କୌଣସି ଜିନିଷକୁ ଦେଖିପାରେ। ଠାବ କରିବା ପରେ ଏଥିରେ ଥିବା କମ୍ପ୍ୟୁଟର ଏହାକୁ ଯାଞ୍ଚ କରି ଏହା ବିମାନ ନା କ୍ଷେପଣାସ୍ତ୍ର ନା ପକ୍ଷୀ, ତାହା ସ୍ଥିର କରେ। ପୁନଶ୍ଚ ସେହି ବିମାନ କିମ୍ବା କ୍ଷେପଣାସ୍ତ୍ର ନିଜ ଦେଶର ନା ଶତ୍ରୁ ଦେଶର, ତାହା ମଧ୍ୟ ଜାଣିପାରେ। ଶତ୍ରୁପକ୍ଷର ବିମାନ ବୋଲି ଜଣାପଡ଼ିଲେ, ଏହା କାଳବିଳମ୍ବ ନ କରି ଧ୍ୱଂସ କରିବା ପାଇଁ କ୍ଷେପଣାସ୍ତ୍ର ନିକ୍ଷେପ କରେ। ଏହିସବୁ କାର୍ଯ୍ୟ ସ୍ୱୟଂଚାଳିତ ଭାବେ ହୋଇଥାଏ। ଏହି ପ୍ରତିରକ୍ଷା ପ୍ରଣାଳୀକୁ ସୀମାରେ ସ୍ଥାପନ କରାଯାଇଥାଏ। ଅବଶ୍ୟ ଭାରତର ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂସ୍ଥା (ଡିଆରଡିଓ) ନିର୍ମିତ କ୍ଷେପଣାସ୍ତ୍ର ବିରୋଧୀ ପ୍ରଣାଳୀ ମଧ୍ୟ ଏଥିରେ ସାମିଲ ହୋଇ ଭଲ କାର୍ଯ୍ୟ କରିଥିଲା। ଏସ୍ ୪୦୦ ନାମ କରଣରୁ ଜଣାପଡ଼େ ଯେ ଏହା ୪୦୦ କି.ମି ଦୂରତା ପର୍ଯ୍ୟନ୍ତ କ୍ଷେପଣାସ୍ତ୍ର ନିକ୍ଷେପ କରିପାରେ।

ଆଇରନ ଡୋମ ବା ଲୌହ ଗମ୍ବୁଜ ହେଉଛି ଇସ୍ରାଏଲର କ୍ଷେପଣାସ୍ତ୍ର ବିରୋଧୀ ପ୍ରତିରକ୍ଷା ପ୍ରଣାଳୀ। ପଡ଼ୋଶୀ ଦେଶର ବିମାନ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଇସ୍ରାଏଲ୍ ଏକ ତ୍ରିସ୍ତରୀୟ ପ୍ରତିରକ୍ଷା ପ୍ରଣାଳୀ କାର୍ଯ୍ୟକାରୀ କରୁଛି। ଏହାର ପ୍ରଥମ ବା ବାହ୍ୟ ସ୍ତର ହେଉଛି କ୍ଷେପଣାସ୍ତ୍ର ପ୍ରଣାଳୀ, ଯାହା ବାୟୁମଣ୍ଡଳ ବାହାରେ ଶତ୍ରୁ ଦେଶର କ୍ଷେପଣାସ୍ତ୍ରକୁ ଧ୍ୱଂସ କରେ। ଦ୍ୱିତୀୟସ୍ତର ବାୟୁମଣ୍ଡଳ ଭିତରେ ୩୦୦ କି.ମି. ପରିସୀମା ମଧ୍ୟରେ କାର୍ଯ୍ୟ କରେ। ଏହାର ଆଭ୍ୟନ୍ତର ପ୍ରତିରକ୍ଷା ସ୍ତରରେ ଆଇରନ ଡୋମ ଅଛି ଏବଂ ଏଥିରେ ଶକ୍ତିଶାଳୀ ତାମିର କ୍ଷେପଣାସ୍ତ୍ର ଅଛି। ୨୦୨୩ ମସିହା ଅକ୍ଟୋବର ୭ ତାରିଖରେ ଇସ୍ରାଏଲକୁ ନିକ୍ଷେପ କରାଯାଇଥିବା କ୍ଷେପଣାସ୍ତ୍ରଗୁଡ଼ିକୁ ଏହା ନଷ୍ଟ କରିଦେଇଥିଲା। ପୁନଶ୍ଚ ୨୦୨୪ ମସିହା ଅପ୍ରେଲ ୧ ତାରିଖ ଓ ଅକ୍ଟୋବର ୧ ତାରଖରେ ଇରାନ ଏକକାଳୀନ ଏକଶହରୁ ଅଧିକ କ୍ଷେପଣାସ୍ତ୍ର ଇସ୍ରାଏଲ୍‌କୁ ପଠାଇଥିବା ବେଳେ ଆଇରନ ଡୋମ୍ ୮୦ ପ୍ରତିଶତରୁ ଅଧିକ କ୍ଷେପଣାସ୍ତ୍ରକୁ ନଷ୍ଟ କରି ଦେଇଥିଲା।

'ଗୋଲ୍‌ଡେନ୍ ଡୋମ୍' ବା 'ସୁନେଲୀ ଗମ୍ବୁଜ' ହେଉଛି ଯୁକ୍ତରାଷ୍ଟ୍ର ଆମେରିକାର କଳ୍ପିତ ପ୍ରତିରକ୍ଷା ପ୍ରଣାଳୀ। ବର୍ତ୍ତମାନ ଆମେରିକାରେ କ୍ଷୁଦ୍ର ଓ ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ରର ପ୍ରତିରୋଧ ପାଇଁ 'ଟର୍ମିନାଲ ହାଏ ଆଲ୍ଟିଚ୍ୟୁଡ ଏରିଆ ଡିଫେନ୍ସ ସିଷ୍ଟମ' ବା 'ଥାଡ' ପ୍ରତିରକ୍ଷା ପ୍ରଣାଳୀ କାର୍ଯ୍ୟ କରୁଛି। 'ଗୋଲ୍‌ଡେନ୍ ଡୋମ୍' ଆମେରିକାକୁ ବାଲିଷ୍ଟିକ, କ୍ରୁସ ଓ ହାଇପର କ୍ଷେପଣାସ୍ତ୍ରରୁ ରକ୍ଷା କରିବ ଏବଂ ମହାକାଶରୁ ଶତ୍ରୁ ନିକ୍ଷେପ କରିବାକୁ ଥିବା କ୍ଷେପଣାସ୍ତ୍ରକୁ ମଧ୍ୟ ଚିହ୍ନଟ କରି ଧ୍ୱଂସ କରିପାରିବ।

ଚାଇନା, ଉତ୍ତର କୋରିଆ, ରୁଷିଆ ଓ ଇରାନ ଗତ କେତେ ବର୍ଷ ଧରି ଦୂରଗାମୀ କ୍ଷେପଣାସ୍ତ୍ର ବିକାଶ କରୁଛନ୍ତି। ଏପରିକି ଉତ୍ତର କୋରିଆ ରାଷ୍ଟ୍ରପତି ଖୋଲାଖୋଲି କହିଥିଲେ ଯେ ତାଙ୍କ ଦେଶରୁ ନିକ୍ଷେପିତ କ୍ଷେପଣାସ୍ତ୍ର ଯୁକ୍ତରାଷ୍ଟ୍ର ଆମେରିକା ପହଞ୍ଚିବାରେ କୌଣସି ଅସୁବିଧା ନାହିଁ। ଏଣୁ ଆମେରିକା ୧୭୫ ବିଲିୟନ ଡଲାର ଦେଇ 'ଗୋଲ୍‌ଡେନ୍ ଡୋମ୍' ବିକାଶ କରୁଛି। କୌଣସି ଦେଶରୁ କ୍ଷେପଣାସ୍ତ୍ର ଆମେରିକା ସୀମାରେ ପ୍ରବେଶ ପୂର୍ବରୁ ତା'କୁ ନଷ୍ଟ କରିଦେବ। ପୁନଶ୍ଚ ସୁଦୂର ଉତ୍ତର କୋରିଆ, ଚାଇନା କିମ୍ବା ରୁଷିଆରୁ ନିକ୍ଷେପିତ କ୍ଷେପଣାସ୍ତ୍ରର ଗତିବିଧିକୁ ବାୟୁମଣ୍ଡଳରେ ଏହା ଜାଣିବାର ବ୍ୟବସ୍ଥା ରହିବ। ଏଥିପାଇଁ ସମୁଦ୍ର, ବାୟୁ ଓ ମହାକାଶରେ ସଂବେଦୀ ସ୍ଥାପନ କରାଯିବ।

ଇସ୍ରାଏଲ୍‌ର ଆଇରନ ଡୋମକୁ ସବୁଠାରୁ ପ୍ରଭାବଶାଳୀ ପ୍ରତିରକ୍ଷା ପ୍ରଣାଳୀ ମନେ କରାଯାଉଛି। ମାତ୍ର ଏହା ମଧ୍ୟ ଶତପ୍ରତିଶତ ପ୍ରଭାବୀ ନୁହେଁ। 'ଗୋଲ୍‌ଡେନ୍ ଡୋମ୍'କୁ ଶତପ୍ରତିଶତ ପ୍ରଭାବୀ କରିବାକୁ ଚେଷ୍ଟା କରାଯାଉଛି। ରୁଷିଆ ନିର୍ମିତ ଏସ୍-୪୦୦ର ପରାକ୍ରମ ଆମେ ନିକଟରେ ଦେଖିଲେ। ଭାରତ ପାଖରେ ଏଥିରୁ ତିନୋଟି ଅଛି ଏବଂ ଆସନ୍ତା ବର୍ଷ ସୁଦ୍ଧା ଆଉ ଦୁଇଟି ଭାରତ ପାଇବ ବୋଲି ଚୁକ୍ତି ହୋଇଛି।

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

## ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

### କୁଙ୍କୁମ

**ସୌଭାଗ୍ୟସୁନ୍ଦର**

କୁଙ୍କୁମ ଗଛକୁ ଗୁଲବାସା, ଲଟକନ୍, ସକ୍ତା, ସିନ୍ଦୂର ମଧ୍ୟ କୁହାଯାଏ। ଆମେରିକୀୟ ମୂଳ ଜାତ ଏହି ଆକ୍ରମଣାତ୍ମକ ବୃକ୍ଷ ବର୍ତ୍ତମାନ ଭାରତ ସମେତ ଅନେକ ଦେଶରେ ପ୍ରାକୃତିକୀକରଣ ହୋଇସାରିଛି। ଏହି ଉଦ୍ଭିଦ ବିଭିନ୍ନ ଖାଦ୍ୟ ଉତ୍ପାଦକୁ ରଙ୍ଗ କରିବା ପାଇଁ ପ୍ରାକୃତିକ ରଙ୍ଗର ଉତ୍ସ ଭାବରେ ଜଣାଶୁଣା। ଏହାକୁ ଆମେରିକାରେ ଲିପଷ୍ଟିକ୍ ଗଛ ବୋଲି ମଧ୍ୟ କୁହାଯାଏ।

କୁଙ୍କୁମ ଏକ ଚିରହରିତ ବୃକ୍ଷ, ଯାହା ୬ ରୁ ୧୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରେ। ପତ୍ରଗୁଡ଼ିକ ପ୍ରାୟ ୬ ରୁ ୮ ସେମି ଲମ୍ବା ଏବଂ ୪ ରୁ ୫ ସେମି ଚଉଡ଼ା। ଏହାର ଛାଲି କଠିନ, ମସୃଣ ଓ ହାଲୁକା କିମ୍ବା ଗାଢ଼ ମାଟିଆ ରଙ୍ଗର। ଶାଖାଗୁଡ଼ିକର ଅଗ୍ରଭାଗରେ ପୁଷ୍ପଦଗମ ଗୁଚ୍ଛରେ ପ୍ରାୟ ୮ ରୁ ୫୦ ପର୍ଯ୍ୟନ୍ତ ଫୁଲ ଧାରଣ କରିଥାଏ। ଫୁଲଗୁଡ଼ିକ ପ୍ରାୟ ୫ ସେମି ଲମ୍ବା, ସୁଗନ୍ଧିତ, ଉଜ୍ଜ୍ୱଳ ଧଳା କିମ୍ବା ଗୋଲାପୀ। ଫଳଗୁଡ଼ିକ ଗୋଲାକାର, ଅଣ୍ଡାକୃତି କ୍ୟାପସୁଲ, ଦ୍ୱି-ପାକ୍ଷି, ନରମ କଣ୍ଟା ଦ୍ୱାରା ଆଚ୍ଛାଦିତ, ଲାଲ-ବାଦାମୀ ରଙ୍ଗର, ପେନ୍ଥା ହୋଇ ସଜାଯାଇଥାଏ। ପ୍ରତ୍ୟେକ ଫଳ ବା କ୍ୟାପସୁଲରେ ୩୦ ରୁ ୪୫ କୋଣ ଆକୃତିର ବିହନ ଥାଏ, ଯାହା ଏକ ପତଳା ମହମ ଭଳି ରକ୍ତ-ଲାଲ ପରଦା ବା ଆରିଲରେ ଆଚ୍ଛାଦିତ ହୋଇଥାଏ।

କୃତ୍ରିମ ରଙ୍ଗ ଶିଳ୍ପରେ ବିପ୍ଲବ ଆସିବା ପୂର୍ବରୁ କୁଙ୍କୁମ୍ ବାଣିଜ୍ୟିକ ଭାବରେ ଚାଷ ଯାଉଥିଲା। କ୍ଷାରୀୟ ପାଣି, ବନସ୍ପତି ତେଲ କିମ୍ବା ଜୈବିକ ଦ୍ରାବକ ବ୍ୟବହାର କରି ବିହନର ବାହ୍ୟ ଆବରଣରୁ ରଙ୍ଗ ବାହାର କରାଯାଏ। ରଙ୍ଗୀନ ଲାଲ-କମଳା ବର୍ଣ୍ଣର ରଙ୍ଗ କିମ୍ବା ରଙ୍ଗ କ୍ୟାରୋଟିନଏଡ୍ ବର୍ଣ୍ଣକ ଉପାଦାନରେ ଭରପୂର ଥାଏ। କୁଙ୍କୁମର ରଙ୍ଗ ଔଷଧ ଉତ୍ପାଦକୁ ରଙ୍ଗ କରିବା ପାଇଁ ସର୍ବାଧିକ ବ୍ୟବହୃତ ପ୍ରାକୃତିକ ରଙ୍ଗ ମଧ୍ୟରୁ ଗୋଟିଏ ହୋଇଥିବାରୁ ଆନ୍ତର୍ଜାତିକ ସ୍ତରରେ ଏହାର ଚାହିଦା ଅଧିକ ରହିଛି। ଏହା ବ୍ୟତୀତ ଲିପଷ୍ଟିକ୍, କେଶ ରଙ୍ଗ ଉତ୍ପାଦ, ନଖ ପଲିସ୍, ସାବୁନ୍, ବାର୍ଣ୍ଣିସ ଓ ଅନ୍ୟାନ୍ୟ ରଙ୍ଗ ଆଦିରେ ଏହାର ବ୍ୟବହାର ହୁଏ।

ଭାରତରେ ଆୟୁର୍ବେଦ ଏବଂ ଲୋକ ଚିକିତ୍ସା ପଦ୍ଧତିରେ କୁଙ୍କୁମର ବ୍ୟବହାର ବହୁ ପୁରୁଣା। ଏହାର ବିହନରେ ବିକ୍ସିନ୍, ନରବିକ୍ସିନ୍, ଟୋକୋଟ୍ରିଏନଲ୍ସ, ବିଟା-କାରୋଟିନ୍, ସଂତୃପ୍ତ, ଅସମ୍ପୂର୍ଣ୍ଣ ଫ୍ୟାଟି ଏସିଡ୍, ଫ୍ଲାଭୋନଏଡ୍ସ, ଟାନିନ୍, ଭିଟାମିନ୍ ସି, ଏସେନସିଆଲ ବା ଅତ୍ୟାବଶ୍ୟକ ତେଲ ଗଛିତ ଥାଏ। ଏହାର ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟି-ଇନଫ୍ଲାମେଟାରୀ, ଏବଂ ଆଷ୍ଟ୍ରିଞ୍ଜେଣ୍ଟ ଗୁଣ ପାଇଁ ଦୀର୍ଘକାଳୀନ ରୋଗଗୁଡ଼ିକୁ ରୋକିବା ପାଇଁ ମଧ୍ୟ ଉପକାରୀ ଅଟେ। ଏହା ଟୋକୋଟ୍ରିଏନଲ୍ସର ଏକ ଭଲ ଉତ୍ସ। ଟୋକୋଟ୍ରିଏନଲ୍ସ ହେଉଛି ଏକ ପ୍ରକାର ଭିଟାମିନ୍ ଇ ଯାହା କର୍କଟ ଓ ହୃଦ୍‌ରୋଗ ଚିକିତ୍ସାରେ ସୁରକ୍ଷା ମୂଳକ ପ୍ରଭାବ ପକାଇପାରେ। ଏହାର ପତ୍ର ଏବଂ ମୂଳରୁ ଏକ ପ୍ରକାରର ପାନୀୟ ତିଆରି କରାଯାଏ ଯାହା ଛାତି ଜଳିବା ଏବଂ କୋଷ୍ଠକାଠିନ୍ୟ ଭଳି ସମସ୍ୟାକୁ ଦୂର କରିବା ପାଇଁ ଚାହା ଭଳି ପାଇଁ ସେବନ କରାଯାଏ। ଏହାର ଆଣ୍ଟିମାଇକ୍ରୋବିଏଲ୍ ଗୁଣ ଯୋଗୁଁ ଏହାକୁ ଚର୍ମ ସଂକ୍ରମଣ ଏବଂ କ୍ଷତ ଚିକିତ୍ସାରେ ମଧ୍ୟ ପ୍ରଭାବଶାଳୀ ଔଷଧ ଭାବରେ ବ୍ୟବହାର କରାଯାଇଥାଏ। ଗଣ୍ଠି ବାତ ରୋଗ ଉପଶମରେ ମଧ୍ୟ ଏହା ବ୍ୟବହୃତ ହୁଏ। ଏହା ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ ଜୀବନ ଶକ୍ତିକୁ ପ୍ରୋତ୍ସାହିତ କରେ କାରଣ ଏହାର କ୍ୟାଲୋରିଫିକ୍ ମୂଲ୍ୟ ଭଲ ଥାଏ। କୁଙ୍କୁମ ଗଛର କାଣ୍ଡରୁ ତନ୍ତୁ ଜାତୀୟ ଉପାଦାନ ମୂଲ୍ୟବାନ ଦଉଡ଼ି ମ୍ୟାଟ୍ ତିଆରି କରିବା ପାଇଁ ବ୍ୟବହୃତ ହୋଇଥାଏ ଏବଂ ଏହାର ରସରୁ ଆଧେସିଭ୍ ଗମ୍ ବା ଅଠା ତିଆରି ହୁଏ।

କୁଙ୍କୁମର ମୁଖ୍ୟ ବାଣିଜ୍ୟିକ ଉତ୍ପାଦକ ହେଉଛି ଲାଟିନ୍ ଆମେରିକାର ଦେଶ (ପେରୁ, ବ୍ରାଜିଲ୍ ଓମେକ୍ସିକୋ)। ଏକବିଂଶ ଶତାବ୍ଦୀର ଆରମ୍ଭରେ ଶୁଖିଲା କୁଙ୍କୁମ ବିହନର ବାର୍ଷିକ ବିଶ୍ୱ ଉତ୍ପାଦନ ୧୦, ୦୦୦ ଟନ୍ ବୋଲି ଆକଳନ କରାଯାଇଥିଲା, ଯାହା ମଧ୍ୟରୁ ୭, ୦୦୦ ଟନ୍ ଅନ୍ତର୍ଜାତୀୟ ବାଣିଜ୍ୟରେ ପ୍ରବେଶ କରିଥିଲା। ୧୬ ଶହ ଏବଂ ୧୭ ଶହ ଶତାବ୍ଦୀ ମଧ୍ୟରେ କୁଙ୍କୁମ ରଙ୍ଗ ଦକ୍ଷିଣ-ପୂର୍ବ ଏସିଆ, ଆଫ୍ରିକା, କାରିବିଆନ୍, ହାୱାଇ ଏବଂ ଦକ୍ଷିଣ-ପୂର୍ବ ଉତ୍ତର ଆମେରିକାରେ ବାଣିଜ୍ୟ ବିନିମୟ ମାଧ୍ୟମରେ ଉଷ୍ମମଣ୍ଡଳୀୟ ଏବଂ ଉପ-ଉଷ୍ମମଣ୍ଡଳୀୟ ଅଞ୍ଚଳରେ ବଣ୍ଟନ କରାଯାଇଥିଲା। ପ୍ରାକୃତିକ ଭାବରେ କୁଙ୍କୁମ ଉଦ୍ଭିଦର ସ୍ଥାୟୀତ୍ୱ ପ୍ରତି ଧ୍ୟାନ ଦେବା ଜରୁରୀ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ପାଇଖାନା ଟାଙ୍କି କାମ ବେଳେ ଅଘଟଣ

## ବିଦ୍ୟୁତ୍ ଆଘାତରେ ୩ ଶ୍ରମିକ ମୃତ



ଖଇରା, ୮।୬ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ଥାନା ଝିଙ୍କିରିଆ ପଞ୍ଚାୟତ ଅଧୀନ ଗଗନଧୂଳି ଗ୍ରାମରେ ଆଜି ଏକ ବଡ଼ଧରଣର ଅଘଟଣ ଘଟିଛି। ନବନିର୍ମିତ ପାଇଖାନା ଟାଙ୍କିରେ କାମ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ୩ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ, ଖଇରା ବ୍ଲକ୍ ବଡ଼ଜୟୀପୁର ପଞ୍ଚାୟତ ତେନ୍ତୁଳିଆ ଗ୍ରାମର ନରହରି ବେହେରା (୬୨) ଏବଂ ଗଗନଧୂଳି ଗ୍ରାମର ବାବାଜୀ ମାଝୀ (୪୩) ଓ ହରେକୃଷ୍ଣ ଦାସ (୩୨)। ପୁଲିସ୍ ଶବଗୁଡ଼ିକୁ ବ୍ୟବଚ୍ଛେଦ ଲାଗି ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ହରେକୃଷ୍ଣଙ୍କ ଘରେ ଏକ ପାଇଖାନା ଟାଙ୍କି ନିର୍ମାଣ ଚାଲିଥିଲା। ପାଇଖାନା ଛାତ ସେଣ୍ଟ୍ରିଂ ଖୋଲିବାକୁ ଆଜି ନରହରି, ବାବାଜୀ ଓ ହରେକୃଷ୍ଣ ଭିତରକୁ ଯାଇଥିଲେ। ଏହି ସମୟରେ ଟାଙ୍କି ଭିତରକୁ ଯାଇଥିବା ବିଦ୍ୟୁତ୍ କଟର୍‌ର ତାରଟି କୌଣସି କାରଣରୁ ଛିଡ଼ି ତଳକୁ ଖସି ପଡ଼ିଥିଲା। ଟାଙ୍କି ଭିତରେ ୩ ଫୁଟ୍ ଉଚ୍ଚର ପାଣି ଥିବା ବେଳେ ପାଣିରେ ଛିଡ଼ା ହୋଇ କାମ କରୁଥିବା ଶ୍ରମିକମାନେ ଛିଡ଼ିଥିବା ତାର ସଂସ୍ପର୍ଶରେ ଆସିବା ମାତ୍ରେ ଗୁରୁତର ହୋଇପଡ଼ିଥିଲେ। ଗ୍ରାମବାସୀ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ସମସ୍ତଙ୍କୁ ପ୍ରଥମେ ବାରାପୁରର ଏକ ଘରୋଇ କ୍ଲିନିକ୍‌ରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ସମସ୍ତଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ଅସହାୟ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଦାବି କରିଛନ୍ତି।

## ଡବଲ ଇଞ୍ଜିନ ସରକାରରେ ରାଜ୍ୟର ଶିଳ୍ପାୟନ ସ୍ଥିତି ନୈରାଶ୍ୟଜନକ: ବିଜେଡି

### ମୁଖ୍ୟମନ୍ତ୍ରୀଙ୍କ ପରିସଂଖ୍ୟାନ ବାସ୍ତବତାଠାରୁ ବହୁ ଦୂରରେ

■ ଜେଏସ୍‌ଡବ୍ଲୁ, ଆର୍ସଲେର୍ ମିତ୍ତଲ, ଭାରତ ବାୟୋଟେକ୍ ପ୍ରକଳ୍ପ ସ୍ଥିତି କ'ଣ?
■ ନିବେଶକଙ୍କ ଭରସା ଜିଣିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି

ଭୁବନେଶ୍ୱର,୮।୬(ସମିସ): ମାତ୍ର ୧ ବର୍ଷର ଶାସନରେ ଓଡ଼ିଶାର ଶିଳ୍ପାୟନ ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ପରିସଂଖ୍ୟାନ ବାସ୍ତବତାଠାରୁ ବହୁ ଦୂରରେ ବୋଲି ବିଜୁ ଜନତା ଦଳ ପକ୍ଷରୁ କୁହାଯାଇଛି। ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡଃ ଲେନିନ ମହାନ୍ତି ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ ଡବଲ ଇଞ୍ଜିନ ସରକାରରେ ରାଜ୍ୟର ଶିଳ୍ପାୟନ ସ୍ଥିତି ନୈରାଶ୍ୟଜନକ। ଓଡ଼ିଶା ୨୦୨୩-୨୪ ବର୍ଷରେ ଶ୍ରେଷ୍ଠ ନିବେଶଯୋଗ୍ୟ ରାଜ୍ୟ ଭାବେ କେନ୍ଦ୍ର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରାଳୟ ଦ୍ୱାରା ଏବଂ ୨୦୨୨-୨୩ ବର୍ଷରେ ଦ୍ୱିତୀୟ ସର୍ବାଧିକ ନିବେଶ ଆକୃଷ୍ଟକାରୀ ରାଜ୍ୟ ଭାବେ ରିଜର୍ଭ ବ୍ୟାଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ୨୦୨୩-୨୪ ବର୍ଷରେ ଶ୍ରେଷ୍ଠ ରାଜ୍ୟ ଭାବେ ଓଡ଼ିଶା ପୁରସ୍କୃତ ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଓ ସ୍ୱଚ୍ଛ ନୀତି ଫଳରେ ଓଡ଼ିଶା ଇସ୍ପାତ ଉତ୍ପାଦନରେ ୧୫ ଗୁଣା, ସିମେଣ୍ଟରେ ୨୨ ଗୁଣା, ଆଲୁମିନିୟମରେ ୭.୫ ଗୁଣା ଓ ଶକ୍ତି ଉତ୍ପାଦନରେ ୩.୫ ଗୁଣା ଅଭିବୃଦ୍ଧି ହାସଲ କରିପାରିଥିଲା। ଅପରପକ୍ଷରେ ଡବଲ ଇଂଜିନ ସରକାର ଆସିବା ପରଠାରୁ ଗତ ୧ ବର୍ଷ ମଧ୍ୟରେ ଓଡ଼ିଶା ପ୍ରତି ନିବେଶକଙ୍କ ଆସ୍ଥା ଓ ଭରସା କମିଯାଉଥିବା ପରିଲକ୍ଷିତ ହେଉଛି।

ଡଃ ମହାନ୍ତି କହିଛନ୍ତି, କଟକର ନରାଜଠାରେ ୪୦ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରତିଷ୍ଠା ହେବାକୁ ଥିବା ଜେଏସ୍‌ଡବ୍ଲୁର ବୈଦ୍ୟୁତିକ ଯାନ ଓ ବ୍ୟାଟେରୀ ଉତ୍ପାଦନ ପ୍ରକଳ୍ପ ଆଜି ମହାରାଷ୍ଟ୍ର ମୁହାଁ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ହେବାକୁ ଥିବା ଆର୍ସଲେର ମିତ୍ତଲ-ନିପ୍ପନ ଷ୍ଟିଲ ପ୍ଲାଣ୍ଟ ପ୍ରକଳ୍ପ ଆନ୍ଧ୍ରକୁ ଚାଲିଯିବା ଏକପ୍ରକାର ନିଶ୍ଚିତ ବୋଲି ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଉଛି। ଭୁବନେଶ୍ୱରର ଅନ୍ଧାରୁଆଠାରେ ଭାରତ ବାୟୋଟେକ୍‌ର ଟୀକା ଉତ୍ପାଦନ କେନ୍ଦ୍ର ପୂର୍ଣ୍ଣ କାର୍ଯ୍ୟକ୍ଷମ ଅବସ୍ଥାକୁ ଆସିଥିଲେ ମଧ୍ୟ, ରାଜ୍ୟ ନେତୃତ୍ୱ ଉପରେ ଭରସା କରିନପାରି ଅନ୍ୟ ରାଜ୍ୟକୁ ଚାଲିଯିବା ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଉଛି। ବିଜେଡି ସରକାର ସମୟରେ ନବୀନ ବାବୁଙ୍କ ନେତୃତ୍ୱ ଉପରେ ଭରସା କରି ଅନେକ ନିବେଶକ ଓଡ଼ିଶାରେ ନିବେଶ କରିବା ସକାଶେ ଆକୃଷ୍ଟ ହେଉଥିଲେ। କିନ୍ତୁ ଆଜି ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ଓ ଦିଗହରା ଶାସନ ବ୍ୟବସ୍ଥା ଲାଗି ନିବେଶକମାନେ ଓଡ଼ିଶାରୁ ମୁହଁ ଫେରାଇ ନେଉଛନ୍ତି ବୋଲି ଡଃ ମହାନ୍ତି କହିଛନ୍ତି। ଏଭଳି ସ୍ଥିତିରେ ଶିଳ୍ପାୟନ କ୍ଷେତ୍ରରେ ରାଜ୍ୟ ସରକାର ନିଜ ପିଠି ନିଜେ ଥାପୁଡ଼େଇବା ପରିବର୍ତ୍ତେ ନବୀନ ସରକାର ଅମଳରେ ହୋଇଥିବା ଓଡ଼ିଶା ବିକାଶର ଧାରାକୁ ପ୍ରତିବଦ୍ଧତାର ସହ ଆଗକୁ ବଢ଼ାନ୍ତୁ ବୋଲି ଡଃ ମହାନ୍ତି କହିଛନ୍ତି।

### ଇଣ୍ଡିଆନ୍ ବିଲ୍ଡିଂ କଂଗ୍ରେସର ବୈଷୟିକ କର୍ମଶାଳା ଉଦ୍‌ଘାଟିତ

## ନିର୍ମାଣ ହେବ ନୂଆ ବିଧାନସଭା, ସଚିବାଳୟ, ଉତ୍କଳ ମଣ୍ଡପମ୍

### ଭୂତଳ ମେଟ୍ରୋ ରେଳ ପକଳ୍ପ ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୮।୬(ସମିସ): ଭୁବନେଶ୍ୱରରେ ନୂଆ ଲୋକସେବା ଭବନ ଓ ବିଧାନସଭା କୋଠା ନିର୍ମାଣ ହେବ। ଏହାସହ ଓଡ଼ିଶା ମଣ୍ଡପମ୍ ମଧ ନିର୍ମାଣ ହେବ। ସରକାରୀସ୍ତରରେ ଏନେଇ ଆଲୋଚନା ହେବା ସହ ଚନ୍ଦ୍ରଶେଖରପୁରରେ ଜାଗା ବି ଚିହ୍ନଟ ହୋଇଛି। ଏହା ଏକ ମଲ୍ଟି-ମୋଡାଲ କନ୍‌ଭେନ୍‌ସନ୍ ସେଣ୍ଟର୍ ହେବ। ଏଥିରେ ପ୍ରାୟ ୧୦ ହଜାର ଲୋକଙ୍କ ବସିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଇଣ୍ଡିଆନ୍ ବିଲ୍ଡିଂ କଂଗ୍ରେସର ବୈଷୟିକ କର୍ମଶାଳା ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଆଜି ଏହା କହିଛନ୍ତି। ଆଧୁନିକ ଜ୍ଞାନକୌଶଳର ବ୍ୟବହାର କରି ଉନ୍ନତ ତଥା ଉତ୍କୃଷ୍ଟ ଭିତ୍ତିଭୂମି ନିର୍ମାଣ କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ପରିପେକ୍ଷୀରେ ମନ୍ତ୍ରୀ ଭୂତଳ ମେଟ୍ରୋ ରେଳ ପ୍ରକଳ୍ପ ଉପରେ ଗୁରୁତ୍ୱାରୋପ କରିଛନ୍ତି।

ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଏବଂ ଆଇବିସି ପକ୍ଷରୁ ଆୟୋଜିତ ଏହି ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ଭୌଗୋଳିକ ଦୃଷ୍ଟିକୋଣରୁ ଓଡ଼ିଶା ଏକ ବିପର୍ଯ୍ୟୟପ୍ରବଣ ରାଜ୍ୟ। ନିୟମିତ ଭାବେ ବନ୍ୟା, ବାତ୍ୟା ସହ ଅନେକ ସମୟରେ ଭୂମିକମ୍ପ ଘଟଣା ନଜରକୁ ଆସୁଛି। ଏହାକୁ ଦୃଷ୍ଟିରେ ରଖି ଆଗକୁ ନିର୍ମାଣ ହେବାକୁ ଥିବା ପ୍ରତ୍ୟେକ ଭିତ୍ତିଭୂମିଗୁଡ଼ିକ ବିପର୍ଯ୍ୟୟ ସହନଶୀଳ ହେବା ସହ ସମସ୍ତ ଆଧୁନିକ ବ୍ୟବସ୍ଥାରେ ପରିପୂର୍ଣ୍ଣ ହେବା ଆବଶ୍ୟକ ରହିଛି। ଏହାକୁ ଦୃଷ୍ଟିରେ ରଖି ଆଧୁନିକ ଜ୍ଞାନକୌଶଳର ଉପଯୋଗ କରି ପରିବେଶ ସହନଶୀଳ ନିର୍ମାଣକୁ ଗୁରୁତ୍ୱ ଦେବା ପାଇଁ ବୈଠକରେ ଯୋଗ ଦେଇଥିବା ଇଂଜିନିୟରମାନଙ୍କୁ ମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ଆଇବିସି ଓଡ଼ିଶା ଚାପ୍ଟର୍‌ର ଅଧ୍ୟକ୍ଷ ବିଜୟ ଚନ୍ଦ୍ର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇବିସି, ନୂଆଦିଲ୍ଲୀର ସଭାପତି ଇଂ. ସି. ଦେବନାଥ ଏବଂ ପ୍ରତିଷ୍ଠାନ ସଭାପତି ଇଂ. ଓ.ପି. ଗୋଏଲ୍ ଆଇବିସିର କାର୍ଯ୍ୟଧାରା ସହ ଇଂଜିନିୟରମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ନିୟମିତ କର୍ମଶାଳା ଆୟୋଜନ ଏବଂ ପରସ୍ପର ମଧ୍ୟରେ ଅଭିଜ୍ଞତା ବଣ୍ଟନ, ନୂଆ ଟେକ୍ନୋଲୋଜିର ବ୍ୟବହାର ଉପରେ ନିଜର ମତ ରଖିଥିଲେ। ଇଂ. ଏମ୍ ମୁରୁଗେସନ୍ ଅଣ୍ଡରଗ୍ରାଉଣ୍ଡ ମେଟ୍ରୋ ପ୍ରକଳ୍ପ ନିର୍ମାଣରେ ଆହ୍ୱାନ ଏବଂ ବିକଳ୍ପ ଡିଜାଇନ୍‌ର ଉପଯୋଗ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଆଇବିସିର ସମ୍ପାଦକ ଶ୍ରୀ ଭି. ଆର୍. ବଂଶଲ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରତି ଜିଲ୍ଲା ପାଇଁ ନିର୍ମାଣ ହେବ ଅତିଥି ଭବନ

ଭୁବନେଶ୍ୱର, ୮।୬(ସମିସ): ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ କ୍ଷେତ୍ର ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରତ୍ୟହ ରାଜଧାନୀକୁ ଲୋକ ଆସୁଛନ୍ତି। ଏହି ଲୋକମାନେ ରହିବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଲୋକମାନଙ୍କ ସ୍ୱାର୍ଥ ଓ ସୁବିଧାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତି ଜିଲ୍ଲାର ଲୋକଙ୍କ ପାଇଁ ଅତିଥି ଭବନ ନିର୍ମାଣ କରାଯିବ। ସେମାନେ ଭୁବନେଶ୍ୱର ଆସିଲେ, ରହିବା ପାଇଁ ତାଙ୍କୁ ଆଉ କୌଣସି ସମସ୍ୟା ହେବ ନାହିଁ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

ରାଜଧାନୀ ଭୁବନେଶ୍ୱରରେ ପ୍ରତି ଜିଲ୍ଲାର ଲୋକଙ୍କ ପାଇଁ ୧୦୦ କୋଠରୀ ସମ୍ବଳିତ ଅତିଥି ଭବନର ବ୍ୟବସ୍ଥା ହେବ। ବିଶେଷକରି ସ୍ୱାସ୍ଥ୍ୟ ସେବା ପାଇଁ ରାଜଧାନୀକୁ ଛୁଟି ଆସୁଥିବା ଲୋକମାନଙ୍କ ପାଇଁ ଏହି ବ୍ୟବସ୍ଥା ବେଶ ଉପକାରୀ ସାବ୍ୟସ୍ତ ହେବ। ସେହିଭଳି ଶିକ୍ଷା ଲାଭ ତଥା ରାଜ୍ୟ ସରକାରଙ୍କର ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇଁ ମଧ ଲୋକମାନେ ଏଠାକୁ ଆସନ୍ତି। ତେବେ ରହିବା ପାଇଁ ସେମାନେ ହୋଟେଲ୍ କିମ୍ବା ଅନ୍ୟା ଜାଗାରେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ଲୋକଙ୍କ ସୁବିଧା ପାଇଁ ଗେଷ୍ଟ ହାଉସ ପ୍ରସ୍ତୁତ ହେବ। ଯାହାଦ୍ୱାରା ଲୋକ ସୁବିଧାରେ ରହି ନିଜ ଆବଶ୍ୟକୀୟ କାମ କରିପାରିବେ। ପ୍ରତି ଜିଲ୍ଲା ପାଇଁ ୧୦୦ କୋଠାରୀ ବିଶିଷ୍ଟ ଗେଷ୍ଟ ହାଉସ୍ ହେବ। ପ୍ରତି ଜିଲ୍ଲା ନାମରେ ଏହାକୁ ନାମିତ କରାଯିବ। ରାଜଧାନୀର ପ୍ରମୁଖ ୧୦ଟି ସ୍ଥାନରେ ଏହା ନିର୍ମାଣ ହେବ ବୋଲି ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଋଣ ଯନ୍ତାରେ...

ରାଜନୈତିକ ଦଳଗୁଡ଼ିକର ମାଗଣା ବଣ୍ଟନ ପ୍ରତିଶ୍ରୁତି ସାରା ଦେଶର ଅର୍ଥନୀତି ଉପରେ ଚାପ ସୃଷ୍ଟି କରିଛି। ବିଭିନ୍ନ ରାଜନୈତିକ ଦଳଗୁଡ଼ିକର 'ମାଗଣା' ପ୍ରତିଯୋଗିତା ସମ୍ପୃକ୍ତ ରାଜ୍ୟଗୁଡ଼ିକ ସହ ଦେଶର ଆର୍ଥିକ ସ୍ଥିତି ପାଇଁ କ୍ଷତିକାରକ ସାବ୍ୟସ୍ତ ହେବାକୁ ଯାଉଛି। ୨୦୨୪ ଡିସେମ୍ବର ରିପୋର୍ଟ ଅନୁସାରେ, ଜାମ୍ମୁ-କାଶ୍ମୀରର ଋଣ ଓ ଜିଡିପି ଅନୁପାତ ୫୧%ରେ ପହଞ୍ଚିଛି। ସେହିପରି ବିଜେପି ଓ ଏହାର ସହଯୋଗୀଙ୍କ ଦ୍ୱାରା ଶାସିତ ରାଜ୍ୟ ବିହାର, ରାଜସ୍ଥାନ, ତ୍ରିପୁରା, ଆନ୍ଧ୍ରପ୍ରଦେଶର ଋଣ-ଜିଡିପି ଅନୁପାତ ୩୫% ଅତିକ୍ରମ କରିଛି। ମଧ୍ୟପ୍ରଦେଶରେ ଏହା ୩୧.୩%, ଉତ୍ତରପ୍ରଦେଶରେ ୨୯.୪%, ଛତିଶଗଡ଼ରେ ୨୯.୬%, ହରିଆଣାରେ ୨୬.୨%, ଆସାମରେ ୨୫.୭%, ମହାରାଷ୍ଟ୍ରରେ ୧୮.୪% ଥିବା ସୂଚନା ମିଳିଛି। ସେହିପରି ପଶ୍ଚିମବଙ୍ଗରେ ମାଗଣା ବଣ୍ଟନ ବ୍ୟବସ୍ଥା ସମ୍ପୃକ୍ତ ରାଜ୍ୟର ଆର୍ଥିକ ସ୍ଥିତି ଉପରେ ଗୁରୁତର ପ୍ରଭାବ ପକାଇଛି। ଏଠାରେ ଋଣ ଓ ଜିଡିପି ଅନୁପାତ ୩୮%ରେ ପହଞ୍ଚିଛି। ଅଣବିଜେପିଶାସିତ ରାଜ୍ୟ ପଞ୍ଜାବରେ ଏହା ୪୪.୫%, ତାମିଲନାଡୁରେ ୨୬.୧% ରହିଛି। ତେବେ ବିତ୍ତୀୟ ପରିଚାଳନାରେ ଦୁଇ ଦଶନ୍ଧି ଧରି ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଥିବା ଓଡ଼ିଶାରେ ଏହି ଅନୁପାତ ସର୍ବନିମ୍ନ ୧୨.୭% ରହିଥିବାବେଳେ ସମ୍ପ୍ରତି ଏହା ଉର୍ଦ୍ଧ୍ୱଗାମୀ ହୋଇଥିବା ସୂଚନା ମିଳିଛି।

### ମଣିପୁର ପୁଣି...

ପଦକ୍ଷେପ ନେଇଛନ୍ତି। ଏହି କଟକଣା ୫ ଦିନ ଧରି ଜାରି ରହିବ। ମଇତି ନେତାଙ୍କ ଗିରଫଦାରିକୁ ବିରୋଧ କରି ଗତକାଲି ରାତିରେ କେତେକ ଆନ୍ଦୋଳନକାରୀ ନିଜ ମୁଣ୍ଡ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ ଧମକ ଦେଉଥିବାର ଏଭ ଭିଡିଓ ଭାଇରାଲ ହେବାରେ ଲାଗିଛି। ପୁଲିସ ସେମାନଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ପୁଣି ମଇତି ନେତାଙ୍କୁ ଗିରଫ କରାଯାଇଥିବାରୁ ଜଣେ ସାଂସଦ ଓ ଅନେକ ବିଧାୟକ ରାସ୍ତା ଉପରେ ବିରୋଧ କରୁଥିବାର ମଧ ଦେଖାଯାଇଛି। ରାଜ୍ୟରେ ଆଜି ଠାରୁ ସଂପୂର୍ଣ୍ଣ ବନ୍ଦ ପାଳନ ଲାଗି ମଇତି ସଂଗଠନ ଆହ୍ୱାନ ଦେଇଥିବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ପରିସ୍ଥିତିର ମୁକାବିଲା ଲାଗି ସୁରକ୍ଷା ବାହିନୀ ବିଭିନ୍ନ ସ୍ଥାନରେ ଚଢ଼ଉ ଚଳାଇଛି। ଚଢ଼ଉ ବେଳେ ତିନି ଜଣ ଉଗ୍ରବାଦୀଙ୍କୁ ଗିରଫ କରାଯିବା ସହିତ ସେମାନଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ରାଯାଇଛି।

ଇତିମଧ୍ୟରେ ରାଜ୍ୟପାଳ ଅଜୟ କୁମାର ଭଲ୍ଲା ଆଜି ଏକ ଉଚ୍ଚସ୍ତରୀୟ ବୈଠକରେ ପରିସ୍ଥିତିର ସମୀକ୍ଷା କରିଛନ୍ତି। ମଣିପୁର ଏବେ ରାଷ୍ଟ୍ରପତି ଶାସନ ଅଧୀନରେ ରହିଥିବାରୁ ସମସ୍ତ ଆଇନ ଶୃଙ୍ଖଳା ବଜାୟ ରଖିବା କ୍ଷମତା ରାଜ୍ୟପାଳଙ୍କ ନିକଟରେ ରହିଛି। ସୂଚନାଯୋଗ୍ୟ ଯେ ୨୦୨୩ ମେ ମାସରୁ ମଣିପୁର ଅଶାନ୍ତ ରହିଛି। ଏହି ସମୟ ମଧ୍ୟରେ ବ୍ୟାପକ ହିଂସା ଯୋଗୁଁ ୨୬୦ରୁ ଅଧିକ ଲୋକ ପ୍ରାଣ ହରାଇବା ସହିତ ହଜାର ହଜାର ଲୋକ ବାସଚ୍ୟୁତ ହେଲେଣି। ହିଂସା ରୋକିବାରେ ବିଫଳ ହେବାପରେ ବୀରେନ ସିଂହ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାପରେ ଗତ ଫେବୃଆରୀ ମାସ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରାଯାଇଥିଲା।

### ସ୍ନାନ ପୂର୍ଣ୍ଣିମା ଯାଏଁ...

କିଛି ସ୍ଥାନରେ ତାପମାତ୍ରା ୪୪ ଡିଗ୍ରୀ ଛୁଇଁବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ତେବେ ଜୁନ୍ ୧୨ ପରେ ପାଗରେ ପରିବର୍ତ୍ତନ ଆସିବ। ଅନ୍ୟପଟେ ତାପମାତ୍ରା ବୃଦ୍ଧି ଯୋଗୁଁ ରବିବାର ଝାରସୁଗୁଡ଼ାରେ ତାପମାତ୍ରା ୪୦. ଡିଗ୍ରୀ ଛୁଇଁଥିବା ବେଳେ ସମ୍ବଲପୁରରେ ତାପମାତ୍ରା ୪୦.୬ ଡିଗ୍ରୀ ରେକର୍ଡ ହୋଇଛି। ଅଧିକାଂଶ ସ୍ଥାନରେ ତାପମାତ୍ରା ୩୯ ଡିଗ୍ରୀ ଉପରେ ରହିଛି। ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଗ୍ରୀଷ୍ମ ଲହରୀ ସ୍ଥିତି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକୁ ୟେଲୋ ଆଲର୍ଟ ଜାରି କରାଯାଇଛି।

ଯଦିଓ ବର୍ତ୍ତମାନ ଗରମ ଓ ଗୁଳୁଗୁଳି ଜାରି ରହିବ, ଅପରାହ୍ଣ ପରେ ରାଜ୍ୟର ଅନେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଅନ୍ୟପଟେ ରଜ ବେଳକୁ ରାଜ୍ୟରେ ପାଗ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ସାଧାରଣତଃ ମୌସୁମୀ ସହିତ ଏକ ନିମ୍ନଚାପରେଖା ଜଡ଼ିତ ହୋଇ ରହିଥାଏ। ଏହି ଚାପରେଖାଟି ବଙ୍ଗୋପସାଗରରୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଭୂପୃଷ୍ଠକୁ ପ୍ରେରିତ କରିଥାଏ। ୧୧ ତାରିଖରୁ ଏହି ଚାପରେଖାର ଅବସ୍ଥାନ ପରିବର୍ତ୍ତନ ହେବ। ଏହା ପ୍ରଭାବରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ରଜ ବେଳକୁ ପାଗ କୋହଲା ସହ କିଛି କିଛି ସ୍ଥାନରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

### ଦେଢ଼ବର୍ଷ ହେଲା...

ଆଶାୟୀମାନେ ରାସ୍ତାକୁ ଓହ୍ଲାଇଥିଲେ। ସରକାର ମଧ ପରୀକ୍ଷାରେ ଅସଗତି ହୋଇଥିବା ସ୍ୱୀକାର କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ମନ୍ତ୍ରୀଙ୍କ ସମେତ ଏକାଧିକ ମନ୍ତ୍ରୀ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଗଣମାଧ୍ୟମରେ କହିଲେ। ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ମଧ ପରୀକ୍ଷାର୍ଥୀଙ୍କୁ ଅଧିକ ତଥ୍ୟ ପ୍ରମାଣ ଦେବାକୁ କହିଲେ। ହେଲେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ପୂର୍ବରୁ ପରୀକ୍ଷାଫଳ ଗତ ଏପ୍ରିଲ୍ ୨୩ ତାରିଖରେ ପ୍ରକାଶ ପାଇଛି। ପ୍ରିଲିମ୍ ପରୀକ୍ଷାର ପ୍ରାୟ ୮ ମାସ ପରେ ପରୀକ୍ଷା ଦେଇଥିବା ପ୍ରାୟ ୨ଲକ୍ଷ ୯୬ହଜାର ପରୀକ୍ଷାର୍ଥୀଙ୍କୁ ମେନ୍ ପରୀକ୍ଷା ପାଇଁ ସବୁଜ ସଙ୍କେତ ଦିଆଯାଇଛି। ସବୁ ପିଲାଙ୍କୁ ମେନ୍ ପରୀକ୍ଷା ପାଇଁ ସବୁଜ ସଙ୍କେତ ଦେବା ପରେ ପୂର୍ବପରି ଅନ୍‌ଲାଇନ୍ ନା ଅଫ୍‌ଲାଇନ୍‌ରେ ପରୀକ୍ଷା ହେବ, ସେନେଇ କଳ୍ପନାଜଳ୍ପନା ଲାଗି ରହିଛି। ଅନଲାଇନ୍‌ରେ ବ୍ୟାପକ ବିଭ୍ରାଟ ହୋଇଥିବାରୁ ଅଫ୍‌ଲାଇନ୍‌ରେ ଗୋଟିଏ ସିଫ୍ଟରେ ପରୀକ୍ଷା କରିବାକୁ ଆଶାୟୀମାନେ ଦାବି କରୁଛନ୍ତି। ସେମାନଙ୍କ କହିବା କଥା, ୨୦୨୧ରେ ପ୍ରାୟ ୨ହଜାର ଆର୍‌ଆଇ, ଅମିନ ନିଯୁକ୍ତି ପରୀକ୍ଷା ଅଫ୍‌ଲାଇନ୍‌ରେ ଗୋଟିଏ ସିଫ୍ଟରେ ହିଁ ହୋଇଥିଲା। ସେହିପରି ପ୍ରାୟ ୭ହଜାର ପଦରେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଓ କନିଷ୍ଠ କିରାଣୀ ନିଯୁକ୍ତି ପାଇଁ ଅଫ୍‌ଲାଇନ୍ ପରୀକ୍ଷା ହୋଇଥିଲା। ଏଥିରେ ମଧ ପ୍ରାୟ ୩ଲକ୍ଷରୁ ଅଧିକ ଆଶାୟୀ ପରୀକ୍ଷା ଦେଇଥିଲେ। ତେଣୁ ଅଫ୍‌ଲାଇନ୍‌ରେ ପରୀକ୍ଷା କରିବାରେ କୌଣସି ଅସୁବିଧା ନାହିଁ ବୋଲି ପରୀକ୍ଷାର୍ଥୀମାନେ ଯୁକ୍ତି ବାଢ଼ିଛନ୍ତି। ଅପରପକ୍ଷରେ ବିଜ୍ଞପ୍ତିକୁ ଦେଢ଼ବର୍ଷ ବିତିଥିଲେ ମଧ ନିଯୁକ୍ତି ଦେଇ ପାରିନଥିବାରୁ ଓଏସ୍‌ଏସ୍‌ଏସ୍‌ସିର ପରୀକ୍ଷା ପରିଚାଳନାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୁଖ୍ୟ ପରୀକ୍ଷା କେବେ ହେବ, ସେନେଇ କୌଣସି ବିଜ୍ଞପ୍ତି ବହାରିନାହିଁ। ଫଳରେ ନିଯୁକ୍ତି ପ୍ରକ୍ରିୟା କେବେ ସରିବ ଏବଂ କେବେ ନିଯୁକ୍ତି ମିଳିବ, ସେନେଇ ଆଶାୟୀମାନେ ପ୍ରଶ୍ନ କରିଛନ୍ତି। ତୁରନ୍ତ ମୁଖ୍ୟ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ କରାନଗଲେ, ବିଧାନସଭା ସମୟରେ ପରୀକ୍ଷାର୍ଥୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଷ୍ଟୁଡେଣ୍ଟ ଏଗେଷ୍ଟ କରପସନ୍‌ର ଆବାହକ ବିଭୂତି ଭୂଷଣ ମହାପାତ୍ର କହିଛନ୍ତି।

### ରାଜ୍ୟରେ ଦିନକୁ...

ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ସବୁଠାରୁ ସ୍ପର୍ଶକାତର ବିଷୟଟି ହେଉଛି ଦୁଷ୍କର୍ମ ଓ ମହିଳା ବିରୋଧୀ ହିଂସା ଘଟଣାରେ ପୁଲିସର ଆଭିମୁଖ୍ୟ। ବିଭିନ୍ନ ଅଣ ଅପରାଧିକ କାର୍ଯ୍ୟ, ସୁରକ୍ଷା ଦାୟିତ୍ୱ, ବଡ଼ବଡ଼ିଆଙ୍କ ଗସ୍ତ ଆଦିରେ ପୁଲିସ ଏତେମାତ୍ରାରେ ବ୍ୟସ୍ତ ଯେ ସେମାନେ ଏପରି ମହିଳା ବିରୋଧୀ ହିଂସା ଘଟଣାଗୁଡ଼ିକୁ ତଦନ୍ତ କରିବାକୁ ସମୟ ନ ଥିବା ବାହାନା କାଢୁଛନ୍ତି। ଯାହା ପୀଡ଼ିତା ଓ ସେମାନଙ୍କ ପରିବାରର କଟା ଘା'ରେ ଚୂନ ମାରିବା ପରି ହୋଇଛି। ୨୦୨୪ ଜୁନରୁ ଡିସେମ୍ବର ୫ ମାସ ମଧ୍ୟରେ ରାଜ୍ୟରେ ୭୬୯ ନାବାଳିକା ଦୁଷ୍କର୍ମ ମାମଲା ରୁଜୁ ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ ବିଧାନସଭାରେ ସୂଚନା ଦେଇଥିଲେ। ସେହିପରି ୫୦୯ ମହିଳାଙ୍କୁ ଦୁଷ୍କର୍ମ ଓ ୪୧ଟି ଗଣଦୁଷ୍କର୍ମ ମାମଲା ଘଟିଥିଲା ବୋଲି ସେ ସ୍ୱୀକାର କରିଥିଲେ। ଏହା ସତ୍ତ୍ୱେ ମହିଳା ବିରୋଧୀ ହିଂସାକାଣ୍ଡ ଓ ଦୁଷ୍କର୍ମଗୁଡ଼ିକର ବିଚାର ପାଇଁ ବିଶେଷ ତତ୍ପରତା ରାଜ୍ୟ ପୁଲିସ ପ୍ରକାଶ କରି ନ ଥିବା ଅଭିଯୋଗ ହୋଇଛି। ଉତ୍ତରପ୍ରଦେଶରେ ମହିଳା ବିରୋଧୀ ହିଂସା ଓ ଉତ୍ପୀଡ଼ନ ମାମଲାର ସଜାହାର ୬୮%, ବିହାର ପରି ଅପରାଧପ୍ରବଣ ରାଜ୍ୟରେ ୬୦% ରହିଥିବାବେଳେ ଓଡ଼ିଶାରେ ଏହା ୧୦% ବି ଅତିକ୍ରମ କରିନାହିଁ।

### ଗୁଣିଆ ସନ୍ଦେହରେ...

କରିବା ସହ ଗାଁଠାରୁ କିଛି ଦୂରରେ ନେଇ ପୋଡ଼ି ଦେଇଥିଲେ। ବୁଧବାର ସକାଳେ ତାଙ୍କ ପୁଅ-ଝିଅ ଘରକୁ ଆସି ଦେଖିବା ବେଳକୁ କାମ୍ବି ଘରେ ନଥିଲେ। ଚାରିଆଡ଼େ ଖୋଜାଖୋଜି କରି ନ ପାଇବାରୁ ଏବଂ ଘର ଆଗରେ ରକ୍ତଛିଟା ପଡ଼ିଥିବାରୁ ସେମାନଙ୍କ ମନକୁ ପାପ ଛୁଇଁଥିଲା। ତେବେ ତାଙ୍କ ବାପାଙ୍କୁ ମାରି ପୋଡ଼ି ଦିଆଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିବା ପରେ ଏ ସଂପର୍କରେ ସେମାନେ ମୋହନା ପୁଲିସ୍‌କୁ ଖବର ଦେଇଥିଲେ। କାମ୍ବିଙ୍କ ଝିଅ ସୁନ୍ଦରୀ ମଳିକଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଏକ ମାମଲା ରୁଜୁ କରି ଆଜି ମୃତଦେହ ପୋଡ଼ାଯାଇଥିବା ସ୍ଥାନରୁ ପାଉଁଶ ଏବଂ ହାଡ଼ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

### ଭିଜିଲାନ୍ସ ଜାଲରେ...

ଟଙ୍କା ମିଳିଥିଲା। ଏହାପରେ ଭିଜିଲାନ୍ସ ତାଙ୍କର ଅଫିସ, କ୍ୱାର୍ଟର୍ସ ଏବଂ ପୈତୃକ ବାସଭବନରେ ରାତି ତମାମ ଚଢ଼ଉ କରାଯାଇ ଯାଞ୍ଚ କରାଯାଉଛି।

୨୦୨୧ ବ୍ୟାଚ୍‌ର ଆଇଏଏସ୍ ଅଫିସର ଧୀମାନ ଚକମା ନିଯୁକ୍ତି ପରେ ଦୁର୍ନୀତିରେ ବୁଡ଼ି ରହିଥିଲେ। ସେ ଲୋକଙ୍କୁ ଧମକାଇ ଲାଞ୍ଚ ମାଗୁଥିଲେ ବୋଲି ଅଭିଯୋଗ ହୋଇଛି। ଏହିଭଳି ଜଣେ କ୍ରସର ବ୍ୟବସାୟୀଙ୍କୁ ଲାଞ୍ଚ ମାଗିଥିଲେ। ତାଙ୍କୁ ୨୦ ଲକ୍ଷ ଟଙ୍କା ଦେବାକୁ ଦାବି କରିଥିଲେ। ହେଲେ ବ୍ୟବସାୟୀ ଧୀମାନଙ୍କ ଏଭଳି ଅତ୍ୟାଚାର ସହ୍ୟ କରି ନପାରି ଭିଜିଲାନ୍ସ ନିକଟରେ ଅଭିଯୋଗ କରିବା ପରେ ତାଙ୍କୁ ଧରିବାକୁ ଜାଲ ବିଛାଯାଇଥିଲା। ଭିଜିଲାନ୍ସ ତାଙ୍କ ନାମରେ ଏକ ମାମଲା ରୁଜୁ କରି ଉଠାଇ ନେଇ ପଚରାଉଚରା କରୁଛି। ତାଙ୍କ ଆକାଉଣ୍ଟରେ କେତେ ଟଙ୍କା ରହିଛି, ଜମି, ଘର, ପ୍ଲଟ ଆଦି ଯାଞ୍ଚ କରୁଛି ଭିଜିଲାନ୍ସ।


**न्यायालय - जिला एवं अतिरिक्त सत्र न्यायाधीश के न्यायालय के अति , न्यायाधीश सारंगढ़, जिला - सारंगढ़ बिलाईगढ़ (छ.ग.)**

**पीठासीन अधिकारी - (पारूल श्रीवास्तव)**

**ईस्तहार**

विविध सिविल अपील 01/2022
पेशी तारीख - 28/06/2025
प्रोसेस क्रमांक - 205 /2025
फुलवाई वगै विरूद्ध विजय वगै

**प्रति,**

तनुजा पिताः श्रीवच्छ कोलता, पति गणेश प्रधान, उम्र लगभग 38 वर्ष, जाति कोलता, पेशा - कृषि, निवासी - ग्राम भठली, थाना सरिया, तहसील बरमकेला, जिला - सारंगढ़ बिलाईगढ़ (छ0ग0) हाल मुकाम - खेदापाली तहसील एवं जिला - बरगढ़ (उडिसा)

**विषय :-** विविध सिविल अपील 01/2022 फुलवाई वगै विरूद्ध विजय वगै में तनुजा पिताः श्रीवच्छ कोलता, पति गणेश प्रधान, उम्र लगभग 38 वर्ष, जाति कोलता, पेशा - कृषि, निवासी - ग्राम भठली, थाना सरिया, तहसील बरमकेला, जिला - सारंगढ़ बिलाईगढ़ (छ0ग0) हाल मुकाम - खेदापाली तहसील एवं जिला - बरगढ़ (उडिसा) कि उपस्थिति हेतु पेपर ईस्तहार।

चुकि यादि / अपिला थिंगण ने विजय वगै उत्तरवादिगण के विरुध अपिल हेतु वाद संस्थित किया है। उत्तरवादि क्रमांक 3 तनुजा पिताः श्रीवच्छ कोलता, पति गणेश प्रधान, उम्र लगभग 38 वर्ष, जाति कोलता, पेशा - कृषि, निवासी - ग्राम भठली, थाना सरिया, तहसील बरमकेला, जिला - सारंगढ़ बिलाईगढ़ (छ0ग0) हाल मुकाम - खेदापाली तहसील एवं जिला - बरगढ़ (उडिसा) को इस न्यायालय में पेशी तारीख 28/06/2025 को दिन में 11:00 बजे दावे का उत्तर देने के उपसंजात (हाजिर) होने के लिए समन किया जाता है। आप न्यायालय में स्वयं या किसी ऐसे प्लीडर द्वारा हाजिर हो सकते हैं जिसे सम्यक अनुदेश दिये गये हो और जो इस वाद से संबधित सभी सरयान प्रश्नों का उत्तर दे सके। तनुजा को यह निर्देश भी दिया जाता है कि आप उस दिन अपनी प्रतिरक्षा का लिखित कथन दाखिल करें और उस दिन ऐसी सब दस्तावेजों जो आपके कब्जे या शक्ति में हो पेश करें जिन पर आपकी प्रतिरक्षा का दावा या प्रतिदावा आधारित है।

आपको सूचित किया जाता है कि यदि आप ऊपर बताई गई तारीख को इस न्यायालय में उपसंजात (हाजिर) नहीं होंगे तो वाद की सुनवाई और उसका निपटारा आपकी अनुपस्थिति में किया जाएगा।

टीपः- यदि उक्त तिथि पर अवकाश घोषित हो जायेगा तो प्रकरण की सुनवाई ठीक पश्चात आगामी कार्यदिवस पर की जायेगी।

इस न्यायालय की मुद्रा एवं मेरे हस्ताक्षर द्वारा आज दिनांक 24/04/2025 को किया गया।

**(पारूल श्रीवास्तव)**
**जिला एवं अतिरिक्त सत्र न्यायाधीश के न्यायालय के अतिरिक्त न्यायाधीश सारंगढ़, जिला - सारंगढ़ बिलाईगढ़ (छ0ग0)**



बैंक ऑफ महाराष्ट्र Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
**ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର**
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୂପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨, ଇ-ମେଲ୍: dzmbbsr@mahabank.co.in

**ଦଖଲ ନୋଟିସ୍**
[ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣାଯାଇଥିବା ସମ୍ପତ୍ତିକୁ **ସାଙ୍କେତିକ ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ବର୍ଣ୍ଣିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଜଗତ୍‌ସିଂହପୁର ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟମାନଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
| --- | --- | --- | --- |
| ଋଣଗ୍ରହୀତାମାନେ: ୧) ମେସର୍ସ ଶିବମ୍ ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ଶ୍ରୀ ଲକ୍ଷ୍ମଣ ଦାସ, ପିତା: ଶ୍ରୀ ମିଳନ ଦାସ, ୨) ଶ୍ରୀ ଲକ୍ଷ୍ମଣ ଦାସ, ପିତା: ଶ୍ରୀ ମିଳନ ଦାସ / କୋ-ଆପ୍ଲିକାଣ୍ଟ: ଶ୍ରୀ ମିଳନ ଦାସ, ପିତା: ଶ୍ରୀ ନୀଳକଣ୍ଠ ଦାସ, ସମସ୍ତଙ୍କ ଠିକଣା- ସାଃ: ୬୬୫, ପଦମପୁର (ଶଙ୍ଖ), ପୋ.: ଓଲାରହ, ବାଘାଡି ବ୍ରିଜ୍ ନିକଟ, ଥାନା: ଏରସମା, ଜଗତ୍‌ସିଂହପୁର, ଓଡ଼ିଶା-୭୫୪୧୧୦ | ଶ୍ରୀ ଲକ୍ଷ୍ମଣ ଦାସଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ଗ୍ରାମ: ପଦମପୁର, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: ଜଗତ୍‌ସିଂହପୁର, ଥାନା ଏବଂ ଏସ୍‌ଆରଓ: ଏରସମା, ଜିଲ୍ଲା: ଜଗତ୍‌ସିଂହପୁର, ପରିମିତ କ୍ଷେତ୍ର: ୧୭୪୨ ବର୍ଗଫୁଟ ଏବଂ ସିଟିଏସ୍/ସର୍ଭେ ନଂ./ ଖାତା ନଂ.: ୬୬୫/୯୦୨, ପ୍ଲଟ୍ ନଂ.: ୧୪୬୮/୨୮୬୩, କିସମ: ଘରବାରୀ ସହିତ ସେଥିରେ ନିର୍ମିତ ହୋଇଥିବା / ହେବାକୁ ଥିବା ଗୃହ ଏବଂ ଷ୍ଟ୍ରକଚର୍ସ / ରେସିଡେନ୍ସିଆଲ୍ ବ୍ଲକ୍ ଯାହାର ପରିମିତ କ୍ଷେତ୍ର: ୧୩୫୦ ବର୍ଗଫୁଟ ଏବଂ ସେଠାରେ ସଂଲଗ୍ନ ହୋଇଥିବା ସମସ୍ତ ଫିକ୍ସଚର, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା ଏବଂ ସରକାରୀ ଜମି, ପଶ୍ଚିମ: ରାସ୍ତା, ଉତ୍ତର: ନୀଳକଣ୍ଠ ଦାସଙ୍କ ଜମି, ଦକ୍ଷିଣ: ସାଧନ ଦାସଙ୍କ ଜମି | ତା.୧୭.୦୩.୨୦୨୫ରିଖ ସୁଦ୍ଧା ଟ.୩୫,୦୬,୩୩୦.୧୮ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୧୭.୦୩.୨୦୨୫ / ୦୩.୦୬.୨୦୨୫ |

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୯.୦୬.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର



**AFFIDAVIT**

I, Sujata Malik, W/o: Shyam Sundar Malik, residing of House No.: 1, Riviera Green, P.O.: Naharakanta, P.S.: Pahala, Bhubaneswar-752101, Dist.: Khordha, Odisha declare by this affidavit No.: 18454, dtd. 06.06.2025 that now onwards I shall be known as **Sujata Mallik** for all future purposes.

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

**Contact**
**GADHWAL GROUP**
**Mob.: 9437015112**

**AFFIDAVIT**

By virtue of an affidavit sworn before Notary Public, Anandapur No -372, dated -15.04.2025. I, UMAKANTA SAHOO, S/O- Rama Chandra Sahoo, At & P.O - Karagola, P. S -Nandipada, Dist - Keonjhar, Odisha, Pin -758022 declare that I have changed my name from KANEHI SAHOO to UMAKANTA SAHOO. Henceforth, I shall be known as UMAKANTA SAHOO for all purposes.

Umakanta Sahoo

**AFFIDAVIT**

By virtue of an affidavit sworn before Executive Magistrate, Satyabadi, CF No.- 605 dated 12.03.2025 , I Manas Jena, S/o- Late Bhikari Jena, At: Dugal, Po: Brahmanapada, P.S: Satyabadi, Dist: Puri, 752014 Odisha have changed my daughter's name from Papali Jena to Sradhanjali Jena, henceforth she shall be known as **Sradhanjali Jena** for all purposes.

Sd/- Manas Jena

**AFFIDAVIT**

By virtue of an affidavit sworn before The Executive Magistrate, Titilagarh, dated- 18/03/2025. I, **Seshadev Majhi,** aged about 23 years, Son of Dhanistha Majhi, resident of At- Ganjiapada, P.O. Titisilet, P.S. Sindhekela, Dist. Bolangir, (Odisha) declare that, now I have changed my name from **Shesa Majhi to Seshadev Majhi.** Henceforth, I shall be known as **Seshadev Majhi** for all purposes.

**Seshadev Majhi**

**LOST**

Notice is hereby given to general public that, I Susanta Kumar Behera S/o-Late Jagannath Behera, resident at Plot No-LP-418, KIIT, Prasanti Vihar, Bhubaneswar has lost the original link ROR No-611/2710 in the name of Bidyutprava Mishra, while he was going to court after marketing at about 3pm on 03.06.2025 from his home at Prasanti Vihar, and lost the original ROR described above, somewhere, around chandrasekharpur area and in spite of his best efforts failed to trace the same. There four, if anyone has found the same, please inform Advocate NC Pattnaik, Mob-9853311189 within 7 days from the date of the publication, failing which the document will lose its legal force, and any miss use of the document will be punishable under law.

ସକାଳ
THE SAKALA



## ନ୍ୟାସନାଲ ସ୍କୁଲରେ ଶିକ୍ଷକ ପ୍ରଶିକ୍ଷଣ ଶିବିର

କୁଜଙ୍ଗ,୮।୬(ସମିସ): କୁଜଙ୍ଗସ୍ଥ ନ୍ୟାସନାଲ ସ୍କୁଲ ପରିସରରେ ଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ନ୍ୟାସନାଲ ସ୍କୁଲର ଅଧ୍ୟକ୍ଷା ପ୍ରମିଳା ନନ୍ଦଙ୍କ ଅଧ୍ୟକ୍ଷତାରେ ଏହି ଶିବିରକୁ ସମାଗୋଳସ୍ଥ ବିସି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡଃ ଗଙ୍ଗାଧର ସାମନ୍ତରାୟ ଉଦ୍‌ଘାଟନ କରି ବିଗତ ପାଞ୍ଚବର୍ଷ ମଧ୍ୟରେ ଶିକ୍ଷଣ ପଦ୍ଧତି ଓ ଶିକ୍ଷାର ପରିଭାଷା ବଦଳି ଯାଇଥିବାବେଳେ ଯେଉଁ କେତେକ ନିର୍ଦ୍ଦିଷ୍ଟ ଧାରା ବଦଳିନି, ତାହା ହେଉଛି ଶିକ୍ଷକଙ୍କ ଶ୍ରଦ୍ଧା, ନିଷ୍ଠା, ସମର୍ପଣ ଓ ସକରାତ୍ମକ ଚିନ୍ତା । ଶିକ୍ଷକ ଶିକ୍ଷୟିତ୍ରୀ ରୋଲ ମଡେଲ ସାଜିବାକୁ ଆହ୍ୱାନ ଜଣାଇବା ସହ ଯନ୍ତ୍ର ମାଧ୍ୟମରେ ଶିକ୍ଷାଦାନ ପିଲାଙ୍କୁ କିଛି ସମୟ ଖୁସି ଦେଇପାରେ, ମାତ୍ର ଶିକ୍ଷକ ଆବେଗ, ଅଭିମାନ ତଥା ଅକଳପଟ ହସ ପିଲାଙ୍କୁ ଅଧିକ ଉତ୍ସାହିତ କରିଥାଏ ବୋଲି କହିଥିଲେ । ବିଦ୍ୟାଳୟର ପ୍ରତିଷ୍ଠାତା ଡଃ ରଘୁନାଥ ସାହୁ ଓ ସେଣ୍ଟ ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲ ଅଧ୍ୟକ୍ଷ ସୁଧାକର ବିଶ୍ୱାଳ ପ୍ରମୁଖ ପ୍ରତ୍ୟହ କରତକୁ ଦାଢ ନ କଲେ ଅଧିକ କାଠ କାମ କରିହୁଏ ନାହିଁ । ଠିକ୍ ସେହିପରି ପ୍ରଶିକ୍ଷଣ ଶିକ୍ଷକ ଜୀବନ ପାଇଁ ଜରୁରୀ । ବଦଳୁଥିବା ପରିବେଶ ଓ ସମୟକୁ ଆମକୁ ତାଳ ଦେଇ ଚାଲିବାକୁ ହେବ ବୋଲି କହିଥିଲେ । ଏହି ଶିବିରରେ ପ୍ରାକ୍ତନ ପ୍ରଧାନଶିକ୍ଷକ ସରୋଜ ବେହେରା, ନୃସିଂହ ଚରଣ ବାହାଲିଆ, ଜୀବନ ମହାରଣା ଓ ବିଭୂତି ଭୂଷଣ ଦାସ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

## ମହିଳାଙ୍କ ଆତ୍ମହତ୍ୟା

ପାରାଦୀପ,୮।୬(ସମିସ): ପାରାଦୀପ ଲକ୍‌ଥାନା ଅଧୀନ ଚୁନବେଲାରି ଗ୍ରାମରେ ଜଣେ ମହିଳା ଗତକାଲି ଆତ୍ମହତ୍ୟା କରିଛନ୍ତି । ସେ ସରୋଜ ରାଉତଙ୍କ ପତ୍ନୀ ସୁଜାତା ରାଉତ (୪୦) ବୋଲି ଜଣାପଡ଼ିଛି । ପଡ଼ୋଶୀଙ୍କ କହିବା ମୁତାବକ, କରଜ ଭାର ସହି ନ ପାରି ସୁଜାତା ଏଭଳି ଚରମ ନିଷ୍ପତ୍ତି ନେଇଛନ୍ତି । ସେ ପିଲାମାନଙ୍କୁ ପାଠ ପଢ଼ାଇବା ଲାଗି ଘରୋଇ ବ୍ୟାଙ୍କଠାରୁ ଆରମ୍ଭ କରି ହାତ ଉଧାରି ବହୁ ଟଙ୍କା ଆଣି ସୁଜି ପାରି ନ ଥିଲେ । ଋଣ ଭାର ବଢ଼ିଯିବାରୁ ସେ ମାନସିକ ଚାପରେ ରହୁଥିଲେ । ଏପରିକି ଲୋକଙ୍କ ନିକଟରୁ ଅପମାନ ସହିବାକୁ ପଡୁଥିଲା । ସୁଜାତା ଗୁହାଳ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ମହିଳାଙ୍କ ସ୍ୱାମୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛି । ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

## ଆଖଣ୍ଡଳମଣି ବିଦ୍ୟାପୀଠରେ ଚାରାରୋପଣ




କୁଜଙ୍ଗ,୮।୬(ସମିସ): ତାଳପଡ଼ା ପଞ୍ଚାୟତ ଅନ୍ତର୍ଗତ ଆଖଣ୍ଡଳମଣି ବିଦ୍ୟାପୀଠରେ ବିଶ୍ୱ ପରିବେଶ ଦିବସ ଅବସରରେ ଚାରାରୋପଣ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସବୁଜ ବାହିନୀ ଓ ଶକ୍ତି କ୍ଲବ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ଦଳାଇ ଉଦ୍‌ଯାପନ କରିବା ସହ ଦ୍ରୁତ ପରିବେଶ କ୍ଷୟ ରୋକିବାକୁ ହେଲେ ପିଲାମାନେ ଛୋଟ ଅବସ୍ଥାରୁ ଅଧିକରୁ ଗଛ ଲଗାଇ ଏହାର ସଂରକ୍ଷଣ କରିବାକୁ ଆହ୍ୱାନ ଦେଇଥିଲେ । ଶକ୍ତି କ୍ଲବ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ବବିତା ନାୟକ, କର୍ମଚାରୀ ସରୋଜ କୁମାର ସ୍ୱାଇଁ, ନିରଞ୍ଜନ ସାହୁ ଓ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ ।

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା

# ନିମ୍ନମାନର ମରାମତି କାମ, ଜମୁଛି ପାଣି

ଜଗତସିଂହପୁର,୮।୬(ସମିସ):



ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆ ଓ କାର୍ଯ୍ୟାଳୟକୁ ସଲଗ୍ନ କରୁଥିବା ରାସ୍ତାର ଦୁରବସ୍ଥ ସମ୍ପର୍କରେ ଗତ ମେ' ୨୨ ତାରିଖରେ ଦୈନିକ ଖବରକାଗଜ 'ସକାଳ'ରେ ଫଟୋ ସହିତ ଖବର ପ୍ରକାଶ ପାଇଥିଲା । ଏହି ଖବର ପ୍ରକାଶ ପାଇବା ପରେ ଜଗତସିଂହପୁର ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଦ୍ୱାରା ଉକ୍ତ ରାସ୍ତାର ମରାମତି କାର୍ଯ୍ୟ କରାଯାଇଛି । ତେବେ ରାସ୍ତା ସଠିକ୍ ଭାବେ ସମତୁଲ ହୋଇ ନ ଥିବାରୁ ଅସରାଏ ବର୍ଷାରେ ପୁନର୍ବାର ପାଣି ଜମି ରହୁଥିବା ଲକ୍ଷ୍ୟ କରାଯାଇଛି । ଆଗକୁ ବର୍ଷାଦିନ ଆସୁଥିବାରୁ ଏଠାରେ ପାଣି ଜମି ଗମନାଗମନରେ ବାଧା ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଉକ୍ତ ରାସ୍ତାକୁ ସଠିକ୍ ଢଙ୍ଗରେ ମରାମତି କରିବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି । ଖୋଦ୍ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଯଦି ଏଭଳି କାର୍ଯ୍ୟ ହେଉଛି, ଅନ୍ୟ ସ୍ଥାନରେ କିପରି କାମ ହେଉଥିବା ତାହା ସହଜରେ ଅନୁମାନ କରିହେବ । ତେଣୁ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି ।

## ରେଜେଙ୍ଗଲା କଳସ ଶୋଭାଯାତ୍ରାକୁ ସ୍ୱାଗତ ପାଇଁ ଜିଲ୍ଲା ଯାଦବ ମହାସଭାର ପ୍ରସ୍ତୁତି ବୈଠକ



ଜଗତସିଂହପୁର,୮।୬(ସମିସ): ଅଖିଳ ଭାରତୀୟ ଯାଦବ ମହାସଭା ଓ ଉତ୍କଳ ଯାଦବ ମହାସଭା ମିଳିତ ଆନୁକୂଲ୍ୟରେ ଆୟୋଜିତ ବିହାରର ଚମ୍ପାରଣରୁ ଆରମ୍ଭ ହୋଇ ସମଗ୍ର ଭାରତ ପରିକ୍ରମା କରୁଥିବା ପବିତ୍ର ରେଜେଙ୍ଗଲା ମାଟି କଳସ ଯାତ୍ରା ଆସନ୍ତା ୨୫ ତାରିଖ ବୁଧବାର ଦିନ ଜଗତସିଂହପୁର ଜିଲ୍ଲାରେ ପହଞ୍ଚି ଜିଲ୍ଲା ପରିକ୍ରମା କରିବ । ଏହି କଳସ ଯାତ୍ରାକୁ ସ୍ୱାଗତ କରିବାକୁ ଜଗତସିଂହପୁର ଜିଲ୍ଲା ଯାଦବ ମହାସଭା ପକ୍ଷରୁ ପ୍ରସ୍ତୁତି ବୈଠକ ଜୟବଡ଼ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ରବୀନ୍ଦ୍ର ନାଥ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉତ୍କଳ ଯାଦବ ମହାସଭାର ସାଧାରଣ ସମ୍ପାଦକ ତୀର୍ଥବାସୀ ବେହେରା, ପ୍ରସନ୍ନ ବେହେରା, ତରଣି ସେନ୍ ବେହେରା, ରାଜ୍ୟ ଯୁଗ୍ମ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ । ୧୯୬୨ ଭାରତ-ଚୀନ ଯୁଦ୍ଧ ସମୟରେ ପରମ ବୀର ଚକ୍ର ବିଜେତା ଶୈତାନ୍ ସିଂଙ୍କ ନେତୃତ୍ୱରେ କୁମାଉଁ ରେଜିମେଣ୍ଟ ରାଜସ୍ଥାନ ଓ ହରିୟାଣାର ୧୨୦ ଜଣ ଭାରତୀୟ ସୈନିକ ଅହିର ଯାଦବ ୩୦୦୦ରୁ ଅଧିକ ଚୀନ ସୈନିକଙ୍କ ସାମ୍ନା କରିବା ସହିତ ରାଜନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ରେଜେଙ୍ଗଲା ପର୍ବତ ପଛକୁ ସଫଳତାର ସହିତ ରକ୍ଷା କରିଥିଲେ । ଏହି ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ସେହି ରେଜେଙ୍ଗଲା ମାଟିରୁ କଳସ ଶୋଭାଯାତ୍ରା ଆରମ୍ଭ କରାଯାଇଛି । ଆସନ୍ତା ୨୫ ତାରିଖ ଦିନ ଏହି ଶୋଭାଯାତ୍ରାକୁ କୁଜଙ୍ଗ ନିକଟ ଭୂତମୁଣ୍ଡାଇଠାରେ ସ୍ୱାଗତ କରିବା ପରେ ଏକ ବାଇକ୍ ଶୋଭାଯାତ୍ରାରେ କୁଜଙ୍ଗ, ଏରସମା, ବାଲିକୁଦା, ବଜାର ପରିକ୍ରମା କରିବା ପରେ ଜଗତସିଂହପୁର ସଦର ମହକୁମାରେ ଏକ ବିଶେଷ ବୈଠକ ଅନୁଷ୍ଠିତ ହେବ । ଜଗତସିଂହପୁରର ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ଯାତ୍ରାକୁ ସ୍ୱାଗତ କରାଯିବା ସହିତ ସହିଦ ହୋଇଥିବା ଭାରତୀୟ ସୈନିକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ । ଆସନ୍ତା ନଭେମ୍ବର ୧୮ ତାରିଖ ଅହିର ସୌର୍ଯ୍ୟ ଦିବସ ଦିନ ନୂଆଦିଲ୍ଲୀର ଜନ୍ତର ମନ୍ତରଠାରେ ପହଞ୍ଚିବା ପରେ କେନ୍ଦ୍ର ସରକାରଙ୍କ ନିକଟରେ ଅହିର୍ ରେଜଏମେଣ୍ଟ ଗଠନ ପାଇଁ ଦାବି ଉପସ୍ଥାପନା କରାଯିବ । ପ୍ରସ୍ତୁତି ବୈଠକରେ ରବୀନ୍ଦ୍ର ସେନାପତି, ଚିତ୍ତରଞ୍ଜନ ଦାସ, ସୁଭାଶିଷ ନାୟକ, ଲୋକନାଥ ଦାସ, ଚିତ୍ରସେନ ବେହେରା, ଗୋପାଳ ଦାସ, ବିକ୍ରମ ଦାସ, ବିଷ୍ଣୁଚରଣ ଦାସ, ଚୈତନ୍ୟ କଂସ, କୃପାସିନ୍ଧୁ ଦାସ, ମାନଗୋବିନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ ।

### ■ ଚୋରା ଡିଜେଲ କାଉଣ୍ଟର ଉପରେ ଚଢ଼ଉ

## ୧୬୦ ଲିଟର ଡିଜେଲ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ

ଜଗତସିଂହପୁର,୮।୬(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ମଙ୍ଗଳପୁରଠାରେ ଚାଲିଥିବା ଏକ ଚୋରା ଡିଜେଲ କାଉଣ୍ଟର ଉପରେ ଚଢ଼ଉ କରି ପୁଲିସ ୧୬୦ ଲିଟର ଡିଜେଲ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି । ଏହି ଚୋରା ଡିଜେଲ ବ୍ୟବସାୟ କରୁଥିବା ମଙ୍ଗଳପୁର ଗ୍ରାମର ସନ୍ତୋଷ ବେହେରାଙ୍କୁ ଥାନାରେ ପଚରାଉଚରା ପରେ ନୋଟିସ ଦେଇ ଛଡ଼ାଯାଇଛି । ସନ୍ତୋଷ କୁକୁଡ଼ା ଫାର୍ମ ନିକଟରେ ଏହି ଚୋରା କାରବାର କରୁଥିଲେ । ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଟ୍ରକ୍, ଟିପର ଓ ଅନ୍ୟ ଯାନବାହନରୁ ଡିଜେଲ ସଂଗ୍ରହ କରୁଥିଲେ ସନ୍ତୋଷ । ପରେ ଏହାକୁ ବଜାର ଦରଠାରୁ କମ୍ ମୂଲ୍ୟରେ ବିକ୍ରି କରୁଥିବା ପୁଲିସ ତଦନ୍ତରୁ ସ୍ପଷ୍ଟ ହୋଇଛି । କୌଣସି ସୂତ୍ରରୁ ଖବର ପାଇ ସଦର ଥାନା ପୁଲିସ ଆଜି ପୂର୍ବାହ୍ନରେ ଦୁଇଜଣ ସାକ୍ଷୀଙ୍କ ଉପସ୍ଥିତିରେ ଉକ୍ତ ଡିଜେଲ କାଉଣ୍ଟର ଉପରେ ଚଢ଼ଉ କରିଥିଲା ।

## ବାର୍‌ହାକୁ ମାରିବା ପୂର୍ବରୁ ପହଞ୍ଚିଗଲା ବନ ବିଭାଗ

ପାରାଦୀପ, ୮।୬(ସମିସ): ବାର୍‌ହା ମାରି ମାଂସ ଖାଇବା ପାଇଁ ପ୍ରସ୍ତୁତି ଏକ ପ୍ରକାର ସରିଥିବାବେଳେ ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଥିଲା । ବନ ବିଭାଗ ନିର୍ଦ୍ଦେଶ କ୍ରମେ ବାର୍‌ହାର ଗୋଡ଼ରୁ ଶିକାରୀମାନେ ଦଉଡି ଖୋଲିବା ମାତ୍ରେ ଜୀବନ ପାଇ ବାର୍‌ହାଟି ଦୌଡ଼ି ପଳାଇଥିଲା । ଏଭଳି ଘଟଣା ଘଟିଛି ଗତକାଲି ବିଳମ୍ବିତ ରାତିର ଇଫକୋ ସାର କାରଖାନା ପଛପଟ ମୂଷାଡିଆ ଗ୍ରାମରେ । ଇଫକୋ ସାର କାରଖାନାର ଏକ ଖାଲରେ ପଡ଼ିଥିଲା ବାର୍‌ହା । ଏହାକୁ ସୁରକ୍ଷା କର୍ମୀଙ୍କ ସହଯୋଗରେ ଉଦ୍ଧାର କରିଥିଲେ କିଛି ସ୍ଥାନୀୟ ଲୋକ । ତେବେ ଏହି ବାରହାକୁ ଗୋଡ଼ ବାନ୍ଧି ଖାଇବା ପାଇଁ ସ୍ଥିର ହୋଇଥିବାବେଳେ ଖବର ପାଇ ବନ ବିଭାଗ ପହଞ୍ଚି ବିଗାଡି ଦେଲା ଯୋଜନା । ଫଳରେ ବାର୍‌ହାଟି ସେ ସ୍ଥାନରୁ ଅନ୍ୟତ୍ର ପଳାଇଥିଲା ।

## ମା' ତେନ୍ତୁଲାଇଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



ବାଲିକୁଦା,୮।୬(ସମିସ): ମାଛଗାଁ ପଞ୍ଚାୟତ ଓଚିନ୍ଦା ଗ୍ରାମର ପଡ଼ା ଗ୍ରାମ ବିଶ୍ୱାଳ ସାହିର ଗ୍ରାମଦେବତୀ ମା' ତେନ୍ତୁଲାଇଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗ୍ରାମବାସୀଙ୍କ ପକ୍ଷରୁ ୧୦୮ କଳସ ଶୋଭାଯାତ୍ରା, ପ୍ରତିଷ୍ଠା ଯଜ୍ଞ, ମା'ଙ୍କ ପ୍ରାଣ ପ୍ରତିଷ୍ଠା, ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା ଓ ୨ ଦିନ ଧରି ପ୍ରବଚନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କର୍ତ୍ତା ରବୀନ୍ଦ୍ର ବିଶ୍ୱାଳ ଓ କର୍ତ୍ତୀ ଭାବେ ମିନାକ୍ଷୀ ବିଶ୍ୱାଳ କାର୍ଯ୍ୟ ସମ୍ପାଦନ କରିଥିଲେ । ଅର୍ଜୁନ ରଥ, ନବ କୁମାର ମିଶ୍ରଙ୍କ ସମେତ ଅନ୍ୟ ୭ ଜଣ ଯାଜ୍ଞିକ ପଣ୍ଡିତ ଅଂଶଗ୍ରହଣ କରି ବେଦ ମନ୍ତ୍ର ଓ ରୀତିନୀତି ଅନୁଯାୟୀ ମା'ଙ୍କ ପ୍ରାଣ ପ୍ରତିଷ୍ଠା କରିଥିଲେ । ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଅରୁଣ କୁମାର ମହାନ୍ତି ଓ ସହଯୋଗୀ ରବୀନ୍ଦ୍ର ମହାନ୍ତି, ଅନାଦି ମହାନ୍ତି, ସାହେବ ସ୍ୱାଇଁ ଓ ଜୟରାମ ସାହୁ ପ୍ରମୁଖ ଭାଗବତ କଥା ଉପସ୍ଥିତ ଶ୍ରୋତାଙ୍କୁ ଶ୍ରବଣ କରାଇ ଥିଲେ । ମା ତେନ୍ତୁଲାଇ ମହିଳା ସମିତି, ଜଗନ୍ନାଥ ମହିଳା ସମିତି, ମା' ବୃନ୍ଦାବତୀ ମହିଳା ସମିତି, ମହାଲକ୍ଷ୍ମୀ ମହିଳା ସମିତି ସମେତ ଗ୍ରାମର ସମସ୍ତ ଜନସାଧାରଣ ସହଯୋଗ କରିଥିଲେ ।

## ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦ ସଭାପତିଙ୍କୁ ସମ୍ବର୍ଦ୍ଧନା



ତିର୍ତ୍ତୋଲ, ୮।୬ (ସମିସ): ଅବସରପ୍ରାପ୍ତ କୃଷି ଅଧିକାରୀ ତଥା ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦ ସଭାପତି ପ୍ରେମ ଚରଣ ରାଉତଙ୍କୁ ଚେଲିତୋଳ କଲଚରାଲ ଏକାଡେମୀ ପକ୍ଷରୁ ସାରଳା ଭବନ ପରିସରରେ ବିଶିଷ୍ଟ କୃଷିବିତ ଭାବେ ସମ୍ବର୍ଦ୍ଧିତ କରାଯାଇଛି । ଦୀର୍ଘ ୨୦ ବର୍ଷ ଧରି ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦ ସଭାପତି ଥିବା ଶ୍ରୀ ରାଉତ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ, ଶୀତବସ୍ତ୍ର ବଣ୍ଟନ ଓ ଅସହାୟଙ୍କୁ ସହାୟତା ପ୍ରଦାନ କରିବାରେ ପ୍ରମୁଖ ଗ୍ରହଣ କରିଆସୁଛନ୍ତି । ଉଦ୍‌ଘାଟକ ପଦ୍ମଶ୍ରୀ ବାବା ବଳିଆ, ଚେଲିତୋଳ କଲଚାର ଏକାଡେମୀର ପ୍ରତିଷ୍ଠାତା ସଭାପତି ଇଂ ପ୍ରଭାକର ସ୍ୱାଇଁ, ସମ୍ପାଦକ କୈଳାସ ଦଳାଇ, ପ୍ରଫେସର ରଞ୍ଜିତା ନାୟକ, ଡା ନିମାଇଁ ଚରଣ ପରିଜା, ଡା ନିରଞ୍ଜନ ତ୍ରିପାଠୀ, ସୋହାଗିନୀ ବେହେରା ପ୍ରମୁଖ ଉପସ୍ଥିତ ରହି ଉତ୍ତରୀୟ, ମାନପତ୍ର, ଫଳକ ଓ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରୀ ରାଉତଙ୍କୁ ସମ୍ମାନିତ କରିଥିଲେ ।

## ବହୁମୁଖି ବାତ୍ୟା ଆଶ୍ରୟସ୍ଥଳୀର ଶିଳାନ୍ୟାସ

ନାଉଗାଁ,୮।୬(ସମିସ): ଜଗତସିଂହପୁର ଗ୍ରାମ୍ୟ ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ନାଉଗାଁ ବ୍ଲକ୍ ଅନ୍ତର୍ଗତ ରୋହିଆ ପଞ୍ଚାୟତର ଆରଖକୁଦ ଗୋଠଦଣ୍ଡାଠାରେ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା



ବ୍ୟୟରେ ଏକ ବହୁମୁଖି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଛି । ଉକ୍ତ ଆଶ୍ରୟସ୍ଥଳୀ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ ଆଶ୍ରୟ ପ୍ରଦାନ କରିବା ସହିତ ସ୍ଥାନୀୟ ଅଞ୍ଚଳରେ ହେଉଥିବା ବିବାହ, ବ୍ରତ ଓ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଲୋକଙ୍କ କାର୍ଯ୍ୟରେ ଲାଗିବ । ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅନିରୁଦ୍ଧ ଦୋରା, ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ସରପଞ୍ଚଙ୍କ ପ୍ରତିନିଧି ପଦ୍ମଚରଣ ରାଉତ, ସମିତିସଭ୍ୟାଙ୍କ ପ୍ରତିନିଧି କ୍ଷୀରୋଦ ରାଉତ, ଆଇନଜୀବୀ ସୌମ୍ୟରଞ୍ଜନ ମହାନ୍ତି, ତାପସ ଦାସ, ଦେବୀପ୍ରସାଦ ପାଢ଼ୀ, ଦୀପକ ମହାନ୍ତିଙ୍କ ସମେତ ଶତାଧିକ ବିଜେପି କର୍ମୀ ଉପସ୍ଥିତ ଥିଲେ ।

## ଶ୍ରୀଅରବିନ୍ଦ ସାବିତ୍ରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ



କୁଜଙ୍ଗ,୮।୬(ସମିସ): ପାଟପୁର ପଞ୍ଚାୟତର କରତୁଠାରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଶ୍ରୀଅରବିନ୍ଦ ସାବିତ୍ରୀ ମନ୍ଦିର ପ୍ରତିଷ୍ଠା କରାଯାଇଛି । ଗନାଇଲୋସ୍ଥ ଶ୍ରୀଅରବିନ୍ଦ ସାଧନା ମନ୍ଦିରରେ ପ୍ରଥମେ ସମବେତ ଧ୍ୟାନ ହେବା ପରେ ଏଠାରୁ ପବିତ୍ର ଦେହାଂଶ ଶୋଭାଯାତ୍ରା କରାଯାଇଥିଲା । ପରେ ତିର୍ତ୍ତୋଲ, ହୁକୁଟଳା, ରାହାମା, ପଙ୍କପାଳ, ପାଇକସ୍ତା ଦେଇ କରତୁଠା ଗ୍ରାମ ମଧ୍ୟରେ ପରିକ୍ରମା ପୂର୍ବକ ଏହି ପବିତ୍ର ଦେହାଂଶ ବହନ କରୁଥିବା ସୁସଜ୍ଜିତ ରଥ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପ୍ରବେଶ କରିଥିଲା । ପରେ ଗ୍ରାମବାସୀ, ବିଦ୍ୟାଳୟ କର୍ତ୍ତୃପକ୍ଷ, ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ର ଏହି ଦେହାଂଶକୁ ବନ୍ଦାପନା କରିବା ସହ ମାର୍ଚ୍ଚପାଷ୍ଟ ଓ ସମ୍ମାନ ପ୍ରଦର୍ଶନ କରିଥିଲେ । ସାଧାରଣ ଦର୍ଶନ ପରେ ଏହି ପବିତ୍ର ଦେହାଂଶକୁ ସାବିତ୍ରୀ ମନ୍ଦିରରେ ସ୍ଥାପନ କରାଯାଇଥିଲା । କରତୁଠା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିଚାଳନା କମିଟି ମ୍ୟାନେଜିଂ ଟ୍ରଷ୍ଟି ଡଃ କେଶବ ଚନ୍ଦ୍ର ଦଳାଇଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀଅରବିନ୍ଦ ସାଧନା ମନ୍ଦିର ସାଧିକା ନିରୂପମା ଚଇନି ସାବିତ୍ରୀ ମନ୍ଦିରରେ ପବିତ୍ର ଦେହାଂଶ ସ୍ଥାପନ କରିଥିଲେ । ଗ୍ରାମର ମୁରବୀ, ପରିଚାଳନା କମିଟି ସଦସ୍ୟ, ଜିଲ୍ଲା ସଂଗଠକ ଓ ଅନ୍ୟାନ୍ୟ ମାତୃପ୍ରେମୀ ଯୋଗ ଦେଇଥିଲେ ।

## ଧର୍ମପ୍ରାଣ ସୀତା ରାଉତଙ୍କ ସ୍ମୃତିସଭା

କୁଜଙ୍ଗ,୮।୬(ସମିସ): ପଙ୍କପାଳ ପଞ୍ଚାୟତ ପହଣା ମଠସାହି ଗ୍ରାମର ସ୍ୱର୍ଗତ ରତ୍ନାକର



ରାଉତଙ୍କ ପତ୍ନୀ ଧର୍ମପ୍ରାଣ ସୀତା ରାଉତଙ୍କ ଏକାଦଶରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସରପଞ୍ଚ ଡା. ଶରତ ଚନ୍ଦ୍ର ମହାପାତ୍ର, ପଙ୍କପାଳ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ କେଲୁଚରଣ ସାହୁ, ଅଧ୍ୟାପକ କ୍ଷେତ୍ରବାସୀ ରାଉତ, ପ୍ରସନ୍ନ ଦାସ, ଆଇନଜୀବୀ ତପନ ଦାସ, ପଙ୍କପାଳ ବାଣିକ ସଂଘ ସଭାପତି ଫକୀର ଦାସ, ସୁରେଶ ବାରିକ, ନିକୁଞ୍ଜ ଚୌଧୁରୀ, ସନ୍ତୋଷ ଦାସ, ଶିଳ୍ପମନ୍ତ୍ରୀଙ୍କ ପ୍ରତିନିଧି ଦିଲ୍ଲୀପ ବେହେରା ଓ ସମାଜସେବୀ ପ୍ରତାପ ବେହେରା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସଭାକୁ ପ୍ରଫୁଲ୍ଲ ରାଉତ, ଗୋକୁଳାନନ୍ଦ ରାଉତ, ପ୍ରଭାକର ରାଉତ, ସୁଶାନ୍ତ ରାଉତ ପ୍ରମୁଖ ପରିଚାଳନା କରିଥିଲେ ।

## ବୀଣାପାଣି ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ



ଜଗତସିଂହପୁର,୮।୬(ସମିସ): ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ଓଡ଼ିଶାଗଡ ବୀଣାପାଣି ଉଚ୍ଚବିଦ୍ୟାଳୟ ପରିସରରେ ୧୯୯୫ ମସିହା ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଓ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ଘନଶ୍ୟାମ କାନୁନଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍କୁଲର ପୁରାତନ ଶିକ୍ଷକ ଗୋବିନ୍ଦ ଜେନା, ସୋମନାଥ ସ୍ୱାଇଁ, ସଚିଦାନନ୍ଦ ରାଉତ, ପ୍ରଦୀପ୍ତ ରାଉତ ପ୍ରମୁଖ ଯୋଗ ଦେଇଥିଲେ । ସେମାନଙ୍କୁ ଛାତ୍ରଛାତ୍ରୀ ଫୁଲ, ଚନ୍ଦନ, ଅଙ୍ଗବସ୍ତ୍ର, ମାନପତ୍ର, ଗଛ ଚାରା ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ ଓ ଆଗାମୀ ପିଢ଼ି କିଭଳି ଗୁରୁ ଛାତ୍ର ପରମ୍ପରାକୁ ବଞ୍ଚାଇ ରଖିପାରିବେ, ସେ ନେଇ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ସୁକାନ୍ତ ବେହେରା, ପ୍ରମୋଦ ପୃଷ୍ଟି, ପ୍ରକାଶ ବେହେରା, ରାଜନାରାୟଣ ମହାନ୍ତି, ସନ୍ଧ୍ୟାରାଣୀ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

## ଏରସମା ରଜ ମହୋତ୍ସବର ସପ୍ତମ ସନ୍ଧ୍ୟା

ଏରସମା, ୮।୬(ସମିସ): ଏରସମା ରଜ ମହୋତ୍ସବ କମିଟି ପକ୍ଷରୁ ୧୪ତମ ରଜ ମହୋତ୍ସବ ଉତ୍ସବ ଏରସମା ଦେବୀ ଦୋଳ ପଡିଆରେ ଅନୁଷ୍ଠିତ ହେଉଛି । ଆଜି ସପ୍ତମ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଏରସମା ରଜ ମହୋତ୍ସବ କମିଟିର ସଭାପତି ସମୀର ରଞ୍ଜନ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିବା ସହିତ ବିଧାୟକ ସାରଦା ପ୍ରସନ୍ନ ଜେନାଙ୍କୁ ମହୋତ୍ସବ କମିଟିର




ଦାୟିତ୍ୱ ଦେଇଥିଲେ । ପୂର୍ବରୁ ଏରସମାର ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ଏରସମା ରଜ ମହୋତ୍ସବ ଆରମ୍ଭ କରିଥିଲେ । ଡ. ରାଉତଙ୍କୁ ଗୁରୁ ଭାବେ ଦାୟିତ୍ୱ ଦେଇଥିଲେ । ଏରସମା ଗ୍ରାମ୍ୟ କମିଟିର ସଭାପତି ଅମୂଲ୍ୟ ବିଶ୍ୱାଳଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ଏରସମା ରଜ ମହୋତ୍ସବକୁ ସ୍ୱର୍ଗତ ଦାମୋଦର ରାଉତ ଆରମ୍ଭ କରିଥିଲେ । ଏହାକୁ ଭାଇଚାର ସମ୍ପର୍କ ରଖି ସୁଚାରୁରୂପେ ପାଳନ କରାଯାଉଥିବାରୁ ଏରସମା ରଜ ମହୋତ୍ସବ କମିଟିକୁ ଧନ୍ୟବାଦ୍ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଏରସମା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ସମ୍ମାନିତ ଅତିଥି ଭାବେ ୩ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପୀତବାସ ଗୋଛାୟତ ଯୋଗଦେଇଥିଲେ । ରଜ ମହୋତ୍ସବ କମିଟି ସମ୍ପାଦକ ନିରାକାର ସ୍ୱାଇଁ ଧନ୍ୟବାଦ୍ ଦେଇଥିଲେ । ଏ ଅବସରରେ ବିଭିନ୍ନ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । କମିଟି କୋଷାଧ୍ୟକ୍ଷ ସମୀର ସାହୁ, କାର୍ଯ୍ୟକାରୀ ସମ୍ପାଦକ ବିଶ୍ୱଜିତ ମୁଦୁଲି, ଉପସଭାପତି ଜଗନ୍ନାଥ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି କିଶୋର ପଣ୍ଡା ଉତ୍ସବକୁ ପରିଚାଳନା କରିଥିଲେ ।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଧର୍ମ ଜାଗରଣ ସମ୍ମିଳନୀ

ପାରାଦୀପ, ୮।୬ (ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଧର୍ମ ଜାଗରଣ ସମନ୍ୱୟ ବିଭାଗ ପକ୍ଷରୁ ଓଡ଼ିଶା ପୂର୍ବ ପ୍ରାନ୍ତର ଅଭ୍ୟାସ ବର୍ଗ ଓ ସମ୍ମିଳନୀ ପାରାଦୀପ ସରସ୍ୱତୀ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି । ୭ ତାରିଖରେ ଆରମ୍ଭ ହୋଇଥିବା ଏହି ଦୁଇଦିନିଆ କାର୍ଯ୍ୟକ୍ରମକୁ ଅଖିଳ ଭାରତୀୟ ଅଧିକାରୀ ଶ୍ରୀ ଶ୍ୟାମଜୀ ଉଦ୍‌ଘାଟନ କରିଥିଲେ । ପୂର୍ବ କ୍ଷେତ୍ର ପ୍ରମୁଖ ବିନୟ ଭୂୟାଁଙ୍କ ନେତୃତ୍ୱରେ ପ୍ରାନ୍ତ ପ୍ରମୁଖ ଆଲୋକ ଖଟୁଆ, ସଂଯୋଜକ ମଙ୍ଗୁଳି ପାତ୍ର, ସହସଂଯୋଜକ ଚନ୍ଦ୍ରକାନ୍ତ ପ୍ରଧାନ, ପ୍ରଶାସନିକ ପ୍ରମୁଖ ମାନସ ବୈରୀଶଲ୍ୟ, ବିଧି ପ୍ରମୁଖ ବିଭୁକିଶୋର ପଣ୍ଡା ଓ ସଂସ୍କୃତି ପ୍ରମୁଖ ଶ୍ରୁତି ସାଗର ମହାରାଜଙ୍କ ସହିତ ପୂର୍ବ ପ୍ରାନ୍ତର ୧୬ଟି ଜିଲ୍ଲାରୁ ୨୫୦ ଜଣ ଧର୍ମରକ୍ଷକ ଯୋଗ ଦେଇଥିଲେ । ଜାତିବାଦ ଭୁଲି ହିନ୍ଦୁଧର୍ମ, ସଂସ୍କୃତି ଓ ସଭ୍ୟତାକୁ କିପରି ବିଧର୍ମୀଙ୍କ କବଳରୁ ରକ୍ଷା କରାଯିବ, ତା' ଉପରେ ମତ ପୋଷଣ କରିଥଲେ । ବନବାସୀ କ୍ଷେତ୍ର ଓ ଦଳିତ ଗ୍ରାମରେ ଚାଲୁଥିବା ବିଧର୍ମୀଙ୍କ କାର୍ଯ୍ୟ ଓ ଗତିବିଧି ଉପରେ ଜନସାଧାରଣଙ୍କୁ ସଚେତନ କରିବାକୁ ପୂର୍ବ କ୍ଷେତ୍ର ପ୍ରମୁଖ ବିନୟ ଭୂୟାଁ ପରାମର୍ଶ ଦେଇଥିଲେ । ଜଗତସିଂହପୁର ଜିଲ୍ଲାର ଧର୍ମ ଜାଗରଣ କର୍ମକର୍ତ୍ତା ଓ ସ୍ଥାନୀୟ ସ୍ୱୟଂସେବକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### କଥା ରଖିଲେ ନିର୍ବାହୀ ଯନ୍ତ୍ରୀ

# ଆନ୍ଦୋଳନ ପୂର୍ବରୁ ଉଠିଲା ସିପି ନିକଟରେ ଥିବା ହମ୍ପ୍ସ

ଜଗତସିଂହପୁର,୮।୬(ସମିସ):



୨୦୨୩ ମସିହାରୁ ଜଗତସିଂହପୁର ଜିଲ୍ଲା ମଧ୍ୟ ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥ ନିର୍ମାଣ କାମ ଜାରି ରହିଥିବାବେଳେ ଜଗତସିଂହପୁର ସହର ଉପକଣ୍ଠସ୍ଥ ସିପି ସୁବର୍ଣ୍ଣବରାହୀ ମନ୍ଦିର ନିକଟରେ ପୂର୍ବରୁ ରହିଥିବା ୧୦ଟି ହମ୍ପ୍ସ ଗମନାଗମନରେ ବାଧା ସୃଷ୍ଟି କରୁଥିଲା । ବିଭିନ୍ନ ସମୟରେ ଏହି ହମ୍ପ୍ସ ଉଠାଇ ଦେବାକୁ ଦାବି ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ନ ଥିଲା । ଏହା ଏକ ବ୍ୟସ୍ତବହୁଳ ରାସ୍ତା ହୋଇଥିବାରୁ ପ୍ରତିଦିନ ସହସ୍ରାଧିକ ଯାନବାହନ ଏହି ରାସ୍ତାରେ ଚଳାଚଳ କରିଥାଏ । ଜାତୀୟ ରାଜପଥରେ ବେଆଇନ ଭାବେ ନିର୍ମାଣ ହୋଇଥିବା ଏହି ହମ୍ପ୍ସ ଯୋଗୁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିଲା । ତେଣୁ ଏହି ହମ୍ପ୍ସ ଉଠାଇବା ଦାବିରେ ଜୁନ ୯ ତାରିଖରେ ଆନ୍ଦୋଳନ ଡକରା ଦେଇଥିଲେ ସଂଗ୍ରାମୀ ନେତା ବାସୁଦେବ । ଏ ସମ୍ପର୍କରେ ଗତ ଜୁନ ୬ ତାରିଖରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଜୟକୃଷ୍ଣ ରାଉତଙ୍କୁ ଫୋନ ଯୋଗେ ପଚାରିବାରୁ ଆନ୍ଦୋଳନ ପର୍ଯ୍ୟନ୍ତ କଥାଯିବନି, ତା' ପୂର୍ବରୁ ଏହି ହମ୍ପ୍ସ ଉଠାଯିବ ବୋଲି କହିଥିଲେ । ଶ୍ରୀ ରାଉତଙ୍କ କଥା ଅନୁସାରେ ୭ ତାରିଖ ବିଳମ୍ବିତ ରାତିରେ ଜେସିବି ସହାୟତାରେ ସମସ୍ତ ୧୦ଟି ହମ୍ପ୍ସ ତଡ଼ାଯାଇଥିଲା । ଦୀର୍ଘ ବର୍ଷର ଦାବି ପରେ ହମ୍ପ୍ସ ଉଠିଯାଇଥିବାରୁ ଜଗତସିଂହପୁର ସହରବାସୀ ଖୁସିବ୍ୟକ୍ତ କରିବା ସହିତ ଆନ୍ଦୋଳନ ଡକରା ଦେଇଥିବା ସଂଗ୍ରାମୀ ବାସୁଦେବଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ୱାରାଙ୍ଗଚିତି ଲିପିରେ ପରୀକ୍ଷା ଦେଲେ ୬୬ ଛାତ୍ରଛାତ୍ରୀ



କାମାକ୍ଷାନଗର, ୮।୬(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ବ୍ଲକ ବନ୍ଦାଣିଆସ୍ଥିତ ଏକମାତ୍ର ହୋ ଭାଷୀ ବିଦ୍ୟାଳୟରେ ୱାରାଙ୍ଗଚିତି ଲିପିକୁ ନେଇ ପ୍ରଥମ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହୋଇଛି। ଗତବର୍ଷ ବିଶ୍ୱ ଆଦିବାସୀ ଦିବସ ଅବସରରେ ଏଠାରେ ହୋ ଭାଷା ବିଦ୍ୟାଳୟ ଉଦଘାଟନ ହୋଇଥିବା ବେଳେ ଚଳିତ ବର୍ଷ ହୋ ଭାଷାର ନିଜସ୍ୱ ଲିପି ୱାରାଙ୍ଗଚିତିରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଏଠାରେ ଅଧ୍ୟୟନ କରୁଥିବା ହୋ ସମାଜର ୬୬ ଛାତ୍ରଛାତ୍ରୀ ବାର୍ଷିକ ପରୀକ୍ଷା ଦେଇଛନ୍ତି। ଗତ ୫ ତାରିଖରୁ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ୮ ତାରିଖରେ ଶେଷ ହୋଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ସରକାରୀ ଆଇଟିଆଇ ଅଧକ୍ଷ ଜଗଦୀଶ ହାଇବ୍ରୁ, ଏଟେଙ୍ଗ ତୁରୁତୁଙ୍ଗ ସ୍କୁଲର ମିଟିକେ ଆକଲା, ମଧୁବନର ଦର୍ଶନା ଜାରିକା, ସଞ୍ଜୁଲତା ମୁଣ୍ଡୁରୀ, ଅଲ ଇଣ୍ଡିଆ ହୋ ସମାଜ ଢେଙ୍କାନାଳ ଜିଲ୍ଲା ସଭାପତି ଗୋପୀନାଥ ହେସା, ଜମାଣିଆ ହୋ ବିଦ୍ୟାଳୟର ଦୀନବନ୍ଧୁ ପିଙ୍ଗୁଆ, କଙ୍କଡାହାଡ଼ ବ୍ଲକ ହୋ ସମାଜ ସଭାପତି ମୋହନ ବାଗେ, ଉପ ସଭାପତି ନାଉରି ଶୁଣ୍ଡି ପ୍ରମୁଖ ଉପସ୍ଥିତ ରହି ହୋ ସମାଜର ଲିପିରେ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ହୋ ଭାଷାର ଲିପିକୁ ନେଇ ହୋ ସମାଜ ଛାତ୍ରଛାତ୍ରୀମାନେ ପାଠ ପଢ଼ିବା ସହ ଆଦିବାସୀ ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁଣ୍ଣ ରଖିବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବନ୍ଦାଣିଆ ହୋ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ଗୁଇଆ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବହୁ ସଂଖ୍ୟାରେ ହୋ ସମାଜର ଭାଇ ଭଉଣୀ ଉପସ୍ଥିତ ଥିଲେ।

# ଇନଷ୍ଟିଚ୍ୟୁଟ୍ ଅଫ୍ ଟୋଟାଲ ଫିଟ୍‌ନେସ ଆଣ୍ଡ ଷ୍ଟ୍ରେସ୍ ମ୍ୟାନେଜମେଣ୍ଟକୁ ପ୍ରକୃତି ମିତ୍ର ସମ୍ମାନ

ଡେରାବିଶ, ୮।୬(ସମିସ): ପରିବେଶର ସୁରକ୍ଷା, ସ୍ୱଚ୍ଛତା କାର୍ଯ୍ୟକ୍ରମ ଓ ସମାଜର ଉନ୍ନତି ପାଇଁ ନିରନ୍ତର କାର୍ଯ୍ୟ କରୁଥିବା ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ 'ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୋଟାଲ ଫିଟ୍‌ନେସ୍ ଆଣ୍ଡ ଷ୍ଟ୍ରେସ୍ ମ୍ୟାନେଜ୍‌ମେଣ୍ଟ'କୁ ବିଶ୍ୱ ପରିବେଶ ଦିବସ ଅବସରରେ 'ପ୍ରକୃତି ମିତ୍ର' ସମ୍ମାନରେ ସମ୍ମାନିତ କରାଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଓ ପରିଚାଳକ ସୁବେଦାର ମେଜର ବ୍ରଜକିଶୋର ସାହୁଙ୍କୁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ଏହି ସମ୍ମାନ ପ୍ରଦାନ କରିଥିଲେ। ଏହି ସମ୍ମାନ ଡେରାବିଶ ଅଞ୍ଚଳକୁ ଗୌରବନ୍ୱିତ କରିଥିବାବେଳେ ବହୁ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଶ୍ରୀ ସାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଘରୋଇ କଳିରୁ ମହାଭାରତ

# ନିଆଁ ଲଗାଇ ହତ୍ୟା ଉଦ୍ୟମ; ଯୁବକ ଗୁରୁତର

ଭୁବନ, ୮।୬(ସମିସ)

ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ମହୁଲପାଳ ଗ୍ରାମର ଜଣେ ବ୍ୟକ୍ତି ନିଜ ପୁତୁରା ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେବା ଏବଂ ପୁଲିସ ଭୟରେ ବଡ଼ବାପା ବିଷ ପିଇଦେବା ଘଟଣା ଚହଳ ସୃଷ୍ଟି କରିଛି। ମହୁଲପାଳ

**● ପୁଲିସ ଭୟରେ ବିଷପିଇ ବଡ଼ବାପା ଗୁରୁତର**



ପଞ୍ଚାୟତ ସାମଲ ସାହିରେ ଗ୍ରାମର ସ୍ୱର୍ଗତ ବାବାଜୀ ସାହୁଙ୍କ ପୁଅ ଚୈତନ୍ୟ ସାହୁ ଜଳଖିଆ ଦୋକାନ କରିଥିବା ବେଳେ ଉକ୍ତ ଦୋକାନକୁ ଲାଗି ତାଙ୍କ ପୁତୁରା (ଭାଇ ନିତ୍ୟାନନ୍ଦ ସାହୁଙ୍କ ସାନପୁଅ) ଟୁକୁନା ସାହୁଙ୍କ ପାନ ଦୋକାନ ରହିଛି। ଉଭୟ ପରିବାର ମଧ୍ୟରେ ଦୀର୍ଘଦିନରୁ ଜମିଜମା ବିବାଦ ରହିଛି। ଏ ନେଇ ଉଭୟ ପରିବାର ମଧ୍ୟରେ ତିକ୍ତତା ଲାଗି ରହିଛି। ରବିବାର ସକାଳେ କୌଣସି ଘଟଣାକୁ ନେଇ ଚୈତନ୍ୟ ଟୁକୁନାଙ୍କୁ ପେଟ୍ରୋଲ ଏବଂ ଏସିଡ୍ ପକାଇ ପୋଡ଼ି ମାରିବାକୁ ଗୋଡ଼ାଇଥିଲେ। କିଛି ସମୟ ପରେ ଟୁକୁନାଙ୍କ ଉପରରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ନିଆଁ ଲାଗିଯିବାରୁ ଟୁକୁନା ଉଲଗ୍ନ ହୋଇ ଦୌଡ଼ିଥିଲେ। ଘଟଣାସ୍ଥଳରେ ଟୁକୁନାଙ୍କ ବାପା ପହଞ୍ଚିଥିବା ବେଳେ ଚୈତନ୍ୟ ତାଙ୍କୁ ମଧ୍ୟ ପେଟ୍ରୋଲ ଫୋପାଡ଼ିଥିଲେ। ଫଳରେ ସେ ଆହତ ହୋଇଥିବା ଜଣାପଡ଼ିଛି। ପରେ ଟୁକୁନାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭୁବନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଗ୍ରାମବାସୀ ଚୈତନ୍ୟଙ୍କୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ତେବେ ପୁଲିସ ଭୟରେ ଚୈତନ୍ୟ ମଧ୍ୟ ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

# ବଜ୍ରପାତରେ ବୃଦ୍ଧଙ୍କ ମୃତ୍ୟୁ !

ଗଁଦିଆ, ୮।୬(ସମିସ): ଗଁଦିଆ ଥାନା ଷଡ଼ଙ୍ଗୀ ଗ୍ରାମର ଶ୍ରୀକାନ୍ତ କୁମାର ବେହେରା (୬୩)ଙ୍କର ବଜ୍ରପାତରେ ମୃତ୍ୟୁ ହୋଇଛି। ଶନିବାର ମଧ୍ୟାହ୍ନରେ ଶ୍ରୀକାନ୍ତ ଘରୁ ବାହାରି ଯାଇଥିଲେ ସୁଦ୍ଧା ସନ୍ଧ୍ୟା ପର୍ଯ୍ୟନ୍ତ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ପାଇ ନ ଥିଲେ। ପରେ ତାଙ୍କ ମୃତ ଦେହ ବରଦା ପଞ୍ଚାୟତ କାର୍ଯ୍ୟାଳୟ ପଛ ପାଖରେ ଥିବା କାଜୁ ପଡ଼ିଆରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପୁଲିସ ମୃତଦେହ ଜବତ କରିବା ସହ ପରିବାର ଲୋକଙ୍କୁ ଅବଗତ କରିଥିଲା। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଶନିବାର ସନ୍ଧ୍ୟାରେ ବର୍ଷା ପବନ ସାଙ୍ଗକୁ ବ୍ରଜପାତ ହୋଇଥିଲା। ବ୍ରଜପାତରେ ତାଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

# ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

ଖଜୁରିଆକଟା, ୮।୬(ସମିସ): ହିନ୍ଦୋଳ ବନାଞ୍ଚଳ କନ୍ତିମିଲି ପଞ୍ଚାୟତ କନ୍ତିମିଲ ଗ୍ରାମର ସୁରେଶ ଚନ୍ଦ୍ର ଦେହୁରୀ (୫୭) ରବିବାର ହାତୀ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ଭୋର ସମୟରେ ସୁରେଶ ଗାଁ ନିକଟ ଆମ୍ବତୋଟାକୁ ଯାଇଥିବା ବେଳେ ଏକ ଦନ୍ତା ହାତୀ ସହ ମୁହାଁମୁହିଁ ହୋଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଟେକି ଫୋପାଡ଼ି ଦେଇଥିଲା। ସୁରେଶ ଚିତ୍କାର କରିବାରୁ ନିକଟରେ ଥିବା ଲୋକେ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ଫଳରେ ହାତୀ ସେଠାରୁ ପଳାଇ ଯାଇଥିଲା। ପରେ ସୁରେଶଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ହିନ୍ଦୋଳ ବନାଞ୍ଚଳରେ ହାତୀ ଭୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପରିସ୍ଥିତି ଏମିତି ହେଲାଣି ଯେ ଦିନ ଦ୍ୱିପ୍ରହରରେ ଘରୁ ବାହାରିବାକୁ ଲୋକେ ଭୟ କଲେଣି। ବର୍ତ୍ତମାନ ଆମ୍ବ ଓ କାଜୁ ତୋଳିବାକୁ ଯାଉଥିବା ଚାଷୀମାନେ ହାତୀ ଆକ୍ରମଣର ଶିକାର ହେଉଥିବା ଦେଖାଯାଉଛି।

# ଟ୍ରକ ଧକ୍କାରେ ବାପପୁଅ ଗୁରୁତର

ଭୁବନ, ୮।୬(ସମିସ): ୫୩ନଂ ଜାତୀୟ ରାଜପଥର ଭୁବନ ଥାନା ବେଠିଆପାଳ ନିକଟରେ ଟ୍ରକ ଧକ୍କାରେ ବାପପୁଅ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଭୁବନ ଏନ୍‌ଏସି ୨ନଂ ୱାର୍ଡ ନୂଆକୁମର୍ଦ୍ଦାର କବି ଦେହୁରୀ (୫୫) ଓ ତାଙ୍କ ପୁଅ ସନ୍ତୋଷ ଦେହୁରୀ (୨୫)। କବି ଓ ସନ୍ତୋଷ ବାସିନ୍ଦା ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ରାସନ ଚାଉଳ ସାଇକଲରେ ଲଦି ଘରକୁ ଚାଲି ଚାଲି ଯାଉଥିଲେ। ଏହି ସମୟରେ ତାଳଚେରରୁ ଢୁବୁରୀ ଅଭିମୁଖେ ଯାଉଥିବା ଏକ ୧୦ ଚକିଆ କୋଇଲା ବୋଝେଇ ଟ୍ରକ ସେମାନଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ବାପପୁଅ ଗୁରୁତର ଆହତ ହୋଇଥିଲେ। ସ୍ୱେଚ୍ଛାସେବୀ ମଳୟ ତ୍ରିପାଠୀ ଓ ପ୍ରକାଶ ବେହେରା ସେମାନଙ୍କୁ ଉଦ୍ଧାର କରି ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପୁଲିସ ଟ୍ରକ ସହ ଚାଳକଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

# ବିଦ୍ୟୁତ୍ ଆଘାତରେ ଶିଶୁପୁତ୍ର ଗୁରୁତର

ଅନୁଗୋଳ, ୮।୬(ସମିସ): ଅନୁଗୋଳ ବ୍ଲକ ବାଲୁଅକଟା ଗାଁରେ ବିଦ୍ୟୁତ୍ ଆଘାତରେ ଜଣେ ଶିଶୁପୁତ୍ର ଗୁରୁତର ହୋଇଛନ୍ତି। ସେ ହେଲେ ଗାଁର ନିରଞ୍ଜନ ସାହୁଙ୍କ ପୁଅ ଆର୍ଯ୍ୟନ ସାହୁ (୫)। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରବିବାର ସକାଳେ ଆର୍ଯ୍ୟନ ପଡ଼ୋଶୀ ଘର ପାଖରେ ଖେଳୁଥିଲେ। ଏହି ସମୟରେ ଏକ ଆର୍ଥିଂ ତାର ସଂସ୍ପର୍ଶରେ ଆସି ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି।

# ୬ଟି ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ



କୁଜଙ୍ଗ, ୮।୬(ସମିସ): ରାହାମା ବଜାରଠାରେ ଆୟୋଜିତ ବିଧାୟକ ହାତ ପାଣ୍ଠି ଆବଣ୍ଟନ ସମାରୋହରେ ଯୋଗଦେଇ ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ୧ କୋଟି ଚାରି ଲକ୍ଷ ଟଙ୍କା ମୂଲ୍ୟର ୬ଟି ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏ ଅବସରରେ ବିଧାୟକ ହାତ ପାଣ୍ଠିର ପ୍ରଥମ ବର୍ଷର ଅର୍ଥ ପାରାଦୀପର ପ୍ରତ୍ୟେକ ପଞ୍ଚାୟତରେ ଦଳିତ ଓ ଅବହେଳିତଙ୍କ ଉଦ୍ଦେଶ୍ୟରେ 'ବାଲ୍ମିକୀ କୁଟୀର' ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରିବା ଉଦ୍ଦେଶ୍ୟରେ ବ୍ୟବହାର କରାଯିବ ବୋଲି ଶିଳ୍ପମନ୍ତ୍ରୀ ଘୋଷଣା କରିଛନ୍ତି। ପାରାଦୀପ ନିର୍ବାଚନମଣ୍ଡଳୀର ଦଳିତ ଓ ଅବହେଳିତଙ୍କ ଉତଥାନ୍ ମୋର ଗୁରୁଦାୟିତ୍ୱ ବୋଲି ସମ୍ପଦ ଏଠାରେ କହିଛନ୍ତି। ଏହି ସମାରୋହରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଭାଲିପାଟିଣାଠାରେ ୮ ଲକ୍ଷ ଟଙ୍କାରେ ଗ୍ରାମ ଦେବତୀଙ୍କ ଭୋଗମଣ୍ଡପ, ୫ ଲକ୍ଷ ଟଙ୍କା ବିନିମୟରେ ରାହାମା ବଣିକ ସଂଘର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ, ୧୫ ଲକ୍ଷ ଟଙ୍କାରେ ରାହାମା ବଜାର ନିକଟରେ ଶିଶୁ ଉଦ୍ୟାନ ନିର୍ମାଣ, ୩୦ ଲକ୍ଷ ଟଙ୍କାରେ ଯୋଗ ଘର ନିର୍ମାଣ, ୪୧ ଲକ୍ଷ ଟଙ୍କା ବିନିମୟରେ ରାହାମା ବଜାର ଅଞ୍ଚଳର ଆଲୋକୀକରଣ ଓ ୫ ଲକ୍ଷ ଟଙ୍କାରେ ସାଇଲୋ ସେବା ସମବାୟ ସମିତି ଗୃହ ନିର୍ମାଣ ଭଳି ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିସହିତ ବିଭିନ୍ନ ପଞ୍ଚାୟତର ନୂତନ ହିତାଧିକାରୀଙ୍କୁ ମନ୍ତ୍ରୀ ରାସନ କାର୍ଡ ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୀପକ ସ୍ୱାଇଁଙ୍କ ସମେତ କୁଜଙ୍ଗ ବ୍ଲକ ମନ୍ତ୍ରୀଙ୍କ ପ୍ରତିନିଧି ଦିଲ୍ଲୀପ ବେହେରା, ସମସ୍ତ ମଣ୍ଡଳ ସଭାପତି, ଜିଲ୍ଲା ବିଜେପି ଉପସଭାପତି ନିରଞ୍ଜନ ପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ତପନ ତ୍ରିପାଠୀ, ରାହାମା ଅଞ୍ଚଳର ବିଜେପି ନେତା ପ୍ରତାପ ଦାସ, ଶିଶିର ଦାସ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ, ପାରାଦୀପ ନିର୍ବାଚନମଣ୍ଡଳୀ ବିଜେପି ନେତୃବୃନ୍ଦ ଉପସ୍ଥିତ ଥିଲେ।

# ଜିଲ୍ଲା ହଂସି ମହାସଂଘ ମହାସଭା ନିମନ୍ତେ ପ୍ରସ୍ତୁତି ବୈଠକ

କାମାକ୍ଷାନଗର, ୮।୬(ସମିସ): ଢେଙ୍କାନାଳ ଜିଲ୍ଲା ହଂସି (ବୁଣାକାର) ମହାସଂଘ ତରଫରୁ ୨୦୨୬ରେ ମହାସଭା ଆୟୋଜନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିରାଳ ଗ୍ରାମ କଲ୍ୟାଣମଣ୍ଡପରେ ଜିଲ୍ଲା ସଭାପତି ବିଜୟ କୁମାର ବେହେରାଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ପ୍ରତି ୪ ବର୍ଷରେ ହଂସି ସମାଜର ମହାସଭା ଅନୁଷ୍ଠିତ ହୋଇଥାଏ। ଏହି ପରିପ୍ରେକ୍ଷୀରେ ଆସନ୍ତାବର୍ଷ ମହାସଭା ଆୟୋଜନ କରାଯିବାକୁ ଥିବାରୁ ଏଥିପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ହଂସି ସମାଜର ଶତାଧିକ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ ସମାଜର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ହଂସି ସମାଜର ଅବହେଳିତ ଲୋକଙ୍କୁ କିପରି ସରକାରୀ ସ୍ତରରେ ମୌଳିକ ଅଧିକାର ମିଳିପାରିବ ସେ ନେଇ ସମସ୍ତେ ଏକଜୁଟ ହୋଇ କାମ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆସନ୍ତା ବର୍ଷ ହେବାକୁ ଥିବା ମହାସଭାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ସମାଜର ହଜାର ହଜାର ଲୋକ ଯୋଗଦେବାକୁ ଥିବାବେଳେ ସମସ୍ତଙ୍କ ସହଯୋଗରେ ଏହାକୁ ସଫଳ ଭାବେ ଆୟୋଜନ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ଜିଲ୍ଲା ଉପସଭାପତି ଭବାନୀ ଶଙ୍କର ବେହେରା, ସମ୍ପାଦକ କୋଦଣ୍ଡଧର ପାତ୍ର, ସହ ସମ୍ପାଦକ ବସନ୍ତ କୁମାର ପାତ୍ର, କୋଷାଧ୍ୟକ୍ଷ ଦୀନବନ୍ଧୁ ବେହେରା, ୧ ନମ୍ବର ଜୋନ ସଭାପତି ଭୀମସେନ ସେନା, ୨ ନମ୍ବର ଜୋନ ସଭାପତି ବିମ୍ବାଧର ପୃଷ୍ଟି, ୩ ନମ୍ବର ଜୋନ ସଭାପତି ଶରତ ଚନ୍ଦ୍ର ପୋଥାଳ, ୪ ନମ୍ବର ଜୋନ ସଭାପତି ଭବାନୀ ଶଙ୍କର ବେହେରା, ୫ ନମ୍ବର ଜୋନ ସଭାପତି ଶରତ ଚନ୍ଦ୍ର ବେହେରା, ୬ ନମ୍ବର ସଭାପତି ଗଙ୍ଗାଧର ବେହେରା, ୭ ନମ୍ବର ସଭାପତି ପ୍ରେମାନନ୍ଦ ବେହେରାଙ୍କ ସମେତ ବହୁତ ସଂଖ୍ୟାରେ ସମାଜର ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ଏମ୍‌ଏନ୍ ସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ଚାରାରୋପଣ



ପଟ୍ଟାମୁଣ୍ଡାଇ, ୮।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ମନ୍ମଥନାଥ (ଏମ୍‌ଏନ୍) ଉଚ୍ଚବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ପରିବେଶ ପରିଚ୍ଛନ୍ନତା ଓ ସନ୍ତୁଳନ ରକ୍ଷା ପାଇଁ ବିଦ୍ୟାଳୟ ଖେଳ ପଡ଼ିଆ ପାର୍ଶ୍ୱରେ ଗୋବରୀ ନଦୀ କୂଳକୁ ଲାଗି ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ାଙ୍କ ନେତୃତ୍ୱରେ ଉପଦେଷ୍ଟା ପ୍ରଫେସର ଅନିରୁଦ୍ଧ ରାଉଳ, ପ୍ରଫେସର କୈଳାସ ପାତ୍ର, ପ୍ରଫେସର ରମେଶ ଜେନା, ପ୍ରଫେସର ଭରତ ପାତ୍ର, ସମ୍ପାଦକ ପ୍ରାକ୍ତନ ପ୍ରଧାନଶିକ୍ଷକ କଣ୍ଠୁରୀ ଚରଣ ସ୍ୱାଇଁ, କୋଷାଧ୍ୟକ୍ଷ ଆଡଭୋକେଟ ଗୋପୀନାଥ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ସଚିନନ୍ଦନ ଦାସ, ଉପସଭାପତି ଶିକ୍ଷକ ନେତା ବିଜୟ ସାହୁ, କାଉନସିଲର ଶ୍ରୀ ନାୟକ, ଚିତ୍ରଶିଳ୍ପୀ ରାଜେନ୍ଦ୍ର ଦାଶ, ରମେଶ ଦେ, ଇଓ ତପନ ପାତ୍ର, ଆଡଭୋକେଟ ଶିଶିର ମଲିକ, ଉପସଭାପତି ରାଜେନ୍ଦ୍ର ବର୍ମା, କବି ବ୍ରଜସୁନ୍ଦର ସାହୁ, ଯୋଗ ଗୁରୁ ନଟବର ସେଠୀ ପ୍ରମୁଖ ଯୋଗଦେଇ ବର, ଅଶ୍ୱସ୍ତ, ଆକାଶିଆ ଇତ୍ୟାଦି ଗଛ ଚାରା ରୋପଣ କରିଥିଲେ।

**■ ଶ୍ରୀ ମେଟାଲିକ୍ କାରଖାନାରେ ଅଘଟଣ**

# ୧୫ ଫୁଟ ଉପରୁ ପଡ଼ି ଶ୍ରମିକଙ୍କ ମୃତ୍ୟୁ

ଅନୁଗୋଳ, ୮।୬(ସମିସ): ଅନୁଗୋଳ ଜିଲ୍ଲା ନିଶା ଶିଳ୍ପାଞ୍ଚଳ ଶ୍ରୀ ମେଟାଲିକ୍ କାରଖାନାରେ ୧୫ ଫୁଟ ଉପରୁ ପଡ଼ି ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନାଲକୋ ଥାନା କନ୍ୟାବେଡ଼ା ଗାଁର ବିକାଶ ଦାଶ (୩୦)। ରବିବାର ସକାଳେ ବିକାଶ ଏ' ସିଫ୍ଟ ଡ୍ୟୁଟି କରୁଥିଲେ। ୧୫ ଫୁଟ ଉଚ୍ଚରେ ସେ ଲୁହା ପ୍ଲେଟ ଡ୍ରିଲ୍ କରୁଥିବା ବେଳେ ହଠାତ୍ ତଳକୁ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମେଡିକାଲ୍‌ରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ବୁଝାସୁଝା କରୁଛି।

**● ମେଡିକାଲରେ ଉତ୍ତେଜନା**

# ହିନ୍ଦୋଳରେ ମାଈହାତୀର ସନ୍ଦେହଜନକ ମୃତ୍ୟୁ

**● ସାମ୍ବାଦିକଙ୍କୁ ରେଞ୍ଜରଙ୍କ ଅସଭ୍ୟ ଭାଷାରେ ଗାଳିଗୁଲଜ**

**● ଖବର ଛାପିଲେ ଗୁଳି ମାରିବାକୁ ଧମକ**

ଖଜୁରିଆକଟା, ୮।୬(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳରେ ପ୍ରତ୍ୟେକ ଦିନ ହାତୀ-ମଣିଷ ଲଢ଼େଇ ଜାରି ରହିଛି। କେଉଁଠି ହାତୀର ମୃତ୍ୟୁ ହେଉଛି ତ ଆଉ କେତେବେଳେ ମଣିଷ ମୃତାହତ ହେଉଛନ୍ତି। ରବିବାର ସକାଳେ କନ୍ତିମିଲି ଗ୍ରାମର ସୁରେଶ ଦେହୁରୀ ହାତୀ ଆକ୍ରମଣରେ ଗୁରୁତର ହୋଇଥିବା ବେଳେ ଅପରାହ୍ନରେ ହିନ୍ଦୋଳ ଏନଏସି ତଣ୍ଟିଚିରା ଜଙ୍ଗଲରେ ଏକ ମାଈହାତୀର ମୃତ୍ୟୁ ଘଟିଛି। ଆଶ୍ଚର୍ଯ୍ୟର କଥା ଜଙ୍ଗଲ ସୁରକ୍ଷା ସମିତି ଗୃହଠାରୁ ମାତ୍ର ଦୁଇଶହ ମିଟର ଦୂରରେ ଦୁଇଦିନ ତଳୁ ହାତୀର ମୃତଦେହ ପଡ଼ିଥିଲେ ମଧ୍ୟ ବନବିଭାଗ ଦୁଇଦିନ ଏ ବିଷୟରେ ଆଜି ଜାଣିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପଟେ ହାତୀମୃତ୍ୟୁ ଘଟଣା ସମ୍ପର୍କରେ ଖବର ପାଇ ଗଣମାଧ୍ୟମ ପ୍ରତିନିଧିମାନେ ଘଟଣାସ୍ଥଳକୁ ଯାଉଥିବା ବେଳେ ହିନ୍ଦୋଳ ରେଞ୍ଜର ଗୌତମ ପ୍ରଧାନ ସେମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ସାମ୍ବାଦିକମାନଙ୍କୁ ଘଟଣାସ୍ଥଳକୁ ଛାଡ଼ି ନ ଥିଲେ। ହାତୀ ମୃତ୍ୟୁ ଖବର ପ୍ରକାଶ କଲେ ମିଥ୍ୟା ମାମଲାରେ ଫସାଇଦେବା ସହ ଗୁଳିକରି ହତ୍ୟା କରିବାକୁ ମଧ୍ୟ ଧମକ ଦେଇଥିଲେ। ଏଭଳି ଘଟଣାକୁ ନେଇ ହିନ୍ଦୋଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ସାମ୍ବାଦିକଙ୍କୁ ରେଞ୍ଜରଙ୍କ ହତ୍ୟା ଧମକ ଓ ଗାଳିଗୁଲଜ ଘଟଣାକୁ ସମସ୍ତ ମହଲରେ ତୀବ୍ର ନିନ୍ଦା କରାଯାଇଛି। ଏ ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଦାବି ହୋଇଛି।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୮।୬(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କେନ୍ଦ୍ରାପଡ଼ା ଗସ୍ତକୁ ନେଇ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ ନାୟକଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର ଉପସ୍ଥିତ ଥିଲେ। ପ୍ରସ୍ତାବିତ କାର୍ଯ୍ୟକ୍ରମ ଅନୁସାରେ ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରାପଡ଼ାରେ ଭବ୍ୟ ସ୍ୱାଗତ ସହ ତ୍ରିରଙ୍ଗା ରାଲିରେ ମାଉସୀମା ମନ୍ଦିରଠାରୁ ବଳଦେବଜୀଉ ମନ୍ଦିର ପର୍ଯ୍ୟନ୍ତ ସାମିଲ ହେବେ। ପରେ ବଳଦେବଜୀଉଙ୍କୁ ଦର୍ଶନ ଓ ସମୀକ୍ଷା ବୈଠକ କାର୍ଯ୍ୟକ୍ରମ ରହିଛି। ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରିବା ସହିତ କିପରି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରାଯିବ, ସେଥିପ୍ରତି ପ୍ରସ୍ତୁତିକୁ ଜୋରଦାର କରିବାକୁ ଜିଲ୍ଲାପାଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


# ବିଦ୍ୟୁତ୍ ଆଘାତରେ ଶିଶୁପୁତ୍ର ଗୁରୁତର

ଅନୁଗୋଳ, ୮।୬(ସମିସ): ଅନୁଗୋଳ ବ୍ଲକ ବାଲୁଅକଟା ଗାଁରେ ବିଦ୍ୟୁତ୍ ଆଘାତରେ ଜଣେ ଶିଶୁପୁତ୍ର ଗୁରୁତର ହୋଇଛନ୍ତି। ସେ ହେଲେ ଗାଁର ନିରଞ୍ଜନ ସାହୁଙ୍କ ପୁଅ ଆର୍ଯ୍ୟନ ସାହୁ (୫)। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରବିବାର ସକାଳେ ଆର୍ଯ୍ୟନ ପଡ଼ୋଶୀ ଘର ପାଖରେ ଖେଳୁଥିଲେ। ଏହି ସମୟରେ ଏକ ଆର୍ଥିଂ ତାର ସଂସ୍ପର୍ଶରେ ଆସି ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି।


# ସମ୍ବିତ ପାତ୍ରଙ୍କ ବିରୋଧରେ କଂଗ୍ରେସ ପକ୍ଷରୁ ଥାନାରେ ଅଭିଯୋଗ

ଢେଙ୍କାନାଳ, ୮।୬(ସମିସ):

ପୁରୀ ସାଂସଦ ସମ୍ବିତ ପାତ୍ର ପିପିଲିରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବା ସମୟରେ ନିଜ ପଦମର୍ଯ୍ୟାଦା ଭୁଲି ଲୋକସଭାର ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଓ ତାଙ୍କ ପରିବାର ବିରୋଧରେ ବିଭିନ୍ନ ଅଶାଳୀନ, ଅରୁଚିକର ଏବଂ ବିଭ୍ରାନ୍ତିକର ମନ୍ତବ୍ୟ ଦେଇଥିବା ଅଭିଯୋଗରେ ଢେଙ୍କାନାଳ ଜିଲ୍ଲା କଂଗ୍ରେସ କମିଟି ତରଫରୁ ଥାନାରେ ଅଭିଯୋଗ କରାଯାଇଛି। ରାହୁଲ ଜଣେ ଦେଶଦ୍ରୋହୀ ଏବଂ ସେ ପାକିସ୍ତାନ ଏବଂ ଚୀନଠାରୁ ଟଙ୍କା ପାଉଛନ୍ତି ବୋଲି ସମ୍ବିତ ପାତ୍ର କହିଥିଲେ। ଏପରି ଅଶୋଭନୀୟ ମନ୍ତବ୍ୟକୁ ଦେଶ ତଥା ଓଡ଼ିଶାରେ କଂଗ୍ରେସ ତୀବ୍ର ସମାଲୋଚନା କରିଛି। ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ ଦାଶଙ୍କ ନେତୃତ୍ୱରେ ଦଳୀୟ ନେତାମାନଙ୍କ ଦସ୍ତଖତ ଥାଇ ଟାଉନ୍ ଥାନାରେ ଅଭିଯୋଗ କରାଯିବା ସହ ସମ୍ବିତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଅପରେସନ ସିନ୍ଦୂର ପରେ ରାହୁଲ ଗାନ୍ଧୀ କଶ୍ମୀର ଯାଇ ପାକିସ୍ତାନର ଗୁଳିଗୋଳା ମାଡ଼ରେ ଆହତ ବ୍ୟକ୍ତିମାନଙ୍କୁ ଡାକ୍ତରଖାନାରେ ଭେଟିବା ଏବଂ ପହେଲଗାଁଓ ଘଟଣାରେ ମୃତକଙ୍କ ପରିବାରର ସଦସ୍ୟମାନଙ୍କୁ ଘରେ ଭେଟି ସମବେଦନା ଜ୍ଞାପନ କରିବା କାର୍ଯ୍ୟକ୍ରମକୁ ସମଗ୍ର ଦେଶରେ ପ୍ରଶଂସା କରାଯାଉଛି। ଏହାଦ୍ୱାରା ରାହୁଲଙ୍କ ଲୋକପ୍ରିୟତା ବଢ଼ିବାରେ ଲାଗିଛି। ଅପରପକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କାର୍ଯ୍ୟ କରିବା ପରିବର୍ତ୍ତେ ଅପରେସନ ସିନ୍ଦୂରରୁ ରାଜନୈତିକ ଫାଇଦା ଉଠାଇବା ପାଇଁ ନିଜ ମିଲିଟାରୀ ପୋଷାକ ପିନ୍ଧା ପୋଷ୍ଟର ଓ ବ୍ୟାନର୍ ଛପାଇ ନିର୍ବାଚନ ପ୍ରଚାର କରିବାକୁ ସର୍ବସାଧାରଣରେ ତୀବ୍ର ସମାଲୋଚନା କରାଯାଉଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଆଜିର କାର୍ଯ୍ୟକ୍ରମରେ ସଭାପତି ସୁନୀଲ ଦାଶଙ୍କ ସହିତ ପିସିସି ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ, ପୂର୍ବତନ ଏଆଇସିସି ସଦସ୍ୟା ସମସିଦା ତାଏବ, ବରିଷ୍ଠ ନେତା ଡାକ୍ତର ତୁଷାରକାନ୍ତି ନାୟକ, ବେଣୁଧର ସାହୁ, ବିପ୍ରବର ସାହୁ, ବିନୟ ସାହୁ, ନିଶାକର ସାହୁ, ଜାବିର ବକ୍ସ, ବିଜୟ ସ୍ୱାଇଁ, ଫକୀର ବେହେରା, ବନମାଳୀ ଦାସ, ମାନସ ତ୍ରିପାଠୀ, ସଂଗ୍ରାମ କିଶୋର ଦାସ, ପ୍ରଭାକର ରାଉତ, ନିରଞ୍ଜନ ଦାସ, ପ୍ରିୟବ୍ରତ ସାସମଲ, ବିଶ୍ୱଭୂଷଣ ନାୟକ, ବିବେକାନନ୍ଦ ବେହେରା, ବିକାଶ କୁମାର ସ୍ୱାଇଁ, ତୃପ୍ତିମୟ ମିଶ୍ର, କୃଷ୍ଣକାନ୍ତ ସାହୁ, ହାପି କୁମାର ସାହୁ, ଏନ୍‌ଏସ୍‌ୟୁଆଇ ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ଏଫ୍‌ଆଇଆର ପ୍ରଦାନ କରିଥିଲେ।

# ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ଓ ଚାରା ରୋପଣ



ତିର୍ତ୍ତୋଲ, ୮।୬ (ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୋଳର ଜୟପୁର ଜଗନ୍ନାଥ ଉଚ୍ଚବିଦ୍ୟାଳୟ ୧୯୯୭ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଉଲ୍ଲାସ ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରଞ୍ଜିତ ପାଲ, ମନୋଜ ନାୟକ, ପ୍ରଶାନ୍ତ ଦଳାଇ, ଜ୍ୟୋତିର୍ମୟ ମୁଦୁଲି, ମନୋରଞ୍ଜନ, ନିରଞ୍ଜନ ଜେନା, ପ୍ରଭାତୀ ଆଚାର୍ଯ୍ୟ, ସରୋଜିନୀ ତ୍ରିପାଠୀ, ସସ୍ମିତା ମହାନ୍ତି, ସଙ୍ଗୀତା ସାହୁ, ସସ୍ମିତା ସ୍ୱାଇଁ, କ୍ଷଣପ୍ରଭା ନାୟକଙ୍କ ସମେତ ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ବ୍ୟାଚ୍ ପକ୍ଷରୁ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ପ୍ରଦାନ ଓ ଅସହାୟଙ୍କୁ ଚିକିତ୍ସା ସହାୟତା ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ପରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ସାମଲ, ଶିକ୍ଷକ କମଳ ପଣ୍ଡା, ପଞ୍ଚସଖା ଶିକ୍ଷାସେତୁ ସଂଗଠନ ସଭାପତି ଯଦୁମଣି ମୁଦୁଲି ଯୋଗ ଦେଇଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୯୯ ● ପାଉଣ୍ଡ ୧୧୬.୬୪
- ୟୁରୋ ୯୮.୬୮ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୯,୮୦୦ (ନୂଆଦିଲ୍ଲୀ)
- ରୁପା : ୧,୦୭,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୨,୧୮୮.୦୦
- ନିଫ୍ଟି ୨୫,୦୦୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ମୋବାଇଲ୍ ଟାୱାର୍ ନାମରେ ବଡ଼ ଠକେଇ

## ଟ୍ରାଇ ନାମରେ ସାଇବର ଠକ ପଠାଉଛନ୍ତି ନୋଟିସ୍

## ଲୋକଙ୍କୁ ମାଗୁଛନ୍ତି ୫୦୦୦ ଟଙ୍କା ଅଗ୍ରୀମ



ନୂଆଦିଲ୍ଲୀ, ୮।୬ (ଏଜେନ୍ସି): ଦେଶରେ ମୋବାଇଲ ଟାୱାର ବସାଇବା ନାମରେ ବଡ଼ ଠକେଇ ହେଉଛି। ଏମିତିକି ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ନାମ ନେଇ ସାଇବର ଠକମାନେ ମୋବାଇଲ ଟାୱାର ବସାଇବା ପାଇଁ ଲୋକଙ୍କୁ ପ୍ରବଞ୍ଚନାତ୍ମକ ମେସେଜ୍ ପଠାଉଛନ୍ତି। ଠକମାନେ ଲୋକଙ୍କଠାରୁ ମେସେଜ୍ ପଠାଇ ଟାୱାର ସ୍ଥାପନ ପାଇଁ ଅଗ୍ରୀମ ଆକାରରେ ଟଙ୍କା ଆଦାୟ କରୁଛନ୍ତି। ଭାରତୀୟ ଟେଲିକମ୍ ବିଭାଗ (ଡିଓଟି) ମୋବାଇଲ୍ ଟାୱାର ସ୍ଥାପନ ନାମରେ ଠକେଇ ବିରୁଦ୍ଧରେ ଲୋକଙ୍କୁ ସତର୍କ କରିଛି। ଟେଲିକମ୍ ବିଭାଗ ଏବଂ ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ ଦ୍ୱାରା ଏପରି କୌଣସି ବାର୍ତ୍ତା ପଠାଯାଇନାହିଁ ବୋଲି ଏଥିରେ କୁହାଯାଇଛି।

ସାଇବର ଅପରାଧୀମାନେ ମାସିକ ଭଡ଼ା ଦେବା ବଦଳରେ ଘରର ଛାତ ଉପରେ କିମ୍ବା ଖାଲି ଜମିରେ ମୋବାଇଲ୍ ଟାୱାର ସ୍ଥାପନ କରିବାକୁ ଲୋକଙ୍କୁ ପ୍ରଲୋଭିତ କରି ନୋଟିସ୍ ପଠାଇ ୫୦୦୦ ଟଙ୍କାର ଅଗ୍ରୀମ ଜମା ମାଗୁଛନ୍ତି। ଏଥିରେ ଠକମାନେ ଏକ ଚିଠି ପ୍ରସ୍ତୁତ କରିଛନ୍ତି, ଯାହା ସରକାରୀ ନିର୍ଦ୍ଦେଶନାମା ପରି ଦେଖାଯାଉଛି। ଏହାର ଭାଷା ମଧ୍ୟ ସରକାରୀ କାଗଜପତ୍ର ଭଳି ହୋଇଛି। ଏଥିରେ, ଟାୱାର ସ୍ଥାପନ କରିବା ବଦଳରେ କମ୍ପାନୀର ଓକିଲଙ୍କ ଆକାଉଣ୍ଟରେ ୫୦୦୦ ଟଙ୍କା ଜମା କରିବାକୁ କୁହାଯାଇଛି। କିଛି ଲୋକ ଏହି ଠକେଇର ଶିକାର ହେଉଛନ୍ତି। ଟ୍ରାଇ କହିଛି ଯେ ମୋବାଇଲ୍ ଟାୱାର ସ୍ଥାପନ ପାଇଁ କୌଣସି ଏନ୍‌ଓସି ପ୍ରଦାନ କରାଯାଏନାହିଁ। ଯଦି ଆପଣ ଏପରି କୌଣସି ମେସେଜ୍ ପାଆନ୍ତି, ତେବେ ଏହା ସମ୍ପୂର୍ଣ୍ଣ ନକଲି। ଟ୍ରାଇ କହିବାନୁଯାୟୀ, ଏପରି ମେସେଜ୍ ପାଇବା ପରେ କୌଣସି ପ୍ରକାରର କାରବାର କରିବାରୁ ଦୂରେଇ ରୁହନ୍ତୁ। ଆପଣ ସମ୍ପୃକ୍ତ ମୋବାଇଲ୍ ସେବା ପ୍ରଦାନକାରୀଙ୍କୁ ଏ ବିଷୟରେ ଜଣାଇବା ଉଚିତ। ଆପଣ ଟେଲିକମ୍ୟୁନିକେସନ୍ ବିଭାଗର ସରକାରୀ ୱେବସାଇଟ୍ ପରିଦର୍ଶନ କରି ମଧ୍ୟ ଯାଞ୍ଚ କରିପାରିବେ ଏବଂ ପୋଲିସ ଷ୍ଟେସନରେ ଠକେଇ ଅଭିଯୋଗ ପଞ୍ଜୀକରଣ ବି କରିପାରିବେ।

ସାଇବର ଠକମାନେ ଲୋକଙ୍କୁ ସେମାନଙ୍କ ଜମି କିମ୍ବା ଛାତ ଉପରେ ଟାୱାର ସ୍ଥାପନ କରିବା ବଦଳରେ ପ୍ରତି ମାସରେ ବହୁତ ଅର୍ଥ ରୋଜଗାର କରିବାର ପ୍ରତିଶ୍ରୁତି ଦେଇ ପ୍ରଲୋଭିତ କରିଥାନ୍ତି। ଏହାସହିତ, ସେମାନେ ଟେଲିକମ୍ କମ୍ପାନୀ ପକ୍ଷରୁ ଜଣେ ବ୍ୟକ୍ତିଙ୍କୁ ଚାକିରି ଦେବାକୁ ମଧ୍ୟ ପ୍ରତିଶ୍ରୁତି ଦିଦେଇଥାନ୍ତି। ଏହି କାରଣରୁ ଲୋକମାନେ ସହଜରେ ସେମାନଙ୍କ ଫାଶରେ ପଡ଼ି ଠକେଇର ଶିକାର ହୁଅନ୍ତି। ମୋବାଇଲ୍ ଟାୱାର ଠକେଇରେ, ପ୍ରଥମେ ଠକମାନେ ନିଜକୁ ଟେଲିକମ୍ କମ୍ପାନୀର ପ୍ରତିନିଧି ବୋଲି ଦାବି କରିଥାନ୍ତି। ଏହା ପରେ, କମ୍ପାନୀର ନୀତି ନାମରେ ସେମାନେ ଜମି ମାଲିକଙ୍କୁ ଚାକିରି ଦେବାର ପ୍ରଲୋଭନ ଦେଖାଇଥାନ୍ତି କିମ୍ବା କିଛି ନ କରି ବହୁତ ଟଙ୍କା ରୋଜଗାର କରିବା ଲୋଭ ଦେଖାନ୍ତି। ସେମାନଙ୍କ ଫାଶରେ ପଡ଼ିବା ପରେ, ସେମାନେ କମ୍ପାନୀରେ ପଞ୍ଜୀକରଣ କରିବା ନାମରେ ଜମି ମାଲିକଙ୍କଠାରୁ ଫାଇଲ୍ ଚାର୍ଜ ମାଗନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଟେଲିକମ୍ କମ୍ପାନୀ କେବେ ବି କାହାକୁ ଏପରି କଲ୍ କରେ ନାହିଁ ଏବଂ ମୋବାଇଲ୍ ଟାୱାର ଲଗାଇବା ପାଇଁ ପ୍ରସ୍ତାବ ଦିଏ ନାହିଁ। ଯଦି ଏପରି କଲ୍ ଆସୁଥାଏ, ତେବେ ସେହି ଠକମାନଙ୍କଠାରୁ ଦୂରେଇ ରହିବା ଜରୁରୀ।

# ସତ୍‌ପାଲ ଭାନୁଙ୍କ ହାତରେ ଏଲ୍‌ଆଇସି କମାଣ

## ତିନି ମାସ ପାଇଁ ଅନ୍ତରୀଣ ଏମ୍‌ଡି ଓ ସିଇଓ



ନୂଆଦିଲ୍ଲୀ, ୮।୬ (ଏଜେନ୍ସି): ସତ୍‌ପାଲ ଭାନୁ ହୋଇଛନ୍ତି ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ନୂଆ ଏମଡି ଏବଂ ସିଇଓ। ସିଦ୍ଧାର୍ଥ ମହାନ୍ତିଙ୍କ ପରେ ସତ୍‌ପାଲ ଏହି ଦାୟିତ୍ୱ ସମ୍ଭାଳିଛନ୍ତି। ସେ ଆର୍ଥିକ ଏବଂ ପ୍ରଶାସନିକ ଦାୟିତ୍ୱରେ ରହିବେ। ବର୍ତ୍ତମାନ ସେ ପ୍ରବନ୍ଧ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରୁଛନ୍ତି। ଭାନୁ ଜୁନ ୮ରୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଅନ୍ତରୀଣ କାର୍ଯ୍ୟଭାର ସମ୍ଭାଳିବେ। ଏଲଆଇସି ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ କୁହାଯାଇଛି ଯେ, ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ସେବା ବିଭାଗ ଦ୍ୱାରା ଜୁନ ୭ରେ ଜାରି ଚିଠି ଅନୁସାରେ ବର୍ତ୍ତମାନର ପ୍ରବନ୍ଧ ନିର୍ଦ୍ଦେଶକ ସତ୍‌ପାଲ ଭାନୁଙ୍କୁ, ଏମଡି ଏବଂ ସିଇଓର ଆର୍ଥିକ ଏବଂ ପ୍ରଶାସନିକ ଅଧିକାର ଏବଂ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏଲଆଇସିର ନୂଆ ପ୍ରବନ୍ଧ ନିର୍ଦ୍ଦେଶକଙ୍କ ଭାବରେ ନିଯୁକ୍ତ ଭାନୁଙ୍କୁ ବୀମା କ୍ଷେତ୍ରରେ ତିନି ଦଶନ୍ଧିରୁ ଅଧିକର ଅନୁଭବ ରହିଛି। ଏଠାରେ ସୂଚନାଯୋଗ୍ୟ ଯେ, ଏଲଆଇସିର ଶୀର୍ଷ ସ୍ତରରେ ପରିବର୍ତ୍ତନ ଜାରି ରହିଛି। ଏଲଆଇସିରେ ବର୍ତ୍ତମାନ ନେତୃତ୍ୱରେ ଜଣେ ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓଙ୍କ ସହ ସମୁଦାୟ ୪ ଏମ୍‌ଡି ଅଛନ୍ତି। ନିକଟରେ ଏଲଆଇସିର ପ୍ରଥମ ଏମଡି ଏବଂ ସିଇଓ ସିଦ୍ଧାର୍ଥ ମହାନ୍ତିଙ୍କ କାର୍ଯ୍ୟକାଳ ସରିଛି। ନୂଆ ପରିବର୍ତ୍ତନ ଅନୁଯାୟୀ, ରତ୍ନାକର ପଟ୍ଟନାୟକ ଏବଂ ଦିନେଶ ପନ୍ଥଙ୍କୁ ଏମଡି ନିଯୁକ୍ତ କରାଯାଇଛି। ଏହି ନିଯୁକ୍ତି ଏମ ଜଗନ୍ନାଥ ଏବଂ ଟେବଲଶ ପାଣ୍ଡେଙ୍କ ସେବାନିବୃତ୍ତ ହେବା ପରେ କରାଯାଇଛି। ପନ୍ଥଙ୍କ କାର୍ଯ୍ୟକାଳ ମେ ୨୦୨୭ ପର୍ଯ୍ୟନ୍ତ ରହିବ। ଯେତେବେଳେକି ରତ୍ନାକର ପଟ୍ଟନାୟକଙ୍କ କାର୍ଯ୍ୟକାଳ ୨୦୨୮ ମାର୍ଚ୍ଚ ପର୍ଯ୍ୟନ୍ତ ରହିବ। ଅନ୍ୟ ଦୁଇ ଏମଡି ସତପାଲ ଭାନୁ ଏବଂ ଆର ଦୌରେସ୍ୱାମୀ। ଭାନୁଙ୍କ କାର୍ଯ୍ୟକାଳ ୨୦୨୫ ଡିସେମ୍ବରରେ ସରିବ ଏବଂ ଦୌରେସ୍ୱାମୀଙ୍କ କାର୍ଯ୍ୟକାଳ ୨୦୨୬ ଅଗଷ୍ଟ ପର୍ଯ୍ୟନ୍ତ ରହିଛି। ଏଲଆଇସିରେ ନେତୃତ୍ୱ ପରିବର୍ତ୍ତନ ଅନୁଯାୟୀ, ରାମକ୍ରିଷ୍ଣନ ଚନ୍ଦରଙ୍କୁ ଚିଫ୍ ଇନଭେଷ୍ଟମେଣ୍ଟ ଅଫିସର ଏବଂ ଅଜୟ କୁମାର ଶ୍ରୀବାସ୍ତବଙ୍କୁ ଆପଏଣ୍ଟେଡ ଏକଚ୍ୟୁରୀ ନିଯୁକ୍ତ କରାଯାଇଛି।

# ଚାନ୍ଦି ଭଣ୍ଡାର 'ରଜ ସଜ-୨.୦'

## ବ୍ରାଣ୍ଡର ନୂଆ କ୍ୟାମ୍ପେନ୍ 'ବର୍ଣ୍ଣ ବିଉଟିଫୁଲ'



ଭୁବନେଶ୍ୱର, ୮।୬(ସମିସ): ପୂର୍ବବର୍ଷ ଭଳି ଚଳିତବର୍ଷ ଚାନ୍ଦି ଭଣ୍ଡାର ଆଣିଛି 'ରଜ ସଜ'ର ଦ୍ୱିତୀୟ ସଂସ୍କରଣ। ଏହି ସଂସ୍କରଣ ପୂର୍ବ ତୁଳନାରେ ଅଧିକ ବିଶାଳ ଏବଂ ସୁନ୍ଦର। ଏ ବର୍ଷ 'ରଜ ସଜ-୨.୦' ଚାନ୍ଦି ଭଣ୍ଡାର ଷ୍ଟାଇଲ୍‌ରେ ସଜ ହେବାର ଆନନ୍ଦ ପ୍ରଦାନ କରୁଛି। ଚାନ୍ଦି ଭଣ୍ଡାରର 'ରଜ ସଜ' କେବଳ ଏକ କାର୍ଯ୍ୟକ୍ରମ ନୁହେଁ। ଏହା ଆତ୍ମ-ଭାବ ପ୍ରକାଶର ଏକ ସେଲିବ୍ରେଶନ। ଏହା ଦର୍ଶାଉଛି ଯେ, ଷ୍ଟାଇଲିଂ ଗଢ଼ଣଠାରୁ ଅଧିକ କିଛି। ବ୍ରାଣ୍ଡର ନୂଆ କ୍ୟାମ୍ପେନ୍ 'ବର୍ଣ୍ଣ ବିଉଟିଫୁଲ'ର ଅଂଶବିଶେଷ ଏହି କାର୍ଯ୍ୟକ୍ରମ ଏ ବାର୍ତ୍ତାକୁ ସମର୍ଥନ କରେ ଯେ, ପ୍ରତ୍ୟେକ ବ୍ୟକ୍ତି ସେ ମହିଳା ହୁଅନ୍ତୁ ଅବା ପୁରୁଷ ଅନନ୍ୟ ଭାବେ ଉଜ୍ଜ୍ୱଳ ଏବଂ ଚମତ୍କାର। ଏକ ମହିଳା-ଚାଳିତ ବ୍ରାଣ୍ଡ ଚାନ୍ଦି ଭଣ୍ଡାର ଭାବନାତ୍ମକ ସହଯୋଗିତା ମାଧ୍ୟମରେ ମହିଳା ସଶକ୍ତିକରଣକୁ ପାଳନ କରିଥାଏ। ଏ ବର୍ଷ ଏହା ଗ୍ରେସ୍ ଷ୍ଟୁଡିଓ ସହ ଅନୁବନ୍ଧିତ ହୋଇଛି, ଯାହାକି ଆସ୍‌ମିତଙ୍କ ନେତୃତ୍ୱାଧୀନ ଏକ ଫ୍ୟାସନ୍ ଲାବେଲ୍। 'ରଜ ସଜ' କ୍ୟାମ୍ପେନ୍ ତାହାର ଗ୍ରାହକ-ପ୍ରଥମ ଫୋକସ୍ ପାଇଁ ଅଧିକ ସ୍ୱତନ୍ତ୍ର। ଓଡ଼ିଶାର ବିଭିନ୍ନ ସ୍ଥାନରୁ ୪,୦୦୦ରୁ ଊର୍ଦ୍ଧ୍ୱ ପଞ୍ଜୀକରଣ ସହିତ ଏହି କାର୍ଯ୍ୟକ୍ରମ ପ୍ରକୃତ ଲୋକଙ୍କୁ ଏହାର ହୃଦୟରେ ରହିବାକୁ ଆମନ୍ତ୍ରଣ କରିଥିଲା। ଅଡିସନ୍ ପରେ ୫୦୦ରୁ ଊର୍ଦ୍ଧ୍ୱ ମନୋନୀତ ପ୍ରାର୍ଥୀଙ୍କ ମଧ୍ୟରୁ ୧୧ ଜଣ ପ୍ରେରଣାଦାୟୀ ଫାଇନାଲିଷ୍ଟ(ଉଭୟ ପୁରୁଷ ଏବଂ ମହିଳା) ଚାନ୍ଦି ଭଣ୍ଡାରର ଫେସ୍ ଭାବେ ର୍ୟାମ୍ପ ୱାକ୍ କରିବା ପାଇଁ ଚୟନ ହୋଇଥିଲେ।

ଚାନ୍ଦି ଭଣ୍ଡାର ପ୍ରତିଷ୍ଠାତା ଲିପ୍‌ସା ହଂସ କୁହନ୍ତି, ଚାନ୍ଦି ଭଣ୍ଡାରରେ ରଜ ଏକ ପର୍ବ ନୁହେଁ, ଏହା ଏକ ଅନୁଭୂତି। ଆମେ କିଏ, କେତେ ଦୂର ଆସିଛୁ ଏବଂ ଆମ ଭିତରେ ଓ ବାହାରେ ଆମେ ବହନ କରୁଥିବା ସୌନ୍ଦର୍ଯ୍ୟକୁ ପାଳନ କରିଥାଏ ରଜ। 'ରଜ ସଜ' ଏହା କହିଥାଏ ଯେ, ଆମେ ସମସ୍ତେ ସୁନ୍ଦର ହୋଇ ଜନ୍ମ ହୋଇଛୁ ଏବଂ ନିଜ ପଥରେ ଚମକିବାକୁ ଆମେ ଯୋଗ୍ୟ। ଚାନ୍ଦି ଭଣ୍ଡାର ସର୍ବବୃହତ୍ ରୁପା ଗହଣା ଚେନ୍ ଷ୍ଟୋର ବର୍ତ୍ତମାନ ଏହାର ଷ୍ଟୋର ସଂଖ୍ୟା ସମଗ୍ର ରାଜ୍ୟରେ ୨୩ରେ ପହଞ୍ଚିଛି। ଚଳିତବର୍ଷ ଏହାକୁ ୩୫ ଷ୍ଟୋରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଥିବା ପାର୍ଟନର ମାନିକ୍ ହଂସ କହିଛନ୍ତି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଭିନେତା ଶୈଳେନ୍ଦ୍ର, ଅଭିନେତ୍ରୀ ଶିବାନୀ ସଙ୍ଗୀତା ଏବଂ ଆସ୍‌ମିତ୍ କୌର ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆ ଫିଚର ଫୋନ୍ ୟୁଜରଙ୍କ ପାଇଁ ଫୋନ୍ ପେ'ର ୟୁପିଆଇ ପେମେଣ୍ଟ

ନୂଆଦିଲ୍ଲୀ,୮।୬(ଏଜେନ୍ସି) : ଫୋନ୍‌ପେ' ଫିଚର ଫୋନଗୁଡ଼ିକ ପାଇଁ ୟୁପିଆଇ ମାଧ୍ୟମରେ ପେମେଣ୍ଟ ଚାଲୁ କରିବାକୁ ବାର୍ତ୍ତାଳାପଭିତ୍ତିକ ଯୋଗାଯୋଗର ପ୍ଲାଟଫର୍ମ ଗପସପର ମାଲିକାନାରେ ଥିବା 'ଜିଏସପପେ' ଟେକ୍ନୋଲୋଜି ଷ୍ଟାକରୁ ଏକ ଆଇପି କିଣିବା ବିଷୟରେ ଘୋଷଣା କରିଛି। ଜିଏସପେ ହେଉଛି ଫିଚର ଫୋନଗୁଡ଼ିକ ପାଇଁ ଏନପିସିଆଇର ଉନ୍ନତ ୟୁପିଆଇ ପେମେଟ ବ୍ୟବସ୍ଥାକୁ ଭିତ୍ତିକ କରି ବିକଶିତ କରାଯାଇଥିବା ଏକ ମୋବାଇଲ ଆପ୍ଲିକେସନ (ୟୁପିଆଇ ୧୨୩ପେ)। ଫୋନପେ ସମ୍ପ୍ରତି ଅଧିଗ୍ରହଣ କରାହୋଇଥିବା ଏହି ଜିଏସପେ ଆଇପିକୁ କଷ୍ଟମାଇଜ ତଥା ବିସ୍ତାର କରିବାକୁ ଯୋଜନା କରୁଛି ଏବଂ ଆଗାମୀ କିଛି ମାସ ମଧ୍ୟରେ ଭାରତରେ ନୂତନ ଫିଚର




ଫୋନରେ ନିଜର ଫିଚର-ଫୋନ ଆଧାରିତ ୟୁପିଆଇ ପେମେଣ୍ଟ ମୋବାଇଲ ଆପ ଚାଲୁ କରିବାକୁ ଯୋଜନା କରୁଛି। ଫୋନପେ ପି୨ପି ଟ୍ରାନ୍ସଫର, ଅଫଲାଇନ କ୍ୟୁଆର ପେମେଣ୍ଟ ଏବଂ ଅନ୍ୟ କୌଣସି ୟୁପିଆଇ ଗ୍ରାହକଙ୍କଠାରୁ ସେମାନଙ୍କ ମୋବାଇଲ ନମ୍ବର କିମ୍ବା ନିଜସ୍ୱ-କ୍ୟୁଆର ମାଧ୍ୟମରେ ଟଙ୍କା ଗ୍ରହଣ କରିବା ପରି ସମସ୍ତ ମୌଳିକ ୟୁପିଆଇ ବୈଶିଷ୍ଟ୍ୟଗୁଡ଼ିକ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି।

# କ୍ରେଡ଼ାଇ ଭୁବନେଶ୍ୱର ପକ୍ଷରୁ ନଗର ଉନ୍ନୟନ ଏବଂ ରିଅଲ୍ ଇଷ୍ଟେଟ୍' ଉପରେ କର୍ମଶାଳା



ଭୁବନେଶ୍ୱର,୮।୬(ସମିସ): କ୍ରେଡ଼ାଇ ଭୁବନେଶ୍ୱରର ସିଟି ଚାପ୍ଟର ସଫଳତାର ସହ 'ନଗର ଉନ୍ନୟନ ଏବଂ ରିଅଲ୍ ଇଷ୍ଟେଟ୍' ଉପରେ ଏକ କର୍ମଶାଳା ଆୟୋଜନ କରିଛି। ଏହି କାର୍ଯ୍ୟକ୍ରମ ଓଡ଼ିଶାରେ ସହରାଞ୍ଚଳର ଭିତ୍ତିଭୂମି, ସ୍ଥାୟୀ ବିକାଶ ଏବଂ ରାଜ୍ୟରେ ରିଅଲ୍ ଇଷ୍ଟେଟର ଭବିଷ୍ୟତ ଉପରେ ଆଲୋଚନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓରେରା ଅଧ୍ୟକ୍ଷ ଅସିତ୍ କୁମାର ମହାପାତ୍ର ଏବଂ ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡର ସଭାପତି ଡ.ପ୍ରବୋଧ ମହାନ୍ତି ଯୋଗାଦେଇଥିଲେ। ଏହି କର୍ମଶାଳାରେ ରାଜ୍ୟର ନଗର ଉନ୍ନୟନ, ନୀତିଗୁଡିକର କାର୍ଯ୍ୟାନ୍ୱୟନ ଏବଂ ରିଅଲ୍ ଇଷ୍ଟେଟର ସ୍ଥାୟିତ୍ୱ ଉପରେ ଆଲୋଚନା କରାଯାଇଥିଲା, ଯାହା ଓଡ଼ିଶାରେ ଦାୟିତ୍ୱପୂର୍ଣ୍ଣ ବିକାଶ ପ୍ରତି କ୍ରେଡାଇର ପ୍ରତିବଦ୍ଧତାକୁ ପ୍ରମାଣିତ କରିଥିଲା। କ୍ରେଡାଇ ଭୁବନେଶ୍ୱର ସମ୍ପାଦକ ଜଗତ କୁମାର କର କହିଥିଲେ ଯେ ରାଜ୍ୟରେ ରିଅଲ୍ ଇଷ୍ଟେଟର ଚାହିଦା ଯେପରି ବଢିଛି, କ୍ରେଡାଇର ଦାୟିତ୍ୱ ସେହିପରି ବଢିଛି ତେଣୁ ରିଅଲ୍ ଇଷ୍ଟେଟ ସହିତ ରାଜ୍ୟର ଅନ୍ୟାନ୍ୟ ବିକାଶରେ ସହଯୋଗ କରିବା ଆମର ଲକ୍ଷ୍ୟ ମଧ୍ୟ ବଢିଛି। ଏହି କାର୍ଯ୍ୟକ୍ରମରେ କ୍ରେଡ଼ାଇ ଭୁବନେଶ୍ୱର ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରିଥିଲା, ଯେଉଁମାନଙ୍କ ମଧ୍ୟରେ ଡିଆଇଜି ଡ. ସତ୍ୟଜିତ ନାୟକ, ଅଲିମ୍ପିଆନ୍ ଦୂତୀ ଚାନ୍ଦ, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ, ମିଡିଆ ପ୍ଲାନର୍ ପ୍ରଣୟ ଜେଠୀ, ଆର୍. ସ୍ୱପ୍ନଦତ୍ତ ମହାନ୍ତି ଅଧ୍ୟକ୍ଷ, ଦି ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଆର୍କିଟେକ୍ଟସ, ଅଭିନେତା ପ୍ରଶାନ୍ତ ନନ୍ଦ ଏବଂ ଡ. ମୋନିକା ନାୟାର ପଟ୍ଟନାୟକ। ଏହି କର୍ମଶାଳାର ନେତୃତ୍ୱ କ୍ରେଡାଇ ଓଡ଼ିଶା ଅଧ୍ୟକ୍ଷ, ଦେୱା ଶଙ୍କର ତ୍ରିପାଠୀ, ସ୍ୱଦେଶ କୁମାର ରାଉତରାୟ, ସଭାପତି, କ୍ରେଡାଇ ଓଡ଼ିଶା, ସୋଫିଆ ଫିରଦୌସ୍, ସଭାପତି, କ୍ରେଡାଇ ଭୁବନେଶ୍ୱର ଓ ଅଶୋକ କୁମାର ପାତ୍ର, କୋଷାଧ୍ୟକ୍ଷ, କ୍ରେଡାଇ ଭୁବନେଶ୍ୱର ନେଇଥିଲେ।

## ଟିପିସିଓଡିଏଲ୍ ପିଏମ୍ ସୂର୍ଯ୍ୟଘର ମୁଫ୍ତ ବିଜ୍‌ଲି ଯୋଜନା

# ରୁଫ୍‌ଟପ୍ ସୋଲାର୍ ପାଇଁ ପ୍ରୋସେସିଂ ଫି ଛାଡ଼



ଭୁବନେଶ୍ୱର,୮।୬(ସମିସ): ଟାଟା ପାୱାର୍ ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ପିଏମ୍ ସୂର୍ଯ୍ୟଘର ମୁଫ୍ତ ବିଜ୍‌ଲି ଯୋଜନା (ପିଏମ୍‌ଏସଜିଏମବିୱାଇ) ଅଧୀନରେ ଓଡିଶାରେ ରୁଫଟପ୍ ସୋଲାର ବ୍ୟବସ୍ଥା ସ୍ଥାପନକୁ ତ୍ୱରାନ୍ୱିତ କରିବା ପାଇଁ ଅଭିଯାନ ଜୋରଦାର କରାଯାଇଛି। ଗ୍ରାହକମାନଙ୍କ ସୁବିଧା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ପିଏମ୍ ସୂର୍ଯ୍ୟଘର ମୁଫ୍ତ ବିଜ୍‌ଲି ଯୋଜନାଅଧୀନରେ ରୁଫଟପ୍ ସୋଲାର ବ୍ୟବସ୍ଥା ପାଇଁ ନେଟ୍ ମିଟରିଂ ପ୍ରକ୍ରିୟାକରଣ ଫିସ୍ ୫୦୦ ଟଙ୍କା ଛାଡ କରାଯାଇଛି। ଏହା ଦ୍ୱାରା ଅନଲାଇନ୍ ଡିମାଣ୍ଡ ନୋଟ୍ ସୃଷ୍ଟି ଏବଂ ପେମେଣ୍ଟ ଗେଟୱେ ମାଧ୍ୟମରେ ଦେୟ ପ୍ରଦାନ ଆବଶ୍ୟକତା ଦୂର ହୋଇଛି। ପୂର୍ବରୁ ଟିପିସିଓଡିଏଲ୍ ୧୦ କିଲୋୱାଟ୍ ପର୍ଯ୍ୟନ୍ତ ବ୍ୟବସ୍ଥା ପାଇଁ ଟେକ୍ନିକାଲ୍ ଫିଜିବିଲିଟି ଷ୍ଟଡିର ଆବଶ୍ୟକତାକୁ ରଦ୍ଦ କରିଥିଲା ଏବଂ ସେକ୍ସନ୍ ମ୍ୟାନେଜରଙ୍କୁ ସମସ୍ତ କାର୍ଯ୍ୟପାଇଁ ସିଙ୍ଗଲ୍ ପଏଣ୍ଟ କଣ୍ଟ୍ରାକ୍ଟ ଭାବେ ନିଯୁକ୍ତ କରି ସାଇଟ୍ ନିରୀକ୍ଷଣ, ନେଟ୍ ମିଟରିଂ ଚୁକ୍ତିନାମା ସ୍ୱାକ୍ଷର, ନେଟ୍ ମିଟର୍ ସ୍ଥାପନ ଇତ୍ୟାଦି ପାଇଁ ଲାଗୁଥିବା ସମୟକୁ ମଧ୍ୟ ହ୍ରାସ କରିଥିଲା। ଯୋଜନାକୁ ଅଧିକ ଗ୍ରାହକ ଅନୁକୂଳ କରିବା ପାଇଁ ଟିପିସିଓଡିଏଲ୍ ନିୟାମକ ଢାଞ୍ଚା ମଧ୍ୟରେ ପ୍ରକ୍ରିୟାଗୁଡିକୁ ସରଳ କରିବା ପାଇଁ ନିରନ୍ତର ପ୍ରୟାସ କରୁଛି। ଟିପିସିଓଡିଏଲ୍ ଏହାର ସମସ୍ତ ଆବାସିକ ଗ୍ରାହକଙ୍କୁ ରୁଫଟପ୍ ସୋଲାର ବିଦ୍ୟୁତ୍ ବ୍ୟବସ୍ଥା ସ୍ଥାପନ କରିବା, ନିଜସ୍ୱ ସବୁଜ ଶକ୍ତି ଉତ୍ପାଦନ କରିବା ଏବଂ ବିଜୁଳି ବିଲରେ ସଞ୍ଚୟ କରିବାକୁ ଉତ୍ସାହିତ କରୁଛି। ସମସ୍ତ ଆବାସିକ ଗ୍ରାହକଙ୍କୁ କେନ୍ଦ୍ର ଏବଂ ରାଜ୍ୟର ଆକର୍ଷଣୀୟ ଆର୍ଥିକ ସହାୟତା ମିଳୁଛି ଯାହା ତିନି ବର୍ଷ ମଧ୍ୟରେ ନିବେଶ ରାଶି ଫେରିପାଇବାକୁ ନିଶ୍ଚିତ କରୁଛି। ଏ ସମ୍ପର୍କରେ ଟିପିସିଓଡିଏଲର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି ଯେ, ଅକ୍ଷୟ ଶକ୍ତି ସମାଧାନକୁ ପ୍ରୋତ୍ସାହିତ କରିବା ପାଇଁ ଆମେ ପ୍ରତିବଦ୍ଧ।

## ପ୍ରଦୂଷଣ ଉପରମୁହାଁ

# ହାର ମାନିଛି ପ୍ରକୃତିରାଣୀ

## କାରଖାନା ବର୍ଜ୍ୟବସ୍ତୁ ସୁପରିଚାଳନାରେ ନାହିଁ ସ୍ୱଚ୍ଛତା



ଇବଥର୍ମାଲ,୮।୬ (ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ସବୁଠି ସଚେତନତା କାର୍ଯ୍ୟକ୍ରମ। ହେଲେ ବାସ୍ତବତା ଭିନ୍ନ। ଶିଳ୍ପ ସମୃଦ୍ଧ ଝାରସୁଗୁଡ଼ା ଜିଲ୍ଲାରେ ପ୍ରତ୍ୟେକ ଦିନ ପରିବେଶ ଲୁଣ୍ଠନ କଥା କାହାକୁ ଅଛପା ନୁହେଁ। କ୍ଷମତା ଅସ୍ତ୍ରର ଚାପରେ ହାରମାନିଛି ପ୍ରକୃତି ରାଣୀ। ଚାରିଆଡୁ ପ୍ରଦୂଷଣର ଚକ୍ରବ୍ୟୁହରେ ଉବୁଟୁବୁ ସମଗ୍ର ଝାରସୁଗୁଡ଼ା। ଜିଲ୍ଲାରେ ସବୁବେଳେ ପରିବେଶ ପ୍ରଦୂଷଣକୁ ନେଇ ଚର୍ଚ୍ଚା ଜାରି ରହିଥିବା ବେଳେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲରେ ଏଠାକାର ପ୍ରଦୂଷଣକୁ ନେଇ ମାଳ ମାଳ ମାମଲାର ଅନ୍ତ ଘଟୁନାହିଁ। ଜିଲ୍ଲାର ଝାରସୁଗୁଡ଼ା ସମେତ ବ୍ରଜରାଜନଗର, ବେଲପାହାଡ, ବନ୍ଧବାହାଲ, ଇବଥର୍ମାଲ ଛୋଟ ବଡ ସବୁଠି ପ୍ରଦୂଷଣର ମାତ୍ରା ସର୍ବାଧିକ। ଦେଶର ଶହେ ପ୍ରଦୁଷଣ ସ୍ଥାନ ମଧ୍ୟରେ ଝାରସୁଗୁଡ଼ା ଜିଲ୍ଲା ଥିବା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପ୍ରକାଶ କରିସାରିଛି।

କାରଖାନାର ବିଷାକ୍ତ ଧୂଆଁ, କଠିନ ଓ ତରଳ ବର୍ଜ୍ୟ,କୋଇଲା ଖଣି ପ୍ରଦୂଷଣ, ଖଣି ସମ୍ପ୍ରସାରଣ ଯୋଗୁ ଘଟୁଥିବା ଜଙ୍ଗଲ କ୍ଷୟ ଆଦି ପ୍ରଦୂଷଣର ମୁଖ୍ୟ କାରଣ। ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂସ୍ଥାମାନଙ୍କ ସର୍ଭେ ରିପୋର୍ଟ ଅନୁଯାୟୀ ଦେଶରେ ଯେଉଁ କେତେକ ସ୍ଥାନରେ ମାରାତ୍ମକ ସଲଫର୍ ଡାଇଅକ୍ସାଇଡ୍ ନିର୍ଗମକାରୀ ଶିଳ୍ପସଂସ୍ଥା ରହିଛି ସେଥିରେ ଝାରସୁଗୁଡ଼ା ଶିଳ୍ପସଂସ୍ଥା ଅନ୍ୟତମ। ଏଥିସହ ନିକଟରେ ଥିବା ହୀରାକୁଦ ଜଳଭଣ୍ଡାର ଜଳର ଫ୍ଲୋରାଇଡ ମାତ୍ରା ବିପଦ ସଙ୍କୁଳ ବୋଲି କୁହାଯାଇଛି। ବ୍ୟାପକ କୋଇଲାଖଣି ଯୋଗୁ କୋଇଲା ଉତ୍ତୋଳନ ଓ ପରିବହନ ପ୍ରଦୂଷଣର ଅନ୍ୟ ଏକ କାରଣ ହୋଇଥିବାବେଳେ ଖଣି ସମ୍ପ୍ରସାରଣ ଯୋଗୁ ପରିବେଶ ଧ୍ୱଂସ ପାଇଛି। ଜିଲ୍ଲା ଭିତରେ ବ୍ୟାପକ ତାପଜ ବିଦ୍ୟୁତ କାରଖାନା ଥିବାରୁ ଏଠାରୁ ଉଡନ୍ତା ପାଉଁଶ ଓ ରାସାୟନିକ ବର୍ଜ୍ୟ ଏବେ ଚିନ୍ତାର କାରଣ ପାଲଟିଛି। ଉଡନ୍ତା ପାଉଁଶର ସୁପରିଚାଳନା ହେଉ ନ ଥିବା ଯୋଗୁଁ ପ୍ରଦୁଷଣ ଉଗ୍ର ହେବାରେ ଲାଗିଛି। ଏଥିରେ ଶାସକ ପ୍ରଶାସକ ସମସ୍ତଙ୍କ ହାତଥାଇ ଯୋଜନାବଦ୍ଧ ଭାବେ କରାଯାଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ପାଉଁଶ ଗୁଣ୍ଡ ବାୟୁମଣ୍ଡଳ ସହିତ ବିଭିନ୍ନ ଜଳଭଣ୍ଡାର, ଜଙ୍ଗଲ ଜମି, ଚାଷ ଜମି ଓ ପ୍ରାକୃତିକ ଜଳଉତ୍ସକୁ ପ୍ରଦୂଷିତ କରିବାରେ ଲାଗିଛି। ଅଞ୍ଚଳରେ ଥିବା ତାପଜ ବିଦ୍ୟୁତ କାରଖାନା ଗୁଡିକରେ ଦୈନିକ ହଜାର ହଜାର ଟନ୍ କୋଇଲା ଦହନ ହେବା ଫଳରେ ସେଥିରୁ ସଲଫର ଡାଇ ଅକ୍ସାଇଡ୍, ନାଇଟ୍ରୋଜେନ୍, ଅକ୍ସାଇଡ, କାର୍ବନ ମନୋକ୍ସାଇଡ ଭଳି ମାରାତ୍ମକ ଦ୍ରବ୍ୟ ନିର୍ଗତ ହୋଇ ବାୟୁମଣ୍ଡଳରେ ମିଶୁଛି। ଏହାସହ ଏହି କାରଖାନାର ଫ୍ଲାଇ ଆଶ ଏବେ ବାୟୁମଣ୍ଡଳକୁ ବିଷବଳୟ ମଧ୍ୟକୁ ଠେଲିଦେଇଛି। ଜିଲ୍ଲାର ଭୌଗୋଳିକ ଦୃଷ୍ଟି କୋଣରୁ ଦେଖିବାକୁ ଗଲେ ଏଠାରେ ପ୍ରାକୃତିକ ପରିବେଶରେ ଭାରସାମ୍ୟ ରକ୍ଷା ପାଇଁ ୩୫ ପ୍ରତିଶତ ଜଙ୍ଗଲ ଆବଶ୍ୟକତା ଥିବାବେଳେ ଏବେ ଖଣି ଖାଦାନ ଓ ଶିଳ୍ପ ପ୍ରତିଷ୍ଠା ଯୋଗୁଁ ପ୍ରାକୃତିକ ଜଙ୍ଗଲ କ୍ରମଶଃ ଧ୍ୱଂସ ପାଇ ଏହା ୧୪% ତଳକୁ ଖସିଆସିଛି। ଜିଲ୍ଲାରେ ବହୁ ଚାଷୀ ଓ ଜଙ୍ଗଲ ନିକଟରେ ରହୁଥିବା ଅଧିବାସୀଙ୍କ କହିବାନୁଯାୟୀ ପ୍ରଦୂଷଣ ଜନିତ କାରଣ ଯୋଗୁଁ ଜଙ୍ଗଲ ଗୁଡିକରେ ହେଉଥିବା ବିରଳ ଉଦ୍ଭିଦ ସହିତ ବିଭିନ୍ନ ଔଷଧୀୟ ଗଛ ବିଲୋପ ହୋଇଗଲାଣି। ଜିଲ୍ଲାରେ ବାସ୍ତବରେ ଶିଳ୍ପ ଜନିତ ପ୍ରଦୂଷଣର ପ୍ରଭାବ ବହନ କରିବର କ୍ଷମତା କେତେ ତାର ପ୍ରକୃତ ମୂଲ୍ୟାୟନ ହେବାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ବିଭିନ୍ନ କାରଖାନା ବର୍ଜ୍ୟବସ୍ତୁ ସୁପରିଚାଳନାକୁ ନେଇ ସ୍ୱଚ୍ଛତା ନ ଥିବାରୁ ପ୍ରଶାସନ, କମ୍ପାନୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ପରସ୍ପର ପ୍ରତି ସନ୍ଦେହ ବାତାବରଣ ସୃଷ୍ଟି ହୋଇଛି।

## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ପ୍ରାପ୍ତ ହେବ। ନୂଆ ଯାନ କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ। ଉଧାର ଟଙ୍କା ଫେରିପାଇବେ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ପଡୋଶୀଙ୍କ ସହ ସମ୍ପର୍କ ବଢ଼ିବ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିପାରନ୍ତି। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ। ଚକ୍ଷୁ ସମସ୍ୟା ହୋଇପାରେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବା ଭଲ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ସାମାଜିକ ଓ ଧାର୍ମିକ ସମାବେଶରେ ଯୋଗଦେବେ। ଦାନ ଧର୍ମ କରିବେ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ଲୋକସମ୍ପର୍କ ବୃଦ୍ଧି ପାଇବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିପାରେ । କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି। ନିଜ ଲୋକ ଶତ୍ରୁ ସାଜିପାରନ୍ତି।

## ଆଜିର ଇତିହାସ

- ୧୯୦୦- ମହାନ୍ ବିପ୍ଳବୀ ବିର୍ସା ମୁଣ୍ଡାଙ୍କ ପରଲୋକ।
- ୧୯୩୧- 'ଡୋନାଲ୍ଡ ଡକ୍' କାର୍ଟୁନ୍‌କୁ ପ୍ରଥମ ଥର ପ୍ରଦର୍ଶନ କରାଗଲା।
- ୧୯୬୦- ଚୀନ୍‌ରେ ଆସିଥିବା ତୋଫାନ ଯୋଗୁ ୧୬୦୦ ଲୋକଙ୍କ ପ୍ରାଣହାନି।
- ୧୯୬୪- ଲାଲ୍ ବାହାଦୂର ଶାସ୍ତ୍ରୀ ଭାରତର ପ୍ରଧାନମନ୍ତ୍ରୀ ହେଲେ ।
- ୧୯୮୦- ମହାକାଶଯାନ ସୋୟୁଜ୍-ଟି ୨ ପୃଥିବୀ ପୃଷ୍ଠକୁ ଫେରିଲା।
- ୨୦୧୧- ପ୍ରସିଦ୍ଧ ଚିତ୍ରଶିଳ୍ପୀ ଏମ୍.ଏଫ୍ ହୁସେନଙ୍କ ଦେହାନ୍ତ।

# ଅନନ୍ୟା ନନ୍ଦିନୀ


ଆଜି ଆସିଥିଲେ

ନନ୍ଦିନୀ ଶତପଥୀ, କେବଳ ଓଡ଼ିଶା ନୁହେଁ, ଭାରତୀୟ ରାଜନୀତିର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନାୟିକା। ସାହିତ୍ୟ ଓ ରାଜନୀତିର ଅପୂର୍ବ ସମନ୍ୱୟ ତାଙ୍କ ଜୀବନରେ ଘଟିଥିଲା । ସେ ଏକାଧାରରେ ଥିଲେ ଜଣେ ରାଷ୍ଟ୍ରନୀତିଜ୍ଞା, ସୁସାହିତ୍ୟିକା ଓ ସୁଶାସିକା। ସେ ଥିଲେ ଓଡ଼ିଶାର ପ୍ରଥମ ଓ ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ। ନନ୍ଦିନୀ ଶତପଥୀ ୧୯୩୧ ମସିହା ଆଜିର ଦିନରେ କଟକ ଜିଲ୍ଲାର ବକ୍ସିବଜାର ଯାଚକ ଲେନ୍‌ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ପ୍ରଖ୍ୟାତ ସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ମାତା ରତ୍ନମଣି ଦେବୀ ଥିଲେ। ପିତାଙ୍କ ସୃଜନଶୀଳତା ଓ କକା ଭଗବତୀ ଚରଣ ପାଣିଗ୍ରାହୀଙ୍କ ବୈପ୍ଳବିକ ଚିନ୍ତାଧାରାର ପ୍ରଭାବ ପଡ଼ିଥିଲା ନନ୍ଦିନୀଙ୍କ ଉପରେ। ରେଭେନ୍ସା କଲେଜରେ ପାଠ ପଢୁଥିବା ସମୟରେ ସେ ଜାତୀୟ ଯୁବ ଆନ୍ଦୋଳନ ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ରହି ବାରମ୍ବାର ଗିରଫ ହୋଇଥିଲେ। ଖୁବ୍ କମ୍ ବୟସରୁ ସେ କଂଗ୍ରେସରେ ଯୋଗ ଦେଇ ମହିଳା ଫୋରମ୍‌ର ସଭାପତି ହୋଇଥିଲେ। କଟକର ଝିଅ ନନ୍ଦିନୀ, ଦେବେନ୍ଦ୍ର ଶତପଥୀଙ୍କୁ ବିବାହ କରି ଢେଙ୍କାନାଳର ବୋହୂ ହୋଇଥିଲେ। ୧୯୬୨ ରୁ ୨୦୦୦ ମସିହା ପର୍ଯ୍ୟନ୍ତ ପ୍ରାୟ ଚାରିଦଶନ୍ଧି ଧରି ସେ ଓଡ଼ିଶା ତଥା ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ। ନନ୍ଦିନୀ ପ୍ରଥମେ ୧୯୬୨ ମସିହାରେ ରାଜ୍ୟସଭାକୁ ନିର୍ବାଚିତ ହୋଇ କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗର ଉପମନ୍ତ୍ରୀ ହୋଇଥିଲେ। ପରେ ୧୯୬୮ ରେ ପୁଣି ରାଜ୍ୟସଭାକୁ ନିର୍ବାଚିତ ହୋଇ କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗର ରାଷ୍ଟ୍ର ମନ୍ତ୍ରୀ ହୋଇଥିଲେ। ନନ୍ଦିନୀ ଶତପଥୀ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଘନିଷ୍ଠ ଥିଲେ। ସେ ୧୯୭୨ରୁ ୭୩ ଓ ୧୯୭୪ରୁ ୭୬ ପର୍ଯ୍ୟନ୍ତ ଦୁଇ ଦୁଇ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହାପରେ ସେ କଂଗ୍ରେସରୁ ବାହାରି ଜନତା ଦଳରେ ଯୋଗ ଦେଇଥିଲେ। ୧୯୭୭ରୁ ୮୦ ପର୍ଯ୍ୟନ୍ତ ସେ ଢେଙ୍କାନାଳ ନିର୍ବାଚନ ମଣ୍ଡଳୀରୁ ଜନତା ଦଳର ପ୍ରାର୍ଥୀ ଭାବେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହାପରେ ସେ ଉତ୍କଳ ପ୍ରଦେଶ କଂଗ୍ରେସ ଦଳରେ କିଛି ଦିନ କାର୍ଯ୍ୟ କରିଥିଲେ। ଏହାପରେ ସେ ପୁଣି କଂଗ୍ରେସରେ ଯୋଗ ଦେଇଥିଲେ। ଏହି ସମୟରେ ସେ ୧୯୮୦-୮୫, ୧୯୮୫-୯୦ ଓ ୧୯୯୦-୯୫ ପର୍ଯ୍ୟନ୍ତ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। କେବଳ ରାଜନୀତି ନୁହେଁ, ତାଙ୍କର ସାହିତ୍ୟ କ୍ଷେତ୍ରରେ ମଧ୍ୟ ଗଭୀର ପ୍ରବେଶ ଓ ପ୍ରବଳ ଅନୁରାଗ ଥିଲା। କାବ୍ୟ, କବିତା, ଗଳ୍ପ ଓ ଅନୁବାଦରେ ସେ ତାଙ୍କର ପ୍ରତିଭାର ପରିଚୟ ଦେଇଥିଲେ। ସାହିତ୍ୟକ୍ଷେତ୍ରକୁ ଅବଦାନ ପାଇଁ ତାଙ୍କୁ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର' ଓ 'ସାହିତ୍ୟ ଭାରତୀ' ପୁରସ୍କାର ମିଳିଥିଲା। ଜୀବନର ଶେଷ ସମୟରେ ସେ ତସ୍‌ଲିମା ନାସରିନ୍‌ଙ୍କ 'ଲଜ୍ଜା'କୁ ଓଡ଼ିଆରେ ଅନୁବାଦ କରିଥିଲେ। ଅଗଷ୍ଟ ୪, ୨୦୦୬ ମସିହାରେ ତାଙ୍କର ଜୀବନଦୀପ ଲିଭି ଯାଇଥିଲା।

# 'ତୁ ମେରି ମେ ତେରା ମେ ତେରା ତୁ ମେରି'ରେ ଅନନ୍ୟାଙ୍କ ଏଣ୍ଟ୍ରି



'ଭୁଲଭୁଲୈୟା-୨' ହିଟ୍ ହେବା ପରେ ବଲିଉଡ୍ ଅଭିନେତା କାର୍ତ୍ତିକ୍ ଆର୍ୟନ୍‌ଙ୍କୁ ଅନେକ ବଡ଼ ପ୍ରୋଜେକ୍ଟରୁ ଅଫର୍ ଆସିଛି। କାର୍ତ୍ତିକ୍ ଏବେ ଯେଉଁ ଫିଲ୍ମକୁ ନେଇ ଅଧିକ ଚର୍ଚ୍ଚିତ ତାହା ହେଉଛି କରନ୍ ଜୋହରଙ୍କ ଧର୍ମା ପ୍ରଡକ୍ସନ୍ ଦ୍ୱାରା ନିର୍ମିତ ଫିଲ୍ମ 'ତୁ ମେରି ମେ ତେରା ମେ ତେରା ତୁ ମେରି'। ଏଥିରେ କାର୍ତ୍ତିକ୍‌ଙ୍କ ବିପକ୍ଷରେ କିଏ ନାୟିକା ହେବେ ସେନେଇ ଅନେକ ଦିନକୁ କଳ୍ପନାଜଳ୍ପନା ଲାଗି ରହିଥିଲା। କିନ୍ତୁ ନିକଟରେ କାର୍ତ୍ତିକ୍ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରୁ ଫିଲ୍ମର ମୁକ୍ତିଲାଭ ଦିନ ସହ ନାୟିକାଙ୍କ ନାମ ମଧ୍ୟ ଘୋଷଣା କରିଛନ୍ତି। ଏଥିରେ ତାଙ୍କ ବିପକ୍ଷରେ ଅନନ୍ୟା ପାଣ୍ଡେ ନଜର ଆସିବେ। ଏହା ଆସନ୍ତା ବର୍ଷ ଭାଲେଣ୍ଟାଇନ୍ ଡେ' ପୂର୍ବଦିନ ଅର୍ଥାତ୍ ୧୩ ଫେବୃଆରୀ, ୨୦୨୬ରେ ରିଲିଜ୍ ହେବ। ଏହା ଏକ ରୋମାଣ୍ଟିକ୍ ଫିଲ୍ମ ହେବ। ପୂର୍ବରୁ କାର୍ତ୍ତିକ୍ ଓ ଅନନ୍ୟା 'ପତି ପତ୍ନୀ ଔର୍ ୱ' ଫିଲ୍ମରେ ଏକାଠି ଅଭିନୟ କରିଥିଲେ। ବକ୍ସ ଅଫିସ୍‌ରେ ଏହି ଫିଲ୍ମଟି ହିଟ୍ ସାବ୍ୟସ୍ତ ହୋଇଥିଲା। ଅନନ୍ୟା ଶେଷ ଥର ପାଇଁ 'କେସରୀ ଚାପ୍ଟର-୨'ରେ ନଜର ଆସିଥିଲେ। ଏବେ ସେ କାର୍ତ୍ତିକ୍‌ଙ୍କ ସହ ଏହି ଫିଲ୍ମରେ କାମ କରିବେ। ସେହିଭଳି କାର୍ତ୍ତିକ୍ 'ନାଗଜିଲା', 'ଆଶିକୀ-୩', 'ପତି ପତ୍ନୀ ଔର୍ ୱ-୨' ଆଦି ଫିଲ୍ମଗୁଡ଼ିକରେ ନଜର ଆସିବେ।

# ଟ୍ୟୁବ୍ ମାଷ୍ଟର
## ନଦୀ ପହଁରି ଯାଆନ୍ତି ସ୍କୁଲ



ଦୁର୍ଗମ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ିବା ପାଇଁ ଅନେକ ସଂଘର୍ଷ କରିବାକୁ ପଡ଼େ। କେଉଁଠି ନଦୀ ପାର୍ ହୋଇ ତ ଆଉ କେଉଁଠି ଝୁଲା ପୋଲରେ ଓହଳି ପିଲାମାନେ ସ୍କୁଲ ଯାଇଥାନ୍ତି। କେରଳର ଅବଦୁଲ ମଲିକ ନାମକ ଜଣେ ଶିକ୍ଷକ ବିଗତ ୨୦ ବର୍ଷ ହେଲାଣି ନଦୀ ପହଁରି ପିଲାଙ୍କୁ ପାଠ ପଢ଼ାଇବାକୁ ଯାଉଛନ୍ତି। ଏବେ ତାଙ୍କ କାହାଣୀ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ପଦିନଜକ୍କୁମୁରୀରେ ରହୁଥିବା ଅବଦୁଲ ଜଣେ ଗଣିତ ଶିକ୍ଷକ। ବିଗତ ୨୦ ବର୍ଷ ହେଲାଣି ସେ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ପ୍ରତିଦିନ କଡାଲୁଣ୍ଡି ନଦୀ ପାର୍ ହୋଇ ଯାଇଥାନ୍ତି। ସେ ନିୟମିତ ନଦୀ ପହଁରି ଯିବା ସତ୍ତ୍ୱେ ସ୍କୁଲକୁ କେବେବି ବିଳମ୍ବରେ ପହଞ୍ଚି ନଥାନ୍ତି। ସବୁଠୁ ବଡ଼ କଥା ହେଲା ସେ କେବେ ଛୁଟି ମଧ୍ୟ ନିଅନ୍ତି ନାହିଁ। ତେବେ ପିଲାଙ୍କୁ ପାଠ ପଢ଼ାଇବା ନିଶା ଆଜି ତାଙ୍କୁ ତାଙ୍କ ଛାତ୍ରମାନଙ୍କ ଗହଣରେ ହିରୋ କରିଦେଇଛି। ଅବଦୁଲ ଏକ ପଲିଥିନ ବ୍ୟାଗ୍‌ରେ ନିଜର ବହି, ପୋଷାକ, ଜୋତା ଏବଂ ଜରୁରୀ ସାମଗ୍ରୀ ରଖି ରବର ଟ୍ୟୁବ୍ ସାହାଯ୍ୟରେ କଡାଲୁଣ୍ଡି ନଦୀ ପାର୍ ହୋଇଥାନ୍ତି। ଅବଦୁଲଙ୍କ ଘରଠାରୁ ସ୍କୁଲ ୧୨ କିଲୋମିଟର ଦୂର ହୋଇଥିବାବେଳେ ବସ୍‌ରେ ଯିବାପାଇଁ ତାଙ୍କୁ ତିନି ଘଣ୍ଟା ସମୟ ଲାଗିଥାନ୍ତା। ଅନ୍ୟପକ୍ଷରେ ନଦୀ ପାର୍ ହୋଇ ସ୍କୁଲ ଯିବାକୁ ମାତ୍ର ୧୫ ରୁ ୨୦ ମିନିଟ୍ ସମୟ ଲାଗୁଥିବାରୁ ସେ ଟ୍ୟୁବ୍‌ରେ ପହଁରି ଯିବାକୁ ପସନ୍ଦ କରୁଛନ୍ତି ବୋଲି ଅବଦୁଲ କହିଛନ୍ତି। ନଦୀରେ ପହଁରି ପ୍ରତିଦିନ ସ୍କୁଲ ଯିବା ଆସିବା କରୁଥିବାରୁ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ତାଙ୍କୁ 'ଟ୍ୟୁବ୍ ମାଷ୍ଟର' ବୋଲି ସମ୍ବୋଧନ ମଧ୍ୟ କରନ୍ତି। ଅନ୍ୟପଟେ ଅବଦୁଲ କେବଳ ଜଣେ ଆଦର୍ଶ ଶିକ୍ଷକ ତାହା ନୁହେଁ, ପରିବେଶ ସୁରକ୍ଷା ଦିଗରେ ମଧ୍ୟ ସେ କାମ କରୁଛନ୍ତି। ଛାତ୍ରଛାତ୍ରୀଙ୍କୁ ସେ ଗଣିତ ସୂତ୍ର ପଢ଼ାଇବା ସହ ପ୍ରକୃତିକୁ ସମ୍ମାନ କରିବା ଶିକ୍ଷା ଦିଅନ୍ତି। ସେ ଦୀର୍ଘ ଦିନରୁ ନଦୀ ସଫା କରିବା ଅଭିଯାନର ନେତୃତ୍ୱ ମଧ୍ୟ ନେଇଛନ୍ତି। ସେ ଛାତ୍ରଛାତ୍ରୀଙ୍କ ସହିତ ମିଶି ଅନେକ ସମୟରେ କଡାଲୁଣ୍ଡି ନଦୀ ସଫା କରିଥାନ୍ତି। ଅବଦୁଲଙ୍କ ବିଷୟରେ ଆଉ ଗୋଟେ ଭଲ କଥା ହେଉଛି ସେ ପଞ୍ଚମ ଶ୍ରେଣୀରୁ ତଦୁର୍ଦ୍ଧ ଶ୍ରେଣୀର ପିଲାମାନଙ୍କୁ ପହଁରା ଶିଖାଇଥାନ୍ତି।

# ସ୍ନାନ ଯାତ୍ରା



ଜ୍ୟେଷ୍ଠ ମାସ ଶୁକ୍ଳ ପୂର୍ଣ୍ଣିମା ତିଥିରେ ପାଳନ ହୁଏ ପବିତ୍ର ଦେବ ସ୍ନାନ ପୂର୍ଣ୍ଣିମା। ଏହାକୁ ସ୍ନାନ ଯାତ୍ରା ମଧ୍ୟ କୁହାଯାଏ। ତିନିଠାକୁର ରତ୍ନସିଂହାସନ ଛାଡ଼ି ସ୍ନାନ ମଣ୍ଡପରେ ଭକ୍ତଙ୍କ ମେଳରେ ସ୍ନାନ କରନ୍ତି। ତେବେ ବର୍ଷରେ ଥରୁଟିଏ ଶ୍ରୀ ଜଗନ୍ନାଥ ଭାଇଭଉଣୀଙ୍କ ସହ ଜଳସ୍ନାନ କରୁଥିବା ବେଳେ ଅନ୍ୟ ସମୟରେ ତାଙ୍କୁ ମନ୍ତ୍ର ସ୍ନାନ କରାଯାଏ। ସ୍ନାନ ବେଦୀରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଶ୍ରୀଜୀଉ ଜ୍ୱରରେ ପୀଡ଼ିତ ହୁଅନ୍ତି। ମହାପ୍ରଭୁଙ୍କ ଆବିର୍ଭାବ ବେଳେ ପ୍ରଥମେ ଏହି ସ୍ନାନ ହୋଇଥିବରୁ ଶ୍ରୀଦାରୁବ୍ରହ୍ମଙ୍କ ଏହା ଆଦ୍ୟଲୀଳା ବୋଲି କୁହାଯାଏ।

ଦେବସ୍ନାନ ପୂର୍ଣ୍ଣିମାରେ ଦେବସ୍ନାନ ମଣ୍ଡପରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀ ସୁଦର୍ଶନଙ୍କୁ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରାଯାଇଥାଏ। ଦେବସ୍ନାନ ପୂର୍ଣ୍ଣିମା ଦିନ ଚତୁର୍ଦ୍ଧା ମୂର୍ତ୍ତି, ସ୍ନାନ ପରେ ଗଜବେଶରେ ସଜ୍ଜିତ ହୁଅନ୍ତି । ଏହି ଦିନ ତିନି ଧୂପ ବଦଳରେ ଗୋଟିଏ ଧୂପ ଦିଆଯାଏ । ତେବେ ସ୍ନାନ ପରେ ସେମାନେ ଜ୍ୱରରେ ପୀଡ଼ିତ ହୋଇଥାନ୍ତି। ସେଥିପାଇଁ ଦେବସ୍ନାନ ପୂର୍ଣ୍ଣିମା ପରଦିନଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ରତ୍ନସିଂହାସନରେ ତିନିଠାକୁର ଭକ୍ତମାନଙ୍କୁ ଦର୍ଶନ ଦେଇ ନ ଥାନ୍ତି। ଏହି କାଳକୁ ଅଣସର ବା ଅନବସର କୁହାଯାଏ। ଏହି ସମୟରେ ତିନିଠାକୁରଙ୍କର ଦଇତାପତି ସେବକ ୧୫ ଦିନ ପର୍ଯ୍ୟନ୍ତ ଗୁପ୍ତ ସେବା ବା ଉପଚାର କରନ୍ତି। ଠାକୁର ଅସୁସ୍ଥ ଥିବାରୁ ଅଣସର ପଣା ସମର୍ପଣ କରାଯାଇଥାଏ।

# ସ୍ୱସ୍ତି

## ଭୂମି ଦୋଷର ସଙ୍କେତ

ବାସ୍ତୁ ଶାସ୍ତ୍ରରେ ଭୂମି ଦୋଷକୁ ସବୁଠୁ ଗମ୍ଭୀର ଏବଂ ପ୍ରଭାବଶାଳୀ ଦୋଷ ବୋଲି କୁହାଯାଇଛି। ତେବେ ଭୂମି ଉପରେ ତିଆରି ହେଉଥିବା ଘର ପ୍ରତି ନକାରାତ୍ମକ ଶକ୍ତିକୁ ଏହା ଆକର୍ଷିତ କରେ। ତେବେ ଏହି ଦୋଷ ଯୋଗୁଁ ଘରେ ବାରମ୍ବାର ଅଶାନ୍ତି, ବିବାଦ, ଆର୍ଥିକ କ୍ଷତି, ସ୍ୱାସ୍ଥ୍ୟ ସହ ଜଡ଼ିତ ସମସ୍ୟା ଏବଂ କ୍ୟାରିୟରରେ ବାଧା ଆଦି ଅସୁବିଧା ଦେଖା ଦିଏ। ଏହି ଭୂମି ଦୋଷର ସଙ୍କେତ କ'ଣ, ସେ ସମ୍ପର୍କରେ ଜାଣିବା।



- ଘରେ ବାରମ୍ବାର କଳି, ଝଗଡ଼ା, ଅର୍ଥହାନି ଆଦି ଭଳି ସମସ୍ୟା ଦେଖା ଦେବା।
- ବୈଦ୍ୟୁତିକ ଉପକରଣ ବାରମ୍ବାର ଖରାପ ହେବା।
- ମାନସିକ ଅଶାନ୍ତି ବୃଦ୍ଧି ପାଇବା।
- କାର୍ଯ୍ୟରେ ଲଗାତାର ବିଫଳ ହେବା।
- ବାସ୍ତୁ ଅନୁସାରେ, ଭୂମି ମାଟିର ରଙ୍ଗ, ସ୍ୱାଦ ଓ ଗନ୍ଧରୁ ଏହାର ପ୍ରକୃତି ଏବଂ ପ୍ରଭାବ ବାବଦରେ ଅନୁମାନ ଲଗାଇପାରିବେ।
- ଭୂମି ଦୋଷ ଉପାୟକୁ ଦୂର କରିବା ପାଇଁ ବାସ୍ତୁ ଶାସ୍ତ୍ରରେ ବି ଅନେକ ଉପାୟ କୁହାଯାଇଛି। ଏ ଲାଗି ବାସ୍ତୁବିଦ୍‌ଙ୍କ ପରାମର୍ଶ ନେବା ଜରୁରି।

# ସ୍ୱପ୍ନରେ ଶିବଲିଙ୍ଗ



ସନାତନ ଧର୍ମରେ ସ୍ୱପ୍ନ ଶାସ୍ତ୍ରର ବିଶେଷ ମହତ୍ତ୍ୱ ରହିଛି। ମନୁଷ୍ୟ ରାତିରେ ଶୋଇବାବେଳେ କିଛି ନା କିଛି ସ୍ୱପ୍ନ ଦେଖିଥାଏ। କିଛି ସ୍ୱପ୍ନ ଶୁଭ ହୋଇଥିବା ବେଳେ, କିଛି ଅଶୁଭ ହୋଇଥାଏ। ଯଦି ସ୍ୱପ୍ନରେ ବାରମ୍ବାର ଶିବଲିଙ୍ଗ ଦର୍ଶନ କରୁଥାନ୍ତି, ତେବେ ଏହା ଅତ୍ୟନ୍ତ ଶୁଭଦାୟକ ହୋଇଥାଏ।

- ସ୍ୱପ୍ନରେ ଧଳା ଶିବଲିଙ୍ଗ ଦେଖିବା ଶୁଭ। ଏହା ମନୁଷ୍ୟକୁ ସମସ୍ତ ରୋଗରୁ ମୁକ୍ତି ଦେବାକୁ ଇଙ୍ଗିତ କରିଥାଏ। ଏଥିସହିତ ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ ।
- ଶିବଲିଙ୍ଗ ଉପରେ କ୍ଷୀର ଅଭିଷେକ ସ୍ୱପ୍ନରୁ ଆଗାମୀ ଦିନରେ ଆସିବାକୁ ଥିବା ବହୁ ସମସ୍ୟାରୁ ମୁକ୍ତି ମିଳିବା କଥା ସୂଚାଏ।
- ସେହିପରି ରାତି ଅଧରେ ଶିବଲିଙ୍ଗ ସ୍ୱପ୍ନ ଦେଖିଲେ, ବ୍ରାହ୍ମ ମୁହୂର୍ତ୍ତରେ ସ୍ନାନ କରି ଶିବ ମନ୍ଦିରରେ ଶିବଲିଙ୍ଗରେ ଜଳାଭିଷେକ କରିବା ଜରୁରି । ଏପରି କରିବା ଦ୍ୱାରା ପ୍ରଭୁ ଶଙ୍କର ପ୍ରସନ୍ନ ହୋଇଥାନ୍ତି । ସମସ୍ତ ସମସ୍ୟାରୁ ମୁକ୍ତି ମିଳିଥାଏ।

# ନୂତନ ବସ୍ତ୍ର ପରିଧାନର ନିୟମ

ହିନ୍ଦୁ ପରମ୍ପରା ଅନୁସାରେ, କିଛି କାମ ପାଇଁ ଶୁଭ ସମୟ ଏବଂ ଦିନ ନିର୍ଦ୍ଧାରଣ କରାଯାଏ। ସେହିପରି କେଉଁ ଦିନ ନୂଆ ବସ୍ତ୍ର ପିନ୍ଧିବା ଶୁଭ ଏବଂ ଅଶୁଭ, ସେନେଇ ବି ନିୟମ ଅଛି।



ହିନ୍ଦୁ ଧର୍ମ ଅନୁସାରେ, ସପ୍ତାହରେ ତିନି ଦିନ ନୂଆ କପଡ଼ା ପିନ୍ଧିବା ଭଲ ନୁହେଁ। ରବିବାର, ମଙ୍ଗଳବାର ଏବଂ ଶନିବାର ନୂଆ କପଡ଼ା ପିନ୍ଧିବା ଅନୁଚିତ। ଅବଶ୍ୟ ସୋମବାର ମଧ୍ୟ ନୂଆ ବସ୍ତ୍ର ଧାରଣ କରିବା ଶୁଭ ହୋଇ ନ ଥାଏ। ରବିବାର ନୂଆ ବସ୍ତ୍ର ପରିଧାନ କଲେ ସୂର୍ଯ୍ୟ ଦୋଷ ସାମ୍ନା କରିବାକୁ ପଡ଼ିଥାଏ। ଏହାଦ୍ୱାରା ସ୍ୱାସ୍ଥ୍ୟ ଜନିତ ସମସ୍ୟା ଦେଖାଦିଏ।

ମଙ୍ଗଳବାର ନୂଆ ଡ୍ରେସ୍ ପିନ୍ଧିଲେ କ୍ରୋଧଭାବ ଆସିଥାଏ। ସମାଜରେ ଅପନିନ୍ଦା ମୁଣ୍ଡାଇବାକୁ ହେବା ସହ ପୋଷାକ ମଧ୍ୟ ବହୁତ କମ୍ ଦିନରେ ଚିରି ଯାଇଥାଏ। ସେହିପରି ଶନିବାର ନୂଆ ବସ୍ତ୍ର ପିନ୍ଧିବା ଅନୁଚିତ। ଏଭଳି କରିବା ଦ୍ୱାରା ଶନି ଦେବ କୋପ କରନ୍ତି। ଏହା ସହ ଗ୍ରହ ଦୋଷ ଆଶଙ୍କା ବୃଦ୍ଧି ପାଏ। ଶନିବାର ନୂଆ ବସ୍ତ୍ର ପିନ୍ଧିବା ଦ୍ୱାରା ଧନ ହାନି ଆଶଙ୍କା ରହିଥାଏ। ଏହାବାଦ୍ ଏହିଦିନ ନୂଆ କପଡ଼ା କିଣିବା ଭଲ ନୁହେଁ। ତେବେ ନୂଆ ବସ୍ତ୍ର ପିନ୍ଧିବା ପାଇଁ ବୁଧବାର, ଗୁରୁବାର ଏବଂ ଶୁକ୍ରବାର ଶୁଭ ହୋଇଥାଏ।

# ପ୍ରିୟା-ରିଙ୍କୁଙ୍କ ନିର୍ବନ୍ଧ



ଲକ୍ଷ୍ନୌ,୮ ।୬(ଏଜେନ୍ସି): ଭାରତୀୟ କ୍ରିକେଟର ରିଙ୍କୁ ସିଂଙ୍କ ରିଙ୍ଗ ସେରିମନି ଅର୍ଥାତ ନିର୍ବନ୍ଧ ରବିବାର ସ୍ଥାନୀୟ ହୋଟେଲ୍ 'ଦି ସେଣ୍ଟ୍ରମ୍'ରେ ଅନୁଷ୍ଠିତ ହୋଇଯାଇଛି। ସେ ସମାଜବାଦୀ ସାଂସଦ ପ୍ରିୟା ସରୋଜଙ୍କୁ ମୁଦି ପିନ୍ଧାଇଛନ୍ତି। ଦୁହେଁ ପରସ୍ପରର ହାତଧରି ହୋଟେଲ୍‌ରେ ପହଞ୍ଚିଥିଲେ। ରିଙ୍କୁ ତାଙ୍କୁ ମୁଦି ପିନ୍ଧାଇବା ପରେ ବେଶ୍ ଭାବପ୍ରବଣ ହୋଇ ପ୍ରିୟା କାନ୍ଦି ପକାଇଥିଲେ। ପରେ ରିଙ୍କୁ ତାଙ୍କୁ ସମ୍ଭାଳିଥିଲେ। ଏହାପରେ ଦୁହେଁ ହାତ ଉଠାଇ ପରସ୍ପର ଭଲ ପାଇବା ସ୍ୱୀକାର କରିଥିଲେ। ପ୍ରିୟା କୋଲକୋତାରୁ ଡିଜାଇନ୍ ହୋଇଥିବା ମୁଦି ରିଙ୍କୁ ପିନ୍ଧାଇଥିଲେ। ସେହିପରି ରିଙ୍କୁ ମୁମ୍ବାଇରୁ କିଣାଯାଇଥିବା ମୁଦି ଆଣିଥିଲେ। ପ୍ରିୟା ପିଙ୍କ୍ ରଙ୍ଗର ଲେହେଙ୍ଗା ପିନ୍ଧିଥିଲେ। ସେହିପରି ରିଙ୍କୁ ଫିକା ଧଳା ରଙ୍ଗର ସେରୱାନୀ ପିନ୍ଧିଥିଲେ। ବ୍ୟାକଗ୍ରାଉଣ୍ଡରେ ଶାହରୁଖ ଖାନ୍‌ଙ୍କ ଡଙ୍କି ସନେମାର 'ଓ ମାହି, ଓ ମାହି' ବାଜୁଥିବାର ଲକ୍ଷ୍ୟ କରାଯାଇଥିଲା। ଏହି ଅବସରରେ ମଞ୍ଚ ଉପରେ ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ, ପତ୍ନୀ ଡିମ୍ପଲ ଯାଦବ, ବଲିଉଡ୍ ଅଭିନେତ୍ରୀ ତଥା ସମାଜବାଦୀ ପାର୍ଟି ସାଂସଦ ଜୟା ବଚ୍ଚନ, ଶିବପାଲ ଯାଦବଙ୍କ ସମେତ ୨୦ଜଣ ସାଂସଦ ଉପସ୍ଥିତ ରହି ଦୁହିଁଙ୍କୁ ଶୁଭେଚ୍ଛା ତଥା ଅଭିନନ୍ଦନ ଜଣାଇଥିଲେ। ଦୁଇଜଣଙ୍କ ସହ ଅଖିଳେଶ ଫଟୋ ଉଠାଇବା ବହୁ ସମୟ କଥା ହୋଇଥିଲେ। ପ୍ରିୟାଙ୍କ ପିତା ତଥା ବିଧାୟକ ତୁଫାନୀ ସରୋଜ ସମସ୍ତଙ୍କୁ ଉତ୍ସବକୁ ସ୍ୱାଗତ କରିଥିଲେ। ସେହିପରି ଏହି ଉତ୍ସବରେ ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଲା, ପୂର୍ବତନ କ୍ରିକେଟର ପିୟୂଷ ଚାୱଲା, ପ୍ରବୀଣ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ରିଙ୍କୁ ଭାରତ ପାଇଁ ୨ଟି ଦିନିକିଆ ଓ ୩୩ଟି ଟି-୨୦ ମ୍ୟାଚ୍ ଖେଳିବା ସହ ୫୦ଟି ପ୍ରଥମଶ୍ରେଣୀ ଓ ୬୨ଟି ଲିଷ୍ଟ-ଏ ମ୍ୟାଚ୍ ଖେଳିଛନ୍ତି।

# ୧୪ ବର୍ଷ ପରେ ଭାରତରେ ଖେଳିବେ ମେସି

ତିରୁବନନ୍ତପୁରମ୍,୮ ।୬(ଏଜେନ୍ସି): ଭାରତୀୟ ଫୁଟବଲ ପ୍ରେମୀ ତଥା ପ୍ରଶଂସକଙ୍କ ପାଇଁ ଏକ ବଡ଼ ଖୁସି ଖବର। ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସିଙ୍କ ଭାରତ ଆସିବା ନିଶ୍ଚିତ ହୋଇଛି। କେରଳ କ୍ରୀଡ଼ାମନ୍ତ୍ରୀ ଭି ଅବଦୁରରହମାନ ଜୋର ଦେଇ କହିଛନ୍ତି। ପୂର୍ବରୁ ମଧ୍ୟ ମେସିଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା ଫୁଟବଲ ଦଳ ଭାରତ ଆସିବେ ବୋଲି କେରଳ ସରକାର ସୂଚନା ଦେଇଥିଲେ। ପ୍ରାୟୋଜକମାନେ ଏ ନେଇ ମ୍ୟାଚ୍ ପାଉଣା ପୈଠ କରିଛନ୍ତି। ଚଳିତ ବର୍ଷ ଅକ୍ଟୋବର କିମ୍ବା ନଭେମ୍ବର ମାସରେ ଏହି ଫିଫା ବିଶ୍ୱକପ୍ ଚାମ୍ପିଅନ ଦଳ ଆସିବ। ଆର୍ଜେଣ୍ଟିନାର ଗସ୍ତ ନେଇ ଅବଦୁର ରହମାନ ସାମାଜିକ ଗଣମାଧ୍ୟମ ଫେସ୍‌ବୁକ୍ ଜରିଆରେ ପୋଷ୍ଟ କରି ସ୍ପଷ୍ଟ କରିଛନ୍ତି। ତେଣୁ ଏନେଇ କେରଳର ଫୁଟବଲ ପ୍ରଶଂସକ ଓ ସରକାର ବେଶ୍ ଉତ୍ସାହିତ ଅଛନ୍ତି। ଏହି ଗସ୍ତରେ ଆର୍ଜେଣ୍ଟିନା ଦୁଇଟି ମ୍ୟାଚ୍ ଖେଳିବ। ତେବେ ଆର୍ଜେଣ୍ଟିନା ଓ ଭାରତ ମଧ୍ୟରେ ମ୍ୟାଚ୍ ହେବାର ସମ୍ଭାବନା କମ୍ ଥିବା ଭଳି ଲାଗୁଛି। ଉଲ୍ଲେଖଥାଉ କି, ଆର୍ଜେଣ୍ଟିନା ଗତ ୨୦୨୨ରେ କାତାରରେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ଫ୍ରାନ୍ସକୁ ହରାଇ ଦୀର୍ଘ ୩୬ ବର୍ଷ ପରେ ଚାମ୍ପିଅନ ହୋଇଥିଲା। ଆର୍ଜେଣ୍ଟିନା ଯଦି ଭାରତ ଆସେ ତେବେ ୧୪ ବର୍ଷ ପରେ ମେସି ଭାରତରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବେ। ଏହାପୂର୍ବରୁ ସେ ୨୦୧୧ରେ ଭାରତ ଗସ୍ତରେ ଆସିଥିଲେ। ସେତେବେଳେ ଆର୍ଜେଣ୍ଟିନା ଓ ଅନ୍ୟତମ ଲାଟିନ ଆମେରିକୀୟ ଦେଶ ଭେନେଜୁଏଲା କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିଥିଲେ।



# ଫ୍ରେଞ୍ଚ ଓପନ୍ ଆଲ୍‌କାରାଜ-ସିନ୍ନରଙ୍କ ଜୋର୍‌ଦାର୍ ଲଢ଼େଇ


କାର୍ଲୋସ ଆଲ୍‌କାରାଜ

ପ୍ୟାରିସ, ୮ ।୬ (ଏଜେନ୍ସି)

ଚଳିତ ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ତଥା ଫ୍ରେଞ୍ଚ ଓପନ୍‌ର ସବୁଠୁ ଆକର୍ଷଣୀୟ ମ୍ୟାଚ୍ ପୁରୁଷ ଏକକ ଫାଇନାଲ ଇଟାଲୀର ଜାନିକ ସିନ୍ନର ଓ ସ୍ପେନର କାର୍ଲୋସ ଆଲ୍‌କାରାଜଙ୍କ ମଧ୍ୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ରୋନାଲ୍ଡ ଗାରସ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମୁକାବିଲା କଡ଼ା ସଂଘର୍ଷପୂର୍ଣ୍ଣ ରହିଛି। ବିଶ୍ୱର ଏକ ନମ୍ବର ଖେଳାଳି ସିନ୍ନର ଓ ଡିଫେଣ୍ଡିଂ ଚାମ୍ପିଅନ ତଥା ୨ ନମ୍ବର ମାନ୍ୟତାପ୍ରାପ୍ତ ଆଲ୍‌କାରାଜଙ୍କ ମଧ୍ୟରେ ଦୀର୍ଘ ୫ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଲଢ଼େଇ ଜାରି ରହିଛି। ରିପୋର୍ଟ ଲେଖା ହେଲାବେଳକୁ ପ୍ରଥମ ୪ଟି ସେଟ୍‌ରେ ଉଭୟ ଦୁଇଟି ଲେଖାଏ ଜିତିଛନ୍ତି। ପ୍ରଥମ ଦୁଇ ସେଟ୍‌କୁ ସିନ୍ନର ୬-୪, ୭-୬(୭/୪) ରେ ଜିତିଥିଲେ। କିନ୍ତୁ ଆଲ୍‌କାରାଜ ଦମ୍‌ଦାର ଲଢ଼େଇ କରି ପରବର୍ତ୍ତୀ ଦୁଇଟି ସେଟ୍‌କୁ ୬-୪, ୭-୬ (୭/୩)ରେ ଜିତି ବରାବର୍‌ସ୍ଥିତିକୁ ଆଣିଛନ୍ତି। ନିର୍ଣ୍ଣାୟକ ୫ମ ସେଟ୍‌ର ଖେଳ ଜାରି ରହିଛି। ଏଥିରେ ଆଲ୍‌କାରାଜ ୩-୧ରେ ଅଗ୍ରଣୀ ରହି ଟ୍ରଫି ବଜାୟ ରଖିବାର ନିକଟବର୍ତ୍ତୀ ହୋଇଛନ୍ତି। ଆଲ୍‌କାରାଜ ଏଠାରେ ଚାମ୍ପିଅନ ହୁଅନ୍ତି ତେବେ କ୍ରମାଗତ ୨ୟଥର ଲାଗି ସମ୍ମାନଜନକ ଫ୍ରେଞ୍ଚ ଓପନ୍ ଟ୍ରଫି ଜିତିବେ ଓ ମୋଟ୍ ଉପରେ ୫ମ ଗ୍ରାଣ୍ଡସ୍ଲାମ ଟ୍ରଫି ହାସଲ କରିବେ। ଅପରପକ୍ଷରେ ସିନ୍ନର ଏଠାରେ ଜିତିଲେ ଏହା ତାଙ୍କ ପ୍ରଥମ ଫ୍ରେଞ୍ଚ ଓପନ୍ ଟ୍ରଫି ହେବ।

## ଅଲିମ୍ପିକ୍ସ ସଫଳତା ଦୋହରାଇଲେ ପାଓଲିନି-ଇରାନି



ଚଳିତ ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ତଥା ଫ୍ରେଞ୍ଚ ଓପନ୍‌ର ମହିଳା ଯୁଗଳରେ ଇଟାଲୀୟ ଯୋଡ଼ି ଯସ୍ମିନ ପାଓଲିନି ଓ ସାରା ଇରାନି ବାଜିମାତ୍ କରିନେଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ପାଓଲିନି ଓ ଇରାନି ଯୋଡ଼ି ୬-୪, ୨-୬, ୬-୧ ସେଟ୍‌ରେ କାଜାଖସ୍ତାନର ଆନ୍ନା ଡାନିଲିନା ଓ ସର୍ବିଆର ଆଲେକ୍ସଜାଣ୍ଡ୍ରା କ୍ରୁନିକ ଯୋଡ଼ିଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ଫଳରେ ଦ୍ୱିତୀୟ ସିଡ୍ ମାନ୍ୟତାପ୍ରାପ୍ତ ପାଓଲିନି ଓ ଇରାନି ଯୋଡ଼ି ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସ ସଫଳତାକୁ ଦୋହରାଇବାରେ ସଫଳ ହୋଇଛନ୍ତି। ୨୦୨୪ରେ ଏଠାରେ ଅନୁଷ୍ଠିତ ଅଲିମ୍ପିକ୍ସରେ ମଧ୍ୟ ଏହି ଇଟାଲୀୟ ଯୋଡ଼ି ମହିଳା ଯୁଗଳରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଏହି ଯୋଡ଼ିଙ୍କ ମଧ୍ୟ ଏହା ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ୍। ଉଲ୍ଲେଖଯୋଗ୍ୟ, ୩୮ ବର୍ଷୀୟା ଇରାନିଙ୍କ ଚଳିତ ଫ୍ରେଞ୍ଚ ଓପନ୍‌ରେ ଏହା ୨ୟ ଟାଇଟଲ୍। ପୂର୍ବରୁ ମିଶ୍ରିତ ଯୁଗଳରେ ସେ ଆନ୍ଦ୍ରେ ଭାଭାସୋରିଙ୍କୁ ସାଥୀ କରି ଚାମ୍ପିଅନ ହୋଇଥିଲେ।

# ଲର୍ଡ୍ସରେ ଭାରତର ଅଭ୍ୟାସ ଆରମ୍ଭ



ଲଣ୍ଡନ୍,୮ ।୬(ଏଜେନ୍ସି): ଏକ ହାଇପ୍ରୋଫାଇଲ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାକୁ ଯୁବ ଅଧିନାୟକ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଇଂଲଣ୍ଡ ଗସ୍ତରେ ଯାଇଥିବା ଭାରତୀୟ ଦଳର ସଦସ୍ୟମାନେ ଅଭ୍ୟାସ ଆରମ୍ଭ କରିଛନ୍ତି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଭାରତୀୟ ଖେଳାଳିମାନେ ରବିବାର ଟ୍ରେନିଂ ସେସନରେ ବେଶ୍ ଝାଳ ବୁହାଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର କରିଛି। ଜୁନ୍ ୨୦ରୁ ଲିଡ୍ସର ଭ୍ରମଣକାରୀ ଭାରତ ଓ ଇଂଲଣ୍ଡ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ହେଡ୍ କୋଚ୍ ଗୌତମ ଗମ୍ଭୀରଙ୍କ ତତ୍ତ୍ୱାବଧାନରେ ଓ ଗିଲ୍ ନେତୃତ୍ୱରେ ଭାରତୀୟ କ୍ରିକେଟ ଏକ ନୂଆ ଯୁଗରେ ପାଦ ଦେଇଛି। ଗମ୍ଭୀରଙ୍କ ଉପସ୍ଥିତିରେ ଯଶପ୍ରୀତ ବୁମ୍‌ରା, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ ଓ ଅର୍ଶଦୀପ ସିଂହଙ୍କ ଭଳି ଦ୍ରୁତ ବୋଲର ସମେତ ନବନିଯୁକ୍ତ ଅଧିନାୟକ ଗିଲ୍, ଉପ-ଅଧିନାୟକ ଋଷଭ ପନ୍ତ, ଅଭିଜ୍ଞ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଜୋରଦାର ଅଭ୍ୟାସ କରିଥିଲେ। ଭାରତୀୟ ଖେଳାଳିମାନେ ପୂରା ଜୋଶ୍‌ରେ ଥିବା ଭଳି ମନେହେଉଥିଲା। ଇଂଲଣ୍ଡ ଜଳବାୟୁ ସହିତ ଖାପ୍ ଖୁଆବା ଏବେ ଭାରତୀୟ ଦଳର ମୁଖ୍ୟ ଲକ୍ଷ୍ୟ। ବୁମ୍‌ରା ଓ କ୍ରିଷ୍ଣା ସ୍ପ୍ରିଣ୍ଟ ଡ୍ରିଲ୍ କରିଥିଲେ। ସେହିପରି ସ୍ପିନର କୁଲଦୀପ ଯାଦବ ଓ ଜାଡେଜା ରନିଂ କରିଥିଲେ। ଏହାପରେ ଦୁହେଁ ଡ୍ରିଲ୍ କରିଥିଲେ। ଅର୍ଶଦୀପଙ୍କ ସହ ଗମ୍ଭୀର କଥା ହେବା ସହ ଟିପ୍ସ ଦେଉଥିବାର ଲକ୍ଷ୍ୟ କରାଯାଇଥିଲା।

## ଭାରତ-ଏ'ର ପାଳି ଅଗ୍ରଣୀ


ଖଲିଲ ଅହମ୍ମଦ

ନଟିଂହାମ, ୮ ।୬ (ଏଜେନ୍ସି): ଘରୋଇ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଏଠାରେ ଚାଲିଥିବା ଦ୍ୱିତୀୟ ଅନଅଫିସିଆଲ୍ ଟେଷ୍ଟ ମ୍ୟାଚରେ ଭାରତ-ଏ ପ୍ରଥମ ପାଳିରେ ଅଗ୍ରଣୀ ହାସଲ କରିଛି। ଅଭିମନ୍ୟୁ ଈଶ୍ୱରନଙ୍କ ନେତୃତ୍ୱାଧୀନ ଭ୍ରମଣକାରୀ ଭାରତ-ଏ ପ୍ରଥମ ପାଳିରେ ୩୪୮ ରନ କରିଥିଲା। ଜବାବରେ ଘରୋଇ ଇଂଲଣ୍ଡ ଲାୟନ୍ସ ରବିବାର ତୃତୀୟ ଦିବସରେ ୩୨୭ ରନ କରି ପ୍ରଥମ ପାଳିରେ ଅଲ୍‌ଆଉଟ୍ ହୋଇଛି। ଫଳରେ ଭାରତ-ଏ ୨୧ ରନରେ ଅଗ୍ରଣୀ ହାସଲ କରିଛି। ଜବାବରେ ଦ୍ୱିତୀୟ ପାଳି ଆରମ୍ଭ କରି ଶେଷ ଖବର ସୁଦ୍ଧା ଭାରତ-ଏ ୨୭.୫ ଓଭରରେ ୩ ୱିକେଟ୍ ହରାଇ ୧୩୭ ରନ କରିଛି। ଅଧିନାୟକ ଈଶ୍ୱରନ ୬୧ ରନ କରି ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲୋକେଶ ରାହୁଲ ୫୧, କରୁନ ନାୟାର ୧୫ ଓ ଓପନର୍ ଯଶସ୍ୱୀ ଜୟସ୍ୱାଲ୍ ପୁଣିଥରେ ବ୍ୟାଟିଂରେ ଫେଲ୍ ମାରି ୫ ରନରେ ଆଉଟ୍ ହୋଇଛନ୍ତି। ୭ ୱିକେଟ୍ ବଳକା ଥାଇ ଭାରତ-ଏ ମୋଟ୍ ଉପରେ ୧୫୮ ରନରେ ଅଗ୍ରଣୀ ରହିଛି। ପୂର୍ବରୁ ଦ୍ୱିତୀୟ ଦିବସ ଶେଷ ସୁଦ୍ଧା ଇଂଲଣ୍ଡ ଲାୟନ୍ସ ୩ ୱିକେଟ୍‌ରେ ୧୯୨ ରନ କରିଥିଲା। ରବିବାର ଏହି ଅସମାପ୍ତ ପାଳିରୁ ଖେଳ ଆରମ୍ଭ କରି ଘରୋଇ ଦଳ ୩୨୭ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ଇମିଲିଓ ଗେ ସର୍ବାଧିକ ୭୧, ଟମ୍ ହେନ୍ସ ୫୪, ଜୋର୍ଡାନ କକ୍ସ ୪୫, ଜୋଶ ଟଙ୍ଗ ଅପରାଜିତ ୩୬ ରନ କରିଥିଲେ। ଭାରତ-ଏ ପକ୍ଷରୁ ବାମହାତୀ ଦ୍ରୁତ ବୋଲର ଖଲିଲ ଅହମ୍ମଦ ସବୁଠୁ ସଫଳ ରହିଥିଲେ। ସେ ୪ଟି ଏବଂ ଅଂଶୁଲ କମ୍ବୋଜ ଓ ତୁଷାର ଦେଶପାଣ୍ଡେ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

### ଏନ୍‌ଟିପିସି ଆନ୍ତଃରାଜ୍ୟ ଦୃଷ୍ଟିହୀନ ମହିଳା କ୍ରିକେଟ୍

# ଦିଲ୍ଲୀକୁ ହରାଇଲା ଓଡ଼ିଶା



ଭୁବନେଶ୍ୱର, ୮ ।୬ (ସମିସ): ବିଶାଖାପାଟନମରେ ରବିବାରଠାରୁ ଏନ୍‌ଟିପିସି ଆନ୍ତଃରାଜ୍ୟ ଦୃଷ୍ଟିହୀନ ମହିଳା ଟି-୨୦ କ୍ରିକେଟ୍ ଆରମ୍ଭ ହୋଇଛି। ଓଡ଼ିଶା ମହିଳା ଦୃଷ୍ଟିହୀନ ଦଳ ଏଥିରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ରବିବାର ଓଡ଼ିଶା ୪୯ ରନରେ ଦିଲ୍ଲୀକୁ ପରାସ୍ତ କରିଥିଲା। ୧୫ ଓଭରବିଶିଷ୍ଟ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୩ ୱିକେଟ୍‌ରେ ୧୨୬ ରନ କରିଥିଲା। ଦଳ ପକ୍ଷରୁ ଯମୁନା ରାଣୀ ଟୁଡୁ ୨୮, ଫୁଲ ସୋରେନ ୩୦ ଓ ବାସନ୍ତୀ ହାଁସଦା ୨୩ ରନ କରିଥିଲେ। ଜବାବରେ ଦିଲ୍ଲୀ ଦୃଷ୍ଟିହୀନ ମହିଳା ଦଳ ୧୪.୫ ଓଭରରେ ୭୭ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଯମୁନା ୩ଟି ଏବଂ ଫୁଲ ଓ ସୁକାନ୍ତି ଦଳପତି ୨ଟି ଲେଖାଏ ୱିକେଟ୍ ନେଇ ଓଡ଼ିଶାକୁ ସହଜ ବିଜୟ ଭେଟି ଦେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ଯମୁନା ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସୋମବାର ଓଡ଼ିଶା ପରବର୍ତ୍ତୀ ଲିଗ୍ ମ୍ୟାଚରେ କେରଳକୁ ଭେଟିବ। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ବ୍ୟତୀତ ଦିଲ୍ଲୀ, କେରଳ ଓ ଆୟୋଜକ ଆନ୍ଧ୍ରପ୍ରଦେଶ ଦଳ ଅଂଶଗ୍ରହଣ କରୁଛି।

# ପରାଜୟରୁ ଭାରତର ଅଭିଯାନ ଆରମ୍ଭ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୟୁରୋପ ଲେଗ୍**

ଆମଷ୍ଟେଲଭିନ୍,୮ ।୬(ଏଜେନ୍ସି): ଅନ୍ତର୍ଜାତୀୟ ହକି ଫେଡେରେସନ (ଏଫ୍‌ଆଇଏଚ୍) ପ୍ରୋ ଲିଗ୍‌ର ୟୁରୋପ ଲେଗ୍‌ରେ ଭାରତୀୟ ପୁରୁଷ ହକି ଦଳ ପରାଜୟରୁ ଅଭିଯାନ ଆରମ୍ଭ କରିଛି। ଶନିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଲିଗ୍‌ର ପ୍ରଥମ ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ ମଧ୍ୟ ଭାରତ ୧-୨ ଗୋଲରେ ଅଲିମ୍ପିକ୍ସ ଚାମ୍ପିଅନ ନେଦରଲାଣ୍ଡସଠାରୁ ପରାସ୍ତ ହୋଇଥିଲା। ଭାରତ ସୋମବାର ତା'ର ଦ୍ୱିତୀୟ ମୁକାବିଲାରେ ପୁଣିଥରେ ନେଦରଲାଣ୍ଡସକୁ ଭେଟିବେ। ସ୍ଥାନୀୟ ୱାଗେନେର ହକି ଷ୍ଟାଡିୟମରେ ଅନୁଷ୍ଠିତ ଏହି ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଭାରତୀୟ ଅଧିନାୟକ ହରମନପ୍ରୀତ ସିଂହ ଦ୍ୱିତୀୟାର୍ଦ୍ଧର ଦ୍ୱାଦଶ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର ଜରିଆରେ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାପରେ ନେଦରଲାଣ୍ଡ ତରଫରୁ ଭାନ ଡାମ୍ ଥିଜସ ଦୁଇଟି ଗୋଲ ସ୍କୋରକରି ଦଳକୁ ଜିତାଇଥିଲେ। ଥିଜସ ୫୮ତମ ମିନିଟ୍‌ରେ ଶେଷ ତଥା ନିର୍ଣ୍ଣାୟକ ଗୋଲ୍ ସ୍କୋର କରିଥିଲେ। ଭାରତ ଏବେ ଲିଗ୍‌ରେ ଆହୁରି ୭ଟି ମ୍ୟାଚ୍ ଖେଳବାକୁ ବାକି ରହିଛି। ଭାରତ ଏବେ ୧୫ ପଏଣ୍ଟ ପାଇଁ ଚତୁର୍ଥ ସ୍ଥାନରେ ରହିଛି। ପୂର୍ବରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ପ୍ରୋ ଲିଗ୍‌ର ଘରୋଇ ପର୍ଯ୍ୟାୟ ଖେଳିଥିଲା। ଭାରତ ୮ଟି ମ୍ୟାଚ୍ ଖେଳି ୧୫ ପଏଣ୍ଟ ହାସଲ କରିଥିଲା।

## ଭାରତୀୟ ମହିଳା ହକିର ବିଜୟ ଅଭିଯାନ

ଅନ୍ତୱର୍ପ, ୮ ।୬ (ଏଜେନ୍ସି): ୟୁରୋପ ଗସ୍ତରେ ଯାଇଥିବା ଭାରତୀୟ ଜୁନିଅର ମହିଳା ହକି ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ରବିବାର ଭାରତ ପ୍ରଥମ ମ୍ୟାଚରେ ୩-୨ ଗୋଲ୍‌ରେ ଘରୋଇ ବେଲ୍‌ଜିୟମକୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ଏକଦା ଭାରତ ୧-୨ରେ ପଛୁଆ ରହିଥିଲେ ମଧ୍ୟ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରି ଶେଷରେ ବିଜୟୀ ହୋଇଥିଲା। ମ୍ୟାଚର ୧୧ତମ ମିନିଟ୍‌ରେ ଗୀତା ଯାଦବଙ୍କ ଗୋଲ୍ ବଳରେ ଭାରତ ଖାତା ଖୋଲିଥିଲା। ଏହାପରେ ୨ୟ ଓ ୩ୟ କ୍ୱାର୍ଟରରେ ବେଲ୍‌ଜିୟମ ପକ୍ଷରୁ ମାରିଏ ଗୋଏନ୍ସ ଓ ଲୁଇସ ଭାନ୍ ହେକି ଗୋଲ୍ ଦେଇ ୨-୧ରେ ଅଗ୍ରଣୀ କରାଇଥିଲେ। ତେବେ ଏହାପରେ ୫ ମିନିଟ୍ ବ୍ୟବଧାନରେ ଭାରତୀୟ ମହିଳା ଦଳ ୨ଟି ଗୋଲ୍ ଦେଇ ୩-୨ରେ ମ୍ୟାଚ୍‌କୁ ହାତେଇନେଇଥିଲା। ସୋନମ ଓ ଲାଲଥାଣ୍ଟଲୁଆଙ୍ଗିଙ୍କ ଷ୍ଟିକ୍ସରୁ ଏହି ୨ଟି ଗୋଲ୍ ଦେଖିବାକୁ ମିଳିଥିଲା। ଭାରତ ପୁଣିଥରେ ମଙ୍ଗଳବାର ବେଲ୍‌ଜିୟମ ଭେଟିବ।

### ଅରବିନ୍ଦ ମେମୋରିଆଲ୍ ପାରାମାଉଣ୍ଟ କପ୍

# ରାଇଜିଂ ଷ୍ଟୁଡେଣ୍ଟ୍ସ ଚାମ୍ପିଅନ

ଭୁବନେଶ୍ୱର, ୮ ।୬ (ସମିସ)



ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଏଠାରେ ଚାଲିଥିବା ଅରବିନ୍ଦ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ କଟକର ରାଇଜିଂ ଷ୍ଟୁଡେଣ୍ଟ୍ସ ଚାମ୍ପିଅନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ୍ସ ୧୪୮ ରନରେ ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ (ଭୁବନେଶ୍ୱର)କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ରାଇଜିଂ ଷ୍ଟୁଡେଣ୍ଟ୍ସ ଆଦିତ୍ୟ ରାଉତଙ୍କ ବିସ୍ଫୋରକ ଶତକ ବଳରେ ୪୦ ଓଭରରେ ୩୯୨ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଆଦିତ୍ୟ ୬୮ ବଲରେ ୧୦୬ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ଯାଦବ ୪୦ ବଲରେ ୮୧, ଅମିନ ଇକବାଲ୍ ଖାନ ୩୦ ବଲରେ ୬୬ ରନର ଦ୍ରୁତ ପାଳି ଖେଳିଥିଲେ। ମୁକ୍ତେଶ୍ୱରର ଶ୍ରୀରଜ ପଟ୍ଟନାୟକ ୩ଟି ୱିକେଟ୍ ସଫଳତା ପାଇଥିଲେ। ଜବାବରେ ୩୯୩ ରନର ବିଶାଳ ଲକ୍ଷ୍ୟକୁ ପିଛା କରି ମୁକ୍ତେଶ୍ୱର ଦଳ ୨୮ ଓଭରରେ ୨୪୩ ରନରେ ସମସ୍ତ ୱିକେଟ୍ ହରାଇ ପରାସ୍ତ ହୋଇଥିଲା। ଦୀନେଶ ମାଝୀ ୪୦ ବଲରେ ୭୫ ରନର ଲଢ଼ୁଆ ଇନିଂସ ଖେଳିଥିଲେ।

ଚାମ୍ପିଅନ ରାଇଜିଂ ଷ୍ଟୁଡେଣ୍ଟ୍ସ ଟ୍ରଫି ସହ ୫୦ ହଜାର ଟଙ୍କା ପୁରସ୍କାର ପାଇଥିଲା। ସେହିଭଳି ମୁକ୍ତେଶ୍ୱର ଦଳକୁ ରନର୍ସଅପ୍ ଟ୍ରଫି ସହ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅଭିଷେକ ଫାଇନାଲର ଓ ଅମିନ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ଟୁର୍ଣ୍ଣାମେଣ୍ଟରେ ଆଶୀର୍ବାଦ ସ୍ୱାଇଁ ଶ୍ରେଷ୍ଠ ବ୍ୟାଟର୍, ହର୍ଷିତ ରାଠୋଡ ଶ୍ରେଷ୍ଠ ବୋଲର, ପ୍ରତୀକ ଦାସ ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ଜିତିଥିଲେ। ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି, ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ବିଏଏ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, କ୍ରିକେଟ୍ ପ୍ରଶିକ୍ଷକ କିଶୋର ମାଣିଆ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବତନ ରଣଜୀ ଖେଳାଳି ପ୍ରଭଞ୍ଜନ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜକ କ୍ଲବର ସଭାପତି ପ୍ରତାପ ଜେନା, ସମ୍ପାଦକ ଅଶୋକ ପାତ୍ର, ଉପଦେଷ୍ଟା ପ୍ରଦ୍ୟୁମ୍ନ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ସିଏମ୍ ଟ୍ରଫି


## ଭୁବନେଶ୍ୱରକୁ ହରାଇ ବରଗଡ଼ ଚାମ୍ପିଅନ

ଭୁବନେଶ୍ୱର, ୮ ।୬ (ସମିସ): ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ରବିବାର ସିଏମ୍ ଟ୍ରଫି (୧୫ ବର୍ଷରୁ କମ୍) ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ବରଗଡ଼ ଏଫ୍‌ସି ୩-୨ ଗୋଲରେ ଭୁବନେଶ୍ୱର ଏଫ୍‌ସିକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ସାରା ରାଜ୍ୟର ଜିଲ୍ଲାଦଳକୁ ନେଇ ୪ଟି ଜୋନରେ ଏହି ଟୁର୍ଣ୍ଣାମେଣ୍ଟ ଚାଲିଥିଲା। ଆଗାମୀ ଦିନରେ ଆଥ୍‌ଲେଟିକ୍ସ, ବ୍ୟାଡ୍‌ମିଣ୍ଟନ, ଖୋ-ଖୋ, କବାଡ଼ି ଓ ହକି ଭଳି କ୍ରୀଡ଼ାକୁ ନେଇ ସିଏମ୍ ଟ୍ରଫି ଆୟୋଜିତ ହେବ।

### ଓସିଏ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

# ବଲାଙ୍ଗିର, ଦେଓଗଡ଼ର ବଡ଼ ବିଜୟ


ସମରପ୍ରୀତ୍ ପଟେଲ


ଯୋଗେଶ୍ୱର ବାଗ୍


ଆୟୁଷ୍ମାନ ମୁଖୀ

ଭୁବନେଶ୍ୱର, ୮ ।୬ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ପୁରୁଷ କ୍ରିକେଟ୍‌ରେ ରବିବାର ୬ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ବଲାଙ୍ଗିର ଓ ଦେଓଗଡ଼ ବଡ଼ ବିଜୟ ହାସଲ କରିଛନ୍ତି। ସନ୍‌ସାଇନ ଗ୍ରାଉଣ୍ଡରେ ବଲାଙ୍ଗିର ୨୪୦ ରନରେ ଗଜପତିକୁ ପରାସ୍ତ କରିଛି। ସମରପ୍ରୀତ୍ ପଟେଲଙ୍କ ୧୧୫ ଓ ଭବ୍ୟ ପଡ଼ରିଆଙ୍କ ୯୪ ରନ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ବଲାଙ୍ଗିର ୪୩ ଓଭରରେ ୬ ୱିକେଟ୍ ହରାଇ ୩୦୨ ରନ କରିଥିଲା। ଜବାବରେ ଗଜପତି ୧୬.୨ ଓଭରରେ ମାତ୍ର ୬୨ ରନରେ ଅଲ୍‌ଆଉଟ୍ ହୋଇଥିଲା। ବଲାଙ୍ଗିରର ଯୋଗେଶ୍ୱର ବାଗ୍ ୫ ୱିକେଟ୍ ସଫଳତା ପାଇଥିଲେ। ସେହିଭଳି ଅଡ଼ଶପୁର ଗ୍ରାଉଣ୍ଡରେ ଦେଓଗଡ଼ ୧୦୭ ରନରେ କୋରାପୁଟକୁ ମାତ୍ ଦେଇଛି। ଦେଓଗଡ଼ ପକ୍ଷରୁ ଧାର୍ଯ୍ୟ ୨୧୪ ରନର ଲକ୍ଷ୍ୟକୁ ପିଛା କରି କୋରାପୁଟ ୧୦୬ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦେଓଗଡ଼ର ରୋନିତ ପ୍ରଧାନ ୫୯ ରନ ସହ ୨ଟି ୱିକେଟ୍ ନେଇ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ।

ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ସମ୍ବଲପୁର-ଏ ୬ ରନରେ ମୟୁରଭଞ୍ଜକୁ, ସୁନ୍ଦରଗଡ଼ ୮ ୱିକେଟ୍‌ରେ କଳାହାଣ୍ଡିକୁ, କେନ୍ଦ୍ରପଡ଼ା ୨୩ ରନରେ ମାଲକାନଗିରିକୁ ଓ ଅନୁଗୋଳ ୮ ୱିକେଟ୍‌ରେ ଜଗତସିଂହପୁରକୁ ହରାଇଛି। ସମ୍ବଲପୁରର ମନିତ ଭୋଇ (୨୦ ରନ ଓ ୪ ୱିକେଟ୍), ସୁନ୍ଦରଗଡ଼ର ତିର୍ଥକ ମହାନ୍ତି (୫ ୱିକେଟ), କେନ୍ଦ୍ରାପଡ଼ାର ମୋହନରାଜ ରାଉତ (୯୬ ରନ) ଓ ଅନୁଗୋଳର ଆୟୁଷ୍ମାନ ମୁଖୀ (୪ ୱିକେଟ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS